
◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-318 •SUNDAY •17 MAY 2026 •PAGE-12+4 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୧୮ •ରବିବାର •୧୭ ମେ ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦



Laxmi Vikash Group Of Institutions

Bargarh | Bhawanipatna | Jeypore | Kantabanji

Where curiosity grows and dreams take shape

Visit Our Website: www.laxmivikash.com

EDUCATION WORLD RANKING 2025-26
CATEGORY CO-ED DAY-CUM-BOARDING SCHOOL
NO. 14 IN INDIA
NO. 2 IN ODISHA

The management & Staff extend Heartiest Congratulations To the Achievers

A legacy of excellence—where every result sets a new standard.

VIKASH RESIDENTIAL SCHOOL, BHAWANIPATNA

RESULT OF AISSE (X) 2025-26

98.6 % AABIRBHAV PUROHIT
96.8 % SUHANA SAHOO
96.8 % ALISHA PUROHIT
96.4 % DISA GUPTA
96 % TANMAYA NAIK
95.8 % SHREEYAN DUTTA
95.4 % GUNJAN KUMAR MAHANANDA
95.4 % ISHIKA PANDA
95 % ARADHYA MAJHI
94.2 % ABHYUDIT SAHU
94.2 % JHANKESWAR PADHAN
93.8 % ASHUTOSH SAHU
93.8 % ANWESHA MUND
93.6 % NISHI PATTNAYAK
93 % PRAPTI BHOI
93 % ADYASHA TRIPATHY
92.8 % SHOVIT KUMAR MAJHI
92.6 % SWASTIK PRUSTY
92.4 % ISHAN SIBANANDA PARASAR
92.4 % PRAYASH SAHOO
92.2 % SWASTIK AGRAWAL
92.2 % ANJOLINA MEHER
92.2 % SUVANI SRUJANIKA NAYAK
91.6 % SUBHAM SWARUP SAHU
91.6 % PAPU SAHU
91.4 % AMIT KUMAR SAHU
91.4 % ABHINEET MAHAPATRA
91.2 % TANISHA SETH
91.2 % DIBYA RANJAN GOUDA
91 % RUDRANSH KUMAR SAHU
90.6 % KULDEEP MEHER
90.2 % JITENDRA KUMAR CHHATRIA
90.2 % PRITIKA JAIN

RESULT- 100%

RESULT ANALYSIS

| >95% | >90% | >85% | >80% | >70% | >60% |
|---|---|---|---|---|---|
| 9 | 33 | 41 | 55 | 112 | 162 |

RESULT OF AISSCE (XII) 2025-26

SCIENCE

DISTRICT TOPPER (KALAHANDI)
95.6 % SILLA NAYAN

92.6% BALRAM ROUT
91.4% K SAHIL NAIDU
90% SWAGAT MEHER
90% SUPRIYA RANJAN SAHU
90% SANJANA BHOI

COMMERCE

DISTRICT TOPPER (KALAHANDI)
97 % MAYANK AGRAWAL

93.6% NIRUPAMA MEHER
93 % ASHUTOSH DHAL
91 % ARCHITA BHATI

RESULT- 100%

RESULT ANALYSIS

| >95% | >90% | >85% | >80% | >70% | >60% |
|---|---|---|---|---|---|
| 2 | 10 | 24 | 51 | 102 | 128 |

JEE MAINS (SESSION 1&2) RESULT 2026

QUALIFIED IN JEE MAINS 2026

2ND PROLIFERATIVE JEE BATCH OF LAXMI VIKASH

AIR-6368*
*-Category Rank
MOHIT WADAKA

95 %ile BALARAM ROUT
93.48 %ile TAWFEEQ BARIK

SILLA NAYAN KUMAR
SWAGAT MEHER
NABJIT NANDA

Strengthening 3H for holistic growth of your child

Head to think Heart to Care Hand to Create

Think | Care | Create

ADMISSIONS OPEN 2026-27

From nursery to Class-IX & XI (Science/Commerce/Humanities)

KEY FEATURES:
- Integrated JEE/NEET/CUET Coaching For XI & XII Science
- Integrated Techno syllabus from Std VI onwards
- Smart Class Rooms
- Globally Oriented Curriculum
- Scholarship for meritorious students
- Ample and Green Playground
- 24/7 CC TV Surveillance
- A/C & Non A/C Hostel Facility
- Transport facility with GPS System

BHAWANIPATNA CONTACT: 70779 33733, 93486 96536

LAXMI VIKASH TECHNO SCHOOL KANTABANJI : CONTACT: 95567 73277, 99372 52999

LAXMI VIKASH GLOBAL SCHOOL JEYPORE: CONTACT: 90402 60371, 90402 60372




Laxmi Vikash group of Institutions Bhawanipatna Campus: Vikash Wisdom Park, Opposite Govt. Engg. College, Bandhopala, Junagarh Road, Kalahandi Pin-766003.

## କପିଳଧାର ଜଳପ୍ରପାତ ନିକଟରୁ ମୃତଦେହ ଉଦ୍ଧାର

# ମୃତ ଯୁବତୀଙ୍କ ପରିଚୟ ମିଳିଲା

**ପାଇକମାଳ, ୧୬।୫(ସମିସ):** ପାଇକମାଳ ବ୍ଲକ ନୃସିଂହନାଥ ପର୍ଯ୍ୟଟନସ୍ଥଳୀ କପିଳଧାର ଜଳପ୍ରପାତ ନିକଟରୁ ଉଦ୍ଧାର ହୋଇଥିବା ଅଜଣା ମହିଳାଙ୍କ ମୃତଦେହର ପରିଚୟ ମିଳିଛି। ମୃତ ମହିଳା ଜଣକ ପାଇକମାଳ ଥାନା ଅଧୀନ ଝାରମୁଣ୍ଡା ଗ୍ରାମର ଅଙ୍କିତା ନେଗୀ(୧୮)ବୋଲି ଜଣାପଡ଼ିଛି। ସୂଚନାନୁସାରେ, ବୁଧବାର କପିଳଧାର ଜଳପ୍ରପାତ ନିକଟରୁ ଜଣେ ଯୁବତୀଙ୍କ ମୃତଦେହକୁ ପାଇକମାଳ ପୁଲିସ ଓ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିଲେ। ପରେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଓ ସ୍ଥାନୀୟ ସାକ୍ଷୀଙ୍କ ଉପସ୍ଥିତିରେ ଶବ ପଞ୍ଚନାମା କରାଯାଇଥିଲା। ଏନେଇ ପାଇକମାଳ ଥାନାରେ ୟୁଡି କେସ୍ ନଂ୦୭/୨୬ ରୁଜୁ କରାଯାଇ ମୃତଦେହକୁ ୯୬ ଘଣ୍ଟା ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଥିଲା। ଗୁରୁବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମୃତ ଯୁବତୀଙ୍କ ପରିଚୟ ମିଳିଥିଲା। ତାଙ୍କ ଭାଇ ସୂର୍ଯ୍ୟମଣି ନେଗୀ ପାଇକମାଳ ଥାନାକୁ ଆସି ଆବଶ୍ୟକ କାଗଜପତ୍ର ଦାଖଲ କରି ପୁଲିସ ଉପସ୍ଥିତିରେ ଶବ ଚିହ୍ନଟ କରିଥିଲେ। ପରେ ପୁଲିସ ପକ୍ଷରୁ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରାପ୍ତ ଅନୁଯାୟୀ, ଅଙ୍କିତ ନେଗୀ ମାନସିକ ଭାବେ ଅସୁସ୍ଥ ଥିଲେ। ସେ ପ୍ରାୟ ୧୫ ଦିନ ପୂର୍ବରୁ ଘରୁ ବାହାରି ହରିଶଙ୍କର ପଟରୁ ନୃସିଂହନାଥ ଅଞ୍ଚଳକୁ ଆସୁଥିବା ବେଳେ ଚାଲଧାର ନିକଟରେ ବୁଲାବୁଲି କରୁଥିବା ହେତୁ ଗୋଡ଼ ଖସିଯିବାରୁ ତଳକୁ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

# ଗୁରୁଣ୍ଡା ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

**ପାଇକମାଳ, ୧୬।୫ (ସମିସ):** ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ପର୍ବତମାଳାର ଗୁରୁଣ୍ଡା ଜଙ୍ଗଲଅଞ୍ଚଳରୁ ଶୁକ୍ରବାର ଅଜଣା ପୁରୁଷଙ୍କ ମୃତଦେହ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ପଚିପଢ଼ି ଯାଇଥିବାରୁ ପରିଚୟ ମିଳିପାରି ନାହିଁ। ସୂଚନା ଅନୁସାରେ, ସ୍ଥାନୀୟ ଲୋକେ ଜଙ୍ଗଲ ମଧ୍ୟରେ ମୃତଦେହ ପଡ଼ିଥିବା ଦେଖି ପାଇକମାଳ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମୃତ ବ୍ୟକ୍ତି ନୀଳ ରଙ୍ଗର ଫୁଲ ପ୍ୟାଣ୍ଟ ଓ ଲାଲ ରଙ୍ଗର ଟି-ସାର୍ଟ ପିନ୍ଧିଥିବା ଜଣାପଡ଼ିଛି।ଏହି ଘଟଣାରେ ପାଇକମାଳ ଥାନାରେ ୟୁଡି କେସ୍ ନମ୍ବର ୮/୨୬ରେ ମାମଲା ରୁଜୁ କରାଯାଇଛି। ପୁଲିସ ପକ୍ଷରୁ ମୃତଦେହର ପରିଚୟ ଜାଣିବା ପାଇଁ ପ୍ରୟାସ ଜାରି ରହିଛି। ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଭିନ୍ନ ଦିଗରୁ ତଦନ୍ତ ଚାଲୁଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

# ଭାଙ୍ଗିଗଲା ସୋଲାର ଲାଇଟ ଖୁଣ୍ଟ



**ଝାରବନ୍ଧ, ୧୬।୫(ସମିସ):** ଝଡ଼ ବତାସ ଯୋଗୁଁ ଝାରବନ୍ଧ ବ୍ଲକ ଡଭା ହାଇସ୍କୁଲ ଛକରେ ଲାଗିଥିବା ଏକ ସୋଲାର ଲାଇଟ ଖମ୍ବା ହଠାତ୍ ପଡ଼ିଯିବାରୁ ଅଳ୍ପକେ କିଛି ଲୋକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି।ସୋଲାର ଲାଇଟ ଖମ୍ବା ନିର୍ମାଣ କାମ ନିମ୍ନମାନର ହୋଇଥିବାରୁ ଝଡ଼ ବତାସରେ ଭାଙ୍ଗି ପଡ଼ିଛି। ଏହା ଫଳରେ ଅଞ୍ଚଳବାସୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ଛୋଟଅନକି ପଞ୍ଚାୟତର ସମିତି ସଭ୍ୟ ସତ୍ୟମ ପ୍ରଧାନ ପୂର୍ବରୁ ଏହି ସୋଲାର ଲାଇଟ ଖମ୍ବାଗୁଡ଼ିକର ନିମ୍ନମାନ ଓ ସମ୍ଭାବ୍ୟ ବିପଦ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଇଥିବା ସତ୍ତ୍ୱେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରିଛନ୍ତି।ସ୍ଥାନୀୟ ଲୋକମାନେ ତୁରନ୍ତ ସମସ୍ତ ସୋଲାର ଲାଇଟ ଖମ୍ବାର ଯାଞ୍ଚ କରି ଦୁର୍ବଳ ଓ ବିପଦଜନକ ଖମ୍ବାଗୁଡ଼ିକୁ ବଦଳାଇବା ସହ ଦାୟୀ ଠିକାଦାରଙ୍କ ବିରୋଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ପଦ୍ମପୁର ଅଞ୍ଚଳରେ ବେଆଇନ ମଦ କାରବାର

# ଜଙ୍ଗଲ ଭିତରେ ଚାଲିଛି କାରଖାନା

**ପଦ୍ମପୁର, ୧୬।୫(ସମିସ):** ପଦ୍ମପୁର ଅଞ୍ଚଳରେବେ ଆଇନ ରନ୍ଧା ମଦ କାରବାର ଯୋରସୋରରେ ଚାଲିଥିବା ଅଭିଯୋଗ ହେଉଛି। ପୁଲିସ ତଥା ଅବକାରୀ ବିଭାଗ ତରଫରୁ କୌଣସି ଠୋସ ପଦକ୍ଷେପ ନିଆଯାଉନଥିବାରୁ କାରବାର ଉପରେ ଲଗାମ ଲାଗି ପାରୁନାହିଁ। ଅପରପକ୍ଷରେ ବ୍ଲକର ନଦୀପଠା ତଥା ଜଙ୍ଗଲ ଅଞ୍ଚଳରେ ବେଆଇନ ଭାବେ ମଦ ରନ୍ଧା ଚାଲିଥିବା ନଜରକୁ ଆସିଛି। ବିଭାଗର କିଛି ଅସାଧୁ ପୁଲିସ ଓ ଅବକାରୀ କର୍ମଚାରୀଙ୍କ ଜାଣତରେ କାରବାର ଚାଲିଥିବା ଅଭିଯୋଗ ହେଉଛି।ପଦ୍ମପୁର ଅଞ୍ଚଳର ଜଙ୍ଗଲ ଲାଗିଥିବା ଗାଁରେ ମଦ କୁଟୀର ଶିଳ୍ପ ପାଲଟିଛି। ମଦ ମାଫିଆମାନେ ଜଙ୍ଗଲ ଭିତରେ ବେଆଇନ ମଦ ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳରେ ଥିବା କୁଟିଆମାନଙ୍କୁ ଯୋଗାଇଥାନ୍ତି। ଅଞ୍ଚଳରେ ଛତୁ ଫୁଟିଲା ଭଳି କୁଟିଆ ଭାଟି ରହିଛି। ଅବକାରୀ ଓ ପୁଲିସ ଚଢଉ କଲେ ମଧ୍ୟ କିଛି କର୍ମଚାରୀଙ୍କ ଠାରୁ ଆଗୁଆ ସୂଚନା ପାଇ ଫେରାର ହୋଇଯାଉଛନ୍ତି। କେବଳ ମହୁଲ ପୋଚ ଓମଦ ରନ୍ଧା ସାମଗ୍ରୀକୁ ନଷ୍ଟ କରି ଅଧିକାରୀମାନେ ଫେରୁଥିବା ଚର୍ଚ୍ଚା ହେଉଛି। ବିଶେଷ କରି ଅଞ୍ଚଳର ଝାଞ୍ଜ ପାହାଡ ପାଦଦେଶର ବିଭିନ୍ନ ଗାଁ ସହିତ ଅଙ୍ଗନଦୀ ପଠାରେ କାରବାର ଚାଲିଛି।ସେହିପରି ଦହିତା, ବୁଡେନ, ବୁଡାମାଲ ଅଞ୍ଚଳର ଜଙ୍ଗଲମାନଙ୍କ ଭାଟି କରି ମାଫିଆମାନେ ମଦ ରାନ୍ଧୁଥିବା ଜଣାଯାଉଛି।ବେଆଇନ ମଦକାରବାର ଉପରେ ରୋକ ଲଗାଇବା ସହିତ ଅସାଧୁ କର୍ମଚାରୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ନିଟ୍ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ତଥା ତୈଳ, ରନ୍ଧନ ଗ୍ୟାସ୍ ଦର ବୃଦ୍ଧି

# ବରଗଡ଼ ଗାନ୍ଧୀ ଛକରେ ବିଜେଡିର ପ୍ରତିବାଦ





**ବରଗଡ଼, ୧୬।୫(ସମିସ)**

ଦେଶରେ ବାରମ୍ବାର ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇ ପରୀକ୍ଷା ବାତିଲ ହେଉଥିବା ବେଳେ କିଛି ଦିନ ତଳେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି। ଯାହା ଫଳରେ ଦେଶର ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପାରଗତା ଯୋଗୁଁ ଏଭଳି ଘଟଣା ଘଟିଥିବାରୁ ବରଗଡ଼ ବିଜେଡି ପକ୍ଷରୁ ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ସେହିପରି ଦେଶରେ ଡିଜେଲ ପେଟ୍ରୋଲ ଓ ଜାଳେଣି ଗ୍ୟାସ୍‌ର ସଙ୍କଟ ତଥା ଅହେତୁକ ଦର ବୃଦ୍ଧି ହେଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ଏହି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇବାରେ ବିଫଳ ହେବା ସହ ସାଧାରଣଜନତାଙ୍କ ଉପରେ ଦର ବୃଦ୍ଧି ବୋଝ ଲଦି ଦେଇଛି। ଏହାର ପ୍ରତିବାଦରେ ବରଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର ଜିଲ୍ଲା ଯୁବ ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି କରନ ସିକନ୍ଦରଙ୍କ ତତ୍ତ୍ୱାବଧାନରେ ଓ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବରଗଡ଼ ଗାନ୍ଧୀ ଛକରେ ପ୍ରଧାନମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପେଟ୍ରୋଲିୟମ୍‌ମନ୍ତ୍ରୀ ହରଦୀପ ସିଂପୁରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇ ଅପାରଗ କେନ୍ଦ୍ର ସରକାର ବିରୋଧରେ ଦୃଢ଼ ପ୍ରତିବାଦ କରାଯାଇଥିଲା। କାର୍ଯ୍ୟକ୍ରମରେ ବରଗଡ଼ ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ରାଜ୍ୟ ଯୁବ ବିଜେଡି ଉପସଭାପତି ଅମର ନାଥ ଭୋଇ, ବିଜେଡି ଜିଲ୍ଲା ଉପସଭାପତି କିଶୋର ମିଶ୍ର, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଚନ୍ଦନ ଗୁପ୍ତା, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଆଲୋକ ପ୍ରଧାନ ରାଜ୍ୟ ଯୁବ ବିଜେଡି ଉପସଭାପତି ସୁବ୍ରତ ସିଂ ବରଗଡ଼ ଟାଉନ ବିଜେଡି ସଭାପତି ଅନୁପ ସତପଥି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଉମା ଚରଣ ରାଉତ, କମଳ ତାଣ୍ଡି, ସୁନନ୍ଦା ପଣ୍ଡା, ଜ୍ୟୋତ୍ସ୍ନା ପାଇକ, ଶୈଳେଶ ନାୟକ, ଅବିନାଶ ମଲ୍ଲିକ, ନିର୍ମଳ କୁଅଁର, ଉପେନ୍ଦ୍ର ମହାପାତ୍ର, ମହେଶ ଗଡ଼ତିଆ, ଖିତେଶ୍ୱର୍ କୁମ୍ଭାର, ସମୀର ବାରିକ, ଏମଡି ଜମିର ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ କେନ୍ଦ୍ର ସରକାରଙ୍କ ବିରୋଧ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।

## ୧୯ରେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

# ବରପାଲି ବ୍ଲକ୍‌ରେ ଚାଷୀଙ୍କ ପ୍ରସ୍ତୁତି ବୈଠକ

**ବରପାଲି, ୧୬।୫ (ସମିସ):** ସଂଯୁକ୍ତ କୃଷକ ସଂଗଠନ ବରପାଲି ବ୍ଲକସ୍ତରୀୟ ସଭାପତି କାରଣ ସାହୁଙ୍କ ନେତୃତ୍ୱରେ



ମାର୍କେଟୟାର୍ଡ଼ରେ ଟୋକନ ସମସ୍ୟା ଏବଂ ସମାଧାନ ପାଇଁ ବୈଠକ ବସିଥିଲା। ସଭା ଅରମ୍ଭରୁ ଓଡ଼ିଶା ରାଜ୍ୟ ପ୍ରସିଦ୍ଧ ବରପାଲି ଶୀତଳ ଷଷ୍ଠୀ ହିମାଦ୍ରୀ ନଗର ଜଗତ ଜନନୀ ମା'ଙ୍କ ବିବାହ ଉତ୍ସବରେ ଯୋଗଦାନ ପାଇଁ କୃଷକ ସଙ୍ଗଠନକୁ ନିମନ୍ତ୍ରଣ କରିଥିଲେ। ସଂଗଠନ ତରଫରୁ ତପନ ମିଶ୍ର, ନାରାୟଣ ପଣ୍ଡା, ପ୍ରଫୁଲ୍ଲ ଭୋଇ, ସୁଧୀର ଗୁରୁ, ବିଶ୍ୱନାଥ ନାୟକ, ଗୁଣନିଧି ପଧାନ, ଲବ ପଧାନ ଚଳିତ ବର୍ଷ ରବି ଋତୁର ଧାନ ସଂଗ୍ରହ ପାଇଁ ଜମି ତୁଳନାରେ ଟୋକନ ଆସିଥିବା ସମସ୍ତେ ସଭାରେ ମତ ପ୍ରକାଶ କରିଥିଲେ। କେଓ୍ୱାର୍ଡ ଗ୍ରାମର ସୁଧୀର ଗୁରୁଙ୍କ, ୧.୯୦ ଏକରରେ ୪କ୍ୱିଣ୍ଟାଲ ଧାନ କାର୍ଡ ଆସିଅଛି, ଭଲହାତି ୪୦କ୍ୱିଣ୍ଟାଲ, ବିଜୟୀ ପଧାନ ଙ୍କ ୮୫କ୍ୱିଣ୍ଟାଲ ସ୍ଥାନରେ ୪୭କ୍ୱିଣ୍ଟାଲ, ଚତୁର୍ଭୁଜ ବୁଢିଆ ୪ଏକର ଜମିର୪୮କ୍ୱିଣ୍ଟାଲ କାର୍ଡ ଆସିଥିବା ବେଳେ ଅନେକ ଚାଷୀଙ୍କ ଟୋକନ ଆସିନାହିଁ। ସେଥିପାଇଁ ସବୁ ଚାଷୀମାନେ ଆସନ୍ତୋଷ୍ଟ ହୋଇ ଆସନ୍ତା ୧୯ତାରିଖ ଦିନ ସକାଳ ୯ ଟା ରେ ବରଗଡ଼ ଠାରେ ସମବେତ ହୋଇ ଜିଲ୍ଲାପାଳ ଅଫିସ ଘେରାଉ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ପରେ ବୈଠକରେ ନୂତନ କର୍ମକର୍ତ୍ତା ଜେଜରଜ ବେହେରା, ସୁରେଶ ନାୟକ, ନିର୍ମଳ ପଧାନ, ସୁବାସ ପଟେଲ, ନାରାୟଣ ପଧାନ, ବିମଲ ସାହୁ ସମେତ ୩୧ ଜଣକୁ ନେଇ ନୂତନ କମିଟି ଗଠନ କରାଗଲା ବୈଠକ ଶହଶହ ଚାଷୀମାନେ ଯୋଗ ଦେଇଥିଲେ।

# ଜଳିଗଲା କେନ୍ଦୁପତ୍ର ଫଡି



**ପଦ୍ମପୁର, ୧୬।୫(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଦହିତା ଅନ୍ତର୍ଗତ ଆମ୍ବବାହାଲରେ ଥିବା କେନ୍ଦୁପତ୍ର ଫଡି ଘରେ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି।ଫଡି ଘରଟି ସମ୍ପୂର୍ଣ୍ଣ ଭାବେ ଜଳି ଭସ୍ମୀଭୂତ ହୋଇଯାଇଥିବା ବେଳେ ସେଠାରେ ଗଚ୍ଛିତ ଥିବା ଲକ୍ଷ ଲକ୍ଷ ଟଙ୍କାର କେନ୍ଦୁପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଶନିବାର କେନ୍ଦୁପତ୍ର ଫଡିରୁ ନିଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପ୍ରଚଣ୍ଡ ଖରା ଓ ପବନ ଯୋଗୁଁ ନିଆଁ ଅତି ଶୀଘ୍ର ଚାରିଆଡ଼େ ବ୍ୟାପି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ପାରିନଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା, କିନ୍ତୁ ସେତେବେଳକୁ ଫଡି ଘରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।ଫଡିରେ ସଂଗ୍ରହ କରି ରଖାଯାଇଥିବା ବହୁ ସଂଖ୍ୟକ କେନ୍ଦୁପତ୍ର ପୋଡ଼ି ଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସର୍ଟସର୍କିଟ୍ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ପୂର୍ବତନ କ୍ରିକେଟର୍ ମହମ୍ମଦ ସଲିମ୍‌ଙ୍କ ସ୍ମୃତିରେ ସରବତ ବଣ୍ଟନ

**ବରଗଡ଼, ୧୬।୫(ସମିସ):** ପଶ୍ଚିମ ଓଡ଼ିଶାର ଚର୍ଚ୍ଚିତ ପୂର୍ବତନ କ୍ରିକେଟର୍ ମହମ୍ମଦ ସଲିମଙ୍କ ସ୍ମୃତିରେ ବରଗଡ଼ ସହରରେ ସରବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଜ ସମୟରେ ଜଣେ ଦକ୍ଷ ବ୍ୟାଟ୍ସମ୍ୟାନ୍ ଓ ଅଫ୍ ସ୍ପିନର୍ ଭାବେ ପରିଚିତ ସଲିମ୍‌ଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ମହମ୍ମଦ୍ ସଲିମ ଫାଉଣ୍ଡେସନ, ତାଙ୍କର ପୂର୍ବତନ କ୍ରିକେଟର୍ ବନ୍ଧୁ, ସାଙ୍ଗସାଥୀ ଓ ବ୍ଲୁ ଡାଇମଣ୍ଡ କ୍ରିକେଟ୍ କ୍ଲବର ସଦସ୍ୟମାନେ ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସହରର ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ସଂଲଗ୍ନ ଦୀପାଳି ସ୍ପୋର୍ଟସ ଦୋକାନ ସମ୍ମୁଖରେ ସକାଳ ୯ ଟାରୁ ଷ୍ଟଲ୍ କରାଯାଇ ରାସ୍ତାରେ ଯାଉଥିବା ପଥଚାରୀ, ରିକ୍ସା ଚାଳକ, ଶ୍ରମିକ ଓ ସାଧାରଣଜନତାଙ୍କୁ ଥଣ୍ଡା ସରବତବଣ୍ଟନ କରାଯାଇଥିଲା। ବରଗଡ଼ ଜିଲ୍ଲା କ୍ରିକେଟ୍‌କୁ ଆଗେଇ ନେଇଥିବା ମହମ୍ମଦ ସଲିମ୍‌ଙ୍କ ବ୍ୟାଟିଂ ଓ ଅଫ୍ ସ୍ପିନ୍ ବୋଲିଂ ପାଇଁ ସେ ସମଗ୍ର ଓଡ଼ିଶାରେ ପରିଚିତ ଥିଲେ। ସେ ଦୁନିଆରୁ ବିଦାୟ ନେଇଥିଲେ ସୁଦ୍ଧା ତାଙ୍କ ପ୍ରତି ଯୁବ ଖେଳାଳିଙ୍କ ଶ୍ରଦ୍ଧା ଓ ସମ୍ମାନ ଆଜି ବି ଅତୁଟ ରହିଛି। ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର କର୍ମକର୍ତ୍ତା, ମହମ୍ମଦ୍ ସଲିମ ଫାଉଣ୍ଡେସନ




ର ସଦସ୍ୟ, ବ୍ଲୁ ଡାଇମଣ୍ଡ କ୍ଲବର ବରିଷ୍ଠ ସଦସ୍ୟ, ଜିଲ୍ଲାର ପୂର୍ବତନ କ୍ରିକେଟର୍ ତଥା ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସଭାପତି ହରିହର ପ୍ରଧାନ, ସମ୍ପାଦକ ରବି ପଣ୍ଡା, ଉପ ସଭାପତି ଡ.ଶୁଭ୍ରାଂଶୁ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ଅମିୟ ଭୂଷଣ ସାହୁ, ମନୋଜ ଶର୍ମା, ଅଙ୍କିତ ମହାନ୍ତି, ଶେଖ୍ ମଜହର, ଅବିନାଶ ସିଂହ, ବଣ୍ଟି ସିଂହ, ମହମ୍ମଦ ଫିରଦୋସ୍, ଶ୍ରୀକାନ୍ତ ପ୍ରଧାନ, ମଳୟ ହାତୀ, ପ୍ରବୀଣ ଲୁହା, ଅଜୟ କର, ମନୋଜ ସିଂହ, ରାକେଶ ସିଂହ, ସୁଶାନ୍ତ ମେହେର, କେଦାରନାଥ ବେହେରା, ପ୍ରଶାନ୍ତ ସାହୁ, ସଂକଳ୍ପ ରାଉତ, ରାଜେଶ ସରାଫ ପ୍ରମୁଖ ସାମିଲ ଥିଲେ।

# ମଦ ଜବତ, ଜଣେ ଗିରଫ

**ପାଇକମାଳ, ୧୬।୫(ସମିସ):** ପାଇକମାଳ ଥାନା ପୁଲିସ ପକ୍ଷରୁ ବେଆଇନ ମଦ ବ୍ୟବସାୟ ଉପରେ ଚଢ଼ଉ ଚାଲିଛି। ବ୍ରହ୍ମଣଡିହି ଗ୍ରାମର ଅର୍ଜୁନ ଭୋଇ (୪୪)ଙ୍କୁ ଗିରଫ କରିଛି।ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ନିକଟରୁ ମୋଟ ୧୩୪ଟି ଓଏସ୍ ମଦ ପାଉଚ ଜବତ କରାଯାଇଛି। ଜବତ ମଦର ପରିମାଣ ପ୍ରାୟ ୨୬.୮ ଲିଟର ହେବ ବୋଲି କୁହାଯାଇଛି। ପାଇକମାଳ ଥାନାରେ ପିଏସ୍ କେସ୍ ନଂ ୯୭/୨୦୨୬ ରେ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ଅଧିକ ତଦନ୍ତ ଚାଲାଇଛି।

# ଏନ୍‌ଏସି ମାର୍କେଟ କମ୍ପ୍ଲେକ୍ସ ଛାତରୁ ଖସୁଛି କଂକ୍ରିଟ

**ପଦ୍ମପୁର, ୧୬।୫(ସମିସ):** ପଦ୍ମପୁର ଏନ୍‌ଏସି ଅଧିନରେ ଥିବା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀମାନଙ୍କୁ ଭଡା ସୁତ୍ରରେ ଦିଆଯାଇଛି। ମାତ୍ର ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଛାତରୁ ପାଣି ଗଳିବା ସହିତ ଫଡା ଫଡା ଢଲେଇ ଖଣ୍ଡ ମଧ୍ୟ ପଡ଼ି ବିପଦ ସଙ୍କୁଳ ପରିସ୍ଥିତି ସୃଷ୍ଟି ହେଉଛି। ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ଆବଶ୍ୟକ ମରାମତି କରିବା ପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି।



## ମାଧୋ ସିଂଙ୍କ ଉପରେ ତ୍ରୁଟି ପ୍ରସଙ୍ଗ

# ସଂଶୋଧନ ଦାବିରେ ବିଜେଡିର ପ୍ରତିବାଦ ଶୋଭାଯାତ୍ରା

**ବିଜେପୁର, ୧୬।୫(ସମିସ)**

ବିପ୍ଳବୀ ସହୀଦ ମାଧୋ ସିଂଙ୍କ ପ୍ରବନ୍ଧରେ ଶୀଘ୍ର ତ୍ରୁଟି ସଂଶୋଧନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ବୀର ମାଟି ଘେଁସଠାରେ ପ୍ରତିବାଦ ଶୋଭାଯାତ୍ରା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶା ସରକାର ସପ୍ତମ ଶ୍ରେଣୀ 'ସାହିତ୍ୟ ସୁମନ' ପାଠ୍ୟ ପୁସ୍ତକରେ ମହାନ ବିପ୍ଳବୀ ସହୀଦ ମାଧୋ ସିଂଙ୍କ ସଂକ୍ରାନ୍ତରେ ଏକ ପ୍ରବନ୍ଧ ପ୍ରକାଶିତ କରିଛନ୍ତି। ମାତ୍ର ପ୍ରବନ୍ଧରେ ବ୍ୟାପକ ଭାବରେ ବିଭିନ୍ନ ପ୍ରକାର ତ୍ରୁଟି ଥିବାରୁ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ଶୀଘ୍ର ସଂଶୋଧନ କରି ପିଲାଙ୍କ ପଠନ




ଉପଯୋଗୀ କରିବା ପାଇଁ ଦାବି କରିଛି ବିଜୁ ଜନତା ଦଳ। ଏ ନେଇ ଘେଁସ ସହିଦ ପୀଠରେ ମାଲ୍ୟାର୍ପଣ ପରେ ପ୍ରତିବାଦ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ତଥା ଯୁବନେତା ସୁବ୍ରତ ସିଂହଙ୍କ ନେତୃତ୍ୱରେ, ଦଳର ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜିବର୍ଦ୍ଧନ ବରିହା, ବ୍ଲକ ସଭାପତି ଗଣତନ୍ତ୍ର ପଧାନ, ଘେଁସଜୋନର ଜିଲ୍ଲା ପରିଷଦ ସଭ୍ୟା ଜାଇଫୁଲ ସିଂ ବରିହା, ପୂର୍ବତନ ଜିଲ୍ଲାପରିଷଦ ଦୟାନିଧି ପଟେଲ, ବିଶିଷ୍ଟ ଗବେଷକ ଡ.ସୁବାଷ ମେହେର, ଘେଁସ ଜମିଦାର ରଞ୍ଜିତ ସିଂ ବରିହା, ସରପଞ୍ଚ ଅଶୋକ ବାରିକ, ସରପଞ୍ଚ ଚୈତନ୍ୟ ବେହେରା, ମୁନୁ ସାହୁ, ପିଙ୍କୁ ସାହୁ, ଭୋଲା ସିଂ ବରିହା ଓ ଘେଁସ ଅଞ୍ଚଳବାସି ତଥା ବିଜୁ ଜନତା ଦଳର ବହୁ ସଂଖ୍ୟାରେ କର୍ମକର୍ତ୍ତା ତଥା ଅଞ୍ଚଳବାସୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ବିପଦସଙ୍କୁଳ ଲୁପୁରସିଂହା ଛକ କେନାଲ ବ୍ରିଜ୍



**ଥୁଆପାଲି, ୧୬।୬(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଲୁପୁରସିଂହା ଛକ ନିକଟରେ ଥିବା କେନାଲ ବ୍ରିଜ ଟି ପ୍ରାୟ ୧୯୫୬ /୧୯୫୭ ମସିହାରେ ତିଆରି ହୋଇଥିବା ଜଣାଯାଏ। ଦୀର୍ଘ ବର୍ଷ ହେଲାଣି ବର୍ତ୍ତମାନ ଜନସାଧାରଣ ଯାତାୟତ ବହୁ ସଂଖ୍ୟାରେ ବଢ଼ିଗଲାଣି। ଏହା ସହିତ ଯାନବାହାନ ଚଳାଚଳ ଶହଶହ ସଂଖ୍ୟାରେ ବଢ଼ିବାରେ ଲାଗିଛି, ବ୍ରିଜ ସଂକୀର୍ଣ୍ଣ ତଥା ଦୁର୍ବଳ ହୋଇ ରହିଛି, କେତେବେଳେ ବ୍ରିଜ ଭୁଶୁଡ଼ି ପଡ଼ିବ ଆଶଙ୍କା କରାଯାଉଛି। କେନାଲ ବ୍ରିଜରେ କୌଣସି ବାଡ କିମ୍ବା ବ୍ୟାରିକେଟ ନାହିଁ ଫଳରେ ପ୍ରତି ଦିନ ଛୋଟଛୋଟ ଦୁର୍ଘଟଣା ଘଟି ଆହାତ ହେଉଛନ୍ତି। ଅତିତରେ ବ୍ରିଜ ଉପରେ ଦୁର୍ଘଟଣା ଘଟି ଜୀବନ ଯିବାର ନଜିର ରହିଛି। ଅନେକ ଥର ଜନସାଧାରଣଙ୍କ ପକ୍ଷରୁ ନୂତନ ବ୍ରିଜ ନିର୍ମାଣ ପାଇଁ ଅଭିଯୋଗ ହୋଇଆସୁଛି। କୌଣସି ବଡ ଦୁର୍ଘଟଣା ଘଟିବା ଆଗରୁ ନୂତନ ବିସ୍ତୀର୍ଣ୍ଣ ବ୍ରିଜ କରିବା ଆବଶ୍ୟକ ହୋଇପଡ଼ିଛି। ବରଗଡ଼ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଜଳସେଚନ ବିଭାଗ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଜନସାଧାରଣଙ୍କ ଦାବି ହେଉଛି।

ସକାଳ THE SAKALA



# ଡେବ୍ରିଗଡ଼ରେ ବଳିଆ କୁକୁରଙ୍କ ବଂଶବୃଦ୍ଧି

ସମ୍ବଲପୁର, ୧୬।୫(ସମିସ)

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଏକ ବଡ଼ ସଫଳତା ମିଳିଛି। ବିଲୁପ୍ତପ୍ରାୟ ତଥା ଅତି ବିରଳ ପ୍ରଜାତିର 'ଇଣ୍ଡିଆନ୍ ଢୋଲ୍' ବା 'ବଳିଆ କୁକୁର' ଏଠାରେ ବଂଶବୃଦ୍ଧି କରିଛନ୍ତି। ଅଭୟାରଣ୍ୟ ଇତିହାସରେ ପ୍ରଥମ ଥର ପାଇଁ ବଳିଆ କୁକୁର ନିଜର ବଂଶବୃଦ୍ଧି କରି ଦୁଇଟି ଶାବକଙ୍କୁ ଜନ୍ମ ଦେଇଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ବନ ବିଭାଗର ସୂଚନା ଅନୁଯାୟୀ, ଗତ ମେ' ମାସ ତୃତୀୟ ସପ୍ତାହରେ ଅଭୟାରଣ୍ୟର ଜଙ୍ଗଲୀ ରାସ୍ତାରେ ମା' ବଳିଆ କୁକୁର ସହ ପ୍ରାୟ ୩ ରୁ ୪ ମାସର ଦୁଇଟି ଛୁଆ ବୁଲୁଥିବାର ଦୃଶ୍ୟ କ୍ୟାମେରା ଟ୍ରାପ୍‌ରେ କଏଦ ହୋଇଛି। ବର୍ତ୍ତମାନ ଏହି ଶାବକମାନେ ସମ୍ପୂର୍ଣ୍ଣ ଭାବେ ମା' ଉପରେ ନିର୍ଭରଶୀଳ ଅଛନ୍ତି। ଏହି ଘଟଣା ପରେ ସେମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ୨୬ଟି ସ୍ୱତନ୍ତ୍ର କ୍ୟାମେରା ଟ୍ରାପ୍ ଲଗାଯାଇଛି। ସେମାନଙ୍କ ରହୁଥିବା ସ୍ଥାନ ନିକଟରୁ ଏକ ହରିଣ ଶିକାରର ଅବଶେଷ ମଧ୍ୟ ମିଳିଛି, ଯାହା ସେମାନଙ୍କର ସକ୍ରିୟ ଶିକାର ଦକ୍ଷତାକୁ ଦର୍ଶାଉଛି।

ଅକ୍ଟୋବର ୨୦୨୩ରେ ପ୍ରଥମ କରି ଡେବ୍ରିଗଡ଼ ଅଭୟାରଣ୍ୟରେ ଏକ ଏକାକୀ ବଳିଆ କୁକୁରର ଚିତ୍ର କ୍ୟାମେରାରେ ଆସିଥିଲା। ପରବର୍ତ୍ତୀ ସମୟରେ ତା' ସହିତ ଆଉ ଏକ କୁକୁର ଯୋଗ ଦେଇଥିଲା। ଏହି



ଯୋଡ଼ି ଦୀର୍ଘ ଦୁଇ ବର୍ଷ ଧରି ଅଭୟାରଣ୍ୟର ପ୍ରାୟ ୧୦୦ ବର୍ଗ କିଲୋମିଟର ଘାସପଡ଼ିଆ ଓ ପାହାଡ଼ିଆ ଅଞ୍ଚଳରେ ଏକତ୍ର ବିଚରଣ କରୁଥିଲେ। ଚଳିତ ବର୍ଷର ଆରମ୍ଭରେ ମାଈ କୁକୁରଟି ଗର୍ଭବତୀ ହେବା ପରେ, ସେମାନଙ୍କ ଗତିବିଧି ଅଭୟାରଣ୍ୟର ଏକ ସୁରକ୍ଷିତ କୋର୍ ଅଞ୍ଚଳ ମଧ୍ୟରେ ସୀମିତ ହୋଇଯାଇଥିଲା। ସାଧାରଣତଃ ଏହି ପ୍ରଜାତିର ଜୀବମାନେ ଏକ ବଡ଼ ଦଳ ମଧ୍ୟରେ ବଂଶବୃଦ୍ଧି କରିଥାନ୍ତି, ମାତ୍ର ଦେବ୍ରୀଗଡ଼ରେ କେବଳ ଏହି ଯୋଡ଼ି ସଫଳତାର ସହ ବଂଶବୃଦ୍ଧି କରି ଏକ ନୂଆ ଉଦାହରଣ ସୃଷ୍ଟି

**ଜନ୍ମ ନେଲେ ୨ ଶାବକ**
**ସୁରକ୍ଷା ପାଇଁ ଲାଗିଛି ୨୬ କ୍ୟାମେରା**

କରିଛି। ଏହି କୁକୁରମାନେ ସାଧାରଣତଃ ସେମାନଙ୍କର ସାଥୀ, ନୂଆ ଅଞ୍ଚଳ ଏବଂ ଶିକାର ସନ୍ଧାନରେ ଶହ ଶହ କିଲୋମିଟର ପଥ ଅତିକ୍ରମ କରିଥାନ୍ତି। ଅଭୟାରଣ୍ୟ କର୍ତ୍ତୃପକ୍ଷ ଶାବକ ଏବଂ ମା'ର ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଜନନ ଅଞ୍ଚଳରେ ଯେପରି କୌଣସି ପ୍ରକାରର ବାହ୍ୟ ବିଭ୍ରାଟ ନଘଟେ, ସେଥିପାଇଁ ଜଳାଶୟ ଏବଂ ସଲ୍ଟଲିକ୍ (ଲବଣ ଭୂମି) ଗୁଡ଼ିକ ନିକଟରେ କଟକଣା ଜାରି କରାଯାଇଛି।ସୀମାନ୍ତ ଅଞ୍ଚଳରୁ ଗୃହପାଳିତ କୁକୁରଙ୍କ ପ୍ରବେଶ, ସଂକ୍ରାମକ ରୋଗର ଆଶଙ୍କା ଏବଂ ମାନବୀୟ ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ବନ କର୍ମଚାରୀମାନେ ଦିନରାତି ଜଗି ରହିଛନ୍ତି। ୨୦୨୨ ଏବଂ ୨୦୨୩ ବର୍ଷରେ ଅଭୟାରଣ୍ୟରେ ନୂଆ ଚେକ୍‌ଗେଟ୍ ସ୍ଥାପନ କରାଯାଇ ମୋଟ୍ ଆଣ୍ଟି-ପୋଚିଂ ଚେକ୍‌ଗେଟ୍ ସଂଖ୍ୟା ୧୨କୁ ବୃଦ୍ଧି କରାଯାଇଥିଲା। ଏହାଦ୍ୱାରା ପ୍ରାୟ ୩୦୦ ବର୍ଗ କିଲୋମିଟର ବିଶିଷ୍ଟ ଏକ ସମ୍ପୂର୍ଣ୍ଣ କୋଳାହଳମୁକ୍ତ ଏବଂ ସୁରକ୍ଷିତ ବାସସ୍ଥଳୀ ପ୍ରସ୍ତୁତ କରାଯାଇଛି। ଏହି ସମସ୍ତ ଚେକ୍‌ଗେଟ୍ ୨୪ ଘଣ୍ଟା ସିସିଟିଭି ନଜରରେ ରହିଛି। ସମଗ୍ର ଭାରତବର୍ଷରେ ବର୍ତ୍ତମାନ ମାତ୍ର ୧୦୦୦ ରୁ ୨୫୦୦ ବଳିଆ କୁକୁର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚିମଘାଟ ପର୍ବତମାଳା, କେନ୍ଦ୍ରୀୟ ଭାରତର ଜଙ୍ଗଲ ଏବଂ ଉତ୍ତର-ପୂର୍ବ ଭାରତରେ ଦେଖାଯାନ୍ତି। ଏଭଳି ସ୍ଥିତିରେ ଓଡ଼ିଶାର ଡେବ୍ରୀଗଡ଼ରେ ସେମାନଙ୍କର ବଂଶବୃଦ୍ଧି ଦର୍ଶାଉଛି ଯେ, ଏହି ଅଭୟାରଣ୍ୟର ପାରିପାର୍ଶ୍ୱିକ ସ୍ଥିତି ହିଂସ୍ର ଜନ୍ତୁଙ୍କ ପାଇଁ ଅତ୍ୟନ୍ତ ସୁରକ୍ଷିତ ଓ ଅନୁକୂଳ ରହିଛି।

## ଦୁର୍ଘଟଣାରେ ୬ ବର୍ଷର ଶିଶୁକନ୍ୟା ମୃତ

**କୁଚିଣ୍ଡା, ୧୬।୫(ସମିସ):** ବାମରା ସୀମାବର୍ତ୍ତି ଲଇକେରା ଥାନା ତିଲେଇମାଲ ନିକଟରେ ଗୁରୁବାର ଘଟିଥିବା ଭୟାବହ ବୋଲେରୋ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ୬ବର୍ଷୀୟା ଶିଶୁ କନ୍ୟା ଶ୍ରୁତି ଲାକ୍ରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।ସୂଚନା ଅନୁସାରେ, ତେତେରକେଲା ଅଞ୍ଚଳର କେତେକ ପରିବାର ବିବାହ କାର୍ଯ୍ୟକ୍ରମ ସାରି ବୋଲେରୋ ଯୋଗେ ଫେରୁଥିବା ବେଳେ ତିଲେଇମାଲ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ପ୍ରଥମେ କସ୍ତୁରୀ ଲାକ୍ରାଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ଶ୍ରୁତିଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ସମୟରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟପଟେ ଉକ୍ତ ଦୁର୍ଘଟଣାରେ ଗୁରୁତର ଆହତ ଥିବା ଯମୁନା ଲାକ୍ରା (୧୮)ଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେ ଆଇସିୟୁରେ ଭର୍ତ୍ତି ଅଛନ୍ତି। ସେହିପରି ଗୁରୁତର ଆହତ ଥିବା ସୁରେଖା ଟୋପ୍ପୋ (୧୪), ଭରତ ଲାକ୍ରା (୭) ଓ ସୂର୍ଯ୍ୟ ଲାକ୍ରାଙ୍କ ଚିକିତ୍ସା ଜାରି ରହିଛି। ଉକ୍ତ ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## କୁଟୁରା କଟାମୁଣ୍ଡ ସହ ମାଂସ ଜବତ; ଶିକାରୀ ଗିରଫ



**ରେଢ଼ାଖୋଲ, ୧୬।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ମାଲ ରେଞ୍ଜ ଅଧୀନ ଆମ୍ବଦର ଖେସରା ଜଙ୍ଗଲରେ ବନବିଭାଗ ଚଢ଼ଉ କରି ଏକ କୁଟୁରାର କଟା ମୁଣ୍ଡ, ଗୋଡ଼ ସହ ଅନ୍ତବୁଜୁଳା ଜବତ କରାଯାଇଥିବା ବେଳେ ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସାଇବେରଣ୍ଡୀ ଗ୍ରାମର ଲବ ବିଂଝାଲ। ଅଭିଯୁକ୍ତ ଶିକାରୀକୁ କୋର୍ଟ ଚାଲାଣ କରାଯାଇଛି। ବନବିଭାଗ ପକ୍ଷରୁ ସୂଚନା ଅନୁଯାୟୀ, ଖେସରା ଜଙ୍ଗଲରେ ଚଢ଼ାଉ ସମୟରେ ଜଣେ ଶିକାରୀ ଗିରଫ ହେବା ସମୟରେ ଆଉ ଦୁଇ ଜଣ ଶିକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଚଢ଼ାଉରେ ବଡ଼ମାଲ ରେଞ୍ଜ ଅଧିକାରୀ ଚିନ୍ମୟ କୁମାର ଗର୍ତିଆଙ୍କ ନେତୃତ୍ୱରେ ଫରେଷ୍ଟର ଠାକୁର ପ୍ରଧାନ, ଫରେଷ୍ଟ ଗାର୍ଡ ସୁଜିତ ସାହୁ ଓ ରଞ୍ଜନ ନାଏକ ପ୍ରମୁଖ ସମେତ ଅନ୍ୟ ବନ ବିଭାଗ କର୍ମଚାରୀ ସାମିଲ ଥିଲେ।

## ପୁରପଲ୍ଲୀରେ ସାବିତ୍ରୀ ବ୍ରତ ପାଳିତ



**ରେଢ଼ାଖୋଲ, ୧୬।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ପୁରପଲ୍ଲୀରେ ସଧବା ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି।ବିଭିନ୍ନ ଗ୍ରାମ ସହିତ ରେଢ଼ାଖୋଲ ଏନ୍ଏସି ଅଧୀନ ବିଭିନ୍ନ ସାହିପଡ଼ାମାନଙ୍କରେ ବ୍ରତ ପାଳନ କରାଯାଇଥିଲା। ସେହିପରି ଖନ୍ଦାଡ଼ିପସ୍ଥିତ ତଳିସାହି କ୍ଲବ୍ ଘର ଠାରେ ଅଞ୍ଚଳର ସଧବା ମହିଳା ବ୍ରତ ପାଳନ କରିଥିଲେ। ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ସ୍ୱାମୀଙ୍କ ଦୀର୍ଘାୟୁ ଓ ଉତ୍ତମ ସ୍ୱାସ୍ଥ୍ୟ ସହିତ ମଙ୍ଗଳ କାମନା କରି ସଧବା ମହିଳାମାନେ ବ୍ରତ ପାଳନ କରିଥାନ୍ତି। ପୂଜକ ଭାବରେ ମୁନା ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଡିପିଏସ୍‌ର ସଫଳତା

**ସମ୍ବଲପୁର, ୧୬।୫(ସମିସ):** ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ), ସମ୍ବଲପୁରର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ସ୍କୁଲ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।



ନିଜର କଠିନ ପରିଶ୍ରମ, ଏକାଗ୍ରତା ଏବଂ ଅଧ୍ୟବସାୟ ବଳରେ ସ୍କୁଲର ବିଦ୍ୟାର୍ଥୀମାନେ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ବିଜ୍ଞାନ ବିଭାଗରେ ଅସ୍ମିତ କୁମାର ମହାନ୍ତି ୯୩.୨ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସାଇ ସୃଜନ ଦାସ ୯୨.୬ ପ୍ରତିଶତ ଏବଂ ଅମନ ସିଂହ ୯୦ ପ୍ରତିଶତ ନମ୍ବର ସହ ଉତ୍କୃଷ୍ଟ ପ୍ରଦର୍ଶନ କରି ସ୍କୁଲ ପାଇଁ ଗର୍ବ ଆଣିଛନ୍ତି। ତାଲିକାରେ ଥିବା ଅନ୍ୟ ଛାତ୍ରଛାତ୍ରୀ ଯଥା ଖୁସବୁ ତ୍ରିପାଠୀ, ବୈଷ୍ଣୋ ଅଗ୍ରୱାଲ, ଶୀତଲ ପ୍ରସାଦ, ପୁଷ୍ପିତା ନାୟକ, ବାବୁଲି ନାୟକ, ଅପର୍ଣ୍ଣା ସୁଚରିତା ସାହୁ, ଅନ୍ୱେଷା ମିଶ୍ର, ବାଦଲ କୁମାର ସାମଲ, ରୋହିଣୀ ବାଗ, ଶ୍ଳୋକ ବିନାୟକ ସତୱାସେ, ରୌନକ ରୋଶନ ମିଶ୍ର, ସତ୍ୟମ ସନାନି ଆଦି ଛାତ୍ର ଛାତ୍ରୀ ୮୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ସହ ବିଦ୍ୟାଳୟର ଅନ୍ୟ ଛାତ୍ର ଛାତ୍ରୀ ମାନେ ମଧ୍ୟ ଉତ୍ତମ ପ୍ରଦର୍ଶନ କରିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ଆୟୁଷ ପ୍ରଧାନ ୯୧.୨ ପ୍ରତିଶତ ନମ୍ବର ରଖି ବିଭାଗୀୟ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି। ଅନ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍କୃଷ୍ଟ ପ୍ରଦର୍ଶନ କରି ସ୍କୁଲ ପାଇଁ ଗର୍ବ ଆଣିଛନ୍ତି। ସଫଳ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଦିଲ୍ଲୀ ପବ୍ଲିକ ସ୍କୁଲର ପରିଚାଳନା କମିଟି, ଅଧକ୍ଷା ସୁଜାତା ଲେଙ୍କା ଅଭିନନ୍ଦନ ଜଣାଇଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ

**ରେଢ଼ାଖୋଲ, ୧୬।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ଅନ୍ତର୍ଗତ ଶୁଣ୍ଠିମୁଣ୍ଡାସ୍ଥିତ ରେଳ ଷ୍ଟେସନ ଓଭର ବ୍ରିଜ ନିକଟରେ ବେଆଇନ ଚୋରା ଚାଲାଣ ପ୍ରାୟ ୯.୨ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ପୁଲିସ। ଅଭିଯୁକ୍ତ ଗିରଫମାନେ ଜିଲ୍ଲା ବୌଦ୍ଧ ଖୁଣ୍ଟିଆପଡ଼ା ବାସିନ୍ଦା ସ୍ୱାଧୀନ ନାଏକ(୩୪) ଓ ଲିଜା ବେହେରା(୨୬)। ସୂଚନା ଯୋଗ୍ୟ ଯେ ରେଳ ଷ୍ଟେସନ ଓଭର ବ୍ରିଜ ନିକଟରେ ରେଢ଼ାଖୋଲ ପୁଲିସ ପକ୍ଷରୁ ପାଟ୍ରୋଲିଂ କରୁଥିବା ସମୟରେ ପୁଲିସ କର୍ମଚାରୀମାନେ ସନ୍ଦେହ କରି ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଯାଞ୍ଚ କରିଥିଲେ। ଅଭିଯୁକ୍ତଙ୍କ ପାଖରୁ ଗୋଟିଏ କଳାରଙ୍ଗର ଏୟାର ବ୍ୟାଗରୁ ୯.୨ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଉକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ବେଆଇନ ଚୋରା ଚାଲାଣ ଗଞ୍ଜେଇ ବୌଦ୍ଧ ଜିଲ୍ଲା ପଟରୁ ରେଢ଼ାଖୋଲ ଦେଇ ସମ୍ବଲପୁର ଜିଲ୍ଲାକୁ ଚାଲାଣ





ହେଉଥିବା ନେଇ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ରେଢ଼ାଖୋଲ ଥାନା କେସ ନଂ ୮୬/୨୬ରେ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ଉକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ରେଢ଼ାଖୋଲ ଥାନା ଅଧିକାରୀ ସନୟ କୁମାର ନାଏକ ସୂଚନା ଦେଇଛନ୍ତି।

**ଜନତା ଶୋଷରେ; ପ୍ରଶାସନ ଚୁପ୍**

## ୨ ମାସ ହେଲା ଅଚଳ ଓଭରହେଡ଼ ପାଣି ଟାଙ୍କି

**କୋକସରା, ୧୬।୫(ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗ୍ରୀଷ୍ମର ପ୍ରକୋପ ଯୋଗୁଁ ନଈ, ନାଳ ସବୁ ଶୁଖିଲା ପଡ଼ିଥିବା ବେଳେ ଟୋପାଏ ପାଣି ପାଇଁ ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସଭିଏଁ କଲବଲ ହେଉଛନ୍ତି। ଏଭଳି ସ୍ଥିତିରେ କୋକସରା ବ୍ଲକ ଡାଲଗୁମା ଗ୍ରାମରେ ପାନୀୟ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାୟ ୨ ମାସ ହେବ ଗ୍ରାମରେ ଥିବା ଓଭରହେଡ୍ ପାଣି ଟାଙ୍କି ଅଚଳ ହୋଇପଡ଼ି ରହିଥିବାରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ଦ୍ୱାରା ପରିଚାଳିତ ଏହି ଓଭରହେଡ୍ ପାଣି ଟାଙ୍କି ମାଧ୍ୟମରେ ଡାଲଗୁମା ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ପ୍ରାୟ ୨୫ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ଲୋକେ ପାନୀୟଜଳ ପାଇଁ ସମ୍ପୂର୍ଣ୍ଣ ଭାବେ ଟାଙ୍କି ଉପରେ ହିଁ ନିର୍ଭର କରିଥାନ୍ତି। ତେବେ ନିର୍ମାଣ ଦିନଠାରୁ ଏହି ପ୍ରକଳ୍ପଟି ଠିକ୍‌ଠାକ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା, ସାମ୍ପ୍ରତିକ ସମୟରେ ଚୋରଙ୍କ ପ୍ରାଦୁର୍ଭାବ ଯୋଗୁଁ ଅଚଳ ହୋଇପଡ଼ିଛି। ପାଣି ଟାଙ୍କିରୁ ବାରମ୍ବାର କେବୁଲ୍ ତାର ଚୋରି ହେଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ ଚୋରମାନଙ୍କୁ ଧରିବାରେ ସକ୍ଷମ ହେଉ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ସମେତ କୋକସରା ଅଞ୍ଚଳରେ ତାପମାତ୍ରା ୩୮ ଡିଗ୍ରୀରୁ ଉର୍ଦ୍ଧ୍ୱ ରହୁଛି। ଏହି ପ୍ରଚଣ୍ଡ ରୌଦ୍ରତାପ ମଧ୍ୟରେ ଡାଲଗୁମା ଗ୍ରାମବାସୀ ପାଣି ପାଇଁ ଡହକ ବିକଳ ହେଉଥିବା ବେଳେ ପ୍ରଶାସନ ନିଦ୍ରାରେ, ଜନତା ଶୋଷରେ ଛଟପଟ ହେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଓଭରହେଡ୍ ପାଣି ଟାଙ୍କିର ମରାମତି କରିବା ସହ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଡ଼ାଲଗୁମା ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଡାଲଗୁମା ପିଇଓ ଦାମୋଦର ବେମାଲଙ୍କ ପ୍ରତିକ୍ରିୟା ନେବାରୁ ବାରମ୍ବାର ଚୋରି ଯୋଗୁଁ ଏଭଳି ପରିସ୍ଥିତି ହୋଇଛି, ଆମେ ଥାନା ଦ୍ୱାରସ୍ଥ ମଧ୍ୟ ହୋଇଛୁ ବୋଲି କହିଥିଲେ। ସେହିପରି କୋକସରା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଫନିନ୍ଦ୍ର ଆର୍କାଙ୍କ ପ୍ରତିକ୍ରିୟା ନେବାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି, ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

**ସରକାରୀ ଡିଗ୍ରୀ କଲେଜରେ ହେଉନି କୋଠା ନିର୍ମାଣ**

## ୨ଶହ ଛାତ୍ରଛାତ୍ରୀଙ୍କୁ ୩ ଶ୍ରେଣୀ ଗୃହ

**ଥୁଆମୂଳରାମପୁର, ୧୬।୫(ସମିସ):** କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁର ବ୍ଲକରେ ଉଚ୍ଚଶିକ୍ଷାର ଚିତ୍ର ଦୟନୀୟ ଅବସ୍ଥାରେ ରହିଛି। ଦୀର୍ଘ ଦିନର ଦାବି ପରେ ସରକାରୀ ଡିଗ୍ରୀ କଲେଜ ସ୍ଥାପିତ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସ୍ଥାୟୀ କୋଠା ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଫଳରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନର ଅବହେଳା ଥୁଆମୂଳରାମପୁର ବ୍ଲକ ଦୀର୍ଘଦିନ ଧରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଆସିଛି। ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏଠାକାର ଗରିବ ଓ ଆଦିବାସୀ ପରିବାରର ଛାତ୍ରଛାତ୍ରୀ ଦୀର୍ଘବର୍ଷ ଧରି ଅସୁବିଧା ଭୋଗ କରୁଥିଲେ। ମାଟ୍ରିକ ପରେ ଉଚ୍ଚଶିକ୍ଷା ପାଇଁ ଭବାନୀପାଟଣା କିମ୍ବା ରାୟଗଡ଼ା ଭଳି ଦୂରସ୍ଥ ଅଞ୍ଚଳକୁ ଯିବାକୁ ପଡୁଥିବାରୁ ଅନେକ ଗରିବ ଛାତ୍ରଛାତ୍ରୀ ପାଠପଢ଼ା ଛାଡ଼ି ଦେଉଥିଲେ। ବେସରକାରୀ ପ୍ରୟାସରୁ ସରକାରୀ କଲେଜ ପର୍ଯ୍ୟନ୍ତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଉଦ୍ୟମରେ ୧୯୯୭ ମସିହାରେ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତଦୁଇ କଲେଜ ସ୍ଥାପିତ ହୋଇଥିଲା। ପରେ ଏହା ବ୍ଲକଗ୍ରାଣ୍ଟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଭାବେ ସ୍ୱୀକୃତି ପାଇଥିଲା। ଏହି କଲେଜ ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀ ଉଚ୍ଚମାଧ୍ୟମିକ ଶିକ୍ଷାର ସୁଯୋଗ ପାଇଥିଲେ। ତଥାପି ଡିଗ୍ରୀସ୍ତରରେ ଶିକ୍ଷା ପାଇଁ ଅଞ୍ଚଳରେ ସରକାରୀ କଲେଜ ନଥିବାରୁ ଯୁବପିଢ଼ିର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଥିଲା। ଏହାକୁ ନେଇ ଦୀର୍ଘଦିନ ଧରି ଏକ ମଡେଲ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଦାବି ହୋଇଆସୁଥିଲା। ଗତ ନବୀନ ପଟ୍ଟନାୟକଙ୍କ ସରକାରରେ ୪ ଜାନୁଆରୀ ୨୦୨୪ରେ ଥୁଆମୂଳରାମପୁର ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଅଞ୍ଚଳରେ ୧୮ଟି ନୂତନ ସରକାରୀ ଡିଗ୍ରୀ କଲେଜ ସ୍ଥାପନ ନେଇ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ। ପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡରେ କଲେଜର ଉଦ୍‌ଘାଟନ ମଧ୍ୟ କରାଯାଇଥିଲା। କିନ୍ତୁ ଭିତ୍ତିଭୂମି ଅଭାବ ଏବେ ସମଗ୍ର ବ୍ୟବସ୍ଥାକୁ ପ୍ରଶ୍ନର ସମ୍ମୁଖୀନ କରିଛି। ବର୍ତ୍ତମାନ ସରକାରୀ ଡିଗ୍ରୀ କଲେଜଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଗୃହର ମାତ୍ର ଦୁଇଟି କୋଠରୀରେ ଚାଲୁଛି। ଏଠାରେ ତିନୋଟି ଶ୍ରେଣୀର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ପାଠପଢ଼ା କରୁଛନ୍ତି। କୋଠା ଅଭାବରୁ ନିୟମିତ ଶ୍ରେଣୀ ପରିଚାଳନାରେ ବାଧା ସୃଷ୍ଟି ହେଉଛି। କଲେଜରେ ଲାଇବ୍ରେରୀ, ପ୍ରୟୋଗଶାଳା, କମନ ରୁମ୍, ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବ ମଧ୍ୟ ସ୍ପଷ୍ଟ ଭାବେ ଦେଖାଦେଇଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ଜଟିଳ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି।କଲେଜ ଭବନ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟାର ସୂଚନା ମିଳିଥିଲେ ମଧ୍ୟ ଆଜି ଯାଏ ଚୁଡାନ୍ତ ହେଇପାରିନି। କେବେ ଟେଣ୍ଡର ହେବ, କେବେ ନିର୍ମାଣ କାମ ଆରମ୍ଭ ହେବ ଏବଂ କେବେ ଛାତ୍ରଛାତ୍ରୀ ସ୍ଥାୟୀ କୋଠାରେ ପାଠ ପଢ଼ିବେ, ତାହାକୁ ନେଇ ଅଞ୍ଚଳରେ ନାନା ପ୍ରଶ୍ନ ଉଠୁଛି। ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଶୀଘ୍ର ଶିଳାନ୍ୟାସ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସରକାରଙ୍କୁ ଦାବି କରିଛନ୍ତି। ସ୍ଥାୟୀ କଲେଜ ଭବନ ନିର୍ମାଣ ହେଲେ ଅଞ୍ଚଳରେ ଉଚ୍ଚଶିକ୍ଷାର ନୂଆ ଦିଗ ଖୋଲିବା ସହ ଗରିବ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

## ସାମାନ୍ୟ ବଚସାରୁ ହତ୍ୟା, ଜଣେ ଗିରଫ

**ସମ୍ବଲପୁର, ୧୬।୫ (ସମିସ):** ହତ୍ୟା ଅଭିଯୋଗରେ ହୀରାକୁଦ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ହୀରାକୁଦ ଥାନା ହରିଜନପଡ଼ା ଗଡ଼ମୁଣ୍ଡାର ଦିଲସାନ ଗୁହାଲ ଓରଫ ଗୁଲୁ(୧୯)। ପୁଲିସ ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ଯୋଶବନ୍ତ ବାଗଙ୍କ ସହ ଗୁଲୁର ସାମାନ୍ୟ ଝଗଡ଼ା ହୋଇଥିଲା। ଉତ୍ୟକ୍ତ ହୋଇ ଗୁଲୁ ଛୁରିରେ ଯୋଶବନ୍ତଙ୍କ ଛାତି ଓ ମୁଣ୍ଡକୁ ଆକ୍ରମଣ



କରି ଘଟଣାସ୍ଥଳରୁ ଫେରାର ମାରିଥିଲା। ଯୋଶବନ୍ତଙ୍କ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ପୁଲିସ ଅଭିଯୁକ୍ତ ଗୁଲୁକୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ବ୍ୟବହୃତ ଛୁରିକୁ ଜବତ କରିଛି।

## ସର୍ଡ଼ା ଜାତୀୟ ପଞ୍ଚାୟତ ସମ୍ମାନ ପାଇଁ ମନୋନୀତ

**ଜମନକିରା, ୧୬।୫ (ସମିସ):** ସମ୍ବଲପୁର ଜିଲ୍ଲା ସର୍ଡ଼ାପଞ୍ଚାୟତକୁ ଜାତୀୟ ପଞ୍ଚାୟତ ଆୱାର୍ଡ଼ ପାଇଁ ମନୋନୀତ କରାଯାଇଥିବା ନେଇ ବିଡିଓ ରବୀନ୍ଦ୍ର କୁମାର ସେଠୀ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୧୧୦୧୯.୧୮.୨୦୨୦ ତାରିଖ ୧୨.୦୫.୨୦୨୬ରେ ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସର୍ଡ଼ା ପଞ୍ଚାୟତକୁ ସ୍ୱତନ୍ତ୍ର ପରିବେଶ ସୁରକ୍ଷା ପଞ୍ଚାୟତ ଆୱାର୍ଡ଼ ୨୦୨୪-୨୫ ଆର୍ଥିକ ବର୍ଷରେ ମନୋନୀତ କରାଯାଇଛି।ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାତୀୟ ପଞ୍ଚାୟତ ଆୱାର୍ଡ଼ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଡ଼ିଶା ରାଜ୍ୟ ସରକାର ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସର୍ଡ଼ାପଞ୍ଚାୟତକୁ ଏହି ଆୱାର୍ଡ଼ରେ ସାମିଲ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦିଗଦର୍ଶନରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ତତ୍ତ୍ୱାବଧାନ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ରଙ୍କ ପରାମର୍ଶକ୍ରମେ ସର୍ଡ଼ାପଞ୍ଚାୟତରେ ପରିବେଶ ପ୍ରଦୂଷଣ ମୁକ୍ତ ନେଇ କାର୍ଯ୍ୟକ୍ରମ ଗତ ୨୦୨୪-୨୫ ରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବର୍ତ୍ତମାନ ଅବସ୍ଥାନ କରୁଥିବା ବିଡ଼ିଓ ସେଠୀଙ୍କ ନେତୃତ୍ୱରେ ଗତ କିଛି ମାସ ହେବ ଉକ୍ତ ପଞ୍ଚାୟତରେ ପରିବେଶ ସୁରକ୍ଷା ନେଇ ସୋଲାର ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇଥିଲେ। ସୋଲାର ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ, ସୋଲାର ଦ୍ୱାରା ବିଭିନ୍ନ ପ୍ରକାରର ଲାଇଟ୍ ବ୍ୟବସ୍ଥା, ଆଲୋକିକରଣ, ରନ୍ଧନ ପ୍ରକ୍ରିୟା, ମୋଟର ପମ୍ପ ଦ୍ୱାରା ଜଳ ଯୋଗାଣ ପ୍ରଭୃତି ବହୁଳ ଭାବେ ପ୍ରଚଳନ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଖରିଫ ଓ ରବି ଚାଷ ପାଇଁ ଜୈବିକ ପଦ୍ଧତିରେ ଚାଷ କାର୍ଯ୍ୟ କରେଇବା ଭଳି ଯୋଜନା ଆରମ୍ଭ କରାଯାଇଥିଲା। ଏଥିସହ ବନ ବିଭାଗ ସହାୟତାରେ ବ୍ୟାପକ ବୃକ୍ଷ ରୋପଣ କରାଯାଇଛି। ସର୍ଡ଼ା ପଞ୍ଚାୟତ ବଣ ପାହାଡ଼ ଘେରା ପ୍ରାକୃତିକ ଜଙ୍ଗଲ ଭରା ପରିବେଶ ହୋଇଥିବା ବେଳେ ୧୧ ବର୍ଷ ତଳେ ତତ୍କାଳୀନ ସମ୍ବଲପୁର ଲୋକସଭା ସାଂସଦ ନଗେନ୍ଦ୍ର ପ୍ରଧାନ ଏବଂ ତତ୍କାଳୀନ ସମ୍ବଲପୁର ଜିଲ୍ଲାପାଳ ବଳବନ୍ତ ସିଂ ଏହି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଥିଲେ।ସର୍ଡ଼ା ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ହୋଇ ଥିଲେ ହେଁ ଏଠାରେ ସୋଲାର ଲାଇଟ୍ ଲୋକେ ବ୍ୟବହାର କରୁଛନ୍ତି। ଉକ୍ତ ପଞ୍ଚାୟତ ୫ଟି ଯାକ ଗ୍ରାମରେ ପ୍ରତି ପରିବାରକୁ ସୋଲାର ବିଦ୍ୟୁତ୍ ଯୋଗାଇ ଦେବାକୁ ସ୍ୱତନ୍ତ୍ର ସୌରଶକ୍ତି ପ୍ରକଳ୍ପ ପାଇଁ ସେ ସମୟରେ ଜାତୀୟ ଦଳ ଅନୁଧ୍ୟାନ କରିଥିଲଶ। ବର୍ତ୍ତମାନ ସର୍ଡ଼ା ପଞ୍ଚାୟତ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ପଞ୍ଚାୟତ ଆୱାର୍ଡ଼ ପାଇଁ ମନୋନୀତ ହୋଇ ପାରିଛି।

# ଏଆଇ ଫର୍ ଓଡ଼ିଶା ଶୁଭାରମ୍ଭ

**ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ**

ସମ୍ବଲପୁର, ୧୬।୫(ସମିସ)

ଆଇଆଇଏମ୍ ସମ୍ବଲପୁର ଓ ଆଇଆଇଏମ୍ ଅହମ୍ମଦାବାଦ ସହଯୋଗରେ ନୂତନ ଭାବେ ଆରମ୍ଭ ହୋଇଥିବା ଏଆଇ ଫର୍ ଓଡ଼ିଶା ଅଭିଯାନ ଅଧୀନରେ ଏକ ଏଆଇ କର୍ମଶାଳାର ଆୟୋଜନ କରିଛି। ଆଇଆଇଏମ୍ ସମ୍ବଲପୁରରେ ଆୟୋଜିତ କର୍ମଶାଳାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଏଆଇ: ସ୍ଥାନୀୟ ବଜାରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଶୀର୍ଷକ ଏହି ବ୍ୟବହାରିକ ଏଆଇ ସଚେତନତା କର୍ମଶାଳା, ସ୍ଥାନୀୟ ଉଦ୍ୟୋଗୀ ଏବଂ କ୍ଷୁଦ୍ର ଶିଳ୍ପଗୁଡ଼ିକୁ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ଆଗକୁ ବଢ଼ିବା ପାଇଁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଇଛି। ବ୍ୟବସାୟୀ, ଏମଏସ୍ଏମଇ ଏବଂ ଉଦ୍ୟୋଗୀମାନେ କିପରି ସ୍ଥାୟୀ ବିକାଶ, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଜାତୀୟସ୍ତରରେ




ପ୍ରତିଯୋଗିତାମୂଳକ ମନୋଭାବ ବଜାୟ ରଖିବା ପାଇଁ ଏଆଇର ଉପଯୋଗ କରିପାରିବେ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପଶ୍ଚିମ ଓଡ଼ିଶାର ୩୫୦ରୁ ଅଧିକ ସ୍ଥାନୀୟ ଶିଳ୍ପ ପ୍ରତିନିଧି କର୍ମଶାଳାରେ ଯୋଗ ଦେଇଥିଲେ।

କର୍ମଶାଳାରେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲ, ଆଇଆଇଏମ୍ ଅହମ୍ମଦାବାଦର ନିର୍ଦ୍ଦେଶକ ପ୍ରଫେସର ଭରତ ଭାସ୍କର, ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ଆଇଆଇଏମଏ ଭେଞ୍ଚର୍ସର ଫାଉଣ୍ଡର ଲର୍ଣ୍ଣିଂ ସୁଶ୍ରୀ ଅଙ୍କୁର ସୋହନପାଲ ଏବଂ ଏଆଇ ଫର ଓଡ଼ିଶାର ଇକୋସିଷ୍ଟମ ପାର୍ଟନର ଗୋପାଳ ଶାହ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜୋହୋରୁ ଶଙ୍କର ଆରଏନଏସ, କ୍ଲଡ୍, ଜେମିନି ମାଇକ୍ରୋସଫ୍ଟର ବିଜନେସ ୟୁନିଟ ହେଡ୍ ସୁଶ୍ରୀ ଶ୍ରୁତି ବିଜାୱତ, ବେରିୱାଇଜର ସହପ୍ରତିଷ୍ଠାତା ଓ ସିଇଓ ହର୍ଷିତ ଠାକର ଏବଂ ଭିଜିଟିର ପ୍ରତିଷ୍ଠାତା ଓ ସିଇଓ ଅମୀଷ ଠାକର ମଧ୍ୟ ଉପସ୍ଥିତ ଥିଲେ।ପ୍ରଫେସର ଜୈସୱାଲ କହିଛନ୍ତି, ଭାରତର ଜିଡିପିରେ ଏମଏସଏମଇର ଯୋଗଦାନ ୩୦ ପ୍ରତିଶତ ଏବଂ ଏହା ଭାରତରେ ୬୭ ପ୍ରତିଶତ କର୍ମସଂସ୍ଥାନ ସୃଷ୍ଟି କରିଥାଏ, ଯାହା ଏହାକୁ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ ଭାବେ ଗଢ଼ିତୋଳିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଭାରତ ନିଜର ଜିଡିପିକୁ ଦ୍ୱିଗୁଣିତ କରିବା ଦିଗରେ ଅଗ୍ରସର ହେଉଥିବା ବେଳେ, କୃତ୍ରିମ ବୁଦ୍ଧିମତ୍ତା କ୍ଷୁଦ୍ର ବ୍ୟବସାୟଗୁଡ଼ିକ ପାଇଁ ଏକ ପରିବର୍ତ୍ତନକାରୀ ମାଧ୍ୟମ ସାଜିବ। ପ୍ରଫେସର ଭରତ ଭାସ୍କର କହିଛନ୍ତି, ଏହି ଏଆଇ କର୍ମଶାଳାକୁ ଏକ ବ୍ୟବହାରିକ ଢଙ୍ଗରେ ପ୍ରସ୍ତୁତ କରାଯାଇଛି ଯାହାଦ୍ୱାରା ଏମଏସଏମଇଗୁଡ଼ିକ ଦୈନନ୍ଦିନ ଭିତ୍ତିରେ ଉପକୃତ ହୋଇପାରିବେ। ଏଆଇ ଟୁଲ୍ସ ସାହାଯ୍ୟରେ ଉଦ୍ୟୋଗୀମାନେ କେବଳ ନୂତନ ଗ୍ରାହକ ଚିହ୍ନଟ କରିବା ଏବଂ ଗ୍ରାହକଙ୍କ ବ୍ୟବହାରକୁ ବିଶ୍ଳେଷଣ କରିବା ନୁହେଁ, ବରଂ ପୁରୁଣା ଗ୍ରାହକମାନଙ୍କୁ ଚିହ୍ନଟ କରିବା ସହ ଯୋଗାଣକାରୀ ଏବଂ ବ୍ୟବସାୟିକ କାର୍ଯ୍ୟକଳାପକୁ ସହଜ ଓ ସରଳ କରିପାରିବେ।

## ସରକାରୀ ଡିଗ୍ରୀ କଲେଜରେ ହେଉନି କୋଠା ନିର୍ମାଣ

# ୨ଶହ ଛାତ୍ରଛାତ୍ରୀଙ୍କୁ ୩ ଶ୍ରେଣୀଗୃହ

ଥୁଆମୂଳରାମପୁର, ୧୬।୫(ସମିସ)



କଳାହାଣ୍ଡି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳରାମପୁର ବ୍ଲକରେ ଉଚ୍ଚଶିକ୍ଷାର ଚିତ୍ର ଦୟନୀୟ ଅବସ୍ଥାରେ ରହିଛି। ଦୀର୍ଘ ଦିନର ଦାବି ପରେ ସରକାରୀ ଡିଗ୍ରୀ କଲେଜ ସ୍ଥାପିତ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସ୍ଥାୟୀ କୋଠା ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଫଳରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶିକ୍ଷା କ୍ଷେତ୍ରରେ ଦୀର୍ଘଦିନର ଅବହେଳା ଥୁଆମୂଳରାମପୁର ବ୍ଲକ ଦୀର୍ଘଦିନ ଧରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଆସିଛି। ବିଶେଷକରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏଠାକାର ଗରିବ ଓ ଆଦିବାସୀ ପରିବାରର ଛାତ୍ରଛାତ୍ରୀ ଦୀର୍ଘବର୍ଷ ଧରି ଅସୁବିଧା ଭୋଗ କରୁଥିଲେ। ମାଟ୍ରିକ ପରେ ଉଚ୍ଚଶିକ୍ଷା ପାଇଁ ଭବାନୀପାଟଣା କିମ୍ବା ରାୟଗଡ଼ା ଭଳି ଦୂରସ୍ଥ ଅଞ୍ଚଳକୁ ଯିବାକୁ ପଡୁଥିବାରୁ ଅନେକ ଗରିବ ଛାତ୍ରଛାତ୍ରୀ ପାଠପଢ଼ା ଛାଡ଼ି ଦେଉଥିଲେ। ବେସରକାରୀ ପ୍ରୟାସରୁ ସରକାରୀ କଲେଜ ପର୍ଯ୍ୟନ୍ତ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଉଦ୍ୟମରେ ୧୯୯୭ ମସିହାରେ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତଦୁଇ କଲେଜ ସ୍ଥାପିତ ହୋଇଥିଲା। ପରେ ଏହା ବ୍ଲକଗ୍ରାଣ୍ଟ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଭାବେ ସ୍ୱୀକୃତି ପାଇଥିଲା। ଏହି କଲେଜ ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀ ଉଚ୍ଚମାଧ୍ୟମିକ ଶିକ୍ଷାର ସୁଯୋଗ ପାଇଥିଲେ। ତଥାପି ଡିଗ୍ରୀସ୍ତରର ଶିକ୍ଷା ପାଇଁ ଅଞ୍ଚଳରେ ସରକାରୀ କଲେଜ ନଥିବାରୁ ଯୁବପିଢ଼ିର ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଥିଲା। ଏହାକୁ ନେଇ ଦୀର୍ଘଦିନ ଧରି ଏକ ମଡେଲ ଡିଗ୍ରୀ କଲେଜ ସ୍ଥାପନ ପାଇଁ ଦାବି ହୋଇଆସୁଥିଲା। ଗତ ନବୀନ ପଟ୍ଟନାୟକଙ୍କ ସରକାରରେ ୪ ଜାନୁଆରୀ ୨୦୨୪ରେ ଥୁଆମୂଳରାମପୁର ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଅଞ୍ଚଳରେ ୧୮ଟି ନୂତନ ସରକାରୀ ଡିଗ୍ରୀ କଲେଜ ସ୍ଥାପନ ନେଇ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ। ପରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡରେ କଲେଜର ଉଦ୍‌ଘାଟନ ମଧ୍ୟ କରାଯାଇଥିଲା। କିନ୍ତୁ ଭିତ୍ତିଭୂମି ଅଭାବ ଏବେ ସମଗ୍ର ବ୍ୟବସ୍ଥାକୁ ପ୍ରଶ୍ନର ସମ୍ମୁଖୀନ କରିଛି। ବର୍ତ୍ତମାନ ସରକାରୀ ଡିଗ୍ରୀ କଲେଜଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଗୃହର ମାତ୍ର ଦୁଇଟି କୋଠରୀରେ ଚାଲୁଛି। ଏଠାରେ ତିନୋଟି ଶ୍ରେଣୀର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ପାଠପଢ଼ା କରୁଛନ୍ତି। କୋଠା ଅଭାବରୁ ନିୟମିତ ଶ୍ରେଣୀ ପରିଚାଳନାରେ ବାଧା ସୃଷ୍ଟି ହେଉଛି। କଲେଜରେ ଲାଇବ୍ରେରୀ, ପ୍ରୟୋଗଶାଳା, କମନ ରୁମ୍, ପାନୀୟ ଜଳ ଓ ଶୌଚାଳୟ ଭଳି ମୌଳିକ ସୁବିଧାର ଅଭାବ ମଧ୍ୟ ସ୍ପଷ୍ଟ ଭାବେ ଦେଖାଦେଇଛି। ବର୍ଷା ଦିନରେ ପରିସ୍ଥିତି ଆହୁରି ଜଟିଳ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। କଲେଜ ଭବନ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟାର ସୂଚନା ମିଳିଥିଲେ ମଧ୍ୟ ଆଜି ଯାଏ ଚୁଡାନ୍ତ ହେଇପାରିନି। କେବେ ଟେଣ୍ଡର ହେବ, କେବେ ନିର୍ମାଣ କାମ ଆରମ୍ଭ ହେବ ଏବଂ କେବେ ଛାତ୍ରଛାତ୍ରୀ ସ୍ଥାୟୀ କୋଠାରେ ପାଠ ପଢ଼ିବେ, ତାହାକୁ ନେଇ ଅଞ୍ଚଳରେ ନାନା ପ୍ରଶ୍ନ ଉଠୁଛି। ସ୍ଥାନୀୟ ବୁଦ୍ଧିଜୀବୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଶୀଘ୍ର ଶିଳାନ୍ୟାସ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସରକାରଙ୍କୁ ଦାବି କରିଛନ୍ତି। ସ୍ଥାୟୀ କଲେଜ ଭବନ ନିର୍ମାଣ ହେଲେ ଅଞ୍ଚଳରେ ଉଚ୍ଚଶିକ୍ଷାର ନୂଆ ଦିଗ ଖୋଲିବା ସହ ଗରିବ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

● ଭବାନୀପାଟଣାରେ କାଳବୈଶାଖୀ ତାଣ୍ଡବ

## ଉପୁଡ଼ିଲା ଗଛ, ଭାଙ୍ଗିଲା ଘର

ଭବାନୀପାଟଣା, ୧୬।୫(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଶନିବାର ଅପରାହ୍ନରେ କାଳବୈଶାଖୀର ପ୍ରଭାବରେ ରାସ୍ତା କଡର ବହୁ ଗଛ ଉପୁଡ଼ି ପଡ଼ିଛି। କେତେକ ଝାଟି ମାଟି ଘର ଭାଙ୍ଗିଯାଇଛି। ଅପରାହ୍ନ ସାଢେ ଦୁଇଟା ପରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ପବନ ସହ ବର୍ଷା ଓ ସାମାନ୍ୟ କୁଆପଥର ପଡ଼ିଥିଲା।



ପବନର ବେଗ ଅଧିକ ଥିବାରୁ ଅଧିକାଂଶ ସ୍ଥାନରେ ଛୋଟ ବଡ଼ ଗଛମାନ ଭାଙ୍ଗିଯାଇଛି, କେଉଁଠି ଉପୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ପବନ ଯୋଗୁଁ ସହରର ଷ୍ଟେଡ୍ୟୁ ନିକଟ ଟେଲିଫୋନ ଭବନ ପାଖରେ ଏକ ଗଛ ଭାଙ୍ଗି କାର୍ ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିପରି ସହରର ସତ୍ୟ ସାଇ ସ୍କୁଲ ଛକ ଟ୍ରାଫିକ ସିଗ୍ନାଲ ରେ ଲୋକଙ୍କୁ ଖରାରୁ ରକ୍ଷା ପାଇଁ କରାଯାଇ ଥିବା ଆଶ୍ରୟସ୍ଥଳ ମଧ୍ୟ ଭାଙ୍ଗି ଯାଇଛି ଓ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଖେଲ୍ ମେଳାର ମଞ୍ଚ ଓ ବ୍ୟାରିକେଡ୍ ସମ୍ପୂର୍ଣ ଭାଙ୍ଗି ଯାଇଛି। କାଳ ବୈଶାଖୀ ଯୋଗୁଁ ଗଛ ଗୁଡିକ ଭାଙ୍ଗି ଯାଇଥିବାରୁ ସହରରେ ବିଦ୍ୟୁତ୍ ସରବରାହ ମଧ୍ୟ ଅପରାହ୍ନରୁ ବନ୍ଦ ରହିଛି। ରାସ୍ତାରେ ଗଛ ଗୁଡିକ ପଡ଼ିଥିବାରୁ ଖବର ପାଇ ରାସ୍ତା ସଫା କରିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି। ସେହିପରି ଟିପିଡବ୍ଲୁଓ ଡିଏଲ ବିଭାଗ ପକ୍ଷରୁ ମଧ୍ୟ ବିଦ୍ୟୁତ ସଜଡା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ, ଗତ କିଛି ଦିନ ହେଲା ଭବାନୀପାଟଣା ସହରରେ ୪୩ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଥିବାବେଳେ ବିଶେଷଭାବେ ଆଜି ସକାଳୁ ପ୍ରବଳ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ବର୍ଷା ଯୋଗୁଁ ସ୍ଥାନୀୟ ଲୋକଙ୍କୁ ତାତି ଗୁଳୁଗୁଳିରୁ କିଛିଟା ଆଶ୍ୱସ୍ତି ମିଳିଛି।

● ସ୍ୱଚ୍ଛ ଶାସନର ନଗ୍ନ ନମୁନା

## ଯୋଗ୍ୟକୁ ମିଳୁନି, ଅଯୋଗ୍ୟକୁ ମିଳୁଛି ଭତ୍ତା



କଲମପୁର, ୧୬।୫(ସମିସ): ବୟସର ଅପରାହ୍ନରେ ଲୋକେ ଭତ୍ତା ଖଣ୍ଡିକ ପାଇବା ପାଇଁ କେତେ ନେହୁରା ହୋଇ ଘୁରି ବୁଲୁଛନ୍ତି। କାହା ଭାଗ୍ୟରେ ସଫଳତା ମିଳୁଛି ତ କାହା ଭାଗ୍ୟରେ ଆଦୌ ମିଳୁନାହିଁ। କାଗଜ ପତ୍ରରେ ସାମାନ୍ୟ ତୃଟି ରହିଥିଲେ ତାହା ଖାରଜ ହୋଇ ଯାଉଛି। ଏହା ପରେ ମଧ ଜଣେ ଯାଞ୍ଚିତ ପ୍ରମାଣପତ୍ର ଦାଖଲ ନ କରି ଭତ୍ତା ପାଇବାରେ ସଫଳ ହେଉଛି। ଏହା ହିଁ ସ୍ୱଚ୍ଛ ଶାସନର ସ୍ୱଚ୍ଛତା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି, ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷର ଘଟିଯାଇଥିବା ଦୁଇ ତିନୋଟି ଘଟଣାକୁ ନିରିଖେଇ ଦେଖିଲେ ପ୍ରଶାସନର ପାରିଲା ପଣିଆ ଆପେଆପେ ବାରି ହୋଇପଡ଼ିଛି। ଚଳିତ ବର୍ଷ ପ୍ରାରମ୍ଭରେ ବିଜେପିର ପୂର୍ବତନ ମଣ୍ଡଳ ସଭାପତିକୁ ସର୍ବସମ୍ମୁଖରେ ଭତ୍ତା ପ୍ରଦାନ କରାଗଲା, ସେହି ଦୃଶ୍ୟକୁ ଲୋକେ ଆଖି ତରାଟି ଦେଖିଥିଲେ। ସେଠାରେ ଗୁଞ୍ଜରଣ ସୃଷ୍ଟି ହୋଇଥିଲା, ଲୋକେ ଚର୍ଚ୍ଚା କରିଥିଲେ ଗାଁର ଗୌନ୍ତିଆ, ଖାଦ୍ୟପେୟର ଅଭାବ ନାହିଁ, ଏଭଳି ବ୍ୟକ୍ତି କିଭଳି ଭତ୍ତା ପାଇବାରେ ସକ୍ଷମ ହେଲେ, ଯଦି ଏମାନେ ଗରିବ ତେବେ ମଳିମୁଣ୍ଡିଆକୁ କଣ କୁହାଯିବ, ଏପ୍ରସଙ୍ଗ ମନରୁ ନ ଲିଭୁଣୁ ପୁଣି ପ୍ରଶାସନ ଆଉ ଏକ ଫର୍ଦ ଯୋଡିଦେଲା, ଏଥର ଜଣେ ଅବସରପ୍ରାପ୍ତ ଚାକିରିଆ ଦମ୍ପତିଙ୍କୁ ଭତ୍ତା ଯୋଗାଇ ଦେଲା। ଆର୍ଥିକସ୍ୱଚ୍ଛଳ ବ୍ୟକ୍ତିଙ୍କ ଭିତରେ ସେମାନେ ଗଣା ହୋଇ ଆସୁଛନ୍ତି, ଏହା ପରେ ଜଣେ ଯାଞ୍ଚିତ ଛାଡ଼ପତ୍ର ଦାଖଲ କରିନଥିବା ମହିଳାଙ୍କୁ ସ୍ୱାମୀ ପରିତ୍ୟକ୍ତା ଭତ୍ତା ଯୋଗାଇ ଦେଲା। ଏଠାରେ ପ୍ରଶ୍ନ ହେଉଛି ଏହା ସମ୍ଭବ ହେଉଛି କିପରି, କଣ ରହିଛି ଏହାର ଅସଲ ରହସ୍ୟ ତାହାହିଁ ତଦନ୍ତ ସାପେକ୍ଷ, ବିଗତ ଦିନରେ ପୂର୍ବତନ ଜନୈକା ସରପଞ୍ଚ ଏହି ଅଞ୍ଚଳରେ ଭତ୍ତା ଯୋଗାଣରେ ବ୍ୟାପକ ଅନିୟମିତତା ହେଉଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକଙ୍କ ଠାରେ ଅଭିଯୋଗ କରିଥିଲେ। ଏ ସମୟରେ ବିଭିନ୍ନ ଗଣମାଧ୍ୟମରେ ସଧବା ପାଉଛି ବିଧବା ଭତ୍ତା ଶିର୍ଷକ ଖବର ପ୍ରସାରିତ ହୋଇ ଅଞ୍ଚଳରେ ହଇଚଇ ସୃଷ୍ଟି କରିଥିଲା। ଏନେଇ ବ୍ଲକ ସାମାଜିକ ସୁରକ୍ଷା ବିଭାଗର ପ୍ରତିକ୍ରିୟା ନେବା ବେଳେ ବିଭାଗୀୟ କିରାଣୀ ଆମ ପାଖକୁ ଅନଲାଇନ ଯୋଗେ ଆବେଦନ ଆସୁଛି, ଆମେ ତାହା ଛାଡି ଦେଉଛୁ, ଆମ ହାତରେ କିଛି ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ତେବେ ଖବର ପ୍ରସାରଣ ପରେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ପୁରୁଣା ପେଟ୍ରୋଲକୁ ନୂଆ ଦରରେ ବିକ୍ରି ପାଇଁ ମସୁଧା



ଗଚ୍ଛିତ ରଖି ଦେଲେନି ପେଟ୍ରୋଲ, ଗ୍ରାହକ ହନ୍ତସନ୍ତ

ଗୋଲାମୁଣ୍ଡା, ୧୬।୫ (ସମିସ): ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ସମଗ୍ର ଭାରତରେ ଏବେ ପେଟ୍ରୋଲ ଓ ଡିଜେଲ କୁ ନେଇ ଅଚଳାବସ୍ଥା ଜାରି ରହିଛି। ବାହାର ଦେଶରୁ ତୈଳ ଆମଦାନୀ ହୋଇପାରୁ ନଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ମଧ୍ୟ ପେଟ୍ରୋଲ ଡିଜେଲ କମ ଖର୍ଚ୍ଚ କରିବା ପାଇଁ ଜନସାଧାରଣଙ୍କୁ କହିଲେଣି। ଏହାରି ଭିତରେ ଅନେକ ପେଟ୍ରୋଲ ପମ୍ପରେ ତାଲା ଝୁଲିବା ଆରମ୍ଭ ହେଲାଣି। ଫଳରେ ଗାଡି ଚାଳକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପଟେ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ମହଜୁଦ ଥିବା କହୁଥିବା ବେଳେ ଖାଉଟି ମାନଙ୍କୁ ପେଟ୍ରୋଲ ପମ୍ପ ମାଲିକଙ୍କ ଦାଦାଗିରି ଦେଖିବାକୁ ମିଳିଛି। ଅନେକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ମହଜୁଦ ଥିଲେ ସୁଦ୍ଧା ଦେଉନାହାନ୍ତି। ବିଭିନ୍ନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପାଇଁ ଲୋକ ପାହାନ୍ତିଆରୁ ଲାଇନ ଲାଗିଛନ୍ତି, ତଥାପି ମିଳୁନାହିଁ। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଦଶପୁର ପେଟ୍ରୋଲ ପମ୍ପ ମାଲିକଙ୍କ ଗରିବ ମାରଣ ନୀତି ଦେଖିବାକୁ ମିଳିଥିଲା। ପେଟ୍ରୋଲ ପମ୍ପରେ ପେଟ୍ରୋଲ ଗଚ୍ଛିତ ରଖିଥିଲେ, ହେଲେ ଲୋକେ ପାହାନ୍ତିଆରୁ ପେଟ୍ରୋଲ ପାଇଁ ଲାଇନ ଲାଗିଥିଲେ ମଧ୍ୟ ପେଟ୍ରୋଲ ଦେଲେ ନାହିଁ। ଯେହେତୁ ସରକାର ପେଟ୍ରୋଲ ଲିଟର ପିଛା ୩ ଟଙ୍କା ବୃଦ୍ଧି କରିଥିଲେ। ତାହାର ଫାଇଦା ନେବା ପାଇଁ ପେଟ୍ରୋଲ ପମ୍ପ ମାଲିକ ଲୋକଙ୍କୁ ପେଟ୍ରୋଲ ଦେଲେ ନାହିଁ। ପରବର୍ତ୍ତୀ ସମୟରେ ଟଙ୍କା ବୃଦ୍ଧି ପରେ ପୁରୁଣା ପେଟ୍ରୋଲକୁ ନୂଆ ଦରରେ ବିକ୍ରି କରିଥିଲେ। ଯାହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ବ୍ଲକ ଯୋଗାଣ ଅଧିକାରୀ ମୁରଲୀଧର ହେସାଙ୍କୁ ପଚାରିବାରୁ ଏ ବାବଦରେ ମୁଁ ଜାଣି ନାହିଁ, ତଦନ୍ତ କରି କହିବି ବୋଲି କହିଥିଲେ।

### ଜନତା ଶୋଷରେ; ପ୍ରଶାସନ ଚୁପ୍

## ୨ ମାସ ହେଲା ଅଚଳ ଓଭରହେଡ଼ ପାଣି ଟାଙ୍କି



କୋକସରା, ୧୬।୫(ସମିସ): ବର୍ତ୍ତମାନ ସାରା ରାଜ୍ୟରେ ଅସହ୍ୟ ତାତି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗ୍ରୀଷ୍ମର ପ୍ରକୋପ ଯୋଗୁଁ ନଈ, ନାଳ ସବୁ ଶୁଖିଲା ପଡ଼ିଥିବା ବେଳେ ଟୋପାଏ ପାଣି ପାଇଁ ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସଭିଏଁ କଲବଲ ହେଉଛନ୍ତି। ଏଭଳି ସ୍ଥିତିରେ କୋକସରା ବ୍ଲକ ଡାଲଗୁମା ଗ୍ରାମରେ ପାନୀୟ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରାୟ ୨ ମାସ ହେବ ଗ୍ରାମରେ ଥିବା ଓଭରହେଡ୍ ପାଣି ଟାଙ୍କି ଅଚଳ ହୋଇପଡ଼ି ରହିଥିବାରୁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ ଦ୍ୱାରା ପରିଚାଳିତ ଏହି ଓଭରହେଡ୍ ପାଣି ଟାଙ୍କି ମାଧ୍ୟମରେ ଡାଲଗୁମା ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ପ୍ରାୟ ୨୫ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ଲୋକେ ପାନୀୟଜଳ ପାଇଁ ସମ୍ପୂର୍ଣ୍ଣ ଭାବେ ଟାଙ୍କି ଉପରେ ହିଁ ନିର୍ଭର କରିଥାନ୍ତି। ତେବେ ନିର୍ମାଣ ଦିନଠାରୁ ଏହି ପ୍ରକଳ୍ପଟି ଠିକ୍‌ଠାକ ଭାବେ କାର୍ଯ୍ୟ କରୁଥିଲେ ସୁଦ୍ଧା, ସାମ୍ପ୍ରତିକ ସମୟରେ ଚୋରଙ୍କ ପ୍ରଦୂର୍ଭାବ ଯୋଗୁଁ ଅଚଳ ହୋଇପଡ଼ିଛି। ପାଣି ଟାଙ୍କିରୁ ବାରମ୍ବାର କେବୁଲ୍ ତାର ଚୋରି ହେଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ ଚୋରମାନଙ୍କୁ ଧରିବାରେ ସକ୍ଷମ ହେଉ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ସମେତ କୋକସରା ଅଞ୍ଚଳରେ ତାପମାତ୍ରା ୩୮ ଡିଗ୍ରୀରୁ ଉର୍ଦ୍ଧ୍ୱ ରହୁଛି। ଏହି ପ୍ରଚଣ୍ଡ ରୌଦ୍ରତାପ ମଧ୍ୟରେ ଡାଲଗୁମା ଗ୍ରାମବାସୀ ପାଣି ପାଇଁ ଡହକ ବିକଳ ହେଉଥିବା ବେଳେ ପ୍ରଶାସନ ନିଦ୍ରାରେ, ଜନତା ଶୋଷରେ ଛଟପଟ ହେଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଓଭରହେଡ୍ ପାଣି ଟାଙ୍କିର ମରାମତି କରିବା ସହ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଡ଼ାଲଗୁମା ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଡାଲଗୁମା ପିଇଓ ଦାମୋଦର ବେମାଲଙ୍କ ପ୍ରତିକ୍ରିୟା ନେବାରୁ ବାରମ୍ବାର ଚୋରି ଯୋଗୁଁ ଏଭଳି ପରିସ୍ଥିତି ହୋଇଛି, ଆମେ ଥାନା ଦ୍ୱାରସ୍ଥ ମଧ୍ୟ ହୋଇଛୁ ବୋଲି କହିଥିଲେ। ସେହିପରି କୋକସରା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଫନିନ୍ଦ୍ର ଆର୍କାଙ୍କ ପ୍ରତିକ୍ରିୟା ନେବାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି, ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ସ୍ମୃତି ରଥ ବିକଶିତ ଭାରତ ଯୁବ ସଂସଦ ମହୋତ୍ସବ ପ୍ରତିନିଧି



ଭବାନୀପାଟଣା, ୧୬।୫ (ସମିସ): ଭବାନୀପାଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ଯେ, ବିଦ୍ୟାଳୟର ୨୦୨୪ ମସିହାର ଦ୍ୱାଦଶ ଶ୍ରେଣୀର ପୂର୍ବତନ ଛାତ୍ରୀ ସ୍ମୃତି ରଥ 'ବିକଶିତ ଭାରତ ଯୁବ ସଂସଦ ମହୋତ୍ସବ-୨୦୨୬'ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବା ପାଇଁ ଚୟନିତ ହୋଇଛନ୍ତି। ସେ ଭାରତୀୟ ସଂସଦରେ ନିଜ ମତ ପ୍ରକାଶ କରିବାର ସୁଯୋଗ ପାଇବେ। ବର୍ତ୍ତମାନ ସ୍ମୃତି ରଥ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଅଛନ୍ତି। ସ୍ମୃତିଙ୍କ ଏହି ସଫଳତା ତାଙ୍କର ଆତ୍ମବିଶ୍ୱାସ, ନେତୃତ୍ୱ ଗୁଣ, ଭାଷଣ କଳା ଏବଂ ଦେଶପ୍ରତି ଅତୁଟ ସମର୍ପଣକୁ ପ୍ରକାଶ କରୁଛି। ଏହି ଅବସରରେ ସ୍ମୃତି ରଥ କହିଛନ୍ତି ଯେ, ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ତାହାର ପଛରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଅବଦାନ ଅପାର। କେଭିଏସ୍ ମୋତେ ଏମିତି ଗଢ଼ିଛି ଯାହା ମୋତେ ଏହି ସ୍ଥାନକୁ ନେଇଆସିଛି। ତାଙ୍କର ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ଭୀମସେନ ପଣ୍ଡା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଏବଂ କଳାହାଣ୍ଡି ଜିଲ୍ଲାବାସୀ ଗର୍ବିତ ଅନୁଭବ କରିଛନ୍ତି। ସ୍ମୃତିଙ୍କ ଭବିଷ୍ୟତ ପାଇଁ ଅନେକ ଶୁଭେଚ୍ଛା ଜଣାଇଛନ୍ତି।

## ରାସ୍ତାକଡ଼ରୁ ବେଆଇନ ଦୋକାନ ଉଚ୍ଛେଦ



ଜୁନାଗଡ଼, ୧୬।୫(ସମିସ): ଜୁନାଗଡ଼ ୨୬ ନମ୍ବର ଜାତୀୟ ରାଜପଥ ଡ୍ରେନ୍ ଉପରେ ଥିବା ବେଆଇନ ଅବରୋଧ ଗୁଡ଼ିକୁ ପ୍ରଶାସନ ଉଚ୍ଛେଦ କରିଛି। ଅବରୋଧ ଫଳରେ ଜୁନାଗଡ଼ରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିଲା। ଶନିବାର ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲାଙ୍କ ନିର୍ଦ୍ଦେଶରେ ତହସିଲଦାର ରଘୁନାଥ ମୁଣ୍ଡାରୀ ଓ ଏନ୍‌ଏସି ଅଧିକାରୀ ପ୍ରମୋଦ କୁମାର ଖିଲୋଙ୍କ ନେତୃତ୍ୱରେ ଉଚ୍ଛେଦ ଅଭିଯାନ ଚାଲିଥିଲା। ଏକ ମାସ ପୂର୍ବରୁ ନୋଟିସ୍ ଦିଆଯାଇଥିଲେ ବି କିଛି ବ୍ୟବସାୟୀ ଅବରୋଧ ହଟାଇ ଥିବା ବେଳେ କିଛି ବ୍ୟବସାୟୀ ନହଟାଇବାରୁ ପ୍ରଶାସନ ଉଚ୍ଛେଦ କରିଛି। ଘଟଣାସ୍ଥଳରେ ଧର୍ମଗଡ଼ ଏସ୍‌ଡିପିଓ ଭର୍ଶିଥା ଆଡେପୁ, ଥାନା ଅଧିକାରୀ ଶେଷଦେବ ବେହେରାଙ୍କ ସମେତ ବହୁ ପୁଲିସ ଫୋର୍ସ ମୁତୟନ ଥିଲେ।

## ସ୍ୱାଧାର ଗୃହରେ ସାବିତ୍ରୀ ବ୍ରତ



ନୂଆପଡ଼ା/କୋମନା, ୧୬।୫(ସମିସ): ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଯେତେ କଳିତକରାଳ ହେଲେ ବି ହିନ୍ଦୁ ରୀତିନୀତି ଅନୁସାରେ ଅଗ୍ନିକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହେଲା ଦିନ ଠାରୁ ଦୁହେଁ ସାବିତ୍ରୀ ସତ୍ୟବାନ ବୋଲି ଗ୍ରହଣ କରିଥାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଦର ମହକୁମାରେ ଥିବା ସ୍ୱାଧାର ଗୃହରେ ଦେଖିବାକୁ ମିଳିଥାଏ। ଏଠାରେ ସ୍ୱାମୀ ନିର୍ଯାତିତା ତଥା ପରିତ୍ୟକ୍ତା ମହିଳାମାନେ ନିଜ ନିଜ ଢଙ୍ଗରେ ସାବିତ୍ରୀ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଛି। ନୂଆପଡ଼ା ଜିଲ୍ଲା କୋମନା ସ୍ୱାଧାର କେନ୍ଦ୍ରରେ ସ୍ୱାମୀର ଦୀର୍ଘାୟୁ କାମନା କରି ସ୍ୱାମୀ ନିର୍ଯାତିତା ମହିଳାମାନେ ସ୍ୱାଧାର କେନ୍ଦ୍ର ପରିସରରେ ସ୍ଥାନୀୟ ସଧବା ନାରୀମାନଙ୍କ ସହ ପାଳନ କରିଛନ୍ତି ସାବିତ୍ରୀ ବ୍ରତ। ଯେତିକି ମାନସିକ ଯନ୍ତ୍ରଣାରେ ଥାଆନ୍ତୁ ନା କାହିଁକି ମନକୁ ମଜବୁତ କରି ମୁହଁରେ ହସ ଫୁଟାଇ ପାଳନ କରିଥିଲେ ବ୍ରତ। ସବୁ ପୂଜା ସାମଗ୍ରୀ ଯୋଗାଇ ଦେଇଥିଲେ ସ୍ୱାଧାର ଗୃହ ପରିଚାଳକ। ସେମାନଙ୍କ ସ୍ୱାମୀ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଭଲରେ ଥିବେ, ତାଙ୍କର ଦୀର୍ଘାୟୁ କାମନା କରିଛୁ ବୋଲି ବ୍ରତ ଧାରୀ ମହିଳା ପ୍ରକାଶ କରିଛନ୍ତି। ଅନୁଷ୍ଠାନର ପରିଚାଳିକା ସୋନାଲୀ ପାଣିଗ୍ରାହୀ କହିଛନ୍ତି ଯେ, ଗତ ୨୦୧୦ ମସିହାରୁ ସ୍ୱାମୀ ନିର୍ଯାତିତା ମହିଳାମାନେ ପ୍ରତି ବର୍ଷ ସାବିତ୍ରୀ ଅମାବାସ୍ୟାରେ ସ୍ୱାମୀର ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରୁଛନ୍ତି। ମହିଳାମାନେ ନିଜେ କିଛି କିଛି ପୂଜା ସାମଗ୍ରୀ ବ୍ୟବସ୍ଥା କରି ଥିବା ବେଳେ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଆବଶ୍ୟକ ପୂଜା ସାମଗ୍ରୀ ଯୋଗାଇ ଦିଆଯାଇଛି।

## କୋମନା ସାହିତ୍ୟ ସଂସଦର ସ୍ୱତନ୍ତ୍ର ବୈଠକ



ନୂଆପଡ଼ା, ୧୬।୫(ସମିସ): ନୂଆପଡ଼ା ଜିଲ୍ଲା କୋମନା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ମିଶନ କେଫେ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରବୋଧ କୁମାର ହୋତା ସଭାପତିତ୍ୱ କରିଥିଲେ। ଚଳିତ ବର୍ଷ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ବିଶେଷ ଆଲୋଚନା ହୋଇଥିଲା। ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠାନର ମୁଖପତ୍ର ପ୍ରକାଶନ ଲାଗି ଆଲୋଚନା ହୋଇଥିଲା। ମୁଖ ପାତ୍ରରେ ବିଶେଷ କରି ଓଡ଼ିଆ, କୋଶଳୀ, ଇଂରାଜୀ ଓ ହିନ୍ଦୀ କ୍ଷୁଦ୍ର କବିତା ସ୍ଥାନ ପାଇବ। ସାରସ୍ୱତ ସାଧକମାନେ ଜୁନ ୧୦ ତାରିଖ ସୁଦ୍ଧା ନିଜ ନିଜ ଲିଖିତ କବିତା ଡିଟିପି କରି ମୁଖପତ୍ରର ସଂଯୋଜକ ମାୟାଧର ସରାଫଙ୍କ ହ୍ୱାଟ୍ସଆପ ନମ୍ବର ୯୫୫୬୭୩୩୯୩୩ରେ ପଠାଇବାକୁ ଅନୁରୋଧ କରାଯାଇଛି। କବିତାଗୁଡ଼ିକ ଦୀର୍ଘ ନ ହୋଇ କ୍ଷୁଦ୍ର ହେଲେ ଅନେକ କବିଙ୍କ କବିତା ପ୍ରକାଶିତ ହୋଇ ପାରିବ। ସ୍ୱତନ୍ତ୍ର ବୈଠକରେ ମୁଖପତ୍ରର ମୁଖ୍ୟ ସମ୍ପାଦକ ପ୍ରବୋଧ କୁମାର ହୋତା, ସମ୍ପାଦକ ମଣ୍ଡଳୀର ମାୟାଧର ସରାଫ, ରଜତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ।

# ରାମଚନ୍ଦ୍ରପୁରକୁ ପୂର୍ଣ୍ଣାଙ୍ଗ ରେଳଷ୍ଟେସନ ଦାବି





ଲାଞ୍ଜିଗଡ଼, ୧୬।୫(ସମିସ)

● କୁହୁଳୁଛି ଜନ ଅସନ୍ତୋଷର ନିଆଁ
● ବିରାଟ ଜନ ଆନ୍ଦୋଳନ, ରେଳରୋକ ପାଇଁ ପ୍ରସ୍ତୁତି

ପୂର୍ବତଟ ରେଳପଥ ଲାଞ୍ଜିଗଡ଼ରୋଡ଼-ଜୁନାଗଡ଼ ରେଳ ଲାଇନର ରାମଚନ୍ଦ୍ରପୁର ପାସେଞ୍ଜର ହଲଟରେ ଏକ୍ସପ୍ରେସ ଟ୍ରେନ ରହଣୀ ବାତିଲକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଟ୍ରେନ ରହଣୀ ନକଲେ ତୀବ୍ର ଜନଆନ୍ଦୋଳନର ସଂକେତ ମିଳୁଥିବା ବେଳେ ପ୍ରାଥମିକ ପର୍ଯ୍ୟାୟରେ ଏକ ପ୍ରତିନିଧି ଦଳ ସମ୍ବଲପୁର ରେଳ ମଣ୍ଡଳ ଅଧିକ୍ଷକ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଦାବିପତ୍ର ଦେବା ସହିତ ଆଲୋଚନା କରିଛନ୍ତି। ତେବେ ଟ୍ରେନ ଚଳାଚଳ ଅଞ୍ଚଳବାସୀଙ୍କ ପାଇଁ ଏକ ଆବଶ୍ୟକତା ହୋଇଥିବା ବେଳେ ଆଜି ପ୍ରାୟ ୩୦ ଖଣ୍ଡ ଗାଁରଲୋକେ ସଭାରେ ଏକତ୍ରିତ ହୋଇଥିଲେ। କଳାହାଣ୍ଡି ରେଳଯାତ୍ରୀ ସଂଘ, ରାମଚନ୍ଦ୍ରପୁର ୟୁନିଟର ଡାକରାରେ ଶୁକ୍ରବାର ରାମଚନ୍ଦ୍ରପୁର ବଜାର ପଡ଼ିଆରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ଲୋକଙ୍କ ସମାବେଶ ହୋଇଥିଲା। କଳାହାଣ୍ଡି ରେଳଯାତ୍ରୀ ସଂଘର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଭାକୁ ସମ୍ବୋଧନ କରିଥଲେ। କଳାହାଣ୍ଡି ରେଳଯାତ୍ରୀ ସଂଘ, ରାମଚନ୍ଦ୍ରପୁର ୟୁନିଟର ସଭାପତି ପ୍ରଭାତ ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା କିଶୋର କୁମାର ପୁରୋହିତ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସଂଘର ଅନ୍ୟତମ ଉପଦେଷ୍ଟା ସମାଜସେବୀ ଦିଲୀପ ମିଶ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ପୂର୍ବତନ ଟିଡ଼ିସିସି ଅଧ୍ୟକ୍ଷ ଡମ୍ବରୁଧର ମାଝୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ସଞ୍ଜୀବ କୁମାର ପଣ୍ଡା, ବରିଷ୍ଠ ନାଗରିକ ଚକ୍ରଧର ପଣ୍ଡା, ଅଶୋକ ପାଢ଼ୀ, ଶୋଭାବନ ଛତର, ପ୍ରସନ୍ନ କୁମାର ପରିଡ଼ା, ମୋହନ ବିଶ୍ୱାଳ, ଅଶୋକ ପରିଡ଼ା, ଶମ୍ଭୁପ୍ରସାଦ ସାହୁ, ଜ୍ୟୋତିଷ ପଣ୍ଡା, ବୀରେନ କୁମାର ପଣ୍ଡା, ମାଧବ ଦାସ, ଅଶୋକ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ରେଳଯାତ୍ରୀ ସଂଘର ସାଧାରଣ ସମ୍ପାଦକ ସୁଶୀଲ କୁମାର ବାଗ ସଭା ପରିଚାଳନା କରିଥିବାବେଳେ ଉମାଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଲମ୍ବୋଦର ପତି, ହୃଷିକେଶ ବଗର୍ତ୍ତି, ବିକ୍ରମ ଛତ୍ରିଆ, ସୁବଳ ଭୋଇ, ରାଜକୁମାର ମାଝୀ, ବିକାଶ ଦୁର୍ଗା, କୈଳାସ ଗଉଡ଼, ଶିବା ଗଉଡ଼, ଡୋଳେଶ୍ୱର ଛତ୍ରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାମଚନ୍ଦ୍ରପୁର ପାସେଞ୍ଜର ହଲଟକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା, ଭୁବନେଶ୍ୱର- ଜୁନାଗଡ଼-ଭୁବନେଶ୍ୱର ଏକ୍ସପ୍ରେସ ଓ ରାୟପୁର-ଜୁନାଗଡ଼-ରାୟପୁର ଡିଏମ୍ୟୁ ଟ୍ରେନର ରହଣୀ ପୁନଃ କାର୍ଯ୍ୟକ୍ଷମ କରିବା ଆଦି ଦାବି ନେଇ ଅଞ୍ଚଳର ପାଞ୍ଚଶହରୁ ଉର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ଶହ ଶହ ମହିଳା ଟ୍ରେନ ଚଳାଚଳ ଓ ରହଣୀକୁ ନେଇ ନିଜର ଭାବାବେଗ ପ୍ରକାଶ କରିବା ସହିତ 'ଜମି ଗଲା, ଜାଗା ଗଲା, ରେଳ ଚଢ଼ିବା ଭାଗ୍ୟେ ନୋହିଲା', 'ରେଳ ବିଭାଗର ଲଗାତାର ଅବହେଳା କହି ହେଉନି, ସହି ହେଉନି' ଆଦି ନାରା ଥିବା ପ୍ଲାକାର୍ଡ ଧରି ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ସମୟ ଥାଉଁଣୁ ରେଳ ବିଭାଗ ସମୁଚିତ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି। ସିକେରକୁପା ଫାଣ୍ଡି ଅଧିକାରୀ ମଦନମୋହନ ପିଢ଼ିକାଙ୍କ ନେତୃତ୍ୱରେ ପୁଲିସ ବଳ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ଥିଲେ।

## ପାଣି ପାଇଁ ତାତିଲେ ପୁରୁଣାପାଣି ଗ୍ରାମବାସୀ

# ଜଳ ଯୋଗାଣ କର୍ମଚାରୀ ଅଟକ

### ପ୍ରତିଶ୍ରୁତି ଦେଇ ମୁକୁଳାଇଲା ପୁଲିସ

ଶଗଡା,୧୬ ।୫(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡଭେଲିପଦର ପଞ୍ଚାୟତର ପୁରୁଣାପାଣି ଗାଁରେ ପିଇବା ପାଣି ସମସ୍ୟା ଲାଗି ରହିଛି । ଏହି ସମସ୍ୟାର ସମାଧାନ ଲାଗି ଗାଁ ଲୋକେ ବାରମ୍ବାର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକାରୀଙ୍କଠାରୁ ଆରମ୍ଭ କରି ବିଡ଼ିଓଙ୍କ ସମେତ ଜିଲ୍ଲାପାଳଙ୍କୁ ଅନୁରୋଧ କରି ଆସୁଛନ୍ତି । କେହି କିନ୍ତୁ ଏମାନଙ୍କ ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଗାଁରେ କିପରି ପାଣି ଆସୁଛି ତାହା ତଦାରଖ କରିବା ପାଇଁ ଆଜି ଜଳ ଯୋଗାଣ ବିଭାଗର ଜଣେ କର୍ମଚାରୀ ଗାଁରେ ପହଞ୍ଚି ଥିଲେ । ଏହା ଦେଖି ଗ୍ରାମବାସୀ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖିଥିଲେ । ଖବର ପାଇ ମନମୁଣ୍ଡା ପୁଲିସ ପହଞ୍ଚି ଗାଁ ଲୋକଙ୍କୁ ବୁଝାସୁଝା କରିଥିଲା । ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ରବିବାର ନିଶ୍ଚିତ ସମାଧାନ କରିବେ ବୋଲି ପୁଲିସ ପ୍ରତିଶ୍ରୁତି ଦେଇଥିଲା । ଏହାପରେ ଗ୍ରାମବାସୀ ସମ୍ପୃକ୍ତ କର୍ମଚାରୀଙ୍କୁ ଛାଡିଥିଲେ ।



## ତେଲନଦୀରେ କୁମ୍ଭୀର ଆତଙ୍କ

ବୌଦ୍ଧ/ମନମୁଣ୍ଡା/ଶଗଡ଼ା/କଣ୍ଟାମାଳ,୧୬ ।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳିପଦର ପଞ୍ଚାୟତ ଗବଯୋର ତେଲନଦୀ ଘାଟରେ ଏକ ୭ ଫୁଟର ଘଡ଼ିଆଳ କୁମ୍ଭୀର ଦେଖିବାକୁ ମିଳିଛି । ଶନିବାର ସକାଳୁ ଲୋକେ ସ୍ନାନଶୌଚ ପାଇଁ ତେଲନଦୀକୁ ଯାଇଥିବା ବେଳେ ଏକ କୁମ୍ଭୀର ଦେଖି ଭୟଭୀତ ହୋଇ ପଡିଥିଲେ । ତୁରନ୍ତ କଣ୍ଟାମାଳ ବନ ବିଭାଗ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । କଣ୍ଟାମାଳ ଓ ସୋନପୁରର ବନ ବିଭାଗ ସହ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି କୁମ୍ଭୀରକୁ ଠାବ କରିଥିଲେ । ନଦୀକୁ ଯିବାକୁ ଲୋକଙ୍କୁ ବାରଣ କରିବା ସହ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ । କୁମ୍ଭୀରକୁ ମହାନଦୀକୁ ଫେରାଇ ନେବାକୁ ଉଦ୍ୟମ ଜାରି ରହିଛି । କୁମ୍ଭୀର ଟିକରପଡାରୁ ଆସିଥିବା ବନ ବିଭାଗ ପକ୍ଷରୁ କୁହା ଯାଉଛି ।



## ଭଡ଼ାରେ ଲାଗିଛି ପଞ୍ଚାୟତ ପାଣି ଟାଙ୍କର

ବୌଦ୍ଧ,୧୬ ।୫(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଛତ୍ରଙ୍ଗ ପଞ୍ଚାୟତରେ ଗ୍ରୀଷ୍ମ ପ୍ରବାହ ସମୟରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖା ଦେଇଛି । ଏଭଳି ସମୟରେ ପଞ୍ଚାୟତର ପାଣି ଟାଙ୍କର ଜନସାଧାରଣଙ୍କ ସେବାରେ ନ ଲାଗି ଭଡ଼ାରେ ଲାଗିଛି । ଏହି ଘଟଣାକୁ ନେଇ ସ୍ଥାନୀୟଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ପଞ୍ଚାୟତବାସୀ ମୁନ୍ଦାଏ ବିଶୁଦ୍ଧ ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ଅନ୍ୟପଟେ ପଞ୍ଚାୟତର ସରକାରୀ ସମ୍ପତ୍ତିକୁ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଯାଉଥିବାରୁ ଅନେକ ପ୍ରଶ୍ନ ସୃଷ୍ଟି କରିଛି । ଛତ୍ରଙ୍ଗ ପଞ୍ଚାୟତର ଛତ୍ରଙ୍ଗ, ଖରଭୂଇଁ, କଣ୍ଠି ପଦର, ଧୂଙ୍ଗିଆମୁଣ୍ଡା, ଝାର ଖମଣ, ଭାଲିଆ ଗୋରା, କଲୋନୀ ସାହି ଆଦି ବିଭିନ୍ନ ଗ୍ରାମରେ ଗ୍ରୀଷ୍ମ ପ୍ରଭାବରେ ଜଳସ୍ତର ତଳକୁ ଖସି ଯାଇଛି । ଏଣୁ କୂଅ, ନଳକୂଅ ଓ ବରୱେଲରୁ ପର୍ଯ୍ୟାପ୍ତ ପାଣି ବାହାରୁନାହିଁ । ଏହାଫଳରେ ଗ୍ରାମବାସୀ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରିବାକୁ ବାଧ ହେଉଛନ୍ତି । ଏହି ପରିସ୍ଥିତିକୁ ନଜରରେ ରଖି ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବାକୁ ନିର୍ଦ୍ଦେଶ ଅଛି । ବର୍ତ୍ତମାନ ପଞ୍ଚାୟତର ପାଣି ଟାଙ୍କି ବାଇଶିପଡାଠାରେ ଥିବା ମା ଭୈରବୀ ସପ୍ଲାୟାରରେ ନିୟୋଜିତ ହୋଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସାଧାରଣ ଜନତାଙ୍କ ପାଇଁ ରଖାଯାଇଥିବା ଏହି ପାଣି ଟାଙ୍କିକୁ କାହା ନିର୍ଦ୍ଦେଶରେ ଏବଂ କେଉଁ ସ୍ୱାର୍ଥରେ ଭଡାରେ ଦିଆଯାଇଛି? ପଞ୍ଚାୟତର ସମ୍ପତ୍ତି ଭଡାରେ ଲାଗିଥିଲେ ସେ ବାବଦ ଅର୍ଥ ପଞ୍ଚାୟତ ରାଜସ୍ୱ ଖାତାକୁ ଜମା ହେଉଛି କି ନାହିଁ ତାହା ମଧ୍ୟ ପ୍ରଶ୍ନ ଉଠିଛି । ନା ଏହା କୌଣସି ବ୍ୟକ୍ତିଙ୍କ ହାତକୁ ଯାଉଛି ସେନେଇ ମଧ୍ୟ ପ୍ରଶ୍ନ ଉଠିଛି । ଏହି ଘଟଣାକୁ ନେଇ ପଞ୍ଚାୟତ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ସାଧାରଣରେ ଅସନ୍ତୋଷ ଦେଖା ଦେଉଛି ।



## ଅନ୍ଧାରରେ ଟେରୁପାଲି ମୁଖ୍ୟ ରାସ୍ତା

ଡୁଙ୍ଗୁରିପାଲି,୧୬ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଟେରୁପାଲି ଗ୍ରାମର ଆଗଲପୁର ରୋଡ୍ ଛକଠାରୁ ପହଣ୍ଡି ରୋଡ୍ ଛକ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ସାଧାରଣ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ସନ୍ଧ୍ୟା ପରେ ସମ୍ପୂର୍ଣ୍ଣ ରାସ୍ତା ଅନ୍ଧକାରରେ ଢାକିଯାଉଥିବାରୁ ଯାତାୟାତ କରୁଥିବା ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବ ସୃଷ୍ଟି ହେଉଛି । ଏହି ରାସ୍ତା ଦ୍ୱାରା ପ୍ରତିଦିନ ଶତାଧିକ ଲୋକ ଗ୍ରାମ ଓ ବଜାରକୁ ଯାତାୟାତ କରୁଥିବା ସତ୍ତ୍ୱେ ଆଲୋକ ବ୍ୟବସ୍ଥାର ଅଭାବ ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ରାତି ସମୟରେ ଛାତ୍ରଛାତ୍ରୀ, କାର୍ଯ୍ୟରତ ବ୍ୟକ୍ତି, ମହିଳା ଓ ବୃଦ୍ଧମାନେ ଏହି ରାସ୍ତାରେ ଯାତାୟାତ କରିବାବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ଧକାର ଯୋଗୁଁ ସଡକ ଦୁର୍ଘଟଣାର ଆଶଙ୍କା ବଢ଼ିଥିବା ସହ ଅସାମାଜିକ କାର୍ଯ୍ୟକଳାପ ଘଟିବାର ଆଶଙ୍କା ମଧ୍ୟ ରହିଛି । କେତେକ ସ୍ଥାନରେ ଗାଡ଼ି ଚାଳକମାନେ ରାସ୍ତା ସ୍ପଷ୍ଟ ଦେଖିପାରୁ ନ ଥିବାରୁ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ରାସ୍ତାଟି ଟେରୁପାଲି ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ରାସ୍ତା ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ସ୍ଥାୟୀ ଆଲୋକ ବ୍ୟବସ୍ଥା କରାଯାଇନାହିଁ । ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଛି । ସେମାନେ ଶୀଘ୍ର ଆଗଲପୁର ରୋଡ ଛକଠାରୁ ପହଣ୍ଡି ରୋଡ଼ ଛକ ପର୍ଯ୍ୟନ୍ତ ଷ୍ଟ୍ରିଟ ଲାଇଟ୍ ସ୍ଥାପନ କରି ସମ୍ପୂର୍ଣ୍ଣ ରାସ୍ତାକୁ ଆଲୋକୀକରଣ କରିବାକୁ ଦାବି କହିଛନ୍ତି ।

## ଘରୋଇ ବସ୍‌ରେ ମନମୁଖୀ ଭଡ଼ା ଆଦାୟ

ଶଗଡା,୧୬ ।୫(ସମିସ): କଣ୍ଟାମାଳ ବ୍ଲକ ଅଞ୍ଚଳରେ ଯାତାୟାତ କରୁଥିବା ଘରୋଇ ବସ ଗୁଡିକରେ ମନମୁଖୀ ଭଡା ଆଦାୟ କରା ଯାଉଥିବା ଅଭିଯୋଗ ହୋଇଛି । ସରକାରୀ ଧାର୍ଯ୍ୟ ଭଡା ଠାରୁ ଅଧିକ ଭଡା ଆଦାୟ କରାଯାଉ ଥିବାରୁ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି; ଯାହା ଫଳରେ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଅଧିକ ଖର୍ଚ୍ଚାନ୍ତରେ ପଡୁଛନ୍ତି । କଣ୍ଟାମାଳ ଅଞ୍ଚଳରେ ଚଳାଚଳ କରୁଥିବା ଅଧିକାଂଶ ଘରୋଇ ବସ୍ ଏହି ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ବେଳେ ମନମୁଖୀ ଭଡା ଆଦାୟ କରୁଥିବା ଅଭିଯୋଗ ହୋଇଛି । କୌଣସି ଯାତ୍ରୀ ଏହାକୁ ବିରୋଧ କଲେ ତାକୁ ବସରୁ ଓହ୍ଲାଇ ଦେଉଥିବା ଯାତ୍ରୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ମନମୁଣ୍ଡାଠାରୁ ବୌଦ୍ଧର ଦୂରତା ୫୦ କିମି ହୋଇଥିବା ବେଳେ କିମି ପ୍ରତି ୯୨ ପଇସା ହିସାବରେ ୪୬ ଟଙ୍କା ଭଡା ହେଉଥିବା ବେଳେ ଏଥିପାଇଁ ୬୦ ଟଙ୍କା ଭଡା ନିଆଯାଉଛି । ସେହିପରି ଶଗଡାଠାରୁ ମନମୁଣ୍ଡାକୁ ୨୩ କିଲୋମିଟର ହେଉଥିବା ବେଳେ ୪୦ ଟଙ୍କା, ମାଳିସାହିରୁ ମନମୁଣ୍ଡା ୧୦ କିଲୋମିଟରକୁ ୩୦ଟଙ୍କା, ମନମୁଣ୍ଡାଠାରୁ ବାଉଁଶୁଣୀକୁ ୩୦ ଟଙ୍କା ନିଆ ଯାଉଥିବା ଯାତ୍ରୀ ଅଭିଯୋଗ କରିଛନ୍ତି । ସେହିପରି ମନମୁଣ୍ଡାଠାରୁ ବଘିଆ ପଡ଼ାକୁ ଭାୟା ଶଗଡା ଦେଇ ୫୦ କିଲୋମିଟର ଦୂରତା ହେଉଥିବା ବେଳେ ଭଡା ବାବଦରେ ୧୦୦ ଟଙ୍କା ନିଆ ଯାଉଥିବାରୁ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ବିଭିନ୍ନ ଘରୋଇ ବସରେ ମାତ୍ରାଧିକ ଭଡା ଆଦାୟ କରାଯାଉ ଥିବା ବେଳେ ସ୍ଥାନୀୟ ପ୍ରଶାସନ, ପୁଲିସ କି ପରିବହନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଉନାହିଁ ।

## ବର୍ଷେ ହେଲାଣି ଜଳୁନି ହାଇମାଷ୍ଟ ଲାଇଟ୍

ତରଭା,୧୬ ।୫(ସମିସ): ସରକାର ଆଲୋକୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ତରଭା ସହର ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ବଲାଙ୍ଗୀର ଜିଲ୍ଲା ବୈରାସର ବସଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି । ଯାତ୍ରୀଙ୍କ ସୁବିଧା ସକାଶେ ବୈରାସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ହାଇମାଷ୍ଟ ଲାଇଟର ବ୍ୟବସ୍ଥା କରାଯାଇଛି । ଏହି ଲାଇଟର ଆଲୁଅ ୫୭ ନମ୍ବର ଜାତୀୟ ରାଜପଥକୁ ଆଲୋକିତ କରୁଥିଲା; ହେଲେ ୧ ବର୍ଷରୁ ଅଧିକ ହେଲା ଏହି ଲାଇଟ ଅଚଳ ଅବସ୍ଥାରେ ପଡ଼ିରହିଛି । ଏହାଫଳରେ ରାତ୍ରି ସମୟରେ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେବାସହ ଚୋରି ଡକାୟତିର ମଧ୍ୟ ଆଶଙ୍କା ରହୁଛି । ଏହି ଲାଇଟ୍ ମରାମତି କରିବା ପାଇଁ ଅନେକଥର ସ୍ଥାନୀୟ ଜନସାଧାରଣ ସରପଞ୍ଚଙ୍କୁ ଜଣାଇ ଆସୁଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି । ଏକ ବିରାଟ ଅଞ୍ଚଳର ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଏହି ହାଇମାଷ୍ଟ ଲାଇଟକୁ ସଜାଡ଼ିବା ସଙ୍ଗେ ସଙ୍ଗେ ବସଷ୍ଟାଣ୍ଡ ଅଞ୍ଚଳରେ ଆହୁରି ୫ଟି ହାଇମାଷ୍ଟ ଲାଇଟର ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ଦାବି ହେଉଛି ।

## ରାସ୍ତାକଡ଼ରେ ଶୁଖିଲା ଗଛ ପାଇଁ ଦୁର୍ଘଟଣା ଆଶଙ୍କା



ଜହ୍ନାପଙ୍କ,୧୬ ।୫(ସମିସ): ଖୋର୍ଦ୍ଧା- ବଲାଙ୍ଗୀର ଜାତୀୟ ରାଜପଥ ବୌଦ୍ଧ ବ୍ଲକ୍ ବଡ଼ିଗାଁ ପଞ୍ଚାୟତ ବଲାସିଙ୍ଗା ବନ୍ଧକଡ଼ରେ ଏକ ଗଛ ଶୁଖିଲା ଅବସ୍ଥାରେ ଅଛି । ଏହି ଗଛରୁ ଶୁଖିଲା ଡାଳ ଭାଙ୍ଗି ରାସ୍ତାରେ ପଡୁଛି । ଏହି ରାସ୍ତା ଦେଇ ଯାଉଥିବା ପଥିକଙ୍କ ଉପରେ ସବୁବେଳେ ବିପଦ ଝୁଲି ରହିଛି । ରାସ୍ତା ଦେଇ ଶହ ଶହ ଲୋକେ ଯାଉଛନ୍ତି । ଏଥିପ୍ରତି କାହାରି ନଜର ପଡୁନାହିଁ । ଗତ ମଙ୍ଗଳବାର ବାଉଁଶୁଣୀ ଅଞ୍ଚଳର ଗୋଟିଏ ପରିବାର ବୌଦ୍ଧ ଯାଉଥିବା ବେଳେ ଶୁଖିଲା ଡାଳ ପଡିବା ପୂର୍ବରୁ ଆଗକୁ ପଳାଇ ଯାଇଥିଲେ । ଏହା ଫଳରେ ବଡ଼ ବିପଦରୁ ବର୍ତ୍ତି ଯାଇଥିଲେ ।

## ବୀରମହାରାଜପୁର ସହରରେ ନିମ୍ନମାନର ଷ୍ଟ୍ରିଟ୍ ଲାଇଟ

ବୀରମହାରାଜପୁର,୧୬ ।୫(ସମିସ): ବୀରମହାରାଜପୁର ସହରରେ ବିଧାୟକ ପାଣ୍ଠିରୁ ଲାଗିଥିବା ଷ୍ଟ୍ରିଟ ଲାଇଟ ବହୁ ସ୍ଥାନରେ ଜଳୁନି । ଅନେକ ସ୍ଥାନରେ ଲାଇଟ କମି ଯାଉଛି । ଏଣୁ ନିମ୍ନମାନର ଲାଇଟ ଲାଗିଥିବା ଅଭିଯୋଗ ହେଉଛି । ବୀରମହରାଜପୁର ସହର ଚାରିପାଖରେ ଥିବା ମୁଖ୍ୟରାସ୍ତାରେ ବୀରମହାରାଜପୁର ବିଧାୟକଙ୍କ ହାତପାଣ୍ଠିରୁ ବିଦ୍ୟୁତ ପୋଲରେ ଏଲଇଡି ଲାଇଟ ଲାଗିବା ସହ ପୋଲରେ ତ୍ରିରଙ୍ଗା ଲାଇଟ ଲଗାଯାଇଥିଲା । ସେ ସମୟରେ ସହର ଆଲୋକ ହେବା ସହ ଚାରିଆଡେ ସୁନ୍ଦର ଦେଖାଯାଉଥିଲା । ସହରବାସୀ ଖୁସି ବ୍ୟକ୍ତ କରିଥିଲେ; କିନ୍ତୁ ଖୁସି ବେଶୀ ଦିନ ରହି ନ ଥିଲା । କମ୍ ଦିନରେ ଲାଇଟ ଗୁଡିକର ଆଲୋକ କମି ଯିବା ସହ ଅନେକ ସ୍ଥାନରେ ବନ୍ଦ ହୋଇଯାଇଥିଲା । ବିଭାଗୀୟ ଅଟକଳ ଅନୁଯାୟୀ ଲାଇଟ ଲାଗି ନ ଥିବା ବେଳେ କମ୍ ଟଙ୍କାରେ ନିମ୍ନମାନର ଲାଇଟ ଲଗାଇ ପାଣ୍ଠି ହଡପ ହୋଇଥିବା ଆଲୋଚନା ହେଉଛି । ସେ ସମୟରେ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ଠିକାଦାର ପ୍ରତି ଅନୁକମ୍ପା ଦେଖାଇଥିବା ଯୋଗୁଁ ସାଧାରଣରେ ବିଧାୟକଙ୍କ ଲୋକପ୍ରିୟତା କ୍ଷୁର୍ଣ୍ଣ ହେଉଥିବା ଦଳୀୟ କର୍ମୀ ମହଲରେ ଆଲୋଚନା ହେଉଛି ।

## ଅନ୍ତର୍ଜାତୀୟ ମାନବାଧିକାର ପ୍ରତିରକ୍ଷା ପରିଷଦର ବୈଠକ




ମନମୁଣ୍ଡା,୧୬ ।୫(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଡାକ ବଙ୍ଗଳାରେ ଅନ୍ତର୍ଜାତୀୟ ମାନବାଧିକାର ପ୍ରତିରକ୍ଷା ପରିଷଦ ଓଡ଼ିଶା ଶାଖା ପକ୍ଷରୁ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ମିନକେତନ ପଟ୍ଟନାୟକ ଏବଂ ରାଜ୍ୟ ମହିଳା ସଭାପତି ପ୍ରଭାସିନୀ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବୌଦ୍ଧ ଜିଲ୍ଲା ମାନବାଧିକାର ସଭାପତି କଲ୍ୟାଣୀ ମିଶ୍ର ଏବଂ ସୋନପୁର ଜିଲ୍ଲା ମାନବାଧିକାର ସଭାପତି ସୁନିତା ହୋତାଙ୍କ ନେତୃତ୍ୱରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଉଭୟ ଜିଲ୍ଲା ସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରାଯିବା ସହ ସମାଜରେ ମାନବାଧିକାର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଯାଇଥିଲା । ବୈଠକରେ ଜିଲ୍ଲାସ୍ତରରେ ମାନବାଧିକାର ଉଲ୍ଲଂଘନକୁ ରୋକିବା, ନିଷ୍ପେସିତଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସଙ୍ଗଠନକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ଉଭୟ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପରିଷଦର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୧୬ ।୫(ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ପୋଡ଼ା ବଲସ କ୍ଲବ୍ ଘରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଦୌରା ଜଜ ପ୍ରତାପ କୁମାର ରଥଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତର ସ୍ଥାପନା ଓ କାର୍ଯ୍ୟପ୍ରଣାଳୀ, ପବ୍ଲିକ୍ ୟୁଟିଲିଟି ସେବା ସମ୍ବନ୍ଧୀୟ ମାମଲାର ସ୍ୱଭାବ ଏବଂ ଆଇନ ସେବା କର୍ତ୍ତୃପକ୍ଷ ଆଇନ, ୧୯୮୭ର ଅଧ୍ୟାୟ ଅନୁଯାୟୀ ଯୋଜନାର ସୁବିଧା, ବିକଳ୍ପ ବିବାଦ ସମାଧାନ ପ୍ରଣାଳୀ, ଯୌତୁକ ନିଷେଧ ଆଇନ, ଘରୋଇ ହିଂସା ନିରୋଧ ଆଇନ ଏବଂ ଅନ୍ୟାନ୍ୟ ଅପରାଧିକ ଆଇନ, ସମାଧାନ ସମାରୋହ-୨୦୨୬, ସ୍ଥାୟୀ ଲୋକ ଅଦାଲତର ଗଠନ, କାର୍ଯ୍ୟପ୍ରଣାଳୀ ଓ ଏହାର ଅଧିକାର କ୍ଷେତ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପବ୍ଲିକ୍ ୟୁଟିଲିଟି ସେବା ସମ୍ବନ୍ଧୀୟ କେମିତି ବିବାଦଗୁଡିକ ପିଏଲଏ ଦ୍ୱାରା ସମାଧାନ କରାଯାଇପାରିବ ଏବଂ ଏହା ମାଧ୍ୟମରେ ଶୀଘ୍ର, ସହଜ ଓ ଅଳ୍ପ ବ୍ୟୟରେ ନ୍ୟାୟ ପ୍ରାପ୍ତି ସମ୍ଭବ ବୋଲି ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଲୋକ ଅଦାଲତ, ମଧ୍ୟସ୍ଥତା ଓ ସମଝୌତା ଭଳି ବିକଳ୍ପ ବିବାଦ ସମାଧାନ ପ୍ରଣାଳୀର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଏଥିସହିତ ଯୌତୁକ ନିଷେଧ ଆଇନ, ଘରୋଇ ହିଂସା ନିରୋଧ ଆଇନ ଏବଂ ମହିଳାଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଅପରାଧିକ ଆଇନ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ସାଗରିକା ରଥ, ଡିଏସ୍‌ଡବ୍ଲୁଓ ସନ୍ତୋସିନି ଭୋଇ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସଶକ୍ତିକରଣ, ମହିଳାଙ୍କ ଅଧିକାର ସୁରକ୍ଷା ଓ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଅଂଶଗ୍ରହଣକାରୀଙ୍କୁ ସଚେତନ କରାଇଥିଲେ । ସମାଧାନ ସମାରୋହ-୨୦୨୬ର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ସମସ୍ତଙ୍କୁ ଆଇନ ସେବା କର୍ତ୍ତୃପକ୍ଷ ଦ୍ୱାରା ପ୍ରଦାନ କରାଯାଉଥିବା ନିଶୁଳ୍କ ଆଇନ ସେବା ଓ ବିବାଦ ସମାଧାନ ସୁବିଧାର ସଦୁପଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା । ଶେଷରେ ଆଇନ ସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ ସମସ୍ତଙ୍କ ପାଇଁ ନ୍ୟାୟର ସହଜ ପ୍ରାପ୍ୟତା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା । ପିଏଲଭି ସ୍ୱାଧୀନ ପ୍ରଧାନ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନବାଡି କର୍ମୀ, ଗ୍ରାମବାସୀ ଯୋଗ ଦେଇଥିଲେ । କନିଷ୍ଠ କିରାଣି ସୂର୍ଯ୍ୟ ଜେନା, ପିଏଲଭି ପ୍ରବୀଣା ବେହେରା, ସୁଶୀଲ ଦୀପ, ଜୟନ୍ତ ପ୍ରଧାନ, ରଂଜନ କର୍ଣ୍ଣ, ଅର୍ଜୁନ ପ୍ରଧାନ, ଚିତ୍ତ ବେହେରା, ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।



## ୩ ବାଲି ବୋଝେଇ ହାଇୱା ଅଟକ



ବୌଦ୍ଧ,୧୬ ।୫(ସମିସ): ବୌଦ୍ଧ ତହସିଲ ଓ ପୁଲିସ ୩ଟି ବାଲି ବୋଝେଇ ହାଇୱା ଜବତ କରିଛି । ବେଆଇନ ବାଲି ଚାଲାଣ ଓ ପରିବହନ ସମ୍ପର୍କିତ କାଗଜପତ୍ର ନ ଥିବାରୁ ଏହାକୁ ଅଟକ ରଖାଯାଇଛି । ତେବେ କାଗଜପତ୍ର ଯାଞ୍ଚ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଖଣି କାର୍ଯ୍ୟାଳୟକୁ ଏଗୁଡିକୁ ହସ୍ତାନ୍ତର କରାଯାଇଛି ।

## ୯୦୦ ଲିଟର କିରୋସିନ ଜବତ

ଡୁଙ୍ଗୁରିପାଲି,୧୬ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସଦର ବ୍ଲକର ଖମ୍ବଶ୍ରୀପାଲିର ଏକ ପେଟ୍ରୋଲ ପମ୍ପ ନିକଟରୁ ଯୋଗାଣ ବିଭାଗ ଚଢଉ କରି ୯୦୦ ଲିଟର କିରୋସିନ ଜବତ କରିଛି । ସୋନପୁର-ବଲାଙ୍ଗୀର ଜାତୀୟ ରାଜପଥରେ ଥିବା ଏକ ଅବ୍ୟବହୃତ କୋଠରିରୁ ଏହି କିରୋସିନ ଜବତ ହୋଇଛି । ତେବେ ସମ୍ପୃକ୍ତ ଘର ମାଲିକ ଫେରାର ହୋଇ ଯାଇଛନ୍ତି । ଏତେ ପରିମାଣର କିରୋସିନ ଏଠାରେ କାହିଁକି ଏବଂ କିଏ କେଉଁ କାରଣରୁ ମହଜୁଦ କରି ରଖିଥିଲେ ସେ ନେଇ ଯୋଗାଣ ବିଭାଗ ତଦନ୍ତ କରୁଛି । ଜବତ କିରୋସିନ ଯୋଗାଣ ବିଭାଗ ନିଜ ହେପାଜତରେ ରଖିଛି ।



### ବିଭିନ୍ନ ଅଞ୍ଚଳରେ ସାବିତ୍ରୀ ବ୍ରତ

## ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ସଧବା





ବୌଦ୍ଧ,୧୬ ।୫(ସମିସ)

ବୌଦ୍ଧ ସହରର ବିଭିନ୍ନ ସାହିରେ ଶନିବାର ସାବିତ୍ରୀ ବ୍ରତ ପାଳିତ ହୋଇଛି । ମହିଳାମାନେ ନିଜ ସ୍ୱାମୀଙ୍କ ସୁସ୍ଥ ନିରାମୟ ଜୀବନ ଓ ଦୀର୍ଘାୟୁ କାମନା କରି ଏହି ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ଏଥିପାଇଁ ଆଜି ସକାଳୁ ବିଭିନ୍ନ ମନ୍ଦିରରେ ମହିଳାଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏଥିସହିତ ବିଭିନ୍ନ ସାହିରେ ମଧ୍ୟ ମହିଳାମାନେ ଏକତ୍ରିତ ହୋଇ ପୂଜା କରିଥିଲେ । ପୂଜାରେ ନଡିଆ, କଦଳୀ, ସେଓ, ଅଙ୍ଗୁର, କମଳା, ତରଭୁଜ, ତାଳ, ଖଜୁରୀ, ପଣସ, ସପୁରୀ, ମୁଗ ସହ ବିଭିନ୍ନ ପ୍ରକାର ଫଳମୂଳ ଲାଗି କରିଥିଲେ । ବୌଦ୍ଧ ସହରର କେଉଟସାହି, ପୋଡାପଡା, ନୂଆସାହି, ଖଲିଆବଗିଚା, ରଥସାହି, ବ୍ରାହ୍ମଣ ସାହୁ, ସୁଦସାହି, ବୁଟୁପାଲିରେ ମହିଳାମାନେ ଏକତ୍ରିତ ହୋଇ ଏହି ପୂଜା କରିଥିଲେ । ସୁଦସାହିରେ ବବଲୁ ପାଢୀ ପୂଜାକାର୍ଯ୍ୟ ତୁଲାଇଥିଲେ ।

**କଣ୍ଟାମାଳ:** ସ୍ୱାମୀଙ୍କ ମଙ୍ଗଳ କାମନା କରି କଣ୍ଟାମାଳର ପୁରପଲ୍ଲୀରେ ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ସକାଳୁ ଫଳମୂଳ ସହ ଶଙ୍ଖା, ସିନ୍ଦୂର ଧରି ବିଭିନ୍ନ ମନ୍ଦିରରେ ପୂଜା କରିଥିଲେ । ସ୍ୱାମୀଙ୍କ ନିରୋଗ ତଥା ଦୀର୍ଘ ଜୀବନ କାମନା କରିଛନ୍ତି । ବ୍ରତ ସରିବା ପରେ ମହିଳାମାନେ ସ୍ୱାମୀଙ୍କ ଆଶୀର୍ବାଦ ନେଇଥିଲେ ।



**ତରଭା:** ତରଭା ଅଞ୍ଚଳରେ ମଧ୍ୟ ମହିଳାମାନେ ସ୍ୱାମୀଙ୍କ ମଙ୍ଗଳ କାମନା କରି ନିର୍ଜ୍ଜଳା ଉପବାସରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । ତରଭା ନୀଳକଣ୍ଠେଶ୍ୱର ମନ୍ଦିର, ପୌର୍ଣ୍ଣମାସୀପଡା ସମେତ ବିଭିନ୍ନ ମନ୍ଦିର ଓ ପଡାରେ ମହିଳାମାନେ ଏକତ୍ରିତ ହୋଇଥିଲେ । ବିଭିନ୍ନ ଫଳ ମୂଳ ସହ ଚୁଡ଼ି, ସିନ୍ଦୂର ଚନ୍ଦନ ଦେଇ ଶିବଙ୍କୁ ବର ପିପ୍ପଳ ଓ ତୁଳସୀ ମୂଳରେ ନିଷ୍ଠାର ସହ ପୂଜାର୍ଚ୍ଚନା ପୂର୍ବକ ବେଢ଼ା ପରିକ୍ରମା କରିଥିଲେ । ପୂଜାସ୍ଥଳରେ ବ୍ରାହ୍ମଣଙ୍କ ଦ୍ୱାରା ସାବିତ୍ରୀ ବ୍ରତ କଥା ପାଠ କରାଯାଇଥିଲା ।

ସକାଳ THE SAKALA



www.sakalaepaper.com

## ପଞ୍ଚାୟତସ୍ତରୀୟ ଆଦିବାସୀ ସମାଜ ବୈଠକ



ମୁନିଗୁଡା,୧୬।୫(ସମିସ): ମୁନିଗୁଡା ବ୍ଲକ ସରଧାପୁର ପଞ୍ଚାୟତର କୋତଡାଭଟା ଗ୍ରାମରେ ପଞ୍ଚାୟତସ୍ତରୀୟ ଆଦିବାସୀ ସମାଜ ବୈଠକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁନିଗୁଡ଼ା ବ୍ଲକ୍ ଆଦିବାସୀ ସଂଘ ସଭାପତି ଜଗନ୍ନାଥ ନୁଣ୍ଡରୁକା ଯୋଗଦେଇ ସମାଜର ଏକତା, ଶିକ୍ଷାର ଉନ୍ନତି ଓ ସାମାଜିକ ସଚେତନତା ଉପରେ ଅଭିଭାଷଣ ଦେଇଥିଲେ। ବିଶେଷ ଅତିଥି ଭାବେ ଆଦିବାସୀ ସମାଜ ଉପସଭାପତି ରାଜୀବ ପୁସିକା, ସାଧାରଣ ସମ୍ପାଦକ ତ୍ରିପାଠି କିଲାକା, ପ୍ରକାଶ କର୍ସିକା, ସରପଞ୍ଚ ଅନନ୍ତ ନୁଣ୍ଡରୁକା, ସୁମନ୍ତ ନୁଣ୍ଡରୁକା ଓ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇ ସମାଜର ଉନ୍ନତି ଓ ପାରମ୍ପରିକ ମୂଲ୍ୟବୋଧ ରକ୍ଷା ପାଇଁ ମତ ପ୍ରକାଶ କରିଥିଲେ। ସରଧାପୁର ଗ୍ରାମପଞ୍ଚାୟତ ଆଦିବାସୀ ସମାଜ ପକ୍ଷରୁ ବିଭିଷଣ ରାଡିକା, ପୁରନ୍ଧର କାଦ୍ରକା, ଜଗନ୍ନାଥ ଜାକେସିକା, ପ୍ରଫୁଲ୍ଲ ସାରକା, କେରେ ସିହଡିଆ, ଅର୍ଜୁ ନୁଣ୍ଡରୁକା, ପବିତ୍ର ନୁଣ୍ଡରୁକା, ଅଜିତ ସାକାଦକା, ସନ୍ତୁ ବେଦ୍ରକା, ରିକ୍ତା, ଅର୍ଜୁନା ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବୈଠକରେ ଶିକ୍ଷାର ପ୍ରସାର, ଅନ୍ଧବିଶ୍ୱାସ ଦୂରୀକରଣ, ମଦ୍ୟପାନ ରୋକ, ପାରମ୍ପରିକ ଓ ସାଂସ୍କୃତିକ ମୂଲ୍ୟବୋଧର ସୁରକ୍ଷା, ଭାଷାର ସଂରକ୍ଷଣ ଏବଂ ଦାୟୁରୀ ପ୍ରଣାଳୀ ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ସମୁରୁ ଯାକେଶିକା ଧନ୍ୟବାଦ ଜଣାଇଥିଲେ।

### ରାସ୍ତା ରକ୍ଷଣାବେକ୍ଷଣ କାମରେ ଅର୍ଥ ଆତ୍ମସାତ୍ ଅଭିଯୋଗ

# ଶୀତଳଭଣ୍ଡାରରେ ପୂର୍ତ୍ତ ବିଭାଗର ତଦନ୍ତ

ବିଷମ କଟକ,୧୬।୫(ସମିସ): ବିଷମ କଟକ ପୂର୍ତ୍ତବିଭାଗ ଡିଭିଜନ୍ ୨ର ଦୁଇଟି ରାସ୍ତାର ଟେଣ୍ଡର କାମରେ କୌଣସି ଆଖିଦୃଶିଆ କାମ ନ କରି ଯନ୍ତ୍ରୀ ଓ ଠିକାଦାର ଲକ୍ଷାଧିକ ଟଙ୍କାର ଫଲସ୍ ବିଲ କରି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଛି। ହେଲେ ଏହାର କୌଣସି ପ୍ରଭାବ ପୂର୍ତ୍ତ ବିଭାଗର ଉପରିସ୍ଥ ଅଧିକାରୀଙ୍କ ଉପରେ ପଡୁନଥିବା ଅଭିଯୋଗ ହୋଇଛି। ପୂର୍ତ୍ତବିଭାଗର ଉପସ୍ଥିତ ଅଧିକାରୀମାନେ ଘଟଣାର ସତ୍ୟତାର ତଦନ୍ତ କରିବା ପରିବର୍ତ୍ତେ ଯନ୍ତ୍ରୀ ଏବଂ ଠିକାଦାରଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ଲୋକ ଲୋଚନ କୁ ଆସିବା ପରେ ବି ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ପୂର୍ତ୍ତ ବିଭାଗ। ଟେଣ୍ଡର ଟଙ୍କା ଆତ୍ମସାତର ନାଁ ତଦନ୍ତ ହେଇପାରିଲା ନା ଯେଉଁ ଯେଉଁ କାର୍ଯ୍ୟ ନମନ୍ତେ ଅର୍ଥ ବ୍ୟୟବରାଦ ହୋଇଥିଲା ସେ କାର୍ଯ୍ୟ କରିବା ଦେଖିବାକୁ ମିଳିଲା। ପୂର୍ତ୍ତବିଭାଗର ଉପରିସ୍ଥ ଅଧିକାରୀମାନେ ସବୁ ଜାଣି ନ ଜାଣିଲା ପରି ଚୁପ୍ ବସିରହିବା ଅଧିକାରୀଙ୍କ କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠିବା ସହ ଏହି ଅର୍ଥ ଆତ୍ମସାତରେ ସେମାନଙ୍କ ସମ୍ପୃକ୍ତି ଥିବା ସନ୍ଦେହକୁ ଏଡାଯାଇପାରିବ ନାହିଁ। ତେଣୁ ଏହି ଟେଣ୍ଡର ଦୁର୍ନୀତିର ଏକ ନିରପେକ୍ଷ ତଦନ୍ତ ଦିଗରେ ରାୟଗଡା ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ସୂଚନାନୁଯାୟୀ, ବିଷମ କଟକ ପୂର୍ତ୍ତ ବିଭାଗ ଡିଭିଜନ୍ ୨ ଅଧିନରେ ରହିଥିବା ୩୨୬ ଏବଂ ୪୬ ନମ୍ବର ରାଜ୍ୟ ରାଜ୍ୟ ପଥର ରକ୍ଷଣାବେକ୍ଷଣ ଏବଂ ମରାମତି ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୩୨୬ ନମ୍ବର ରାଜ୍ୟ ରାଜପଥର ଚାଟିକୋଣା ଜୟଗୁରୁ ମନ୍ଦିର ଠାରୁ ତେଲେଙ୍ଗାପଦର ଯାଏ ରାସ୍ତାର ଦୁଇପଶ୍ୱର ରକ୍ଷଣାବେକ୍ଷଣ ସାଙ୍ଗକୁ ମରାମତି କରିବା ନିମନ୍ତେ ୨୧ ଲକ୍ଷ ଏବଂ ୪୬ ନମ୍ବର ରାଜ୍ୟରାଜପଥ ର ବିଷମ କଟକ ମାର୍କମା ମନ୍ଦିର ଠାରୁ ଦୁର୍ଗୀ ଗାଁ ପର୍ଯ୍ୟନ୍ତ ୧୬ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ୩୨୬ ନମ୍ବର ରାଜ୍ୟ ରାଜ ପଥର ଚାଟିକୋଣା ଜୟଗୁରୁ ମନ୍ଦିର ଠାରୁ ତେଲେଙ୍ଗାପଦର ଯାଏ ରାସ୍ତାର ଦୁଇପାର୍ଶ୍ୱର ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ହୋଇଥିବା



ବେଳେ ବିଷମ କଟକ ଭେଟେନାରୀ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଓଳିଆ ଆବର୍ଜନା, ଏହି ଡ୍ରେନ୍ ସବୁର ଓଳିଆ ବାହାର କରିବା ପରିବର୍ତ୍ତେ ବିଭାଗୀୟ ବାବୁ ଏବଂ ଠିକାଦାର ମିଶି ଡ୍ରେନ୍‌ର କିଛି ସ୍ଥାନରେ ଡ୍ରେନ୍ ଉପରେ

**➤ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ**
**➤ ନିରପେକ୍ଷ ତଦନ୍ତ ଦାବି**

ଗଛଲଟା ବର୍ତ୍ତମାନ ସୁଦ୍ଧା ଭରି ହୋଇ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ବିଭାଗ ତରଫରୁ ପୂର୍ବରୁ ନିର୍ମାଣ ହୋଇଥିବା ଡ୍ରେନ୍ ଖୋଲା ମେଲାରେ ଛାଡି ଦେଇଥିଲା। ଉକ୍ତ ଡ୍ରେନ୍ ସବୁରେ ଓଳିଆ ଭରିହୋଇଯାଇଛି। ଦୁଇ ଚାରିଟା ଲେଖାଏଁ କଂକ୍ରିଟ୍ ପ୍ଲେଟ ରଖିଦେଇ କାମ ସାରିଦେଇଛନ୍ତି। ରାସ୍ତା କଡରୁ ନା ଉଠିଲା ଓଳିଆ ନାଁ କଟା ହେଲ ଗଛ ନା ସଫା ହେଲ ଡ୍ରେନ୍। କିନ୍ତୁ ଖର୍ଚ୍ଚ ହୋଇଗଲା ଲକ୍ଷାଧିକ ଟଙ୍କା। ସେହିପରି ୪୬ ନମ୍ବର ରାଜ୍ୟରାଜପଥ ର ବିଷମ କଟକ ମାର୍କମା ମନ୍ଦିର ଠାରୁ ଦୁର୍ଗୀ ଗାଁ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱରେ ସଫେଇ ସାଙ୍ଗକୁ ଖାଲଖମାସ୍ଥାନରେ ମାଟି ପକାଇ ରାସ୍ତା ସମତଳ ନିମନ୍ତେ ୧୬ ଲକ୍ଷର ଟେଣ୍ଡର ହୋଇଥିଲା। ବିଷମ କଟକ ମାର୍କମା ବ୍ରିଜ୍‌ର ଦୁଇପାଶ୍ୱର୍ରେ ମାଟି ପକାଇବା ସହ ବ୍ରିଜ ଉପର ଭାଗକୁ ମରାମତି କରି ୧୬ଲକ୍ଷର କାମ ସାରିଦେଲେ। ବିଭାଗୀୟ ଯନ୍ତ୍ରୀଙ୍କ ଆଖି ଆଗରେ କୌଣସି କାର୍ଯ୍ୟ ହୋଇନଥିବା ବେଳେ ସେ ଠିକାଦାରଙ୍କୁ କିପରି ବିଲ୍ ପଇଠ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏନେଇ ବିଭାଗୀୟ ଯନ୍ତ୍ରୀ ସ୍ପଷ୍ଟୀକରଣ ରଖିବା ସହ ଯେଉଁ କାର୍ଯ୍ୟ ସବୁ ବାକି ରହିଛି ସେ ସବୁ କରାଇବା ନେଇ ପ୍ରତିଶୃତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାମ ହେବାର ଦେଖିବାକୁ ମିଳିଲା ନାହିଁ। ଏଭଳି ଦୁର୍ନୀତିକୁ ନେଇ ଆମେ ରାୟଗଡ଼ା ପୂର୍ତ୍ତବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସାବିତ୍ରୀ ପାଳିଲେ ସଧବା ମହିଳା



ମାଲକାନଗିରି,୧୬।୫(ସମିସ): ଆଜି ମାଲକାନଗିରିରେ ସଧବା ମହିଳାମାନେ ହର୍ଷ ଉଲ୍ଲାସର ସହ ପାଳନ କରିଛନ୍ତି ସାବିତ୍ରୀ ବ୍ରତ। ଚାରିଆଡେ ହିନ୍ଦୁ ଧର୍ମର ମହିଳାମାନେ ଏହି ବ୍ରତ ପାଳନ କରୁଥିବା ବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ମହିଳାମାନେ ଏହି ବ୍ରତ ପାଳନ କରିଛନ୍ତି। ଜିଲ୍ଲା ସଦରରେ ଥିବା ଅନେକ ମନ୍ଦିର କିମ୍ବା ଚଉଁରା ମୂଳ ଓ ଅନେକ ମହିଳା ନିଜ ଘରେ ମଧ୍ୟରେ ପୂଜାର୍ଚ୍ଚନା କରି ବ୍ରତ ପାଳିଛନ୍ତି। ଏହି ଅବସରରେ ସତ୍ୟବାନ ଓ ସାବିତ୍ରୀଙ୍କ ପ୍ରତିମୂର୍ତ୍ତି କରି ଚଉଁରା ମୂଳେ ବା ଠାକୁର ଘରେ ବ୍ରତୋତ୍ସବ ପାଳନ ବେଳେ ସାବିତ୍ରୀ ଉପାଖ୍ୟାନ ପାଠ କରିବା ସହ ନୂଆ ପୋଷାକ ଧାରଣ କରି ଫଳ ଆହାର କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ସାବିତ୍ରୀ ବ୍ରତକୁ ନେଇ ଫଳ ବଜାରରେ ବେସ ଚହଳ ଖେଳି ଯାଇଥିଲା। ଫଳ ଗୁଡିକର ଦରଦାମ ଆକାଶ ଛୁଆଁ ହୋଇଥିବା ବେଳେ ବ୍ୟବସାୟୀମାନେ ବେସ ଭଲ ଦୁଇ ପଇସା ରୋଜଗାର କରିଥିବା ଦେଖିବାକୁ ମିଳିଛି।

ଏମଭି-୭୯: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମଭି-୭୯ ସ୍ଥିତ ତାରକେଶ୍ୱର ମନ୍ଦିର ଏବଂ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଥିବା ପବିତ୍ର ବଟବୃକ୍ଷ ନିକଟରେ ଶନିବାର ସଧବା ମହିଳାମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ସ୍ୱାମୀଙ୍କ ଦୀର୍ଘାୟୁ ଓ ପରିବାରର ସୁଖ-ଶାନ୍ତି କାମନା କରି ମହିଳାମାନେ ବଟବୃକ୍ଷ ପୂଜା କରିବା ସହ ବ୍ରତର ସମସ୍ତ ନୀତିକାନ୍ତି ପାଳନ କରିଥିଲେ। ଏହି ଅବସରରେ ହନୁମାନ ମନ୍ଦିରର ପୂଜକ ତପନ ନନା ଶିବ ମନ୍ଦିର ପୂଜକ ପୂର୍ଣ୍ଣ ନନା ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଓ ବ୍ରତ କାର୍ଯ୍ୟ ସମ୍ପାଦନା କରିଥିଲେ। ଏମଭି ୭୯ ସମେତ ଆଖପାଖ ଗ୍ରାମର ଅନେକ ସଧବା ମହିଳା ଏଥିରେ ସାମିଲ ହୋଇ ପାରମ୍ପରିକ ରୀତିନୀତି ଅନୁସାରେ ବ୍ରତ ପାଳନ କରିଥିଲେ।



## ଆମ୍ବୋଦଳା ଷ୍ଟେସନରେ ପୁରୀ-କୋରାପୁଟ ଏକ୍ସପ୍ରେସ୍ ରହଣି ଦାବି

### ନାଗରିକ କମିଟି ପକ୍ଷରୁ ମହାପ୍ରବନ୍ଧକଙ୍କୁ ସ୍ମାରକପତ୍ର

ଅମ୍ବାଦଳା,୧୬।୫(ସମିସ): ଅମ୍ବାଦଳା ନାଗରିକ କମିଟି ପକ୍ଷରୁ ଆମ୍ବୋଦଳା ଷ୍ଟେସନରେ ପୁରୀ-କୋରାପୁଟ ଏକ୍ସପ୍ରେସ୍ ରହଣି ଦାବି ନେଇ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ରେଳବାଇ ଜୋନ ମହାପ୍ରବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ ଦେଇଛି କମିଟି। ରାୟଗଡ଼ା ଜିଲ୍ଲା ଆମ୍ବୋଦଳା ନାଗରିକ କମିଟି ପକ୍ଷରୁ ଅମ୍ବାଦଳା ଷ୍ଟେସନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ରେଳବାଇ ଜୋନର ମହାପ୍ରବନ୍ଧକଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରେରଣ କରାଯାଇ ପ୍ରସ୍ତାବିତ ସପ୍ତାହକୁ ତିନିଦିନିଆ ପୁରୀ-କୋରାପୁଟ (ଟ୍ରେନ୍ ନଂ-୧୮୪୦୭/୧୮୪୦୮) ଏକ୍ସପ୍ରେସ୍ ଟ୍ରେନର ଆମ୍ବୋଦଳା ରେଳ ଷ୍ଟେସନରେ ରହଣି ବ୍ୟବସ୍ଥା କରିବାକୁ ଦାବି କରାଯାଇଥିବା ବେଳେ ଉପକୂଳ ଓଡ଼ିଶା ଓ ପଶ୍ଚିମ-ଦକ୍ଷିଣ ଓଡ଼ିଶା ମଧ୍ୟରେ ଯାତାୟାତ ସୁବିଧା ବୃଦ୍ଧି ଏବଂ ଜଗନ୍ନାଥ ଧାମ ପୁରୀ ସହ ସଂଯୋଗ ସୃଷ୍ଟି



ପାଇଁ ଏହି ଟ୍ରେନ ଆରମ୍ଭ କରାଯାଇଥିବାରୁ ଅଞ୍ଚଳବାସୀ ରେଳବାଇ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ଛୋଟ ଷ୍ଟେସନରେ ରହଣି, ଆମ୍ବୋଦଳାକୁ ଅବହେଳା, କାକିରିଗୁମ୍ମା ଓ ଲକ୍ଷ୍ମୀପୁର ଭଳି ଛୋଟ ଷ୍ଟେସନରେ ରହଣି ବ୍ୟବସ୍ଥା ରଖାଯାଇଥିବା ସତ୍ତ୍ୱେ ଆମ୍ବୋଦଳା ଷ୍ଟେସନକୁ ଅବହେଳା କରାଯାଇଛି। ବର୍ତ୍ତମାନ ଅମ୍ବାଦଳାରୁ ପୁରୀ, ତାଳଚେର, ଢେଙ୍କାନାଳ, ବୌଦ୍ଧ ଓ ଅନୁଗୁଳକୁ କୌଣସି ସିଧାସଳଖ ଟ୍ରେନ୍ ସଂଯୋଗ ନଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ-ଆହମଦାବାଦ ଟ୍ରେନ ରହଣି ଦାବି ମଧ୍ୟ କରାଯାଇଛି। ଆଦିବାସୀ ଅଞ୍ଚଳର ପ୍ରମୁଖ ଯାତାୟାତ କେନ୍ଦ୍ର ଆମ୍ବୋଦଳା ଷ୍ଟେସନ ମୁନିଗୁଡା, ଲାଞ୍ଜିଗଡ଼ ଓ କନ୍ଧମାଳ ଜିଲ୍ଲାର ଅନୁସୂଚିତ ଜାତି, ଜନଜାତି ଅଞ୍ଚଳର ଲୋକଙ୍କ ମୁଖ୍ୟ ରେଳ ଯାତାୟାତ କେନ୍ଦ୍ର ଭାବେ କାମ କରୁଥିବା କମିଟି କହିଛି। ଲାଞ୍ଜିଗଡ଼ ସହ କନ୍ଧମାଳ ପରିବହନ ପାଇଁ ସିଧାସଳଖ ସଂଯୋଗ ଥିବାରୁ ଆମ୍ବୋଦଳା ଏକ ମିନି ଜଙ୍କସନ୍ ଭାବେ ପରିଚିତ ଏବଂ ରେଳବାଇକୁ ପ୍ରତିବର୍ଷ ଭଲ ରାଜସ୍ୱ ଯୋଗାଇଆସୁଛି। ଭିଏଏଲ୍ ପାଇଁ ଷ୍ଟେସନର ଆଧୁନିକୀକରଣ ମଧ୍ୟ କରାଯାଇଛି। ତେଣୁ ପ୍ରସ୍ତାବିତ ପୁରୀ-କୋରାପୁଟ ଏକ୍ସପ୍ରେସ୍ ଟ୍ରେନର ଅମ୍ବାଦଳା ଷ୍ଟେସନରେ ରହଣି ବ୍ୟବସ୍ଥାକୁ ପୁନର୍ବିଚାର କରି ଶୀଘ୍ର ଅନୁମୋଦନ କରିବାକୁ ନାଗରିକ କମିଟି ଦାବି କରିଛି।

## ସେଞ୍ଚୁରିଆନ ୟୁନିଭର୍ସିଟି ପକ୍ଷରୁ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ



ରାୟଗଡା,୧୬।୫(ସମିସ): ଜାତୀୟ ଡେଙ୍ଗୁ ଦିବସ ଅବସରରେ ସେଞ୍ଚୁରୀଆନ ୟୁନିଭେର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜେମେଣ୍ଟ (ସିୟୁଟିଏମ) ର ରାୟଗଡ କ୍ୟାମ୍ପସ ସ୍ଥିତ ନର୍ସିଙ୍ଗ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚଏଚ), ରାୟଗଡର ମହିଳା ମେଡିସିନ ୱାର୍ଡରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ଏକତ୍ର ହୋଇ କାର୍ଯ୍ୟ କର, ଡେଙ୍ଗୁ ଦୂର କର' ଥିମ୍‌କୁ ଆଧାର କରି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ନର୍ସିଙ୍ଗ ଅଧ୍ୟାପକ ଓ ଚତୁର୍ଥ ସେମେଷ୍ଟର ବିଏସ୍‌ସି ନର୍ସିଙ୍ଗ ଛାତ୍ରଛାତ୍ରୀମାନେ ଡେଙ୍ଗୁ ସଚେତନତା ଦୂତ ଭାବେ ପ୍ରାୟ ୩୬ ଜଣ ରୋଗୀ ଓ ସେମାନଙ୍କ ସହଯୋଗୀଙ୍କୁ ସଚେତନ କରିଥିଲେ। ସେମାନେ ଡେଙ୍ଗୁର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ, ପରିବେଶ ସ୍ୱଚ୍ଛତା, ମଛା ପ୍ରଜନନ ସ୍ଥଳ ନିରାକରଣ ଓ ଡେଙ୍ଗୁ ସମ୍ପର୍କିତ ଭ୍ରାନ୍ତିଧାରଣା ଦୂର କରିବା ଉପରେ ସଚେତନତା ସୃଷ୍ଟି କରିଥିଲେ। ଡିଏଚଏଚର ମେଡିକାଲ ଅଫିସର, ନର୍ସିଙ୍ଗ ଇନ୍‌ଚାର୍ଜ ଓ ନର୍ସିଙ୍ଗ ଅଫିସରମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହୋଇଥିଲା। ସମୁଦାୟ ଭିତ୍ତିକ ମଶା ନିୟନ୍ତ୍ରଣ ଓ ସମୟୋପଯୁକ୍ତ ଚିକିତ୍ସା ହିଁ ଡେଙ୍ଗୁ ପ୍ରତିରୋଧର ମୁଖ୍ୟ ଉପାୟ ବୋଲି ଏହି କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିଲା।

## ନିଖିଲ ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ



ରାୟଗଡ଼ା,୧୬।୫(ସମିସ): ରାୟଗଡର ବହୁ ଚର୍ଚ୍ଚିତ ହାଡପା ନିଖିଲ ହତ୍ୟାକାଣ୍ଡ ଘଟଣାରେ ରାୟଗଡ ପୋଲିସକୁ ମିଳିଛି ଏକ ବଡ ସଫଳତା। ୭ ଦିନର ଜୋରସୋର ତନାଘନା, ଚଢ଼ଉ ଓ ତଦନ୍ତ ପରେ ପୋଲିସ ହାତରେ ଧରାପଡିଛନ୍ତି ମୁଖ୍ୟ ଅଭିଯୁକ୍ତ ଉମେଶ ହିଆଲ, ରାଜ ସିମଲି ଏବଂ ଅକ୍ଷୟ ସାମଲ ଓରଫ ଟିଙ୍କୁଲୁ। ଏମାନଙ୍କୁ ପୋଲିସ ବିହାର ରାଜ୍ୟର ଔରାଙ୍ଗାବାଦ ଜିଲ୍ଲା ମଦନପୁର ଥାନା ଅଞ୍ଚଳରୁ ଗିରଫ କରିଛି। ସମସ୍ତ ଆଇନଗତ ପ୍ରକ୍ରିୟା ଅନୁସରଣ କରିବା ପରେ ବିହାରରୁ ଗିରଫ ହୋଇଥିବା ୩ ଅଭିଯୁକ୍ତମାନଙ୍କୁ ଟ୍ରାଂଜିଟ ରିମାଣ୍ଡରେ ଅଣାଯାଉଛି ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏହି ହତ୍ୟାକାଣ୍ଡ ମାମଲାରେ ଅଧିକ ଗିରଫଦାରୀ ହେବାର ସମ୍ଭାବନା ଅଛି ଏବଂ ଚଢ଼ଉ ଏବଂ ତଦନ୍ତ ଉଭୟ ଏବେ ମଧ୍ୟ ଜୋରସୋରରେ ଚାଲିଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ରାୟଗଡା ଏସ୍‌ପି ସ୍ୱାତୀ ଏସ୍ କୁମାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୬ଟି ପୋଲିସ ଟିମ୍ ଗଠନ କରାଯାଇଥିବା ବେଳେ ଏଏସପି ରାମେନ୍ଦ୍ର ପ୍ରସାଦ ଟେକ୍ନିକଲ ଟିମ୍ ଏହାର ନେତୃତ୍ୱ ନେଇଥିଲେ। ବହୁ ଚେଷ୍ଟା ପରେ ଶେଷରେ ବିହାରରୁ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ରାୟଗଡା ପୋଲିସ। ପ୍ରକାଶ ଥାଉ କି, ଗତ ଶନିବାର ୯ ତାରିଖ ରାତ୍ରରେ ରାୟଗଡା ସହରର ଇନ୍ଦିରା ନଗର ତୃତୀୟ ଲାଇନରେ ନିଖିଲକୁ ଗୁଳି କରି ଅପହରଣ ପରେ ହତ୍ୟା କରିଥିଲେ ଅଭିଯୁକ୍ତମାନେ। ରବିବାର ଭୋର ସକାଳୁ ସହରର କନ୍ଧତୁମ୍ବିଗୁଡା ନିକଟସ୍ଥ ନାଗାବଳୀ ତୁଠରୁ ନିଖିଲର ମୃତଦେହକୁ ଉଦ୍ଧାର କରିଥିଲା ପୋଲିସ। ପରେ ହତ୍ୟାକାଣ୍ଡ ଘଟଣାକୁ ନେଇ ନିଖିଲଙ୍କ ପରିବାର ଓ ଆମ୍ବେଦକର ସାହି (ରେଳି ସାହି) ବାସିନ୍ଦାମାନେ ନ୍ୟାୟ ଦାବିରେ ଥାନା ସମ୍ମୁଖରେ ଧାରଣା ଦେବା ସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଦାବି କରିଥିଲେ। ଘଟଣାକୁ ନେଇ ସହରରେ ଅଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ନିକଟରେ ନ୍ୟାୟ ଦାବି କରାଯାଇଥିବା ବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି କନୱର ବିଶାଳ ସିଂ ମଧ୍ୟ ରାୟଗଡା ଗସ୍ତ କରି ମାମଲାର ଅଗ୍ରଗତି ନେଇ ନିରନ୍ତର ଭାବେ ଜିଲ୍ଲା ଏସ୍‌ପିଙ୍କ ସହ ଆଲୋଚନା କରି ଆସୁଥିଲେ।

## ରାୟଗଡ଼ରେ ଗଣଶିକ୍ଷା ମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ରାୟଗଡ଼ା,୧୬।୫(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମନ୍ତ୍ରୀ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡ ରାୟଗଡ଼ ଗସ୍ତ କରି ରାୟଗଡ଼ କଲେକ୍ଟରେଟ୍ ନ୍ୟୁ କନ୍‌ଫରେନ୍ସ ହଲରେ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ରାୟଗଡ଼ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକ ପାତ କରିଥିଲେ। ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣି ରାୟଗଡ଼ ଜିଲ୍ଲାର ସମସ୍ତ ତଥ୍ୟ ବିଶଦ୍ ଭାବରେ ବର୍ଣ୍ଣନା କରିଥିଲେ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାୟଗଡ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ବିଷୟରେ ଅବଗତ ହେଲା ପରେ ଖୁସି ବ୍ୟକ୍ତ କରିଥିଲେ। ଅଧିକରୁ ଅଧିକ ଉନ୍ନତି କରିବା ପାଇଁ ସମସ୍ତଙ୍କର ଇଚ୍ଛା ଶକ୍ତି ଦରକାର। ସେ ବାରମ୍ବାର ରାୟଗଡ଼ ଜିଲ୍ଲା ଗସ୍ତ କରି ଲୋକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଦେବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

### ଜିଲ୍ଲାର ୭ ବ୍ଲକ୍‌ରେ ଖାଲି ପଡିଛି କନିଷ୍ଠ ଯନ୍ତ୍ରୀ ପଦବୀ

# ବିନା ଯନ୍ତ୍ରୀରେ ଚାଲିଛି ରାୟଗଡ଼ କ୍ଷୁଦ୍ର ଜଳସେଚନ ବିଭାଜନ

ରାୟଗଡା,୧୬।୫(ସମିସ): ଆଦିବାସୀ ବହୁଳ ରାୟଗଡ଼ ଜିଲ୍ଲାରେ ବସବାସ କରୁଥିବା ହଜାର ହଜାର ପରିବାର ଚାଷ ଉପରେ ନିର୍ଭର କରୁଛନ୍ତି। ଚାଷ ଜମିକୁ ଜଳ ସେଚନ ବ୍ୟବସ୍ଥା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଜିଲ୍ଲାର କ୍ଷୁଦ୍ର ଜଳ ସେଚନ ବିଭାଜନରେ ଏବେ ଯନ୍ତ୍ରୀ ପଦବୀ ଖାଲି ପଡିଥିବା ଦେଖିବାକୁ ମିଳିଛି। ଆଶ୍ଚର୍ଯ୍ୟର କଥା ଆଜକୁ ବହୁତ ଦିନ ହେବ ବିନା ଯନ୍ତ୍ରୀରେ ଚାଲିଛି କ୍ଷୁଦ୍ର ଜଳସେଚନ ବିଭାଜନର ରାୟଗଡା, କୋଲନରା, କଲ୍ୟାଣସିଙ୍ଗପୁର, କାଶିପୁର, ଗୁଣପୁର, ପଦ୍ମପୁର ଏବଂ ବିଷମକଟକ ବ୍ଲକ୍। ଏହି ୭ଟି ବ୍ଲକରେ ଦୀର୍ଘ ଦିନ ହେବ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଥିବା ଜଣାପଡିଛି। ଫଳରେ ଉକ୍ତ ବ୍ଲକ




ଗୁଡିକରେ ବିଭାଜନ ଅନ୍ତର୍ଗତ କୌଣସି ସରକାରୀ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ବନ୍ଧ ଓ କେନାଲର ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ଯଦ୍ୱାରା ଚାଷୀମାନେ ବିଭିନ୍ନ ପ୍ରକାରର ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ନିୟମାନୁସାରେ ଦୁର୍ଗମ ଜିଲ୍ଲାରେ କୌଣସି ପଦବୀ ଖାଲି ପଡିବା କଥା ନୁହେଁ, କିନ୍ତୁ ବିଡମ୍ବନାର ବିଷୟ ଏହି ଜିଲ୍ଲା ପ୍ରତି ସରକାରଙ୍କ କୌଣସି ନଜର ନାହିଁ। ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। କହିବାକୁ ଗଲେ ବିକାଶ ଏକ ପ୍ରକାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯାହାକୁ ନେଇ ରାୟଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚିନ୍ତାବ୍ୟକ୍ତ କରାଯାଇଛି। ଏଥିସହ ମଞ୍ଚ ପକ୍ଷରୁ ରାୟଗଡ କ୍ଷୁଦ୍ର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରୁ ଜିଲ୍ଲାରେ ଖାଲି ପଡିଥିବା ପଦବୀ ବିଷୟରେ ସେ ଉପରିସ୍ଥ ଅଧିକାରୀଙ୍କୁ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଏହାବାଦ୍ ବହୁତ ଦିନ ଧରି ଡିଭିଜନ ଜେଇ(ଏଷ୍ଟିମେଟର) ପଦବୀ ମଧ୍ୟ ଖାଲିଥିବା ବେଳେ ଚଳିତ ମାସରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏସ୍‌ଡିଓ) ମଧ୍ୟ ଚାକିରିରୁ ଅବସର ନେବେ ବୋଲି କହିଛନ୍ତି। ଏଥିସହ ଉକ୍ତ ମୁଖ୍ୟ କାର୍ଯ୍ୟାଳୟରେ କିରାଣୀ ପଦବୀଗୁଡିକ ମଧ୍ୟ ଖାଲି ପଡିଥିବା କୁହାଯାଇଛି। ତେଣୁ ଜିଲ୍ଲାରେ ୭ଟି ବ୍ଲକରେ ଖାଲି ପଡିଥିବା ଜେଇ ପଦବୀଗୁଡିକ ତୁରନ୍ତ ପୂରଣ କରିବା ପାଇଁ ରାୟଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଯଦି ଖାଲି ପଡିଥିବା ପଦବୀ ପୂରଣ କରିବାରେ ବିଳମ୍ବ କରାଯାଏ ତେବେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ଏବଂ ଆବଶ୍ୟକ ସ୍ଥଳେ ରାୟଗଡ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

● ମାଥିଲି ବହୁମୁଖୀ ସମବାୟ ସମିତିରେ ମହାଦୁର୍ନୀତି ପ୍ରସଙ୍ଗ

## କାର୍ଯ୍ୟାନୁଷ୍ଠାନ ନ ହେଲେ କାର୍ଯ୍ୟାଳୟ ଘେରଉ ପାଇଁ କଂଗ୍ରେସର ଚେତାବନୀ

ମାଥିଲି,୧୬।୫(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବହୁମୁଖୀ ସମବାୟ ସମିତିରେ ହୋଇ ଥିବା ୨.୪୯ କୋଟିର ମହାଦୁର୍ନୀତିର ରାଜ୍ୟ ସରକାରଙ୍କ ତରଫରୁ ସଠିକ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଦାବି। ମାଥିଲି ବହୁମୁଖୀ ସମବାୟ ସମିତିର କର୍ମଚାରୀମାନେ ବେନାମୀ ନାମରେ ଆକାଉଣ୍ଟ ଖୋଲି କୋଟି କୋଟି ଅର୍ଥ ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଜିଲ୍ଲାସ୍ତରୀୟ ତଦନ୍ତ ପରେ ତଦନ୍ତ ପ୍ରାୟ ତିନି ତିନି ଥର ହେବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ତଦନ୍ତକାରୀ ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତ ହୋଇଥିଲା। କିନ୍ତୁ ରାଜ୍ୟସ୍ତରୀୟ ତଦନ୍ତ କୁ କିଛି ସମସ୍ତ ତଥ୍ୟ ସାର୍ବଜନୀନ କରାନଯିବା ଅଞ୍ଚଳରେ ଏବେ ଆହୁରି ଚର୍ଚ୍ଚାର ବିଷୟ ପାଲଟିଛି। ଯଦି ଏହା ଆଗାମୀ ଦିନରେ ଦୁର୍ନୀତିରେ ଲିପ୍ତ ଥିବା ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନିଆ ଯାଏ ତାହେଲେ ଆଗାମୀ ଦିନରେ ବ୍ଲକର ଚାଷୀମାନଙ୍କୁ ନେଇ ବହୁମୁଖୀ ସମବାୟ ସମିତିର କାର୍ଯ୍ୟାଳୟ ଘେରଉ କରିବା ପାଇଁ କଂଗ୍ରେସ ବ୍ଲକ୍ ସଭାପତି ମଙ୍ଗଳା ଗୌଡ଼ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଗ୍ୟାସ ସିଲିଣ୍ଡର ପାଇଁ ଟଣା ଓଟରା



ଟିକିରି,୧୬।୫(ସମିସ): ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପାଇଁ ସାରା ଦେଶରେ ଗ୍ୟାସ ସିଲିଣ୍ଡର ଯୋଗାଣର ସଙ୍କଟ ଦେଖାଦେଇଥିବା ବେଳେ ରାୟଗଡ ଜିଲ୍ଲା କାଶିପୁର ବ୍ଲକରେ ଏବେ ଏଚପି ଗ୍ୟାସ ସିଲିଣ୍ଡର ପାଇଁ ଗ୍ରାହକଙ୍କ ମଧ୍ୟରେ ଟଣାଓଟରା ହେଉଥିବା ଦେଖିବାକୁ ମିଳିଛି। ଗ୍ୟାସ ସିଲିଣ୍ଡର କାଶିପୁର ବ୍ଲକକୁ ଉଚିତ ପରିମାଣରେ ଆସୁନଥିବା ଅଞ୍ଚଳବାସୀ ଅଭିଯୋଗ ଅଭିଯୋଗ କରିଛନ୍ତି। ଗ୍ୟାସ ସିଲିଣ୍ଡର ପାଇଁ ଲୋକେ ବୁକିଙ୍ଗ କରୁଥିବା ବେଳେ ଠିକ୍ ସମୟରେ ଗ୍ରାହକ ପାଖରେ ପହଞ୍ଚିପାରୁ ନାହିଁ ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି। ଆଜି ଗ୍ୟାସ ସିଲିଣ୍ଡର ପାଇଁ ଲୋକଙ୍କ ଭିତରେ ଟଣାଓଟରା ହେଉଥିବା ଭିଡିଓ ମୋବାଇଲକୁ ମୋବାଇଲ ଘୁରି ବୁଲୁଛି। ଶନିବାର ଟିକିରିରେ ଗ୍ୟାସ ବିତରଣ କରୁଥିବା ବେଳେ ଟଣାଓଟରା ଦେଖିବାକୁ ମିଳିଛି। ଗୋଟିଏ ପିକ୍ଅରେ ୭୦ ଟି ଗ୍ୟାସ ସିଲିଣ୍ଡର ଆସିଥିବା ବେଳେ ପ୍ରାୟ ୧୫୦ ଗ୍ରାହକ ରହିଥିଲେ। ଗ୍ୟାସ ସିଲିଣ୍ଡର ପାଇଁ ଏବେ ବହୁତ କିଛି ହୋଟେଲ ମଧ୍ୟ ବନ୍ଦ ହୋଇ ରହୁଛି। ଜନସଂଖ୍ୟା ଅନୁଯାୟୀ ଟିକିରି ଅଞ୍ଚଳକୁ ଗ୍ୟାସ ପହଞ୍ଚୁ ନଥିବାରୁ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଉଜାଲା ଗ୍ୟାସ ବୁକିଙ୍ଗ ଓ କେୱାଇସି ଠିକ ନଥିବାରୁ ଲୋକ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ୟାସ ଏଜେନ୍ସି ପକ୍ଷରୁ ଲୋକଙ୍କୁ କେୱାଇସି ଓ ବୁକିଙ୍ଗ କରିବାକୁ ଅନୁରୋଧ କରିଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ବ୍ଲକ୍ ପ୍ରଶାସନ ଦୃଷ୍ଟି ଆକର୍ଷଣ କଲେ କାଶିପୁର ବ୍ଲକ ଅଞ୍ଚଳବାସୀ କିଛି ଉପକୃତ ହୋଇଥାନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# କୋରାପୁଟ-ପୁରୀ ନୂତନ ଟ୍ରେନ୍ ଜଗଦଲପୁର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି

## ଜୟପୁର, ମାଲକାନଗିରି, ନବରଙ୍ଗପୁର ପ୍ରତି ପାତରଅନ୍ତର ଅଭିଯୋଗ

ଜୟପୁର,୧୬।୫(ସମିସ):

କେନ୍ଦ୍ର ରେଳ ମନ୍ତ୍ରୀଙ୍କ ପକ୍ଷରୁ ନୂତନ ଭାବେ କୋରାପୁଟ- ପୁରୀ ମଧ୍ୟରେ ସପ୍ତାହକୁ ୩ ଦିନ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବା ନେଇ ଘୋଷଣା କରିଛନ୍ତି। କିନ୍ତୁ ରେଳମନ୍ତ୍ରୀ ଓ ବିଭାଗ ଏହି ନୂତନ ଟ୍ରେନ ଚଳାଚଳ ପୂର୍ବରୁ ଦକ୍ଷିଣ ଓଡିଶାର ଦ୍ୱିତୀୟ ବୃହତ୍ତମ ସହର ଜୟପୁର ଏବଂ ୫ଟି ବ୍ଲକକୁ ନେଇ ଉପଖଣ୍ଡ ସମେତ ନବରଙ୍ଗପୁର ଏବଂ ମାଲାକାଗିରି ଜିଲ୍ଲାର ଯାତ୍ରୀଙ୍କୁ ଏକ ପ୍ରକାର ଉପେକ୍ଷା କରାଯାଇଛି ବୋଲି ଜୟପୁର ସହରର ଆଇନଜୀବି ତଥା ମାନବାଧଇକାର କର୍ମୀ ଅନୁପକୁମାର ପାତ୍ର ଏବଂ ଜୟପୁର ସ୍ୱାଭିମାନ ମଞ୍ଚ ପକ୍ଷରୁ ପୃଥକ ପୃଥକ ଭାବେ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ନୂତନ ଟ୍ରେନକୁ ଛତିଶଗଡ ରାଜ୍ୟର ଜଗଦଲପୁର ପର୍ଯ୍ୟନ୍ତ ବୃଦ୍ଧି କରାଗଲେ ଛତିଶଗଡ ରାଜ୍ୟ ସମେତ ନବରଙ୍ଗପୁର, ମାଲକାନଗିରି ଜିଲ୍ଲାର ଯାତ୍ରୀମାନେ ଉପକୃତ ହୋଇପାରିବେ। ସେହିପରି କୋରାପୁଟ ଠାରୁ ଏହି ଟ୍ରେନ ଭୋର ୫ଟାରୁ ଯାତ୍ରା ଆରମ୍ଭ କରିବ ଏବଂ ପୁରୀ ଠାରୁ ଆସୁଥିବା ଏହି ଟ୍ରେନ କୋରାପୁଟ ଠାରେ ବିଳମ୍ବିତ ରାତି ସାଢେ ୧୧ଟାରେ ପହଞ୍ଚିବ। ଯାହା ଜୟପୁର, ନବରଙ୍ଗପୁର ଏବଂ ମାଲକାନଗିରି ଅଞ୍ଚଳର ଯାତ୍ରୀ ନିଜ ନିଜ ଅଞ୍ଚଳକୁ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେବ। ତେଣୁ ଏହିପରି ସମୟ ସାରଣୀର ପରିବର୍ତ୍ତନ ପାଇଁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ପତ୍ର ପ୍ରେରଣ କରାଯାଇ ଅଭିଯୋଗ ସହିତ ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରାଯାଇଛି। ଅନ୍ୟ ପକ୍ଷରେ ମାନବାଧିକାର କର୍ମୀ ଶ୍ରୀ ପାତ୍ର ଜୟପୁର, ମାଲକାନଗିରି ଏବଂ ନବରଙ୍ଗପୁର ଅଞ୍ଚଳର ବାସିନ୍ଦାଙ୍କ ମାନବାଧିକାର ଉଲଙ୍ଘନ କରାଯାଇଛି। ଏହି ନୂତନ ଟ୍ରେନ ବ୍ୟବସ୍ଥା ଦ୍ୱାରା ଏହି ତିନୋଟି ଅଞ୍ଚଳର ସର୍ବାଧିକ ଯାତ୍ରୀ ଯାତ୍ରା କରିବାରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, କୋରାପୁଟ ଠାରୁ ଏହି ଟ୍ରେନ ପୁରୀ ପର୍ଯ୍ୟନ୍ତ ସପ୍ତାହରେ ୩ ଦିନ ଯାତ୍ରା କରିବ ଦକ୍ଷିଣ ଓଡିଶାର ରାୟଗଡା ସମେତ ପଶ୍ଚିମ ଓଡିଶାର କେସିଙ୍ଗା, ଟିଟଲାଗଡ, ସମ୍ବଲପୁର ଏବଂ ଭୁବନେଶ୍ୱର ଓ ଖୋର୍ଦ୍ଧା ଷ୍ଟେସନ ରହଣି ପରେ ପୁରୀଠାରେ ଦୀର୍ଘ ସାଢେ ୧୭ ଘଣ୍ଟା ସମୟରେ ଅତିକ୍ରମ କରି ପହଞ୍ଚିବ।

# ଆଦିବାସୀ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କଲା କୁଇ ସମାଜ



ନାରାୟଣପାଟଣା,୧୬।୫(ସମିସ): ଚଳିତ ବର୍ଷ ନାରାୟଣପାଟଣା ବ୍ଲକର ମାଟ୍ରିକ ପରୀକ୍ଷାରେ କୃତି ହାସଲ କରି ଥିବା ବ୍ଲକ୍‌ର ବିଭିନ୍ନ ଗ୍ରାମର ଆଦିବାସୀ ଛାତ୍ରଛାତ୍ରୀଙ୍କଙ୍କୁ ପ୍ରଥମ ଥର ପାଇଁ ଆଦିବାସୀ କୁଇ କୁଲମ ସଙ୍ଘ ତରଫରୁ ସମ୍ମାନୀତ କରିବା ସହ ଆଗକୁ ବଢି ଭଲ ପାଠ ପଢି ନାମ ଟେକ ରଖିବାକୁ ପରାମର୍ଶ ଦେଇଛି। ସ୍ଥାନୀୟ ଡଙ୍ଗାପାଇ ଗାଁ ଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା କୁଇ କୁଲମ ସଙ୍ଘର ସଭାପତି ହବିକା ରବି, ଅନୀଲ ଶିରିକା, ବିଜୟ ମେଲେକା, ସୋନା ଜାନୀ, ବିଜାଘାଟି ସରପଞ୍ଚ ପିଲିବ ଶିରିକା, ରାମେୟା ଶିରିକା, ଅମିର ମାଣ୍ଡିଙ୍ଗି, ଜୋତି ମେଲେକା, ମୋଶା ଶିରିକା ସମେତ ସଙ୍ଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। କୁତୁଡି ଗାଁର ରମେଶ ହୁଇକା ୫୦୭ ମାର୍କ, ଡଙ୍ଗାପାଇ ଗାଁର ନବୀନ ଶିରିକା ୩୯୭ ମାର୍କ, ମାଝି ଆମ୍ବ ଗାଁର ଦାଉଦ ଶିରିକା ୩୯୭ ମାର୍କ, ପାୟଲ ଶିରିକା ୩୯୨ ମାର୍କ, ପାଲେ ଶିରିକା ୩୮୯ ମାର୍କ ରଖି ପାସ୍ କରିଥିବା ବେଳେ ଏମାନଙ୍କୁ କୁଇ କୁଲମ ସମାଜ ତରଫରୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏମାନଙ୍କ ପାଠ ପଢ଼ିବା ଆଗକୁ ବଢ଼ିବାକୁ କୁଇ ସମାଜ ସହାୟତାର ହାତ ବଢେଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦିବ୍ୟାଙ୍ଗ ମହିଳା ଗୁରୁତର

ନନ୍ଦପୁର,୧୬।୫(ସମିସ): ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶ ଆସି ଜଣେ ଦିବ୍ୟାଙ୍ଗ ମହିଳା ଗୁରୁତର ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡିଛି। ସୂଚିତ ଯେ, ଶନିବାର ସକାଳୁ ମାଳି ବେଲଗାଁ ପଞ୍ଚାୟତ ଅଧୀନସ୍ଥ ଖୁଜେଲ ଗ୍ରାମର ଆନ୍ତ୍ରୀମାଣ୍ଡି ଚାଷ ଜମିକୁ କାମ ପାଇଁ ଯାଇଥିବା ସମୟରେ ଚାଷ ଜମି ଉପରେ ଯାଇଥିବା ଏକ ବିପଦ ସଙ୍କୁଳ ଝୁଲନ୍ତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜମି ତଳେ ଟଳି ପଡ଼ି ଛଟପଟ ହେଉ ଥିବା ବେଳେ ସାଥିରେ ଯାଇଥିବା ମହିଳାମାନେ ନିକଟ କୁ ଯାଇ ପ୍ରଥମେ ଆନ୍ତ୍ରୀମାଣ୍ଡିଙ୍କୁ ଘରକୁ ଆଣି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡିଛି। ତେବେ ବର୍ଷ ବର୍ଷ ଧରି ଏହି ୩୩ କେଭି ତାର ବିପଦ ସଙ୍କୁଳ ଅବସ୍ଥାରେ ଚାଷ ଜମି ଉପର ଦେଇ ଯାଇଥିବା ବେଳେ ବିଦ୍ୟୁତ୍ ବିଭାଗର ଦୃଷ୍ଟି ପଡିନଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେପଟେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦିବ୍ୟାଙ୍ଗ ମହିଳା ଆହତ ହୋଇଥିବାରୁ ବିଭାଗ ତାହାର ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଙ୍ଗଲ ଭିତରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ



ନନ୍ଦପୁର,୧୬।୫(ସମିସ): ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପାଡୁଆ ପୁଲିସ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ ସମୟରେ ପରାଜାବଡ ପଡା ଗ୍ରାମପଞ୍ଚାୟତ ଅଧୀନ ରାଙ୍ଗଣିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଜଙ୍ଗଲ ବୁଦା ଭିତରେ ଲୁଚାଇ ରଖାଯାଇଥିବା ବହୁ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଜବତ ଗଞ୍ଜେଇର ଓଜନ ପ୍ରାୟ ୧୦୪୫ କିଲୋଗ୍ରାମ ତଥା ୧୦ କୁଇଣ୍ଟାଲ ୪୫ କିଲୋ ହୋଇଥିବା ବେଳେ ଏହାକୁ ବାହାର ରାଜ୍ୟକୁ ଚାଲାଣ କରି ବିକ୍ରି କରିବା ପାଇଁ ଜଙ୍ଗଲ ଭିତରେ ଲୁଚାଇ ରଖାଯାଇଥିବା ଅନୁମାନ କରାଯାଉଛି। ଏହି ଘଟଣାକୁ ନେଇ ପାଡୁଆ ଥାନାରେ କେସ ନଂ-୫୩ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ କୌଣସି ସନ୍ଦିଗ୍ଧ ଧରାପଡିନଥିବା ବେଳେ ଏହାର ତଦନ୍ତ ଏସଆଇ ଏସକେ ସେଠୀ କରୁଛନ୍ତି।

# ଚିତାବାଘର ଚମଡ଼ା ଜବତ; ୩ ଗିରଫ



ବ୍ରହ୍ମପୁର,୧୬।୫(ସମିସ)

ଚିତାବାଘ (କଲରାପତରିଆ) ଚମଡ଼ା ଜବତ ଘଟଣାରେ ଜରଡ଼ା ଥାନା ପୁଲିସ ତିନି ଅଭିଯୁକ୍ତ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ (୪୭), ବରଡ ଗାଁର ଗଞ୍ଜୁ ରଇତ (୬୦) ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡି (୨୫)। ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଚିତାବାଘର ଚମଡ଼ା, ଦୁଇଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା, ଛୁରୀ ଓ ଲୁହା ରୋଡ଼ ଜବତ ହୋଇଥିବା ନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ତେବେ କଲରାପତରିଆ ବାଘକୁ ଅଭିଯୁକ୍ତମାନେ କେଉଁଠି ହତ୍ୟା କରିଥିଲେ ଓ କିଏ କିଏ ହତ୍ୟା କରିଛନ୍ତି, କେଉଁଠି ବିକ୍ରି କରିଥାନ୍ତେ ନା ଆଉ କଣ ରହସ୍ୟ ରହିଛି ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି ପୁଲିସ। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତକାଲି ଅପରାହ୍ନ ସମୟରେ ଜରଡା ଥାନା ଅଧିକାରୀ ମିନାକ୍ଷୀ ଦଳ ବେହେରା ଏକ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲେ କି ଧାନବାଡ ଆଙ୍କୁଲି ଜଙ୍ଗଲରେ କଲରାପତରିଆ ବାଘ ଚମଡ଼ା ବିକ୍ରି ନେଇ କିଛି ବ୍ୟକ୍ତି ଯୋଜନା କରୁଛନ୍ତି। ଏ ବିଷୟରେ ସେ ଉପରିସ୍ଥ ଅଫିସରଙ୍କୁ ଜଣାଇବା ପରେ ଦିଗପହଣ୍ଡି, ଚିକିଟି ଓ ଜରଡ଼ା ଥାନାର କିଛି ଅଫିସରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଚିକିଟି ଏସଡିପିଓ ବିଶ୍ୱମିତ୍ର ହରପାଲଙ୍କ ନେତୃତ୍ୱରେ ଜରଡା ଥାନା ପୁଲିସ ଓ ଚିକିଟି ଫାଣ୍ଡି ପୁଲିସ ଓ ଦିଗପହଣ୍ଡିର ଜଣେ ଏସଆଇ ମିଳିତ ଭାବେ ଆଙ୍କୁଲି ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୪ଜଣ ବ୍ୟକ୍ତି ପାହାଡ଼ ଉପରେ ଥିବା ଜଙ୍ଗଲ ଆଡକୁ ଦୌଡୁଥିବାର ପୁଲିସ ଦେଖି ତୁରନ୍ତ ସେମାନଙ୍କ ପିଛା କରିଥିଲା। ପିଛା କରିବାର କିଛି ସମୟ ମଧ୍ୟରେ ଅଭିଯୁକ୍ତମାନେ ପୁଲିସ କର୍ମଚାରୀଙ୍କୁ ଜୋରଜବରଦସ୍ତ ଠେଲାଠେଲି କଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଖଣ୍ଡା ଦେଖାଇ ପୁଲିସ ଅଧିକାରୀଙ୍କୁ ହତ୍ୟା କରିବାକୁ ଧମକ ଦେଲେ। ଏପରିକି ବୋମା ପକାଇ ପୁଲିସ ଉପରକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବନ୍ଧୁକଧାରୀ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ତିନି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହେଲା। ଗିରଫ ଅଭିଯୁକ୍ତ ମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ, ବରଡ ଗାଁର ଗଞ୍ଜୁ ରଇତ ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡି। ଏହାପରେ ଘଟଣାସ୍ଥଳରୁ ଏକ ପାଟ୍ ବ୍ୟାଗ ଉଦ୍ଧାର କରାଯାଇଥିଲା। ଯେଉଁଥିରେ ଗୋଟିଏ ଚିତାବାଘର ପୂର୍ଣ୍ଣ ଆକାରର ଚମଡ଼ା ଏବଂ ଦୁଇଟି ଜୀବନ୍ତ ହାତ ତିଆରି ବୋମା ଥିଲା। ଅଭିଯୁକ୍ତମାନଙ୍କର ବ୍ୟକ୍ତିଗତ ତଲାସୀ ସମୟରେ ପୂର୍ଣ୍ଣ ଆକାରର ଚିତାବାଘ ଚମଡ଼ା ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ସେମାନଙ୍କ ନିକଟରୁ ମିଳିଥିଲା। ଆଜି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପିଙ୍କ ସମେତ ଚିକିଟି ଏସଡ଼ିପିଓ ବିଏମ୍ ହରପାଲ୍, ଜରଡ଼ା ଆଇଆଇସି ମିନାକ୍ଷୀଦଳ ବେହେରା, ଚିକିଟି ଫାଣ୍ଡିଅଧିକାରୀ ଗୌତମ ସାହୁ, ଦିଗପହଣ୍ଡି ଥାନାର ଏସଆଇ ରାଜ୍ କିଶୋର ପାତ୍ରଙ୍କ ସମେତ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

**ବନ୍ଧୁକଧାରୀ ଫେରାର**

# ଜନ ଆକ୍ରୋଶ ମହିଳା ସମାବେଶ




ଜୟପୁର,୧୬।୫(ସମିସ):

ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତର ସଦର ଗ୍ରାମ ଠାରେ କୋରାପୁଟ ଜିଲ୍ଲା ବିଜେପି ଉପସଭାପତି ତଥା ଫାମ୍ପୁଣି ମଣ୍ଡଳ ପ୍ରଭାରୀ ସୁଧାଂଶୁ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ମଣ୍ଡଳ ସଭାପତି ଦିନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଜନ ଆକ୍ରୋସ ମହିଳାସମାବେଶଅନୁଷ୍ଠିତହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ସାମିଲ ହୋଇଥିଲେ। ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଗୌତମ ସାମନ୍ତରାୟ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ୱାତୀ ହୋତା. ଉପସଭାନେତ୍ରୀ ସୀମା କରଣ, ସଦସ୍ୟା ସୁକଲଦେଇ ଗାଦବା, ସଙ୍ଗିତା ଆଚାର୍ଯ୍ୟ, ଶଶିରେଖା ଦାସ, ଭୀମ ନାୟକ, ଗୁପ୍ତେସ ଗାଦବା, ରାମ ଗାଦବା, ଭବାନୀ ରେ‡, ସୁନିତା ଗାଦବା, ମୋତି ଚପାଡି, ରାଧା ରଣା, ଗାୟତ୍ରୀ ନାୟକ, ହିରାମଣୀ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରାଘାତରେ ଯୁବକ ମୃତ

ଟିକିରି,୧୬।୫(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଅଣ୍ଡରାକଞ୍ଚ ଥାନା ରାଉଲଘାଟି ନିକଟରେ କାଳବୈଶାଖୀର ପ୍ରଭାବରେ ବଜ୍ରାଘାତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଧୁରୁମୁସି ଗ୍ରାମର ନାନ୍ଦୁମାଝୀଙ୍କ ପୁଅ ମନଚିତ ମାଝୀ। ଶନିବାର ଅପରାହ୍ନରେ ମନଚିତ ଓ ତାଙ୍କ ଭାଇ ରାଉଲଘାଟି ଯାଇ ଫେରୁଥିବା ସମୟରେ ପ୍ରବଳ ବର୍ଷା ଓ ଘଡଘଡି ସହ ବଜ୍ରାଘାତ ହେବାରୁ ଘଟଣା ସ୍ଥଳରେ ମନଚିତଙ୍କ ମୃତ୍ୟୁ ହୋଇଥିଲା। ତେବେ ଅଳ୍ପକେ ବର୍ତ୍ତିଯାଇଛନ୍ତି ତାଙ୍କ ଭାଇ। ଖବରପାଇ ଅଣ୍ଡରାକଞ୍ଚ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କାଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଅଣ୍ଡରାକଞ୍ଚ ଆଇଆଇସି ପ୍ରସାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି। ମୃତକଙ୍କ ଗୋଟିଏ ୪ବର୍ଷର ଛୁଆ ଥିବା ବେଳେ ଗରିବ ଶ୍ରେଣୀର ହୋଇଥିବାରୁ ସରକାର ତରଫରୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନବବଧୂର ଝୁଲନ୍ତା ଶବ ଉଦ୍ଧାର

ନବରଙ୍ଗପୁର /ନନ୍ଦାହାଣ୍ଡି,୧୬।୫(ସମିସ): ନବରଙ୍ଗପୁର ଥାନା ଅନ୍ତର୍ଗତ ବି. ମାଳିଗୁଡା ଗ୍ରାମରେ ଜଣେ ନବ ବଧୂଙ୍କ ମୃତ ଶରୀର ଗୋଟିଏ ଗଛରେ ଝୁଲୁଥିବା ଦେଖି ଗ୍ରାମବାସୀ ନବରଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ନବରଙ୍ଗପୁର ପୋଲିସ ଅତିରିକ୍ତ ଜିଲ୍ଲାଆରକ୍ଷୀ ଆଦିତ୍ୟ ସେନ, ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା, ସବ ଇନ୍ସପେକ୍ଟର ସବୀର ଅହମ୍ମଦ, ସୀମା ଲାକର ସହ ଡଙ୍ଗର ଭେଜା ଫାଣ୍ଡି ଅଧିକାରୀ ତୁଳସୀ ରାମ ପୂଜାରୀ ଓ ତାଙ୍କ ଟିମ ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ । ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ର ଦାସ ମହାନଦିଆ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ଶବକୁ ବ୍ୟବଚ୍ଛେଦ ନିମନ୍ତେ ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ବ୍ୟବସ୍ଥା କରିଥିଲା। ଖବର ଅନୁଯାୟୀ ଚିଲିଗୁଡା ଗ୍ରାମର ଚମ୍ପା ମାଳିଙ୍କ ଝିଅ ନେତ୍ର ମଣୀ ମାଲି(୧୮) ଗତ ଅପ୍ରେଲ ମାସରେ ମାଳିଗୁଡା ଗ୍ରାମର ମଧୁ ପୂଜାରୀଙ୍କ ପୁଅ ନରେଶ ପୂଜାରୀଙ୍କୁ ପ୍ରେମ ବିବାହ କରିଥିଲେ। ଆଜି ଠିକ ମାସକ ପରେ ଯୁବତୀଙ୍କ ମୃତ ଦେହ ପୁଅ ଘର ବାଡ଼ି ପଟ ଗଛ ଉପରେ ଝୁଲୁଥିବା ଦେଖିବାକୁ ମିଳିଛି। ସନ୍ଦେହ ଘେରରେ ରହିଛି ପୁଅ ଘର ତାଙ୍କ ବାପା ମଧୁ ପୂଜାରୀ ଜେଜେ ବାପା ଜଗନ୍ନାଥ ପୂଜାରୀ ଏବଂ ନରେଶକୁ ପୋଲିସ ନବରଙ୍ଗପୁର ଥାନାକୁ ନେଇ କେଶ ନମ୍ବର୧୮୯/୨୬ରେ କେଶ ରୁଜୁ କରି ତଦନ୍ତ ଜାରି ରହିଛି।

# ପେଟ୍ରୋଲ ଡିଜେଲ ଯୋଗାଣରେ କୋରାପୁଟ ଜିଲ୍ଲାକୁ ଅଗ୍ରାଧିକାର ଦିଆଯାଉ: ଉପାଧ୍ୟକ୍ଷ



ନନ୍ଦପୁର,୧୬।୫(ସମିସ): କୋରାପୁଟ ଜିଲ୍ଲା ଡିଜେଲ ଓ ପେଟ୍ରୋଲ ଯୋଗାଣ ରେ ଅଗ୍ରାଧିକାର ଦିଆଯାଉ ବୋଲି ଦାବି କରିଛନ୍ତି ନନ୍ଦପୁର ବ୍ଲକ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ। କୋରାପୁଟ ଜିଲ୍ଲାରେ ଦେଖା ଦେଇଥିବା ତୈଳ ଅଭାବକୁ ନେଇ ତେଲ ବୁନ୍ଦା ଏ ପାଇଁ ଲୋକେ ଖରା ତରାରେ ପେଟ୍ରୋଲ ପମ୍ପ ଆଗରେ ଘଣ୍ଟା ଘଣ୍ଟା ଧାଡ଼ି ବାନ୍ଧି ଛିଡା ହେଉଛନ୍ତି। ସୂଚିତ ଯେ, ନନ୍ଦପୁର ବ୍ଲକ ଅଞ୍ଚଳରେ ୫ ଟି ପେଟ୍ରୋଲ ପମ୍ପ ଥିବା ବେଳେ ଦେଶର ସ୍ଥିତି ଅନୁସାରେ ବର୍ତ୍ତମାନ ସ୍ଥିତି ପେଟ୍ରୋଲ ଡିଜେଲ ଯୋଗାଣରେ ନନ୍ଦପୁରର ସ୍ଥିତି ସାଂଘାତିକ ହେବାରେ ଲାଗିଛି। ଗତ ଦୁଇ ମାସ ହେବ ଯେମିତି ସେମିତି ଜନ ବହନ ଚଳାଚଳ ଉପରେ ସାମାନ୍ୟ ସ୍ଥିତି ରହିଥିବା ବେଳେ ବିଗତ ତିନି ଦିନ ଧରି ପାଡ଼ିଆ ଭେଜା ଖୁର୍ଜୀ ତତ୍ ସହିତ ନନ୍ଦପୁର ସଦର ମହକୁମା ସହ ୫ ଟି ପେଟ୍ରୋଲ ପମ୍ପ ମଧ୍ୟରେ ପେଟ୍ରୋଲ ଡିଜେଲ ଯୋଗାଣରେ ଅଭାବ ପରିଲିଖିତ ହୋଇଛି। ତେବେ ବୁଧବାର ମଧ୍ୟାହ୍ନରେ ନନ୍ଦପୁର ସ୍ଥିତ ଇଣ୍ଡିଆନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଡିଜେଲ ଉଦ୍ଦିଷ୍ଟ ହେବା ଖବର ପାଇ ଯାନ ବାହନର ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ହେଲେ ବିଗତ ଦୁଇଦିନ ତଳେ ଭାରତର ପ୍ରଧାନ ମନ୍ତ୍ରୀ ବିଶ୍ୱର ସ୍ଥିତି କୁ ନେଇ ଦେଇଥିବା ମନ୍ତବ୍ୟ ଉପରେ ସାଧାରଣ ଜନତାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିବା ବେଳେ ତାଙ୍କ ମନ୍ତବ୍ୟ ସତ ହେଉଥିବା ପରିଲିଖିତ ହୋଇଛି। ହେଲେ କୋରାପୁଟ ଠାରୁ ପାରାଦୀପ ଓ ଜଟଣୀ ତୈଳ କମ୍ପାନୀ ଦୂରତା ୫ ଶହ ରୁ ୭ ଶହ କିମି ହେଉଥିବା ବେଳେ ତେଲ ଗାଡି କୋରାପୁଟ ୫ ଅଞ୍ଚଳକୁ ପହଞ୍ଚିବାକୁ ଦୁଇ ରୁ ତିନି ଦିନ ଲାଗୁଛି। ତତ୍ ସହିତ ମିଳିଥିବା ସୂଚନା ଅନୁସାରେ ପେଟ୍ରୋଲ ପମ୍ପ ମାଲିକମାନେ ତେଲ ପାଇଁ ଆଗୁଆ ଟଙ୍କା ପୈଠ କରି ଦୁଇ ରୁ ତିନି ରୁ ଉର୍ଦ୍ଧ ବିଳମ୍ବ ହେଉଛି ଗାଡିରେ ତେଲ ପଟେଇ ବାକୁ ଯାହା ବର୍ତ୍ତମାନ ତୈଳ ଅଭାବର ଦ୍ୱିତୀୟ କାରଣ ହୋଇଛି। ଏହି ସ୍ଥିତି ରେ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ତୈଳ ଯୋଗାଣ ରେ ଅଗ୍ରାଧିକାର ଭିତି ପ୍ରାଥମିକତା ଦେବାକୁ ଦାବି କରିଛନ୍ତି ଉପାଧ୍ୟକ୍ଷ ଶ୍ରୀ ହନ୍ତାଳ।

# ଘର ବାରଣ୍ଡାରୁ ବାଇକ୍ ଚୋରି

**▶ ବର୍ଷକରେ ଲକ୍ଷ୍ମୀପୁରରେ ହୋଇଛି ୧୨ରୁ ଉର୍ଦ୍ଧ୍ୱ ଚୋରି**
**▶ ଚୋରଙ୍କୁ ଧରିବାରେ ପୁଲିସ୍ ବିଫଳ**

ଲକ୍ଷ୍ମୀପୁର,୧୬।୫(ସମିସ):

ଶୁକ୍ରବାର ରାତିରେ ଲକ୍ଷ୍ମୀପୁର ନୂଆ ସାହିରେ ବାସ କରୁ ଥିବା ରଶ୍ମିରଞ୍ଜନ ନାୟକଙ୍କ ଘର ବାରଣ୍ଡାରୁ ମୋଟରସାଇକେଲକୁ ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ସେ ଲକ୍ଷ୍ମୀପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ରାତିରେ ଗୋବିନ୍ଦ ଆଚାର୍ଯ୍ୟ ନାମକ ଜଣେ ଶିକ୍ଷକ ଘର ପିଣ୍ଡା ରେ ଚାବି ପକାଇ ରଖି ଥିବା ୟୁନିକର୍ଣ୍ଣ ମୋଟରସାଇକେଲକୁ ମଧ୍ୟ ଚୋରି କରି ନେବାକୁ ଉଦ୍ୟମ କରୁଥିଲେ କିନ୍ତୁ ହ୍ୟାଣ୍ଡଲ ଲକ୍ ଖୋଲି ନ ପାରି ଅଧାବାଟରେ ଛାଡ଼ି ଚାଲି ଯାଇଥିଲେ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍‌ରେ ଚୋରଙ୍କ ପ୍ରାଦୁର୍ଭାବ ଦିନ କୁ ଦିନ ବଢିବାରେ ଲାଗିଛି। କିଛି ଦିନ ନିରବ ପରେ ପୁଣି ଆରମ୍ଭ ହୋଇଛି ଚୋରି। ଏ ଅଞ୍ଚଳରେ ଚୋର ଚୋରି କରି ଅତି ସହଜରେ ପାରି ହୋଇପାରୁଛି। ସାମ୍ବାଦିକ ଘର ଠାରୁ ଆରମ୍ଭ କରି ଶିକ୍ଷକ, ଓଏମସି କର୍ମଚାରି, ଅଙ୍ଗନୱାଡି କେନ୍ଦ୍ର, ଅଙ୍ଗନୱାଡି ଦିଦି, ଦୁଇ ବ୍ୟବସାୟୀଙ୍କ ଘରୁ, ପିନ୍ଧି ଥିବା ନାକ, କାନରୁ ସୁନା ଛଡାଇ ନେବା, ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ଘରୁ ଚୋରି ହୋଇଛି। ଏପରି ବର୍ଷକରେ ୧୨ରୁ ଉର୍ଦ୍ଧ୍ୱ ଘରୁ ଚୋରି ହୋଇଛି। କିନ୍ତୁ ଲକ୍ଷ୍ମୀପୁର ପୋଲିସ୍ ଆଜି ପର୍ଯ୍ୟନ୍ତ କାହାରିକୁ ଧରିବାରେ ସଫଳ ହୋଇ ପାରି ନାହିଁ। କିଛି ଦିନର ବ୍ୟବଧାନ ପରେ ପୁଣି ଲକ୍ଷ୍ମୀପୁରରେ ଚୋରି ଆରମ୍ଭ ହୋଇ ଥିବା ଯୋଗୁଁ ଲୋକେ ବର୍ତ୍ତମାନ ଭୟଭୀତ ଅବସ୍ଥାରେ ରହୁଥିବା ଆଲୋଚନା ହେଉଛି। ଶ୍ରୀ ନାୟକଙ୍କ ଘରେ ସିସି କେମେରା ଲାଗିଛି ଏବଂ ଚୋରର ସବୁ ଗତିବିଧି ରେକର୍ଡ ହୋଇ ଥିବା ବେଳେ ପୋଲିସ୍ ଦୁଇଟି ଲିଖିତ ଅଭିଯୋଗ ପାଇଲା ପରେ ତଦନ୍ତ ଆରମ୍ଭ କରି ଥିଲା। ଆଖପାଖ ଅଞ୍ଚଳରେ ଖୋଜା ଖୋଜି କରୁ କରୁ ରଞ୍ଜିତଗୁଡା ଏକ ଜଙ୍ଗଲରେ ବାଇକ୍ ରଖି ଥିବା କିଛି ଲୋକ ଦେଖି ଥିଲେ ଓ ଖବର କରିଥିଲେ। ପରେ ପୋଲିସ୍ ବାଇକ୍ ଆଣି ଥାନାରେ ରଖି ଥିବା ବେଳେ ଆସନ୍ତାକାଲି ମାଲିକକୁ ଫେରାଇ ଦିଆଯିବ କହିଛନ୍ତି।



# ଅସୁରକ୍ଷିତ ଫୋନ୍‌ର ୟୁପିଆଇ ଆପ୍

## ଲୁଟ୍ ବେଳେ ଜୀବନରୁ ମାରିଦେବାର ଭୟଦେଖାଇ ଟଙ୍କା ଟ୍ରାନ୍ସଫର

ଭୁବନେଶ୍ୱର, ୧୬।୫(ସମିସ)

ଯାତ୍ରୀଙ୍କ ପାଇଁ ବିପଦ ପାଲଟିଲାଣି ଫୋନ୍‌ର ୟୁପିଆଇ କିମ୍ବା ଅନ୍‌ଲାଇନ୍ ଟଙ୍କା ନେଣଦେଣ ଆପ୍। ଚୋର, ଲୁଟେରା ଆଉ ଅପରାଧୀମାନେ ଏହି ଆପ୍ ବ୍ୟବହାର କରୁଥିବା ଲୋକଙ୍କୁ ଟାର୍ଗେଟ କରୁଛନ୍ତି। ଜୀବନରୁ ମାରିଦେବାର ଭୟ ଦେଖାଇ ଯାତ୍ରୀଙ୍କ ଦ୍ୱାରା ପାସୱାର୍ଡ ଏଣ୍ଟ୍ରି କରି ଏହି ଆପ୍ ଖୋଲାଉଛନ୍ତି। ତତ୍‌କ୍ଷଣାତ୍ ଅପରାଧୀମାନେ ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରୁଛନ୍ତି। ବ୍ୟାଙ୍କରେ ଯେତେ ଜମା ପୁଞ୍ଜି ଥାଉ ନା କାହିଁକି ସବୁକୁ ଖାଲି କରି ଦେଉଛନ୍ତି।

ଡିଜିଟାଲ୍ ପେମେଣ୍ଟର ବୃଦ୍ଧି ସହିତ ଅପରାଧୀଙ୍କ ଢଙ୍ଗ ମଧ୍ୟ ବଦଳିଛି। ବର୍ତ୍ତମାନ ରାଜଧାନୀରେ ୟୁପିଆଇ ଆକାଉଣ୍ଟ ଥିବା ଲୋକଙ୍କୁ ଟାର୍ଗେଟ୍ କରି ଲୁଟେରା ଗୋଷ୍ଠୀ ନୂଆ ପ୍ରକାର ଅପରାଧ କରୁଥିବା ଜଣାପଡ଼ିଛି। ରାତି ଅଧରେ ଏକାକୀ ଯାତ୍ରା କରୁଥିବା ଯାତ୍ରୀଙ୍କୁ ବନ୍ଧୁକ ଦେଖାଇ ବଳପୂର୍ବକ ମୋବାଇଲ୍ ଲକ୍ ଖୋଲାଇ ସେମାନଙ୍କ ୟୁପିଆଇ ଆପ୍ ମାଧ୍ୟମରେ ସମସ୍ତ ଟଙ୍କା ନିଜ ଖାତାକୁ ଟ୍ରାନ୍ସଫର କରି ଦେଉଛନ୍ତି। ଭୁବନେଶ୍ୱରରେ ଗତ କିଛିଦିନ ମଧ୍ୟରେ ଏଭଳି ଚୋରି ମାମଲାରେ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି।




ଗତ ଏପ୍ରିଲ ୨ତାରିଖର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଦୀପେନ କୁମାର ସାହୁ ନାମକ ଯୁବକ ତାଙ୍କ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଜିଆଇଇଟି କଲେଜ ରାସ୍ତା ସ୍ଥିତ ଏକ ଖୋଲା ପଡ଼ିଆ ନିକଟରେ ୭/୮ ଜଣ ଯୁବକଙ୍କ ଏକ ଗୋଷ୍ଠୀ ତାଙ୍କୁ ଜୋରଜବରଦସ୍ତ ରାସ୍ତାରେ ଅଟକାଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଟଙ୍କା ଦାବି କରିଥିଲେ। ସେ ମନା କରିବାରୁ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପରେ ସେମାନେ ତାଙ୍କ ମୋବାଇଲ୍ ଫୋନ୍ ଏବଂ ନଗଦ ୭ ହଜାର ୫ଶହ ଟଙ୍କା ଜୋରଜବରଦସ୍ତ ଛଡ଼ାଇ ନେଇଥିଲେ। ଏଥିସହିତ ଅଭିଯୁକ୍ତମାନେ ତାଙ୍କୁ ଛୁରୀ ଦେଖାଇ ଭୟଭୀତ କରି ତାଙ୍କ ମୋବାଇଲ ଫୋନରୁ, ଜଣେ ସହ-ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଅନଲାଇନ୍ ମାଧ୍ୟମରେ ମୋଟ ୪୫ ହଜାର ଟଙ୍କା ଟ୍ରାନ୍ସଫର କରାଇ ନେଇଥିଲେ।

ଗତ ଫେବୃଆରୀ ୫ ତାରିଖରେ ଗତ ୫ ତାରିଖ ସକାଳ ୬ଟା ସମୟରେ ଜଣେ ବ୍ୟକ୍ତି ନିଜ ସମ୍ପର୍କୀୟଙ୍କୁ ସାକ୍ଷାତ କରିବା ଲାଗି ଭୁବନେଶ୍ୱର ରେଲୱେ ଷ୍ଟେସନ ଯାଇଥିଲେ। ସେଠାରୁ ଫେରିବା ବେଳେ ରିଲାଏନ୍ସ ସୋରୁମ ନିକଟରେ ଉପରୋକ୍ତ ତିନି ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ସହଯୋଗୀ ମାନେ ତାଙ୍କୁ ଘେରି ଯାଇଥିଲେ। ତାଙ୍କୁ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ତାଙ୍କୁ ଭୟଭୀତ କରିବା ସହ ଅନଲାଇନ ଟଙ୍କା ପଠାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀ ଭୟରେ ଅଭିଯୁକ୍ତ ମାନଙ୍କ ନିର୍ଦ୍ଦେଶ ମୁତାବକ ଏସକେ. ଆଲମିନ ନାମକ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୫୫, ୦୦୦ ଟଙ୍କା ଏବଂ ପ୍ରଶାନ୍ତ ବାରିକ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ "ଶ୍ରୀରାମ ଟି ଷ୍ଟଲ" ନାମରେ ଥିବା ଅକାଉଣ୍ଟକୁ ୨୦, ୫୦୦ ଟଙ୍କା ପଠାଇ ଦେଇଥିଲେ। ଏହି ମାମଲାରେ ପୁଲିସ ୩ଜଣଙ୍କୁ ଗିରଫ କରିଥିଲା। ଗତକିଛି ଦିନ ତଳେ ଖଣ୍ଡଗିରି-ସୁନ୍ଦରପଡ଼ା ରାସ୍ତାରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି।

ପୁଲିସର କହିବା ଅନୁଯାୟୀ, ଏହି ଗୋଷ୍ଠୀ ପ୍ରଥମେ ଯାତ୍ରୀଙ୍କ ମୋବାଇଲ୍ ଛଡ଼ାଇ ନିଅନ୍ତି, ତା'ପରେ ଫୋନ୍ ଲକ୍ ଖୋଲିବାକୁ ବାଧ୍ୟ କରନ୍ତି। ଅଧିକାଂଶ ଲୋକଙ୍କ ଫୋନ୍ ରେ ଫିଙ୍ଗରପ୍ରିଣ୍ଟ କିମ୍ବା ଫେସ୍ ଲକ୍ ଥାଏ, ତେଣୁ ସେମାନେ ବନ୍ଧୁକ ମୁନରେ ବ୍ୟକ୍ତିଙ୍କୁ ସ୍କାନ୍ କରାଇ ଖୋଲି ଦିଅନ୍ତି। ପରେ ୟୁପିଆଇ ଆପ୍ ଖୋଲି ସେଭ୍ ହୋଇଥିବା ବ୍ୟାଙ୍କ ଖାତାରୁ ସମସ୍ତ ବାଲାନ୍ସ ମ୍ୟୁଲ୍ ଆକାଉଣ୍ଟକୁ ପଠାଇ ଦିଅନ୍ତି। ଏହି ପ୍ରକ୍ରିୟାରେ ୨-୩ ମିନିଟରୁ ଅଧିକ ସମୟ ଲାଗୁନାହିଁ। ଲୁଟ୍ ପରେ ସେମାନେ ତୁରନ୍ତ ସିମ୍ କାର୍ଡ ଫୋପାଡ଼ି ଦିଅନ୍ତି ଏବଂ ଟଙ୍କାକୁ ବିଭିନ୍ନ ସ୍ତରେ ଟ୍ରାନ୍ସଫର କରି ଟ୍ରେସ୍ କରିବା କଷ୍ଟକର କରି ଦିଅନ୍ତି।

ସାଇବର ବିଶେଷଜ୍ଞଙ୍କ ମତରେ, ଏହା କେବଳ ଶାରୀରିକ ଲୁଟ୍ ନୁହେଁ, ବରଂ ଏକ ସମ୍ଭାବ୍ୟ ସାଇବର ଆକ୍ରମଣର ସଙ୍କେତ ମଧ୍ୟ। କାରଣ ଅପରାଧୀମାନେ ପୀଡ଼ିତଙ୍କ ଫୋନ୍ କିଛି ମିନିଟ୍ ପାଇଁ ନିଜ ପାଖରେ ରଖୁଛନ୍ତି। ସେହି ସମୟରେ ସେମାନେ ମାଲୱେୟାର ଇନଷ୍ଟଲ୍ କରିବା, କଣ୍ଟାକ୍ଟ ଲିଷ୍ଟ ଚୋରି କରିବା କିମ୍ବା ଅନ୍ୟ ଆକାଉଣ୍ଟର ବିବରଣୀ ଚୋରି କରିବାର ସମ୍ଭାବନା ରହିଛି। ଥରେ ମାଲୱେୟାର ପଶିଗଲେ ଭବିଷ୍ୟତରେ ମଧ୍ୟ ଖାତା ଖାଲି ହେବାର ଆଶଙ୍କା ରହିଛି।

● ଯୋଗାଣ ବିଭାଗର ଚଢ଼ଉ

## ୫୦୫ ଲିଟର ଡିଜେଲ ଜବତ



ଭୁବନେଶ୍ୱର, ୧୬।୫(ସମିସ): ରାଜ୍ୟରେ ବିଭିନ୍ନ ସ୍ଥାନରେ ପେଟ୍ରୋଲ ଓ ଡିଜେଲ ଅବୈଧ ଭାବେ ମହଜୁଦ କରି କଳାବଜାରୀ କରୁଥିବା ବ୍ୟକ୍ତି ମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ନିର୍ଦ୍ଦେଶରେ ଜିଲ୍ଲା ଯୋଗାଣ ଅଧିକାରୀ, ଭୁବନେଶ୍ୱର ସହକାରୀ ଯୋଗାଣ ଅଧିକାରୀ, ବାଲିଅନ୍ତା ଓ ବାଲିପାଟଣା ଯୋଗାଣ ନିରୀକ୍ଷକଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଏଥିପାଇଁ ଗଠିତ ଏକ ଦଳ ଭୁବନେଶ୍ୱର ଉପକଣ୍ଠର ବିଭିନ୍ନ ପେଟ୍ରୋଲ ପମ୍ପ ଏବଂ ଅବୈଧ ସ୍ଥାନରେ ଥିବା ପେଟ୍ରୋଲ ଓ ଡିଜେଲ ଗଚ୍ଛିତ କେନ୍ଦ୍ରରେ ଚଢ଼ାଉ କରାଯାଇ ୫୦୫ ଲିଟର ଅବୈଧ ଭାବେ ଗଚ୍ଛିତ ଡିଜେଲ ଜବତ କରାଯାଇଥିଲା। ଯେଉଁମାନଙ୍କ ନିକଟକରୁ ଏହା ଜବତ ହୋଇଛି, ସେମାନଙ୍କ ପାଖରେ କୌଣସି ବିତରକ ଲାଇସେନ୍ସ କିମ୍ବା ଅଗ୍ନିଶମ ବିଭାଗର ସର୍ଟିଫିକେଟ ନଥିବାବେଳେ ଜନଗହଳି ପୂର୍ଣ୍ଣ ସ୍ଥାନରେ ଲିଟର ପିଛା ୧୪୦ ଟଙ୍କା ଦରରେ ତେଲ ବିକ୍ରୟ କରୁଥିଲେ। ଏଥି ସହିତ ସେମାନେ ବ୍ୟବହାର କରୁଥିବା ପଳା ଓ କାହାଳୀ ଆଦି ମଧ୍ୟ ଜବତ କରାଯାଇଛି। ଚଢ଼ାଉ ସମୟରେ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ସହାୟକ ଯୋଗାଣ ଅଧିକାରୀ ସୁନୀତା ବେହେରା, ବାଲିଅନ୍ତା ଯୋଗାଣ ନିରୀକ୍ଷକ ଅଳକାରାଣି ମଲ୍ଲିକ୍ ଏବଂ ବାଲିପାଟଣା ଯୋଗାଣ ନିରୀକ୍ଷକ ନେତ୍ରାନନ୍ଦ ବେହେରା ଉପସ୍ଥିତ ଥିଲେ।

## 'ବିଦେହ'ର ପ୍ରିମିୟର ସୋ

ଭୁବନେଶ୍ୱର, ୧୬।୫(ସମିସ): ନାରୀ ମନସ୍ତତ୍ୱ, ନାରୀ ଅନ୍ତର କଥା, ସମାଜରେ ନାରୀ ନିଜକୁ କିଭଳି ଭୋଗେ, କିଭଳି ନିଜ ଶରୀର ଭିତର ପରିବର୍ତ୍ତନକୁ ନେଇ ବଞ୍ଚେ ସେ ସବୁ ଅକୁହା କଥା ପରଦାରେ ପ୍ରଦର୍ଶିତ ହେଉଛି। ନାରୀ ଆତ୍ମା ଶରୀର ଓ ଅନ୍ତର ଭିତରେ ଥିବା ସୀମା ଓ ତା' ଭିତରେ ଥିବା ନିର୍ଣ୍ଣୟକୁ ନେଇ ପରଦାକୁ ଆସିଛି ଓଡିଆ ଚଳଚ୍ଚିତ୍ର 'ବିଦେହ'। ନିଛକ ଓଡ଼ିଆ ଓ ଓଡ଼ିଶାର ମୌଳିକ କାହାଣୀ ସହ ଆଜି 'ବିଦେହ'ର ପ୍ରିମିୟର୍ ସୋ' ଉତ୍କଳ କନିକା ଗ୍ୟାଲେରିଆ ପିଭିଆର୍ ଆଇନକ୍ସରେ ପ୍ରଦର୍ଶିତ ହୋଇଯାଇଛି। ଏହି ପ୍ରିମିୟର୍ ସୋ'ରେ ଚଳଚ୍ଚିତ୍ରର ସମସ୍ତ କଳାକାର ଓ ପୁରା ଟିମ୍ ଉପସ୍ଥିତ ଥିଲେ। 'ଟ୍ୱେଣ୍ଟି ଫୋର ଜାନୁଆରି ପ୍ରଡକ୍ସନ ବ୍ୟାନର'ରେ ପ୍ରସ୍ତୁତ ଏହି ଫିଲ୍ମର ପ୍ରଯୋଜନା, କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ବିୟତ ପ୍ରଜ୍ଞା ତ୍ରିପାଠୀ କରିଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜିକା ରହିଛନ୍ତି ବେଦୟାନା ତ୍ରିପାଠୀ। ଏଥିରେ ମୁଖ୍ୟ ଭୂମିକାରେ କାଜଲ ଶତପଥୀ, ଉଷଶୀ ମିଶ୍ର, ସୁକାନ୍ତ ରଥ, ଗୌରବ ମହାନ୍ତି, ଡେଜି, ଏଲିନା ଓ କୌଶିକ ମହାପାତ୍ର ଅଭିନୟ କରିଛନ୍ତି।

ଛାତ୍ରୀଙ୍କୁ ଅସଦାଚରଣ

## ପଶ୍ଚିମବଙ୍ଗରୁ ଧରାପଡ଼ିଲା ପ୍ରାଣୀଧନ ଅଧ୍ୟାପକ

ଭୁବନେଶ୍ୱର, ୧୬।୫ (ସମିସ): ପାଠ ପଢ଼ା ଆଳରେ ଛାତ୍ରୀଙ୍କ ସହ ସମ୍ପର୍କ ଯୋଡ଼ିଥିଲେ। ହେଲେ ପଢ଼ାଇବା ବଦଳରେ ଅସଦାଚରଣ କରିଥିଲେ। ଏମିତିକି ଫଟୋ ଏଡିଟିଂ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏଭଳି କାଣ୍ଡ ଭିଆଇଥିବା ପ୍ରାଣୀଧନ ବିଭାଗ ଅଧ୍ୟାପକଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଧ୍ୟାପକ ହେଉଛନ୍ତି ହୁଗୁଳି ଜିଲ୍ଲା ଚୁଚୁରା ଥାନା ଶାନ୍ତିପଲ୍ଲୀର ଅଜିତ କୁମାର (୩୩)।

■ ଏକ୍ସପୋ ବୁଲାଇବାକୁ କହି କୋଲକତା ନେଇଥିଲା

■ ଦୁଇ ବର୍ଷ ପୂର୍ବେ କଲେଜରୁ ତଡ଼ା ଖାଇଥିଲା



ପୁଲିସ ସୂଚନାନୁସାରେ, ୨୦୨୩ ମସିହାରେ ଅଜିତ୍ ରାଜଧାନୀର ଏକ ଘରୋଇ କଲେଜରେ ପ୍ରାଣୀଧନ ବିଭାଗ ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିବା ବେଳେ କଲେଜର ପ୍ରଥମ ବର୍ଷରେ ପଢୁଥିବା ଛାତ୍ରୀଙ୍କ ସହ ପରିଚୟ ହୋଇଥିଲା ଅଜିତ୍ ତାଙ୍କୁ ପଢ଼ାପଢ଼ିରେ ଗାଇଡ୍ କରି ଛାତ୍ରୀଙ୍କ ବିଶ୍ୱାସ ଜିତିବାରେ ସଫଳ ହୋଇଥିଲେ। ୨୦୨୪ ଫେବୃଆରୀ ମାସରେ କଲିକତାରେ ଆନିମଲ୍ ଏକ୍ସପୋ ହେଉଛି ଓ ଅନ୍ୟ ଛାତ୍ରଛାତ୍ରୀମାନେ ସେଠାକୁ ଯାଉଛନ୍ତି ବୋଲି ଅଜିତ କହିଥିଲେ। ଏଥିସହିତ ସମ୍ପୃକ୍ତ ଛାତ୍ରୀଙ୍କୁ ସାଙ୍ଗରେ ନେଇ କଲିକତା ପଳାଇଥିଲେ। ହେଲେ ସେଠାରେ ସେପରି କୌଣସି ପ୍ରଦର୍ଶନୀ ନଥିବା ପହଞ୍ଚିବା ପରେ ଛାତ୍ରୀ ଜଣକ ଜାଣିବାକୁ ପାଇଥିଲେ। ୩ ଦିନ ଧରି ଅଜିତ କବଳରେ ରହିବା ପରେ ଛାତ୍ରୀ ଜଣକ ପଳାଇ ଆସି ଘଟଣା ବିଷୟରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ କଲେଜରେ ଅଭିଯୋଗ କରିବା ପରେ କର୍ତ୍ତୃପକ୍ଷ ଅଜିତଙ୍କୁ ଚାକିରିରୁ ବାହାର କରି ଦେଇଥିଲେ।

ଚାକିରିରୁ ତଡ଼ା ଖାଇବା ପରେ ମଧ୍ୟ ଅଜିତଙ୍କ କାଣ୍ଡ କାରନାମା ଥମି ନଥିଲା। ଏହାପରେ ମଧ୍ୟ ସେ ଛାତ୍ରୀଙ୍କୁ ମେସେଜ କରି ଚାକିରି ହରାଇବା ପାଇଁ ଦାୟୀ କରିବା ସହ ମାନସିକ ନିର୍ଯାତନା ଦେଇଥିଲା। ଇନଷ୍ଟାଗ୍ରାମରେ ଛାତ୍ରୀଙ୍କ ନାମରେ ନକଲି ଆକାଉଣ୍ଟ ଖୋଲି ଏଡିଟିଂ ଫଟୋ ପୋଷ୍ଟ କରିଥିଲେ। ଛାତ୍ରୀ ଜଣକ ବିରୋଧ କରିବାରୁ ଅଜିତ ଧମକ ଦେଇଥିଲେ। ଏମିତିକି ଛାତ୍ରୀଙ୍କ ମାଆଙ୍କ ଅଫିସିଆଲ୍ ମେଲକୁ ଫଟୋ ପଠାଇ ଝିଅକୁ ଜୋରଜବରଦସ୍ତି ବିବାହ କରିବ ବୋଲି ଧମକ ଦେଇଥିଲା। ନଚେତ୍ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏଡିଟିଂ ଫଟୋ ଭାଇରାଲ କରିଦେବ ବୋଲି ଧମକାଇଥିଲା। ଅନ୍ୟ ଛାତ୍ରଛାତ୍ରୀଙ୍କୁ ଲଗାଇ ସମ୍ପୃକ୍ତ ଛାତ୍ରୀଙ୍କ ଉପରେ ନଜର ରଖିଥିଲା। ଛାତ୍ରୀଙ୍କୁ ବିଭିନ୍ନ ସ୍ଥାନକୁ ଡାକିବା ସହ ଫେବର୍ ମାଗିଥିଲା। ବାରମ୍ବାର ନିର୍ଯାତନାର ଶିକାର ହୋଇ ଛାତ୍ରୀ ଜଣକ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଅଜିତ୍ ଦୁଇ ବର୍ଷ ପୂର୍ବେ ରାଜଧାନୀର କଲେଜରୁ ତଡ଼ା ଖାଇବା ପରେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା କୋଲା ଠାରେ ଥିବା ଜିଆଇଏସ୍ କଲେଜରେ ଚାକିରି କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଥିଲା। ଗତକାଲି ଭରତପୁର ଥାନାର ଏକ ଟିମ୍ ପଶ୍ଚିମବଙ୍ଗର ମୋଗ୍ରା ମାର୍କେଟରେ ଚଢ଼ଉ କରି ଅଜିତକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛନ୍ତି।

## ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ବେପାରୀ ଗିରଫ



ଭୁବନେଶ୍ୱର, ୧୬।୫ (ସମିସ): ଗଞ୍ଜେଇ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସିଜୁପୁଟରେ ରହୁଥିବା ଗଞ୍ଜାମ ଜିଲ୍ଲା ତାରସିଂ ଥାନା ଅଞ୍ଚଳର ବିପ୍ର ସ୍ୱାଇଁ (୭୦)।

ପୁଲିସ ସୂଚନାନୁସାରେ, କଳିଙ୍ଗବିହାର ଅଞ୍ଚଳରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ତମାଣ୍ଡୋ ଥାନା ପୁଲିସ ଖବର ପାଇଥିଲା। ଏସବିଆଇ ନିକଟସ୍ଥ ବସଷ୍ଟାଣ୍ଡରେ ଚଢ଼ଉ କରି ଧଳା ଜରି ବ୍ୟାଗ ଧରି ଛିଡ଼ା ହୋଇଥିବା ବିପ୍ରକୁ ଗିରଫ କରିଥିଲା। ଯାଞ୍ଚ ସମୟରେ ତାଙ୍କ ହେପାଜତରୁ ୩ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା। ସେ ଗତ ଦୁଇ ବର୍ଷ ଧରି ଗଞ୍ଜେଇ ଆଣି ବେଆଇନ କାରବାର କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ତମାଣ୍ଡୋ ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ବିପ୍ରଙ୍କୁ ଗିରଫ କରିଥିଲା। ବିପ୍ର ନାମରେ ପୂର୍ବରୁ ମଧ୍ୟ ଏଭଳି ୨ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

● ବାଲିଅନ୍ତା ଭିଡ଼ହତ୍ୟା

## ସିବିଆଇ ତଦନ୍ତ ଦାବି କଲେ ସୌମ୍ୟଙ୍କ ବାପା

ଭୁବନେଶ୍ୱର, ୧୬।୫(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ମୃତ ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ବାପା ପିତା କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ନେଇ ନାଖୁସ୍ ଅଛନ୍ତି। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଉପରେ ସେ ଭରସା ପ୍ରକଟ କରି ପାରୁ ନାହାନ୍ତି। ଏଣୁ ସୌମ୍ୟଙ୍କ ହତ୍ୟା ମାମଲାରେ ସେ ସିବିଆଇ ତଦନ୍ତ ଦାବି କରିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୌମ୍ୟଙ୍କ ବାପ କହିଛନ୍ତି, ଭିଡ଼ରେ ବହୁ ଲୋକ ସାମିଲ ରହିଥିଲା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୩ ଜଣ ଗିରଫ ହୋଇଛନ୍ତି। ଏହା ମଧ୍ୟରୁ କ୍ରାଇମ୍‌ବ୍ରାଞ୍ଚ ମାତ୍ର ୨ଜଣଙ୍କୁ ଗିରଫ କରିଛି। ଅପରାଧରେ ସାମିଲଥିବା ଅନ୍ୟ ଅଭିଯୁକ୍ତମାନେ ଏବେବି କ୍ରାଇମ୍‌ବ୍ରାଞ୍ଚର ଫନ୍ଦାରୁ ବାହାରେ ରହିଛନ୍ତି। ସେହିପରି କମିଶନରେଟ୍ ପୁଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ରାଜ୍ୟ ପୁଲିସ ବିଭାଗ ଅଧୀନରେ ଆସୁଛନ୍ତି। ଏମାନେ ଜଣେ ଅନ୍ୟ ଜଣଙ୍କ ବିରୋଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ଏପର୍ଯ୍ୟନ୍ତ ଭିଡ଼ ହତ୍ୟା ଦଫା ଲଗାଇଲା ନାହିଁ। ଏଣୁ ଏହି ଦୃଷ୍ଟିରୁ ସୌମ୍ୟଙ୍କ ବାପା ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ସିବିଆଇ ତଦନ୍ତ ଦାବି କରିଛନ୍ତି।

## ଭୁବନେଶ୍ୱର ସ୍ପେଶାଲ ଜେଲ୍‌କୁ ଆଇଏସ୍‌ଓ ୯୦୦୧:୨୦୧୫ ମାନ୍ୟତା

ଭୁବନେଶ୍ୱର, ୧୬।୫(ସମିସ): ଭୁବନେଶ୍ୱରର ଝାରପଡ଼ା ସ୍ଥିତ ସ୍ପେଶାଲ ଜେଲକୁ ଗୁଣାତ୍ମକ ପରିଚାଳନା ଓ ବନ୍ଦୀ ସେବାରେ ଉତ୍କୃଷ୍ଟତା ପାଇଁ ଆଇଏସ୍‌ଓ ୯୦୦୧:୨୦୧୫ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ଆର୍‌ଓଏଚ୍‌ଏସ୍ ସାର୍ଟିଫିକେସନ୍ ପ୍ରା.ଲିଃ. ପକ୍ଷରୁ ଜାରି କରାଯାଇଛି। ଜେଲ ପରିଚାଳନାରେ ବନ୍ଦୀମାନଙ୍କର ସ୍କିଲ୍ ଡେଭେଲପମେଣ୍ଟ, ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ, ସ୍ୱଚ୍ଛତା, ଖାଦ୍ୟ ବ୍ୟବସ୍ଥା ଓ ପୁନର୍ବାସନ ମୂଳକ ସେବାକୁ ଆଧାର କରି ଏହି ମାନ୍ୟତା ମିଳିଛି। ଏହା ଜେଲ ପ୍ରଶାସନର ସୁଚାରୁ ପରିଚାଳନା ସହ ବନ୍ଦୀମାନଙ୍କ ସୁଧାର ଓ ସମାଜରେ ପୁନଃସ୍ଥାପନ ପାଇଁ ହୋଇଥିବା ପ୍ରୟାସର ଏକ ବଡ଼ ସ୍ୱୀକୃତି ବୋଲି କୁହାଯାଉଛି। ଏହି ସଫଳତା ପାଇଁ ଜେଲ ପ୍ରଶାସନକୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି। ଓଡ଼ିଶାର ପ୍ରଥମ କରି ଝାରପଡ଼ା ସୋତନ୍ତ୍ର କାରାଗାରକୁ ଆଇଏଏଫର ମାନ୍ୟତା ମିଳିଲା। କ୍ୱାଲିଟି ମେନେଜମେଣ୍ଟ ସିଷ୍ଟମ ପାଇଁ ଝାରପଡ଼ା ଜେଲକୁ ଏହି ମାନ୍ୟତା ମିଳିଲା। ନିଜର କାର୍ଯ୍ୟ କ୍ରମପାଇଁ ଏବଂ ସମସ୍ତ କାରାଗାରାର ୱାଡର ଓ ଅନ୍ତେବାସୀଙ୍କୁ ଧନ୍ୟବାଦ ଜଣାଇସଛନ୍ତି ଜେଲ୍‌ର ସୁପରିଟେଣ୍ଡେଣ୍ଟ ସର୍ବେଶ୍ୱର ସାହୁ।

# ତେଲ ପାଇଁ ଧାଡ଼ିରେ ଗାଡ଼ି; ଥଣ୍ଡା ବାଣ୍ଟିଲା ପୁଲିସ

ଭୁବନେଶ୍ୱର/ଧଉଳି, ୧୬।୫(ସମିସ): ଗତ ତିନିଦିନ ହେଲା ରାଜ୍ୟ ତଥା ରାଜଧାନୀରେ ପେଟ୍ରୋଲ ଡିଜେଲ୍ ପାଇଁ ବିଭିନ୍ନ ପେଟ୍ରୋଲ୍ ପମ୍ପ ଆଗରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଗୁରୁବାର ଯଦିବା ଭିଡ଼ ପରିଲକ୍ଷିତ ହୋଇଥିଲା ଶୁକ୍ରବାର ଏହି ଭିଡ଼ ଆହୁରି ବଢ଼ି ଯାଇଥିଲା। ଦିନରାତି ରାଜଧାନୀର ବିଭିନ୍ନ ପେଟ୍ରୋଲ ପମ୍ପରେ ଭିଡ଼ ଦେଖିବାକୁ ମିଳିଥିଲା। ଶନିବାର ଭିଡ଼ ପ୍ରବଳ ହୋଇଥିବାରୁ ଲୋକେ ଖରାରେ ଠିଆ ହୋଇ ନପାରି ରାସ୍ତାରେ ଗାଡ଼ିକୁ ଧାଡ଼ିରେ ରଖି ଦୂରକୁ ଚାଲି ଯାଇଥିଲେ। ଏମିତି କି ବିଭିନ୍ନ ପେଟ୍ରୋଲ୍ ପମ୍ପ ଆଗରେ କେବଳ ଗାଡ଼ି ଧାଡ଼ିରେ ଦେଖିବାକୁ ମିଳିଥିଲା। ଏପରିସ୍ଥଳେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖରାରେ ପେଟ୍ରୋଲ ପମ୍ପ ଆଗରେ ଲାଇନ୍‌ରେ ଥିବା ଚାଳକମାନଙ୍କୁ ଥଣ୍ଡା ପାନୀୟ, ଘୋଳ ଦହି ଏବଂ ମାଜା ବଣ୍ଟନ କରାଯାଇଛି। ଘଟଣାସ୍ଥଳରେ ଉପସ୍ଥିତି ଜଣେ ବ୍ୟକ୍ତି ପୁଲିସର ଏଭଳି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଏପରିକି ସେ ମାଜା ବୋତଲକୁ ଫେରାଇ ଦେଇଥିଲେ। ପୁଲିସକୁ ସମାଲୋଚନା କରି କହିଛନ୍ତି ପୁଲିସ ନିଜ ଛବି ସୁଧାରିବାକୁ ଏଭଳି କରୁଛି। ଲୋକେ ପୁଲିସର ଏଭଳି ପଇଁତରା ଜାଣି ସାରିଲେଣି। ଥାନାକୁ ଗଲେ ପାଣି ଯାଚିବା ତ ଦୂରର କଥା ବ୍ୟବହାର ବି ଠିକ୍ ମିଳୁ ନାହିଁ। ଏପରିସ୍ଥଳରେ ରାସ୍ତାରେ ସ୍ୱେଚ୍ଛାସେବୀମାନଙ୍କ କାମକୁ ପୁଲିସ ଆପଣାଇଛି। ତେବେ ଏସମ୍ପର୍କରେ କମିଶନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି ଏବଂ ପ୍ରବଳ ଗରମକୁ ଦୃଷ୍ଟିରେ ରଖି ସିପି ଡଃ. ଏସ ଦେବଦତ୍ତ ସିଂହ, ଅତିରିକ୍ତ ସିପି ନରସିଂହ ଭୋଳ ଏବଂ ଡିସିପି ଭୁବନେଶ୍ୱର ଜଗମୋହନ ମୀନାଙ୍କ ମାର୍ଗଦର୍ଶନରେ, ପୁଲିସ କର୍ମଚାରୀମାନେ ଏୟାରପୋର୍ଟ ପୁଲିସ ଷ୍ଟେସନ ଅଧୀନସ୍ଥ ପୋଖରିପୁଟ ପେଟ୍ରୋଲ ପମ୍ପରେ ପେଟ୍ରୋଲ ପାଇଁ ଧାଡ଼ିରେ ଠିଆ ହୋଇଥିବା ଜନସାଧାରଣଙ୍କୁ ପାଣି ବୋତଲ ଏବଂ ମାଜା ବଣ୍ଟନ କରିଥିଲେ। ଧଉଳିରେ ମଧ୍ୟ ପ୍ରଚଣ୍ଡ ଖରାରେ ବାଇକ ଚାଳକ ପେଟ୍ରୋଲ ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଆଜି କମିସନରେଟ ପୁଲିସ ଧଉଳି ଥାନା ପକ୍ଷରୁ ଥାନା ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏସ. ଆଇ ପ୍ରବୀର ଲେଙ୍କା, ମନ୍ମଥ ବେହେରା, ବିଭୁ ନାରାୟଣ ସାହୁ ପ୍ରମୁଖ ଥାନା କର୍ମଚାରୀ ବାଇକ ଚାଳକଙ୍କୁ ବିଭିନ୍ନ କମ୍ପାନୀର ଥଣ୍ଡା, ମିଠାଦହି ଏବଂ ପାଣି ବୋତଲ ପ୍ରଦାନ କରିଥିଲେ। ଥାନା ପୁଲିସର ଏଭଳି ମହାନ କାର୍ଯ୍ୟ ପାଇଁ ବାଇକ ଚାଳକ ମାନେ ପ୍ରଶଂସା କରିଥିଲେ।



ୟୁନିଟ୍-୨ ପେଟ୍ରୋଲ ପମ୍ପ





## ଭୁବନେଶ୍ୱର ସିଟି

# ସକାଳୁ ମନ୍ଦିରରେ ସାବିତ୍ରୀଙ୍କ ଭିଡ଼



ଭୁବନେଶ୍ୱର, ୧୬।୫(ସମିସ)

ସାବିତ୍ରୀ ବ୍ରତ ଉପଲକ୍ଷେ ରାଜଧାନୀର ବିଭିନ୍ନ ମନ୍ଦିରରେ ସକାଳୁ ସକାଳୁ ବିବାହିତା ମହିଳାଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଥିଲା। ନୂଆ ଶାଢ଼ୀ ପିନ୍ଧି ହାତରେ ପୂଜା ଥାଳି ଧରି ଲାଇନ୍‌ରେ ଛିଡ଼ା ହୋଇଥିଲେ ଭଗବାନଙ୍କ ନିକଟରେ ସ୍ୱାମୀଙ୍କ ଦିର୍ଘାୟୁ କାମନା କରିବାକୁ। ପ୍ରତି ଓଡ଼ିଆ ଘରର ବିବାହିତା ମହିଳାମାନେ ବିଶ୍ୱାସ ଓ ଭକ୍ତିର ସହ ସାବିତ୍ରୀ ବ୍ରତ ପାଳନ କରିଆସୁଛନ୍ତି। ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କୁ ଯମଙ୍କ ନିକଟରୁ ଫେରାଇ ଆଣିବା ବିଶ୍ୱାସରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସ୍ତ୍ରୀମାନେ ଏହି ବ୍ରତ ପାଳନ କରୁଛନ୍ତି। ସାବିତ୍ରୀ ପାଇଁ ଗୁରୁବାର ରାଜଧାନୀର ବିଭିନ୍ନ ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ବଡ଼ ବଡ଼ ମନ୍ଦିରଠାରୁ ଆରମ୍ଭ କରି ବିଭିନ୍ନ ଗଳିକନ୍ଦିରେ ଥିବା ଛୋଟ ମନ୍ଦିରରେ ମଧ୍ୟ ଗହଳି ଲାଗି ରହିଥିଲା। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସଧବା ନାରୀମାନେ ନୂଆ ଶାଢୀ ଓ ଚୁଡ଼ି ପିନ୍ଧି ପୂଜାର୍ଚ୍ଚନା କରିଥିଲେ। ସହରର ପ୍ରମୁଖ ମନ୍ଦିର ଯଥା ରାମମନ୍ଦିର, ହରପାର୍ବତୀ ମନ୍ଦିର, ବୁଦ୍ଧେଶ୍ୱରୀ କଲୋନୀ, ୟୁନିଟ୍-୪, ୟୁନିଟ୍-୩, ପୁରୁଣା ଭୁବନେଶ୍ୱର, ଚନ୍ଦ୍ରଶେଖରପୁର, ନୟାପଲ୍ଲୀ ଆଦି ଅଞ୍ଚଳରେ ଥିବା ଦେବୀ ମନ୍ଦିରଗୁଡ଼ିକରେ ମଧ୍ୟ ସାବିତ୍ରୀ ପୂଜା ପାଇଁ ପ୍ରବଳ ଗହଳି ଜମିଥିଲା। ପରମ୍ପରାକୁ ମାନି କାଷ୍ଠା ଓ ନିଷ୍ଠାର ସହ ମହିଳାମାନେ ବ୍ରତ ପାଳନ କରିଥିଲେ। ଫଳମୂଳ, ଧୂପଦୀପ ଅର୍ପଣ କରିବା ଶଙ୍ଖା, ସିନ୍ଦୁର, ଚୁଡ଼ି ଏବଂ ଶାଢ଼ୀ ଠାକୁରଙ୍କ ନିକଟରେ ପୂଜା କରି ସ୍ୱାମୀଙ୍କ ମଙ୍ଗଳ ମନାସି ଥିଲେ। ସେହିପରି ରାମ ମନ୍ଦିରରେ ମହିଳାମାନେ ପୂଜାର୍ଚ୍ଚନା କରି ବଟବୃକ୍ଷ ମୂଳରେ ଡୋରୀ ବାନ୍ଧି ସ୍ୱାମୀଙ୍କ ଶୁଭ ମନାସିଥିଲେ।

## କିନ୍ନର ରଖିଲେ ବ୍ରତ

କେବଳ ଯେ ସଧବା ନାରୀମାନେ ସେମାନଙ୍କ ସ୍ୱାମୀଙ୍କ ପାଇଁ ସାବିତ୍ରୀ ପାଳନ କରିଥିଲେ, ତାହା ନୁହେଁ, କିନ୍ନରମାନେ ମଧ୍ୟ ସାବିତ୍ରୀ ବ୍ରତ ପାଳନ କରିଥିଲେ। ପ୍ରତିବର୍ଷ ରାଜଧାନୀର ବିଭିନ୍ନ କିନ୍ନର ବସ୍ତିରେ ସାବିତ୍ରୀ ବ୍ରତ ପାଳନ କରାଯାଉଥିବା ବେଳେ ଚଳିତ ବର୍ଷ ମଧ୍ୟ ସମାନ ଭାବେ ଏହି ବ୍ରତକୁ କିନ୍ନରମାନେ ଉତ୍କଣ୍ଠାର ସହ ପାଳନ କରିଛନ୍ତି। ପଳାସପଲ୍ଲୀ ନିକଟସ୍ଥ ଓଡ଼ିଶା କିନ୍ନର ସହ ସ୍ୱାମୀଙ୍କୁ ପୂଜା କରିଥିଲେ। ପ୍ରଭୁ ରାମଚନ୍ଦ୍ର, ଲକ୍ଷ୍ମଣ, ମା' ସୀତାଦେବୀ ଓ ହନୁମାନଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହ ସେମାନଙ୍କର ସ୍ୱାମୀ (ଯିଏକି ଗୁରୁ)ଙ୍କ ପାଦ ଧୋଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ପରିସରରେ ଥିବା ବଟବୃକ୍ଷ ଠାରେ ମାନସିକ ଡ଼ୋରୀ ବାନ୍ଧିଥିଲେ।ଫଳ, ଫୁଲ ଦେଇ ଭୋଗ କରିଥିଲେ। ସେହିପରି ଟିଜି ସୁରକ୍ଷା ଟ୍ରଷ୍ଟ ଓ ନୟାପଲ୍ଲୀ ଦୁର୍ଗାପୂଜା



ଆଖଡ଼ା ପକ୍ଷରୁ ସାବିତ୍ରୀ ବ୍ରତ ପାଳନ କରାଯାଇଥିଲା। ଏଥିରେ ଓଡ଼ିଶା କିନ୍ନର ଆଖଡ଼ାର ସଭାପତି ମୀରା ପରିଡ଼ା, ସାଧନା ମିଶ୍ରଙ୍କ ସହମେତ ୧ଶହରୁ ଊର୍ଦ୍ଧ୍ୱ କିନ୍ନର ଏହି ପୂଜାରେ ସାମିଲ୍ ହୋଇଥିଲେ। ସେମାନେ ପ୍ରଥମେ ବଟବୃକ୍ଷ ମୂଳରେ ସାବିତ୍ରୀ ପୂଜା କରିଥିଲେ। ତାହାପରେ ସମସ୍ତେ ନିଜ ନିଜ ଗୁରୁଙ୍କୁ ପୂଜା କରିବା ସମିତି ତରଫରୁ କିନ୍ନରମାନେ ଫଳ, ଫୁଲ, ନଡ଼ିଆ, ଧୂପ, ଶାଢୀ, ଚୁଡ଼ି ପ୍ରଦାନ କରିଥିବା ବେଳେ ଶହ ଶହ କିନ୍ନର ସେଠାରେ ପୂଜାର୍ଚ୍ଚନା କରିଥିଲେ। ପ୍ରଥମେ ସେମାନେ ମା' ଦୁର୍ଗାଙ୍କୁ ପୂଜା କରିବା ପରେ ଗୁରୁ ମେନକାଙ୍କ ଗୋଡ଼ ଧୋଇଦେଇ ପୂଜାର୍ଚ୍ଚନା କରି ଗୁରୁଙ୍କ ଠାରୁ ଆଶୀର୍ବାଦ ଲାଭ କରିଥିଲେ।

## ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୬।୫(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। ଯେଉଁ ସମୟରେ ରାଜଧାନୀ ଭୁବନେଶ୍ୱରରେ ଛୁଇଁନଥିଲା ପରିବର୍ତ୍ତନର ସୁଅ ନା ଉନ୍ନତିକରଣ। ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସିମୀତ ଥିଲା ଏହି ସହର। ଗାଡି ମଟର, ବଡ ବଡ ବିଲ୍ଡିଂ ବଦଳରେ ଏଠାରେ ଚାଲିଥିଲା ଶଗଡ଼ ଏବଂ ମୁଣ୍ଡ ଗୁଞ୍ଜିବାକୁ ଥିଲା ମାଟି ଛପର ଘର। ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର ସମେତ ସାଇତା ହୋଇ ରହିଛି ଅନେକ ଶତାବ୍ଦୀ ପୁରାତନ ମନ୍ଦିର। ଯାହାକି ସେସମୟରୁ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ସାଜି ଆସିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ମୁକ୍ତେଶ୍ୱର ମନ୍ଦିର।

ସାମଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ସେହି ମନ୍ଦିରର ଅନେକ ବର୍ଷ ପୁରୁଣା ଏକ ଫଟୋଚିତ୍ର। ଯେଉଁଥିରେ ପୁରୁଣା ସମୟରେ ମୁକ୍ତେଶ୍ୱର ମନ୍ଦିରର ଝଲକ ପରିଲକ୍ଷିତ ହେଉଛି। ଫଟୋଚିତ୍ରରେ ଦର୍ଶାଯାଇଥିବା ଦୃଶ୍ୟଟି ମନ୍ଦିରର ପ୍ରବେଶ ଦ୍ୱାରର ହୋଇଥିବାବେଳେ ଏହା ୧୦୦ ବର୍ଷ ପୁରୁଣା ଫଟୋ ବୋଲି ଜଣାପଡ଼ିଛି। ଏହି ମନ୍ଦିରଟି ଦଶମ ଶତାବ୍ଦୀରେ ସୋମବଂଶୀ ଶାସନ ସମୟରେ ଏବଂ କଳିଙ୍ଗସ୍ଥାପତ୍ୟ ଶୈଳୀରେ ନିର୍ମାଣ ହୋଇଛି।

## ନୃତ୍ୟାଭିନୟ ଉତ୍ସବ ୨୦୨୬



ଭୁବନେଶ୍ୱର, ୧୬।୫(ସମିସ): ନୃତ୍ୟାଭିନୟ ଉତ୍ସବ-୨୦୨୬ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁ, ପଦ୍ମଶ୍ରୀ ଗୁରୁ କୁମକୁମ୍ ମହାନ୍ତି, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟକାର ଓ ସାହିତ୍ୟିକ ଡ. ରମେଶ ପ୍ରସାଦ ପାଣିଗ୍ରାହୀ, ଓଡ଼ିଶୀ ସଙ୍ଗୀତଜ୍ଞ ଓ ଗବେଷକ ଗୁରୁ କେଶବ ଚନ୍ଦ୍ର ରାଉତ, ଅଭିନେତା ମନୋଜ କୁମାର ପଟ୍ଟନାୟକ ଏବଂ ଓଡ଼ିଶୀ ନୃତ୍ୟାଙ୍ଗନା ପ୍ରଣତି ମହାନ୍ତିଙ୍କୁ 'ଯାତ୍ରା ସନ୍ୟାସୀ ଫକୀର ମୋହନ ସାହାଣୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଅଭିନେତା ଚୌଧୁରୀ ସତ୍ୟବ୍ରତ ଦାସ ସଭା ପରିଚାଳନା କରିଥିଲେ। ପାରମ୍ପରିକ ଉଦ୍ଘାଟନୀ ପର୍ବ ପରେ ଶାସ୍ତ୍ରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ସଂରଚିତ ଓଡ଼ିଶୀ ନୃତ୍ୟର ପାଞ୍ଚଟି ପର୍ଯ୍ୟାୟକୁ ନୃତ୍ୟାଭିନୟର ଅଧ୍ୟକ୍ଷା ସ୍ୱାଗତିକା ସାହାଣୀଙ୍କ ପରିଚାଳନାରେ ଛାତ୍ରୀମାନେ ଦଳଗତ ଭାବେ ପ୍ରଦର୍ଶନ କରିଥିଲେ। ଶେଷ ପର୍ଯ୍ୟାୟରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ କଳାକାର ଓ ନୃତ୍ୟଶିଳ୍ପୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

## ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନର ତ୍ରୟୋଦଶ ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୧୬।୫(ସମିସ): ପ୍ରଫେସର ଆଚାର୍ଯ୍ୟଙ୍କ ୯୪ତମ ଜନ୍ମଦିବସ ଅବସରରେ ବୁଦ୍ଧମନ୍ଦିରଠାରେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ଇତି ସାମନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ 'ମୋ ଜୀବନ: ଅନ୍ୟ ଏକ ଉପନ୍ୟାସ' ବିଷୟରେ ପ୍ରଫେସର ଡ ପ୍ରଫୁଲ୍ଲ କୁମାର ମହାନ୍ତି ଓ ପ୍ରଫେସର ବୈଷ୍ଣବ ଚରଣ ସାମଲ ଆଲୋଚନା କରିଥିଲେ। ପ୍ରଫେସର ଜଗନ୍ନାଥ ଦାସଙ୍କ ଦ୍ୱାରା ଅନୂଦିତ 'ମୋ ଜୀବନ: ଅନ୍ୟ ଏକ ଉପନ୍ୟାସ'ର ଇଂରାଜୀ ପୁସ୍ତକ ସମେତ ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ସମାଲୋଚନାଧର୍ମୀ ପୁସ୍ତକ 'ଶାନ୍ତନବ' ଏବଂ ଡ. ସୁମିତ୍ରା ମିଶ୍ରଙ୍କ ଦ୍ୱାରା ଅନୂଦିତ ମା'ରମାଦେବୀଙ୍କ ଆତ୍ମଜୀବନୀର ଇଂରାଜୀ ପୁସ୍ତକ ଲୋକାର୍ପିତ ହୋଇଥିଲା। ବନୋଜ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ପ୍ରଫେସର ଗଙ୍ଗାଧର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଡ଼. ସୋନାଲ ମାନସିଂହଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମୃତି ପୁରସ୍କାର'




ଭୁବନେଶ୍ୱର, ୧୬(ସମିସ) : ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶୀ ସଙ୍ଗୀତ ଜଗତର କିମ୍ବଦନ୍ତୀ ପଣ୍ଡିତ ବାଳକୃଷ୍ଣ ଦାଶଙ୍କ ୧୦୩ତମ ଜନ୍ମବାର୍ଷିକୀ ଏବଂ ପ୍ରତିଷ୍ଠାନର ୩୪ତମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଯୋଗ ଦେଇ ପଣ୍ଡିତ ବାଳକୃଷ୍ଣ ଦାଶଙ୍କୁ 'କାଳଜୟୀ ପ୍ରତିଷ୍ଠାନ' ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ପଦ୍ମବିଭୂଷଣ ସମ୍ମାନ ବିଜେତା ଡ଼. ସୋନାଲ ମାନସିଂହଙ୍କୁ ୨୦୨୬ ମସିହାର 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମୃତି ପୁରସ୍କାର' ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିତ୍ୱଙ୍କୁ ରାଜ୍ୟପାଳ ସମ୍ମାନିତ କରଯାଇଥିଲା। ଏହି ସମାରୋହରେ ଜାତୀୟ ମାନବ ଅଧିକାର ଆୟୋଗ, ନୂଆଦିଲ୍ଲୀର ମାନ୍ୟବର ସଦସ୍ୟ ଜଷ୍ଟିସ୍ ଡଃ ବି.ଆର.ଷଡ଼ଙ୍ଗୀ, ଓଏସ୍‌ଏସ୍‌ଏସ୍‌ସିର ଅଧ୍ୟକ୍ଷ ଡ. ଲଳିତ ଦାସ, ନାଲ୍‌କୋର ଏଗଜିକ୍ୟୁଟିଭ ଡାଇରେକ୍ଟର (ଏଚ୍‌ଆର୍) ଅଶୁତୋଷ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍ ର ସଭାପତି ମନୋରଞ୍ଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଗୁରୁ ରାମହରି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜବନ୍ଧୁ ପରିଡ଼ାଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର, ୧୬।୫(ସମିସ): ବରିଷ୍ଠ ପୁଜ୍ୟପୂଜା ପ୍ରାଣ, ସହିଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ତଥା ରଣଭୂଇଁ ସାପ୍ତାହିକ ସମ୍ବାଦପତ୍ରର ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି।



ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଶୋକସଭାରେ ବରିଷ୍ଠ ସାମ୍ବାଦିକ, ସମାଜସେବୀ ଓ ଲେଖକଲେଖିକାମାନେ ଯୋଗଦେଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସ୍ୱର୍ଗତ ପରିଡ଼ାଙ୍କ ବିୟୋଗ ସମଗ୍ର ପୁଜ୍ୟପୂଜା ପାଇଁ ଅପୁରଣୀୟ କ୍ଷତି ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି, ସଂଘର ପ୍ରତିଷ୍ଠାତା ସମ୍ପାଦକ କବି କସ୍ତୁରୀ ଚରଣ ଦାସ, ବିଧାନ ସାପ୍ତାହିକ ଖବରକାଗଜର ସମ୍ପାଦକ ସୁରଥ ଦାସ, ଶିଶୁକଳମର ସମ୍ପାଦକ ଜନ୍ମେଜୟ ପ୍ରଧାନ, ଅକ୍ଷୟ ମହାନ୍ତି ଫାଉଣ୍ଡେସନର ସମ୍ପାଦକ କବି ଚୈତନ୍ୟ ପ୍ରସାଦ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଓଡ଼ିଶାର ସମ୍ବାଦପତ୍ରରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୧୬।୫(ସମିସ): ଓଡ଼ିଶାର ସମ୍ବାଦପତ୍ରରେ ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପାଠଚକ୍ର ସମ୍ପାଦକ ଦିନେଶ କୁମାର ନାଏକ ନିଆରା ଶୈଳୀରେ ଏହି ପୁସ୍ତକ ସମ୍ପାଦନା କରିଛନ୍ତି। ବାଣୀବିହାରସ୍ଥିତ ଓଡ଼ିଆ ବିଭାଗମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ସଭାରେ ବିଭାଗୀୟ ଅତିଥି ପ୍ରାଧାପକ ଡ. ସଂଗ୍ରାମ କେଶରୀ ରାଉତ, ନିଜେ ପ୍ରଫେସର ମେହେର ଓ ସମ୍ପାଦକ ଦିନେଶ ନାଏକ ଉପସ୍ଥିତ ଥିଲେ। ଏଭଳି ଏକ ଭିନ୍ନ ପ୍ରକାରର ସଂଗ୍ରହ ଓ ସମ୍ପାଦନା ଓଡ଼ିଶାରେ ପ୍ରଥମ ଥର ହୋଇଥିବାରୁ ଏହାକୁ ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ରର ସମ୍ପାଦକମାନେ ତଥା ସକାଳର କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ସାଂସଦ ଭର୍ତ୍ତୃହରି ମହତାବ, ସମାଜର ସମ୍ପାଦକ ତପନ କୁମାର ମିଶ୍ର, ଗଣଇସ୍ତାହାରର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଦ୍ରୀ ସାହୁ, ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ପ୍ରଫେସର ମେହେରଙ୍କ ସମ୍ପର୍କରେ ଗବେଷଣା କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ଅତ୍ୟନ୍ତ ଉପାଦେୟ ହେବ ବୋଲି ମତବ୍ୟକ୍ତ କରିଛନ୍ତି।

## ନିସ୍ ଶିକ୍ଷାନୁଷ୍ଠାନର ଟ୍ରଷ୍ଟିଙ୍କୁ ଉଦ୍ୟୋଗୀ ଓଡ଼ିଶା ସମ୍ମାନ

ଭୁବନେଶ୍ୱର, ୧୬।୫(ସମିସ): କଳିଙ୍ଗ ଏଜୁକେସନାଲ ଟ୍ରଷ୍ଟ ଓ ଏମ୍‌ବିସି ଟିଭିର ମିଳିତ ସହଯୋଗରେ ଉଦ୍ୟୋଗୀ ଓଡ଼ିଶା ସମ୍ମାନ ପଟିଆସ୍ଥିତ ଏକ ତାରକା ହୋଟେଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଆଇନ୍ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱରର ମଧ୍ୟ ନିର୍ବାଚନ ମଣ୍ଡଳୀର ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ନିସ୍ ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ଇଂ ସାଇସମ୍ବିତ ନାୟକଙ୍କୁ ଉଦ୍ୟୋଗୀ ଓଡ଼ିଶା ସମ୍ମାନରେ ସମ୍ମାନୀତ କରାଯାଇଅଛି। ଉକ୍ତ ସମ୍ମାନ ପାଇଁ ନିସ୍ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ନିଜକୁ ଗୌରବାନ୍ୱିତମନେକରୁଛନ୍ତିବୋଲିପ୍ରଶାସନିକଅଧିକାରୀପିତାମ୍ବରଚୟନୀପ୍ରକାଶକରିଛନ୍ତି।

## ଡେଲିଭରୀ ବଏଙ୍କ ଉପରେ ତେଲ ସଂକଟର ପ୍ରଭାବ

ଭୁବନେଶ୍ୱର, ୧୬।୫(ସମିସ)

- ଅଧିକ ଡେଲିଭରୀ ଚାର୍ଜେସ ଯୋଗୁଁ ଗ୍ରାହକ ଅସନ୍ତୁଷ୍ଟ
- ଓଲା, ଉବରରେ ମଧ୍ୟ ଦେବାକୁ ପଡୁଛି ଅଧିକ ଭଡା




ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲ ଅଭାବ ପାଇଁ ଲୋକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରେ ରାଜଧାନୀ ଭୁବନେଶ୍ୱର ମଧ୍ୟ ବାଦ ପଡ଼ିନି। ହେଲେ ଏସବୁ ମଧ୍ୟରେ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି ସ୍ୱିଗି, ଜୋମାଟୋ ଆଦିରେ କାର୍ଯ୍ୟ କରୁଥିବା ଡେଲିଭରି ବଏ। କେବଳ ସେତିକି ନୁହଁ ବରଂ ଏହି କାରଣରୁ ଡେଲିଭରି ଚାର୍ଜେସ ମଧ୍ୟ ବଢ଼ିଯାଇଛି। ଯେଉଁଥିପାଇଁ ବାଧ୍ୟତାର ସହ ଗ୍ରାହକଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡୁଛି।

ରାଜଧାନୀରେ ଏବେ ବିଭିନ୍ନ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଅଭାବ ଦେଖାଦେଉଛି। କେଉଁଠି ତେଲ ନାହିଁ ତ କେଉଁଠି ଘଣ୍ଟା ଘଣ୍ଟା ଲୋକଙ୍କୁ ଧାଡିରେ ଛିଡା ହେବାକୁ ପଡୁଛି। ଏହି ତେଲ ସଙ୍କଟର ସିଧାସଳଖ ପ୍ରଭାବ ବିଭିନ୍ନ ଆପ ମାଧ୍ୟମରେ ଖାଦ୍ୟ ପହଁଚାଉଥିବା ଡେଲିଭରି ବଏଙ୍କ ଉପରେ ପଡୁଛି। ସ୍ୱିଗି ଏବଂ ଜୋମାଟୋ ଭଳି ସଂସ୍ଥାରେ କାର୍ଯ୍ୟ କରୁଥିବା ଡେଲିଭରି ବଏ ମଧ୍ୟ ପେଟ୍ରୋଲ ପାଇଁ ସମସ୍ୟା ଭୋଗୁଛନ୍ତି। କାହାକୁ ତେଲ ମିଳୁଛି ତ କିଏ ତେଲ ନମିଳିବାରୁ କାର୍ଯ୍ୟରେ ପହଁଚି ପାରୁନି। ଫଳରେ ସେମାନଙ୍କ ରୋଜଗାରର ଏକମାତ୍ର ମାଧ୍ୟମ ପ୍ରଭାବିତ ହେଉଥିବା ଜୋମାଟୋର ଜଣେ କାର୍ଯ୍ୟରତ ଡେଲିଭରି ବଏ ଗଣେଶ ସାହୁ ମତ ଦେଇଛନ୍ତି। କାରଣ ଗାଡି ତେଲ ଅଭାବ ଯୋଗୁଁ ସେମାନେ ଅଧିକ ସ୍ଥାନରେ ଖାଦ୍ୟ ପହଁଚାଇପାରୁ ନାହାନ୍ତି। କେବଳ ସେତିକି ନୁହଁ ଏହି କାରଣରୁ ଖାଦ୍ୟର ମୁଲ୍ୟ ଯେତିକି ନୁହଁ ତାଠୁ ଅଧିକ ଡେଲିଭରି ଚାର୍ଜେସ ଲାଗୁଛି। ସେଥିପାଇଁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସେହିପରି ରାଜଧାନୀରେ ଏବେ କିଛି ଦିନ ତେଲ ସଙ୍କଟ ଜାରି ରହିଥିବାରୁ ଅଧିକାଂଶ ଲୋକ ଘଣ୍ଟା ଘଣ୍ଟା ଧାଡିରେ ଛିଡା ହେବା ଅପେକ୍ଷା ଅନଲାଇନ ସେବା ତଥା ଓଲା, ଉବର ଏବଂ ରାପିଡୋ ଭଳି ଯାତାୟତ ସେବାର ସହାୟତା ନେଉଛନ୍ତି। କାରଣ ଲୋକଙ୍କ କହିବା ଅନୁଯାୟୀ କାର୍ଯ୍ୟସ୍ଥଳୀରେ ସମୟରେ ପହଁଚିବାକୁ ହେବ। ଅଯଥା ଏଠାରେ ସମୟ ଯାଉଥିବାରୁ ସେମାନେ ବାଧ୍ୟ ହୋଇ ଅନଲାଇନ ଗାଡି ବୁକିଂ କରୁଛନ୍ତି। ହେଲେ ସେହି ସମାନ ପେଟ୍ରୋଲ ସମସ୍ୟା ଯୋଗୁଁ ଓଲା ଏବଂ ଉବର ଡ୍ରାଇଭର ଅଧିକ ଟଙ୍କା ଭଡାରେ ବୁକିଂ ଗ୍ରହଣ କରୁଛନ୍ତି। ଏନେଇ ଜଣେ ଓଲା ଡ୍ରାଇଭର କହିଛନ୍ତି, ଆମକୁ ମଧ୍ୟ ଖରାରେ ଘଣ୍ଟା ଘଣ୍ଟା ଛିଡା ହେଲା ପରେ ହିଁ ତେଲ ମିଳୁଛି। ଯେଉଁଥିପାଇଁ ଦିନର ସେହି ସମୟର ବୁକିଂ ଲସ୍ ଯାଉଛି। ତେଣୁ ସେତିକି ଭଡା ନନେଲେ ସେମାନଙ୍କର ମଧ୍ୟ ପଇସା ଉଠୁ ନାହିଁ। ଲୋକମାନଙ୍କ ପାଖରେ ମଧ୍ୟ ଅନ୍ୟ ବିକଳ୍ପ ନଥିବାରୁ ସେମାନେ ପୂର୍ବ ଅପେକ୍ଷା ଅଧିକ ଟଙ୍କା ଭଡା ଦେଇ ଯିବାକୁ ବାଧ୍ୟ ହେଉଛନ୍ତି। ହେଲେ କେତେଦିନ ଯାଏଁ ଏପରି ସମସ୍ୟା ଲାଗି ରହିବ ତାକୁ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଛି।



### ବହୁଚର୍ଚ୍ଚିତ ସସ୍ମିତା ଦାସ ହତ୍ୟା ମାମଲା

# ବିହାରରୁ ଗିରଫ ସୁପାରୀ କିଲର





▸▸ ଜଗତସିଂହପୁର ଆଣିଲା ପୁଲିସ
▸▸ ୨ଟି ମୋବାଇଲ ଓ କାର୍ ଜବତ

**ଜଗତସିଂହପୁର, ୧୬।୫(ସମିସ)**

ଜଗତସିଂହପୁର ସଦର ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମର ବହୁଚର୍ଚ୍ଚିତ ସସ୍ମିତା ଦାସ ହତ୍ୟାକାଣ୍ଡ ମାମଲାରେ ସମ୍ପୃକ୍ତ ଥିବା ସୁପାରୀକିଲର ଲାଲୁ କୁମାରକୁ ପୁଲିସ ଗତ ୧୪ ତାରିଖରେ ବିହାର ରାଜ୍ୟର ଭୋଜପୁର ଥାନା ଅନ୍ତର୍ଗତ ଚାରପୋଖରୀରୁ ଗିରଫ କରିଥିଲା। ସେଠାରେ ସ୍ଥାନୀୟ ସିଜେଏମ୍ କୋର୍ଟରେ ହାଜର କରାଯିବା ପରେ ଟ୍ରାଞ୍ଜିଟ ରିମାଣ୍ଡରେ ଲାଲୁ କୁମାରକୁ ଜଗତସିଂହପୁର ଅଣାଯାଇଛି। ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂରା ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି ଏସ୍‌ପି ଅଙ୍କିତ କୁମାର ବର୍ମା। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁଳମୁଣ୍ଡିଲୋ ଗ୍ରାମର ସୂର୍ଯ୍ୟକାନ୍ତ ସ୍ୱାଇଁକୁ ପୁଲିସ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏବେ ସେ ଜେଲ ହାଜତରେ ଅଛି। ସୂଚନା ଅନୁସାରେ ମୁଖ୍ୟ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ବିବାହିତ ଏବଂ ତାଙ୍କର ଗୋଟିଏ ପୁଅ ମଧ୍ୟ ଅଛି। ଜାମସେଦପୁରରେ ସୂର୍ଯ୍ୟକାନ୍ତ ଅଟୋ ପାର୍ଟ ବ୍ୟବସାୟ କରୁଥିବା ବେଳେ ତାଙ୍କ ପରିବାର ସେଠାରେ ରୁହନ୍ତି। ତେବେ କିଛି ବର୍ଷ ପୂର୍ବରୁ ସାମାଜିକ ଗଣମାଧ୍ୟମ ଜରିଆରେ କାଠିଆପଡ଼ାର ସସ୍ମିତାଙ୍କ ସହିତ ସୂର୍ଯ୍ୟକାନ୍ତଙ୍କର ସମ୍ପର୍କ ସ୍ଥାପନ ହୋଇଥିଲା। ବେଶ କିଛିଦିନ ଏହି ସମ୍ପର୍କ ଚାଲିବା ପରେ ସୂର୍ଯ୍ୟକାନ୍ତ ବିବାହିତ ବୋଲି ସସ୍ମିତା ଜାଣିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା ଏବଂ ପରିବାର ଲୋକେ ସସ୍ମିତାଙ୍କ ବିବାହ ଭଦ୍ରକ ଜିଲ୍ଲାର ଜଣେ ଯୁବକଙ୍କ ସହିତ ସ୍ଥିର କରିଥିଲେ। ଗତ ଏପ୍ରିଲ ୧୯ ତାରିଖରେ ଧୂଆଁପାରି ସ୍ଥିତ ମାଳତିଲିଙ୍ଗ ମନ୍ଦିରରେ ସସ୍ମିତାଙ୍କ ନିର୍ବନ୍ଧ ହୋଇଥିଲା ଏବଂ ମେ' ୧୦ ତାରିଖରେ ବିବାହ ଉତ୍ସବ ପାଇଁ ଦିନ ସ୍ଥିର ହୋଇଥିଲା। ତେବେ ବିବାହ ନ କରିବାକୁ ସସ୍ମିତା ଉପରେ ଚାପ ପକାଇ ବିଫଳ ହେବା ପରେ ଗତ ଏପ୍ରିଲ ୨୦ ତାରିଖରେ ପାକନପୁର ଓ୍ୱାର ହାଉସ ନିକଟ ଏକ ନିଛାଟିଆ ସ୍ଥାନକୁ ସସ୍ମିତାଙ୍କୁ ଡକାଇ ସୁପାରୀକିଲର ସାହାଯ୍ୟରେ ହତ୍ୟା କରିଥିଲା ସୂର୍ଯ୍ୟକାନ୍ତ। ୨୧ ତାରିଖରେ ସସ୍ମିତାଙ୍କ କ୍ଷତବିକ୍ଷତ ଶବ ଉଦ୍ଧାର କରାଯାଇଥିଲା। ସେହିଦିନ ସସ୍ମିତାଙ୍କ ପିତା ପ୍ରମୋଦ କୁମାର ଦାସ ଜଗତସିଂହପୁର ଥାନାରେ ଏତଲା ଦେବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ୨୪ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ପୁଲିସ ସଫଳ ହୋଇଥିବା ବେଳେ ସୁପାରୀ କିଲର ଲାଲୁ କୁମାର ଫେରାର ହୋଇଯାଇଥିଲା। ଗତ ୧୪ ତାରିଖରେ ଲାଲୁ କୁମାର ଗିରଫ ହୋଇଥିବା ବେଳେ ତା' ନିକଟରୁ ଗୋଟିଏ ହୁଣ୍ଡାଇ କାର୍, ୨ଟି ମୋବାଇଲ, ଗୋଟିଏ ଏଟିଏମ୍ କାର୍ଡ ଏବଂ ପାନ୍ କାର୍ଡ ଜବତ କରାଯାଇଛି ବୋଲି ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।

# ବେଆଇନ ମାଟି ଉଠାଣରେ ୬ ଗିରଫ



**କୁଜଙ୍ଗ, ୧୬।୫(ସମିସ):** ଗତକାଲି ଜିଲ୍ଲାପାଳ, ଏସ୍‌ପି ରାତିଅଧିଆ ଚଢ଼ଉ କରିଥିବା ବେଆଇନ୍ ମାଟିଚାଲାଣ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି। ଘଟଣାସ୍ଥଳରୁ ମାଟିତଡ଼ା ମେସିନ, ଟ୍ରାକ୍ଟର, ହାଇୱା ଜବତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କୁଜଙ୍ଗ ପୁଲିସ ମାଟି ଚୋରି ପଛରେ ସମ୍ପୃକ୍ତ ୧୮ ଜଣଙ୍କ ନାମରେ ମକଦ୍ଦମା ରୁଜୁ କରିଛି। ଏହି ସଂଗଠିତ ଗ୍ୟାଙ୍ଗକୁ ଚିହ୍ନଟ କରିଛନ୍ତି ଜିଲ୍ଲା ପ୍ରଶାସନ। ଯେଉଁମାନେ ସରକାରଙ୍କଠାରୁ ବେଆଇନ ସ୍ଥାନାନ୍ତର, ପରିବହନ ଏବଂ ବିକ୍ରୟ ସହିତ ସିଣ୍ଡିକେଟ୍ ଚଳାଉଥିଲେ ସେମାନଙ୍କୁ ଆଜିଠାରୁ ପୁଲିସ ଘେରାବନ୍ଦୀ କରିଛି। କୁଜଙ୍ଗ ତହସିଲର ଫତେପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା ପ୍ରତାପୁର ଗ୍ରାମ ନିକଟରେ ଥିବା ଇଡ୍‌କୋ ଜମିରୁ ଏହି ମାଟି ତଡ଼ା ଯାଇ ବେଆଇନ୍ ଭାବେ ଚାଲାଣ ହେଉଥିଲା। ଏଥିରେ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ହେଉଥିଲା। ବାରମ୍ବାର ଏ ନେଇ ଅଭିଯୋଗ ହେବା ପରେ ନିଜେ ଜିଲ୍ଲାପାଳ ଓ ଏସ୍‌ପି ହାଇୱା ଚଳାଇ ରାତି ଅଧିଆ ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ଏଥିରେ ୬ ପ୍ରୋକଲିନ୍ ମେସିନ୍ ଏବଂ ୧୧ ହାଇୱା ଗାଡି ଜବତ କରାଯାଇଥିଲା। ୧୦ ଜଣଙ୍କୁ ରାତି ଅଧିଆ ଉଠାଇ ଆଣିଥିଲେ ମଧ୍ୟ ୬ ଜଣଙ୍କୁ ଗିରଫ କରାଯାଇ ଶନିବାର ରାତି ୧୦ରେ ଅଦାଲତ ଚାଲାଣ କରାଯାଇଛି। ଅନ୍ୟଯେଉଁମାନେ ସଂଗଠିତ ଅପରାଧ ପଛରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଖୁବ୍‌ଶୀଘ୍ର ତଦନ୍ତ ପରିସରଭୁକ୍ତ କରାଯାଇ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

▸▸ ମାଟି ସିଣ୍ଡିକେଟ୍ ଉପରେ ପ୍ରଶାସନର ନଜର
▸▸ ୧୮ ଜଣଙ୍କ ନାମରେ ମକଦ୍ଦମା ରୁଜୁ

### କ୍ଷୀର ସେଣ୍ଟର ରାସ୍ତା ତାଡ଼ିଦେଲା ପ୍ରଶାସନ

# ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ ଜଣାଇଲେ ଚାଷୀ


**ଜଗତସିଂହପୁର, ୧୬।୫(ସମିସ):** ଜଗତସିଂହପୁର ସହରର ପୁରୋହିତପୁର ନିକଟରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ରାସ୍ତା ଅବରୋଧ କରି ବ୍ୟବସାୟ ଚଳାଇ ଆସୁଥିବା ବ୍ୟବସାୟୀମାନଙ୍କୁ ଉଠାଇ ଦିଆଯାଇଛି। ତେବେ ନିକଟରେ ଥିବା ଏକ କ୍ଷୀର ସଂଗ୍ରହ କେନ୍ଦ୍ର ରାସ୍ତା ଓ ପୋଲକୁ ଉଚ୍ଛେଦ ସମୟରେ ଭାଙ୍ଗି ଦିଆଯାଇଥିବାରୁ ବାଟ ବନ୍ଦ ହୋଇଯାଇଛି। ଫଳରେ ସନ୍ଧ୍ୟାରେ ଏହି କେନ୍ଦ୍ରକୁ କ୍ଷୀର ଦେବା ପାଇଁ ଆସିଥିବା ଚାଷୀମାନେ ହଇରାଣ ହୋଇଛନ୍ତି। ରାସ୍ତା ନଥିବାରୁ ଘରୁ ଆଣିଥିବା ଶହ ଶହ ଲିଟର କ୍ଷୀର ସେଣ୍ଟରରେ ଦେଇନପାରି ରାସ୍ତାରେ ଢାଳି ଦେଇଛନ୍ତି ଚାଷୀ। ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବାରୁ ପୁଲିସ ମୁତୟନ କରାଯାଇଛି।

## ବାଲିକୁଦା ବ୍ଲକ୍ ଟପ୍ପର ଅଙ୍କିତାଙ୍କୁ ସମ୍ବର୍ଦ୍ଧନା



**ବାଲିକୁଦା, ୧୬।୫(ସମିସ):** ବାଲିକୁଦା ବ୍ଲକର ଅଳାବୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ରଥକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଙ୍କିତା ମାଟ୍ରିକ୍ ପରୀକ୍ଷାରେ ୫୫୮ ମାର୍କ ରଖି ବାଲିକୁଦା ବ୍ଲକରେ ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ତରଫରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଙ୍କିତାଙ୍କ ଜେଜେ ଲକ୍ଷ୍ମୀ ନାରାୟଣ ରଥ, ପିତା ଗିରିଜା ଶଙ୍କର ରଥ ଓ ମାତା ତୃପ୍ତିମୟୀ ଦାଶଙ୍କୁ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅଳାବୋଳ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, କବି ରମେଶ ଚନ୍ଦ୍ର ବହିରା, ଶିକ୍ଷକ ରଞ୍ଜିତ ଦାସ ଓ ତାଙ୍କର ପିତାମାତା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଓଡ଼ପଏଙ୍ଗା ଗ୍ରାମରେ ଯମରାଜ ପୂଜା



**ନାଉଗାଁ, ୧୬।୫(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତ ସ୍ଥିତ ଓଡ଼ପଏଙ୍ଗା ଗ୍ରାମରେ ଯମରାଜ, ସାବିତ୍ରୀ-ସତ୍ୟବାନ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଖପାଖ ପ୍ରାୟ ୮ଟି ପଞ୍ଚାୟତର ମହିଳାମାନେ ଭକ୍ତି ଓ ନିଷ୍ଠାର ସହିତ ଏହି ପୂଜା ମଣ୍ଡପକୁ ଆସି ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏଠାରେ ଯମରାଜାଙ୍କ ନିକଟରେ ନୂଆ ଶାଢ଼ି, ସଂଖା ଓ ସିନ୍ଦୁର ସହିତ ବିଭିନ୍ନ ଫଳ ଆଣି ପୂଜା କରିଥିଲେ। ଏହି ସାବିତ୍ରୀ ପୂଜା ଏଠାରେ ଦୀର୍ଘ ୭୦ ବର୍ଷ ହେବ ଓଡ଼ପଏଙ୍ଗା, ହରିପୁର ଓ ମୁଗେଇ ଗ୍ରାମବାସୀଙ୍କ ସହାୟତାରେ ଅନୁଷ୍ଠିତ ହୋଇଆସୁଛି।

### ପୋତିହେଲାଣି ନଦୀନାଳ, ମିଳୁନି ମାଛକଙ୍କଡ଼ା

# ସଙ୍କଟରେ ପାରମ୍ପରିକ ମତ୍ସ୍ୟଜୀବୀ ଓ କୈବର୍ତ୍ତ ସମାଜ

**କୁଜଙ୍ଗ, ୧୬।୫(ସମିସ):** ରାଜ୍ୟ ସରକାର ମାଛ ଚାଷୀଙ୍କୁ ପ୍ରୋତ୍ସାହନ ଦେବା ନିମନ୍ତେ ନୂତନ କରି ନୀଳ ବିପ୍ଳବ ଓ ଭିନ୍ନ ନାମରେ ଏକାଧିକ ପ୍ରକାର ଯୋଜନା କରୁଥିବା ବେଳେ କୁଜଙ୍ଗ ମତ୍ସ୍ୟଜୀବୀମାନଙ୍କ ସେପରି ସମୃଦ୍ଧି ହେଉନଥିବା ଅଭିଯୋଗ ହୋଇଛି। ସମୁଦ୍ରରେ ମାଛ ମରା ବନ୍ଦ ସମୟରେ ମତ୍ସ୍ୟଜୀବୀଙ୍କୁ କେତେକ ଅଞ୍ଚଳରେ ଚାଉଳ ଆଦି ସାମଗ୍ରୀ ସରକାରଙ୍କ ପକ୍ଷରୁ ଯୋଗାଣ ଯୋଗାଣ କରାଯାଉଛି। ଏପରିକି କେନ୍ଦ୍ରାପଡ଼ାର ମହାକାଳପଡ଼ା ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କ ପାଇଁ ପ୍ରଚଳନ କରାଯାଉଥିବା ବିଭିନ୍ନ ଯୋଜନାକୁ କୁଜଙ୍ଗ ଅଞ୍ଚଳରେ ଥିବା କୈବର୍ତ୍ତମାନଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ କୈବର୍ତ୍ତ ନେତା ଶରତ ବେହେରା ମୁଖ୍ୟମନ୍ତ୍ରୀ ମୋହନମାଝୀଙ୍କୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଏକଦା କୁଜଙ୍ଗ ଅଞ୍ଚଳ ସମଗ୍ର ରାଜ୍ୟରେ ପାନ, ଧାନ ଓ ମୀନ ପାଇଁ ପ୍ରସିଦ୍ଧି ଲାଭ କରିଥିଲା। କୁଜଙ୍ଗ ଖଏଙ୍ଗା, ଖାସୁଲି, ଡେମା, ଡାହଙ୍ଗାରା, ପୋଟେଇ, ଭେକ୍‌ଟି ପରି ସୁସ୍ୱାଦୁ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି; ବିଶେଷ କରି କୁଜଙ୍ଗ ଇଲିସ୍‌କୁ ଆଜି ମଧ୍ୟ ରାଜ୍ୟବାସୀ ଝୁରି ହୁଅନ୍ତି। ମାତ୍ର ଏହି ମାଛ ମରାଯାଉଥିବା ନଦୀରେ ଶିଳ୍ପାଞ୍ଚଳର ପ୍ରଭାବରୁ ଆଉ ମାଛ ମିଳୁନାହିଁ। ଫଳରେ କୁଜଙ୍ଗବାସୀଙ୍କ ଏହି ସବୁ ମାଛ ଖାଇବାକୁ ବାହାରୁ କିଣିବାକୁ ପଡୁଛି। ଶିଳ୍ପର ବିଷ ଦାନ୍ତରେ କୁଜଙ୍ଗର ପାନ କବଳିତ ହୋଇସାରିଥିବା ବେଳେ ଏବେ ମୀନ ଚାଷ ଓ ମତ୍ସ୍ୟଜୀବୀ କବଳିତ ହୋଇପଡ଼ିଲେଣି। ପାରାଦୀପ ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାଞ୍ଚଳ ପାଇଁ ନଦୀ ଅବବାହିକା ପୋତି ହୋଇ ପଡ଼ିବା ଯୋଗୁଁ ମତ୍ସ୍ୟଜୀବୀ ବୃତ୍ତି ହରାଇ ହାତବାନ୍ଧି ବସିରହିଥିବା ଲକ୍ଷ୍ୟ କରାଯାଉଛି। ଏହି ଅଞ୍ଚଳର ମତ୍ସ୍ୟଜୀବୀମାନେ ମୁଖ୍ୟତଃ ମହାନଦୀ, ଷଣ୍ଢକୁଦରୁ ଅଠରବାଙ୍କି ପର୍ଯ୍ୟନ୍ତ ହଳଦିପାଣି, ଜନତା ବିଦ୍ୟାଳୟ ନିକଟରୁ ଚଉମୁହାଣି ପର୍ଯ୍ୟନ୍ତ ଯାଇଥିବା ସଫେଇ, ବାଲିଆ ନଦୀ, ଜଟାଧାର ଠାରୁ ତ୍ରିଲୋଚନପୁର ବାଲିଆମରା ନଦୀ ପ୍ରଭୃତିରୁ ମାଛ ଧରି ଅତୀତରୁ ଆଜି ପର୍ଯ୍ୟନ୍ତ ନିଜର ଜୀବିକା ନିର୍ବାହ କରିଆସୁଥିଲେ। ଏହି ଅଞ୍ଚଳରେ ଶିଳ୍ପାୟନ ଫଳରେ କେବଳ ମହାନଦୀକୁ ଛାଡ଼ିଦେଲେ ପ୍ରାୟ ଅନ୍ୟ ସମସ୍ତ ଛୋଟ ବଡ଼ ନଦୀମାନଙ୍କର ମୁହାଣ ପୋତିହେବା ଫଳରେ ସମୁଦ୍ରରୁ ଜୁଆର ଆସିପାରୁନାହିଁ। ଏପରିକି ବହୁ ନଦୀ ମୃତ ଅବସ୍ଥାକୁ ଆସିଥିବା ବେଳେ କେତେକ ନଦୀରୁ ଜବରଦଖଲ ମଧ୍ୟ ଉଚ୍ଛେଦ ହେଇପାରୁନାହିଁ। ଗୋଟାଏ ପଟେ ମହନଦୀ ଜଳ ବର୍ଷର ଅଧିକାଂଶ ସମୟ ଶୁଖି ଯାଉଥିବା ବେଳେ ବିଭିନ୍ନ ଯୋର ନଦୀ ମାନଙ୍କରେ କଳକାରଖାନାର ବର୍ଜ୍ୟବସ୍ତୁ ମିଶି ମାଛ ମଡ଼କ ସୃଷ୍ଟି ହେଉଛି। ଯାହା ଏବେ ଶହ ଶହ ମତ୍ସ୍ୟଜୀବୀଙ୍କ ପାଇଁ ମୁଣ୍ଡ ବ୍ୟାଥାର କାରଣ ପାଲଟିଛି ବୋଲି କୈବର୍ତ୍ତ ନେତା କଳିଙ୍ଗ କର୍ଣ୍ଣଧାର କୈବର୍ତ୍ତ ଷୋଳ ଭାଇ ସଭାର ସମ୍ପାଦକ ଶରତ ବେହେରା ଅଭିଯୋଗ କରିଛନ୍ତି। ଜଟାଧାର ମୁହାଣ ନିକଟରେ କାରଖାନା ପ୍ରତିଷ୍ଠା ହେବା କାରଣରୁ ମାଛ ମରୁନଥିବା ବେଳେ ମହାନଦୀରେ ପାରାଦୀପ ସାର କାରଖାନା ଯୋଗୁଁ ମାଛ ଆଉ ହେଉନଥିବା ବହୁ ପାରମ୍ପରିକ ମତ୍ସ୍ୟଜୀବୀ ଅଭିଯୋଗ କରି ଏବେ ଅନ୍ୟ ବୃତ୍ତି ଅଥବା ଦାନକୁ ଅପଣାଇଲେଣି। ନଦୀକୁ ଜବରଦଖଲ କରି ବହୁ ବଳଶାଳୀ ବ୍ୟକ୍ତି କୈବର୍ତ୍ତମାନଙ୍କ ଭାତହାଣ୍ଡି ମଧ୍ୟ ଛଡ଼ାଇ ନେଇଛନ୍ତି। ମହାନଦୀକୁ ସ୍ଥାନୀୟ ଶିଳ୍ପସଂସ୍ଥା ସେମାନଙ୍କ ବର୍ଜ୍ୟବସ୍ତୁ ଲୁଚାଇ ଲୁଚାଇ ଛାଡୁଥିବା ଯୋଗୁଁ ଏହି ନଦୀରେ ଆଉ ମାଛ ମରୁନଥିବା କୈବର୍ତ୍ତମାନେ ଅଭିଯୋଗ କରୁଛନ୍ତି।

ଅପରପକ୍ଷରେ ନଦୀପଥ ଅବରୋଧ ହେଉଥିବା କାରଣରୁ ବର୍ଷା ଜଳ ଆଉ ପ୍ରବାହିତ ହୋଇପାରୁନି। ହଳଦୀପାଣି କ୍ରିକ୍ ଓ ଫତେପୁର କ୍ରିକ ଠିକ୍ ଢଙ୍ଗରେ କାମ କରୁନଥିବାରୁ ଏହି ସସସ୍ୟା ଏବେ ବହୁ ଗ୍ରାମକୁ ପ୍ରଭାବିତ କରୁଛି। ମଙ୍ଗରାଜପୁର ଓ ଆଖପାଖରେ ଜଳ ପ୍ରଦୂଷଣ ବଢୁଥିବା ଅଭିଯୋଗ କରିଛନ୍ତି ଶ୍ରୀ ବେହେରା। ଏହି ସବୁ ବିଷୟକୁ ଧ୍ୟନ ଦେଇ କେବଳ କୁଜଙ୍ଗର ପାରମ୍ପରିକ ମାଛ ଚାଷୀ ନୁହେଁ; ସମଗ୍ର ଉପକୂଳ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ହିତକୁ ଧ୍ୟାନରେ ରଖି ନଦୀ ଜଳ ପ୍ରଦୂଷଣ ମୁକ୍ତ କରିବା ଆବଶ୍ୟକ। ଏହା ସହ ମହାନଦୀ ମୁହାଣରେ ଜେଟି ଓ ଅନ୍ୟାନ ଶିଳ୍ପ ସଂସ୍ଥାର ପରିବେଶ କ୍ଷତି କରୁଥିବା ଆତଯାତକୁ ବନ୍ଦ କରାଗଲେ ମାଛ ବଢ଼ିବା ସହ ମତ୍ସ୍ୟଜୀବୀ ଉପକୃତ ହୋଇପାରନ୍ତେ ବୋଲି ବିଷ୍ଣୁ ସାମଲ, ଜୟଦେବ ମହାପାତ୍ର, ରବି ମାଝୀ, କୁଳମଣି ରାଉତ, ପ୍ରକାଶ ଚନ୍ଦ୍ର ପରିଡ଼ା ଓ ରବି ମହାପାତ୍ର, କୈଳାସ ରାଉତ, ନିତ୍ୟାନନ୍ଦ ପଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ମାଛ ଆଉ ଆଗ ପରି ହେଉନଥିବାରୁ କୁଜଙ୍ଗ ଶୁଖୁଆ ହାଟ ମଧ୍ୟ ତାର ପୂର୍ବ ସ୍ଥିତି ହରାଇ ବହୁ ମତ୍ସ୍ୟଜୀବୀ ପରିବାରକୁ ଅନ୍ଧାର ମଧ୍ୟକୁ ଠେଲି ଦେଉଛି ବୋଲି କୁଜଙ୍ଗ ଅବନାଘର ପ୍ରତିଷ୍ଠାତା ଗରିଧାରୀ ସାହୁ ଅଭିଯୋଗ କରିଛନ୍ତି।

## ନଗର ମଣ୍ଡଳ ପକ୍ଷରୁ ଜନଆକ୍ରୋଶ ମହିଳା ପଦଯାତ୍ରା

**ଜଗତସିଂହପୁର, ୧୬।୫(ସମିସ):** ଜଗତସିଂହପୁର ନଗର ମଣ୍ଡଳ ତରଫରୁ ସଭାପତି ରାଜେନ୍ଦ୍ର କୁମାର ବିଶୋଇଙ୍କ ନେତୃତରେ ସ୍ଥାନୀୟ ଜୟବଢ଼ ଛକ ଠାରୁ ହାଟବଜାର ସ୍ଥିତ ବ୍ଲକ ଛକ ପର୍ଯ୍ୟନ୍ତ ଏକ ବିଶାଳ ଜନଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ପରେ ସ୍ଥାନୀୟ ହାଟବଜାର ଠାରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କ୍ରିଷ୍ଣା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତି, ସର୍ଜନ ସିଂହ, ପୂର୍ବତନ ନଗର ମହିଳା ମୋର୍ଚ୍ଚା ସଭନେତ୍ରୀ ସବିତା ସ୍ୱାଇଁ, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମହିଳା ବିଲ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ନଗର ଉପସଭାପତି ସମୀର ନାୟକ, ହେମନ୍ତ ପଲାଉରୀ, ଅଜୟ ତ୍ରିପାଠୀ, ନଗର ସାଧାରଣ ସମ୍ପାଦକ ସମ୍ବିତ ଷଡଙ୍ଗୀ ଏବଂ ପାରିଷଦ ସବିତା ପ୍ରଧାନଙ୍କ ସମେତ ଶତାଧିକ ମହିଳା ମୋର୍ଚ୍ଚା କର୍ମୀ ଏଥିରେ ସାମିଲ ହୋଇଥିଲେ।



## ଆଜି ଜଗନ୍ନାଥ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ

**ପାରାଦୀପ, ୧୬।୫(ସମିସ):** ଆସନ୍ତାକାଲି ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ଗତକାଲି ରାତି ଠାରୁ ପ୍ରଚାର ମଧ ଶେଷ ହୋଇଛି। ତେବେ ଆସନ୍ତାକାଲି ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ସଂଘର ସଦସ୍ୟ ମାନେ ସଙ୍ଘ କାର୍ଯ୍ୟାଳୟରେ ନିଜର ମତ ସାବ୍ୟସ୍ତ କରିବେ। ଅପରାହ୍ନ ୫ଟା ପରେ ନିର୍ବାଚନ କମିଟି ଭୋଟ ଗଣତି କରି ଫଳାଫଳ ଘୋଷଣା କରିବେ। ମତଦାନ ସମୟ ଯେତେ ପାଖେଇ ଆସୁଛି ସଦସ୍ୟଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ି ଚାଲିଛି। କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିବ ତାକୁ ନେଇ ଚାଲିଛି ତର୍ଜମା। ଚଳିତ ବର୍ଷର ଏହି କର୍ମକର୍ତ୍ତା ନିର୍ବାଚନ ଏକ ପ୍ରକାର ରୋଚକ ହେବା ନେଇ ଆଲୋଚନା ହେଉଛି। କିଏ ବାଜିମାତ ମାରିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦୁଇ ପ୍ୟାନେଲ ସବୁ କଳବଳ ଲଗାଇ ଲାଗି ପଡ଼ିଛନ୍ତି। ମୋଟ ୬ ଟି ପଦବୀ ପାଇଁ ନିର୍ବାଚନ ହେଉଛି। ଦୁଇ ପ୍ୟାନେଲରୁ ୧୨ ଜଣ ପ୍ରାର୍ଥୀ ହୋଇଥିବା ବେଳେ ସହ ସମ୍ପାଦକ ପାଇଁ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୧୩ ଜଣ ନିର୍ବାଚନରେ ଭାଗ ନେଇଛନ୍ତି। ସଭାପତି ପ୍ରାର୍ଥୀ ସୁଧୀର ଜେନାଙ୍କ ଟିମ୍‌ରେ ସମ୍ପାଦକ ପ୍ରାର୍ଥୀ ଭାବେ ବିଶ୍ୱରଞ୍ଜନ ପଲାଇ ରହିଥିବା ବେଳେ ବିରୋଧୀ ପ୍ୟାନେଲରେ ସଭାପତି ପ୍ରାର୍ଥୀ ଗୌତମ ନାୟକଙ୍କ ଟିମରେ ମଧ୍ୟ ସମ୍ପାଦକ ପାଇଁ ରଞ୍ଜନ କୁମାର ଧଳ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଭୟ ପ୍ୟାନେଲ ଚଳିତ ନିର୍ବାଚନକୁ ନିଜ ସପକ୍ଷରେ ନେବା ଲାଗି ଦିନରାତି ଲାଗି ପଡ଼ିଛନ୍ତି। ତେବେ କାହା ସପକ୍ଷରେ କେଉଁ ପ୍ୟାନେଲକୁ ସଫଳତା ମିଳିବ ତାହା କେବଳ ଆସନ୍ତାକାଲି ଫଳାଫଳ ଘୋଷଣା ପରେ ହିଁ ଜଣାପଡ଼ିବ।

**ଅପରାହ୍ନରେ ଫଳାଫଳ ଘୋଷଣା**

## ମୋକିମ୍ ଫାଉଣ୍ଡେସନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



**ଜଗତସିଂହପୁର, ୧୬।୫(ସମିସ):** କଟକ ଜିଲ୍ଲାର ମୋକିମ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟ ଶିବିର ଜଗତସିଂହପୁର ଜିଲ୍ଲା କାଦୁଅପଡ଼ା ଗ୍ରାମପଞ୍ଚାୟତ ସ୍ଥିତ ଡିହସାହି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ବାରବାଟୀ କଟକର ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ତତ୍ତ୍ୱାଧାନରେ ଆୟୋଜିତ ଏହି ଶିବିରକୁ ଡାକ୍ତର ନୟୀମା ତାଜୀମ, ସରପଞ୍ଚ ପ୍ରମୋଦ କୁମାର ସାହୁ, ଆଇନଜୀବୀ ନରେଶ ଦାସ, ମୁଦୁପୁରର ପୂର୍ବତନ ସରପଞ୍ଚ ନଳିନୀକାନ୍ତ ସ୍ୱାଇଁ, ଯୁବ ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ କିଶୋର ଦାସ ଏବଂ ପୂର୍ବତନ ସମିତିସଭ୍ୟ ପୁଷ୍ପରାଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ଏଏସ୍‌ଜିଆଇ ହସ୍ପିଟାଲ ଏବଂ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ସାଧାରଣ ରୋଗ ବିଶେଷଜ୍ଞ ଡାକ୍ତର ଆଶିଷ କୁମାର ଦଳବେହେରା ଓ କ୍ୟାପିଟାଲ ହସ୍ପିଟାଲର ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ବିକାଶ ପୃଷ୍ଟି ଏବଂ ଫାଉଣ୍ଡେସନର ଟ୍ରଷ୍ଟି ତଥା ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନୟୀମା ତାଜେନଙ୍କ ସହ ହସ୍ପିଟାଲର କର୍ମଚାରୀମାନଙ୍କ ଦ୍ୱାରା କାଦୁଅପଡ଼ା ଗ୍ରାମପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଶତାଧିକ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ଏହା ସହ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଇସିଜି, ଫୁସଫୁସ ପରୀକ୍ଷା, ବିଭିନ୍ନ ରକ୍ତ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ସତ୍ୟରଞ୍ଜନ କରଙ୍କ ଆବାହକତ୍ୱରେ ଏହି ଶିବିର ପରିଚାଳନା ହୋଇଥିବା ବେଳେ ଯୁବ ନେତା ଆଲୋକ ଦାସ, ରାଜା ସ୍ୱାଇଁ, ମନୋଜ କୁମାର ବାରିକ, ବଳରାମ ସେଠୀ, କିଶୋର କୁମାର ପୋଥାଳ, ବଜେନ୍ଦ୍ର ଭଞ୍ଜ, ବେଣୁଧର ରାଉତ, ଉପେନ୍ଦ୍ର କୁମାର ସାହୁ, ସେକ ସରିଫ, ସୋନୁ ସାହୁ, ଶକ୍ତିପ୍ରସାଦ ଦାସ, କ୍ରିଷ୍ଣାନନ୍ଦ ସାହୁ, ଚନ୍ଦନ ଲାଲ ପରିଜା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏସ୍ ଯସ୍ମୀନ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୪.୨ ପ୍ରତିଶତ ନମ୍ବର ରଖିଥିବା ପଞ୍ଚାୟତର ଅବିନାଶ ସାହୁଙ୍କୁ ଫାଉଣ୍ଡେସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚାଷୀଙ୍କୁ ମିଳୁନି ନୂତନ ଅମଳକ୍ଷମ ବିହନ

**କୁଜଙ୍ଗ, ୧୬।୫(ସମିସ)**

ଅକ୍ଷୟ ତୃତୀୟ ଗଲାଣି। ଆଉ ଦୁଇ ସପ୍ତାହ ପରେ ଖରିଫ୍ ପାଇଁ ତଳି ଘେରା ସହ ବେଉଷଣ ହେଉଥିବା ଜମିରେ ଧାନ ବୁଣା ଆରମ୍ଭ ହେବ। ଉପକୂଳ ଅଞ୍ଚଳ କୁଜଙ୍ଗର ପ୍ରମୁଖ ଚାଷ ହେଉଛି ଧାନ ଚାଷ। ଯଦିଓ ଅନ୍ୟାନ ରବି ଫସଲ ହେଉଛି। କେତକ ସ୍ଥାନରେ ତୈଳବୀଜ ଚାଷ କରାଯାଉଛି। ମାତ୍ର ଚାଷ ଜମିର ସିଂହଭାଗ ଜମି ହେଉଛି ଖରିଫ ଧାନ ଚାଷ। କୁଜଙ୍ଗ ତହସିଲରେ ମୋଟ ୧୩, ୫୪୭ ହେକ୍ଟର ଖରିଫ୍ ଧାନ ଚାଷ ଜମି ରହିଥିବା ବେଳେ ଏବେ ଏହି ଅଞ୍ଚଳର ଚାଷୀଙ୍କ ପାଖରେ ବିହନ ପହଞ୍ଚିବା ଆରମ୍ଭ ହେଲାଣି। ମାତ ଗତ ଖରିଫ୍‌ରେ କୁଜଙ୍ଗ ଅଞ୍ଚଳର ଜଳବାୟୁ ଓ ପାଣିପାଗରେ ଭଲ ଅମଳ ହେଉଥିବା ଧାନ କିସମ ବର୍ଷା, ପ୍ରଧାନ, ଇନ୍ଦ୍ର, ରଣଜିତ, ଉପାହର, ଶାରଳା, ଚକାଆଖି, ସିଆର୍-୧୦୧୮, ୧୦୦୯, ଏମ୍‌ଟିୟୁ-୧୦୭୨, ଶ୍ରଦ୍ଧା, ଗଙ୍ଗା, ଯମୁନା, ସାଧନା, କନକ ସ୍ୱର୍ଣ୍ଣ, ପୂଜା, ରିତା, ମେରାଲିନ୍, ୧୦୯୬ ଆଦି ମଧ୍ୟରୁ କୁଜଙ୍ଗର ବିଭିନ୍ନ ସମବାୟ ସମିତିର କଳାଚମ୍ପା, ୧୦୧୮ ପରି ଦୁଇଟି କିମ୍ବା ତିନୋଟି ବିହନ ମିଳୁଥିବା ବେଳେ ଅନ୍ୟାନ ବେସରକାରୀ ବିହନ ବିକ୍ରୟ କେନ୍ଦ୍ରରେ ମଧ୍ୟ ଚାଷୀଙ୍କୁ ଜମି ଅନୁସାରେ ବିହନ ମିଳୁନଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ କୁଜଙ୍ଗ ତହସିଲ ଅଞ୍ଚଳର ଚାଷୀମାନଙ୍କୁ ୯ ଶହ କ୍ୱିଣ୍ଟାଲ ଧାନ ବିହନ ଆବଶ୍ୟକ ରହିଥିବା ବେଳେ ସରକାରୀ ସ୍ତରରେ ୮୦ ପ୍ରତିଶତ ବିହନ ଯୋଗାଣ ହୋଇପାରୁନାହିଁ ବୋଲି ଅଭିଯୋଗ ହୋଇଛି। ସମବାୟ ସମିତି ଓ ଅନ୍ୟାନ ସଂସ୍ଥା ଦ୍ୱାରା ଚାଷୀଙ୍କୁ ଯୋଗାଣ କରାଯାଉଥିବା କୁହାଯାଉଥିବା ବେଳେ ଚାଷୀଙ୍କ ଆବଶ୍ୟକୀୟ ବିହନ ମିଳୁନଥିବା ବହୁ ଚାଷୀ ଅଭିଯୋଗ କରୁଛନ୍ତି। ତେବେ ଯେଉଁ କେତେ ଜଣ ଚାଷୀ ବିହନ ସାଇତି ରଖିଛନ୍ତି, ସେମାନେ ପାଣି ଅଭାବରୁ ତଳିଘେରା ପକାଇ ପାରୁନାହାନ୍ତି।

କୁଜଙ୍ଗରେ ମୋଟ ୧୩, ୫୪୭ ଏକର ଖରିଫ୍ ଚାଷ ଜମିରୁ ୮, ୦୫୬ ହେକ୍ଟର ହେଉଛି ଜଳସେଚିତ ଜମି। ଗତ ଅକ୍ଷୟ ତୃତୀୟା ପରଠାରୁ ଚାଷୀ ଜମି ପ୍ରସ୍ତୁତି କରିଥିବା ବେଳେ ପାଣି ଅଭାବରୁ ତଳି ଘେରା ତିଆରି ହୋଇପାରୁନି। ଅଞ୍ଚଳରେ ଚାଷର ପ୍ରମୁଖ ସାଧନ ତାଳଦଣ୍ଡା କେନାଲ କିମ୍ବା ଏହାର ୭ଟି ଶାଖା କେନାଲରେ ପାଣି ଆସୁନାହିଁ। ତେଣୁ ତଳିଘେରା ତିଆରି କରିବାରେ ଚଳିତ ବର୍ଷ ବିଳମ୍ବ ହେବ ବୋଲି କୃଷକ ନେତା ନୂତନ ତ୍ରିପାଠୀ, ଶ୍ରୀନିବାସ ଜୁଝାରସିଂହ ଓ ଶରତ ବଳିୟାରସିଂହ କହିଛନ୍ତି। ତାଳଦଣ୍ଡା କେନାଲ ଅଞ୍ଚଳର ଚାଷୀଙ୍କ ପାଇଁ ନା ଶିଳ୍ପ ପାଇଁ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି କୃଷକ ନେତା ତଥା ମା' ରାମଚଣ୍ଡୀ ନାମମାତ୍ର କୃଷକ ସଂଘର ସଭାପତି ଶ୍ରୀନିବାସ ମହାନ୍ତି। ଏହି ନେଇ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଜଳସମ୍ପଦ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଯଦି ତୁରନ୍ତ ତାଳଦଣ୍ଡା କେନାଲ ସଫେଇ ସହ ତଳି ଘେରା ଆରମ୍ଭ ମାତ୍ରେ ଚାଷ ପାଇଁ ପାଣି ଛଡ଼ା ନଯାଏ ତେବେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ରାମଚଣ୍ଡୀ କୃଷକ ସଂଘର ସଭାପତି ଶ୍ରୀନିବାସ ମହାନ୍ତି, ସମ୍ପାଦକ ଝରି ତରାଇ, ରାଧାକୃଷ୍ଣ ନାଥ, ନିମାଇଁ ବେହେରା, ବାବୁଲି ତରାଇ, ସତ୍ୟାନନ୍ଦ ବେହେରା, ପୁରୁଷୋତ୍ତମ ତରାଇ, ବାବୁଲି ତରାଇ, ଅଭିମନ୍ୟୁ ମହାରଣା ପ୍ରମୁଖ ଶିଳ୍ପାନୁଷ୍ଠାନର ସ୍ୱାର୍ଥ ପାଇଁ ହଜାର ହଜାର ଚାଷୀ ଓ କୁଜଙ୍ଗ ଅଞ୍ଚଳର ଚାଷକୁ ବଳି ପକାଇ ଦିଆଯିବ ନାହିଁ ବୋଲି ଦାବି କରିଛନ୍ତି।

**କେନାଲ ଶୁଖିଲା, ହୋଇପାରୁନି ତଳିଘେରା**

## ୩ ମାସରେ ଫାଟିଗଲା ୩ ଲକ୍ଷର କଂକ୍ରିଟ ରାସ୍ତା

# ନିମ୍ନମାନର କାମ ଅଭିଯୋଗ, ଫଳକ ଭଙ୍ଗାକୁ ନେଇ ବଢ଼ିଲା ସନ୍ଦେହ

କେନ୍ଦ୍ରାପଡ଼ା,୧୬।୫(ସମିସ)



ସରକାରୀ ଅର୍ଥରେ ନିର୍ମିତ ରାସ୍ତା କାମର ଗୁଣବତ୍ତାକୁ ନେଇ ପୁଣି ପ୍ରଶ୍ନ ଉଠିଛି । ରାଜକନିକା ବ୍ଲକ ଜାଗୁଲାଇପଡ଼ା ପଞ୍ଚାୟତର ଗଞ୍ଜା ଗ୍ରାମରେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ କଂକ୍ରିଟ ରାସ୍ତା ମାତ୍ର ୩ ମାସ ମଧ୍ୟରେ ଫାଟିଯାଇଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ନିମ୍ନମାନର କାମକୁ ଲୁଚାଇବା ପାଇଁ ସୂଚନା ଫଳକ ଭଙ୍ଗାଯାଇଥିବା ଅଭିଯୋଗ ଉଠିଛି ।

ସୂଚନା ମୁତାବକ, ବଗି ରାସ୍ତାଠାରୁ ବାଉଁଶନଳୀ ପର୍ଯ୍ୟନ୍ତ ପ୍ରାୟ ୨୭୦ ଫୁଟ ଦୈର୍ଘ୍ୟର ଏହି କଂକ୍ରିଟ ରାସ୍ତା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ନିର୍ମାଣ କରାଯାଇଥିଲା । ରାଜକନିକା ବ୍ଲକର ଜେଇ ନିହାର ରଞ୍ଜନ ପରିଡ଼ାଙ୍କ ନାମରେ କାର୍ଯ୍ୟାଦେଶ ଥିବାବେଳେ ରାସ୍ତା ନିର୍ମାଣ ପରେ ଦିନ କେଇଟାରେ ଏହାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ରାସ୍ତା ଖଣ୍ଡଖଣ୍ଡ ହେବାକୁ ବସିଲାଣି । ରାସ୍ତା କାମରେ ବ୍ୟାପକ ଅନିୟମିତତା ହୋଇଥିବାବେଳେ ବାସ୍ତବରେ ଏହି କାମରେ ୩ ଲକ୍ଷ ଟଙ୍କା ନୁହେଁ, ବରଂ ଏକ ଲକ୍ଷ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇ ନ ଥିବା ସ୍ଥାନୀୟ ଲୋକ ଦାବି କରିଛନ୍ତି । ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଅବୈଜ୍ଞାନିକ ନିର୍ମାଣ ଯୋଗୁଁ ରାସ୍ତା ଶୀଘ୍ର ନଷ୍ଟ ହୋଇଯାଇଥିବା କୁହାଯାଉଛି । ଏହାଠାରୁ ଆହୁରି ସନ୍ଦେହଜନକ ଘଟଣା ହେଉଛି, ରାସ୍ତା ନିର୍ମାଣ ସମ୍ପର୍କିତ ସୂଚନା ଥିବା ଫଳକକୁ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି । ଲୋକଙ୍କ ଅସନ୍ତୋଷ ଓ ଦୁର୍ନୀତି ଅଭିଯୋଗ ଏଡ଼ାଇବା ପାଇଁ ଏଭଳି କରାଯାଇଥିବା ଚର୍ଚ୍ଚା ହେଉଛି । ସ୍ଥାନୀୟ ସଚେତନ ନାଗରିକ ଅଭିଯୋଗ କରିଛନ୍ତି ଯେ, ବ୍ଲକ୍‌ରେ ଅନେକ କାମରେ ଶାସକ ଓ ବିରୋଧୀ ଦଳର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅଘୋଷିତ ସମନ୍ୱୟ ଯୋଗୁ ଦଳୀୟ ଠିକାଦାର କାମ ନେଇ ନିମ୍ନମାନର କାମ କରୁଛନ୍ତି । ଏହାର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି । ଏ ସମ୍ପର୍କରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିବା ଜଣାପଡ଼ିଛି । ଏବେ ଘଟଣାର ଭିଜିଲାନ୍ସ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଜାଗୁଲାଇପଡ଼ା ପଞ୍ଚାୟତର ସଚେତନ ମହିଳା ଦାବି କରିଛନ୍ତି । ସରକାରୀ ଅର୍ଥରେ ହେଉଥିବା ଉନ୍ନୟନ କାମ ଯଦି ଆରମ୍ଭରୁ ଭୁଶୁଡ଼ି ପଡିବ, ତେବେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ସଫଳତା ଉପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ତାଳଚୁଆ ଘାଟରୁ ୨ ବୋଟ୍, ୪ ହଜାର ଲିଟର ଡିଜେଲ ଜବତ

ରାଜନଗର, ୧୬।୫(ସମିସ): ପେଟ୍ରୋଲ ଡିଜେଲ ଅଭାବ ଭିତରେ କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ଘାଟରୁ ୪ ହଜାର ଲିଟର ଡିଜେଲ ଜବତ ହୋଇଛି । ଜଳପଥରେ ଭଦ୍ରକ ଜିଲ୍ଲାରୁ ୬ଟି ବୋଟରେ ୧୨ ହଜାର ଡିଜେଲ ଆସୁଥିବାବେଳେ ପୁଲିସ ୨ଟି ବୋଟ ସହିତ ୪୦୦୦ ଲିଟର ଡିଜେଲ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି । ଯୁଦ୍ଧ ପ୍ରଭାବ ପାଇଁ ପେଟ୍ରୋଲ ପମ୍ପରେ ଭିଡ ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ୧୦ ତାରିଖ ଦିନ ଦେଶବାସୀଙ୍କୁ ପେଟ୍ରୋଲ୍ ବ୍ୟବହାର କମାଇବାକୁ ସତର୍କ କରିବା ପରେ କିଛି ପେଟ୍ରୋଲ ପମ୍ପରେ ତାଲା ଝୁଲୁଥିବାବେଳେ ଅନ୍ୟ ପେଟ୍ରୋଲ ପମ୍ପରେ ଅସମ୍ଭାଳ ଭିଡ ଲାଗି ରହିଛି । ଗତକାଲି ରାତି ପ୍ରାୟ ୧୦ ଘଟିକା ସମୟରେ ୬ଟି ଟେମ୍ପା (ବୋଟ)ରେ ବୈତରଣୀ ନଦୀର ତାଳଚୁଆ ଫେରିଘାଟରେ ବିପୁଳ ପରିମାଣର ଡିଜେଲ ଆସି ପହଞ୍ଚିଥିଲା । ୬ଟି ବୋଟରେ ପ୍ରାୟ ୧୨ ହଜାର ଲିଟରରୁ ଅଧିକ ଡିଜେଲ ଆସିଥିଲା । ୪ଟି ବୋଟରୁ ଡିଜେଲ ତଳକୁ କଢା ସାରିବା ସହ ଅଟୋ ଯୋଗେ ବିଭିନ୍ନ ସ୍ଥାନକୁ ଯାଇଥିଲା । ୧୨ଟି ୫୦ ଲିଟିରିଆ ତେଲ ଜାର ଘାଟ ନିକଟରେ ଥିଲା । ୨ଟି ବୋଟରୁ ତେଲ କଢା ଯାଇ ନ ଥିଲା । ଖବର ପାଇ ପୁଲିସ ପହଞ୍ଚି ୨ଟି ବୋଟ ସହିତ ବୋଟରେ ଥିବା ତେଲ ଓ ଘାଟରେ ଥିବା ତେଲ ଜବତ କରିଛି । ଗତକାଲି ରାତିରୁ ତାଳଚୁଆ ସାମୁଦ୍ରିକ ଥାନାରେ ଜବତ ଡିଜେଲ ରଖାଯାଇଛି । ତାଳଚୁଆ ଥାନାରେ ୭୦ଟି ଜବତ ତେଲ ବାରେଲ ରହିଛି । ଏ ନେଇ ତାଳଚୁଆ ସାମୁଦ୍ରିକ ଥାନାରେ ୧୧୧/୨୬ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

● ଆଳି ପୁଲିସର ଗଞ୍ଜେଇ ଜବତ ଘଟଣା

## ଅଟକ ତିନି ଯୁବକ କୋର୍ଟ ଚାଲାଣ

ଆଳି,୧୬।୫(ସମିସ): ନିଆଳ ପଞ୍ଚାୟତସ୍ଥ ନିଆଳ ହାଟଠାରୁ ଅନତୀ ଦୂର ତେଲିପାଟଣା କଟକ ଚଣ୍ଡୀ ମନ୍ଦିର ନିକଟରେ ଗଞ୍ଜେଇ ଜବତ ଘଟଣାରେ ଅଟକ ଥିବା ତିନି ଯୁବକଙ୍କୁ ଆଜି ଆଳି ପୁଲିସ କୋର୍ଟ ଚାଲାଣ କରିଛି । ଆଳି ପୁଲିସର ଏକ ଟିମ ଚଢ଼ଉ କରି ନିଆଳ ତେଲିପାଟଣା ନିକଟରୁ ଏକ କାର୍‌ରୁ ୬୮ କେଜି ୩ ଶହ ଗ୍ରାମର ଗଞ୍ଜେଇ ଜବତ କରିଥିଲା । କନ୍ଧମାଳ ଜିଲ୍ଲା ସୁନାପଙ୍ଗା ଗ୍ରାମର ଶମ୍ଭୁ ଦିଗଲ, ବାଟବାଡ଼ି ଗ୍ରାମର ରଘୁନାଥ ପୂଜାରୀ, ସୀତାପଡି ଗ୍ରାମର ଭାସ୍କର ମଲିକ କାର୍‌ରେ ଆସି ଆଳି



ନିଆଳ ଅଞ୍ଚଳରେ ଗଞ୍ଜେଇ ଚାଲାଣ କରିଥିଲେ । ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଆଳି ପୁଲିସ ଉକ୍ତ ତିନି ଯୁବକଙ୍କ ସହ ଗଞ୍ଜେଇ ଜବତ କରି ତିନିଜଣଙ୍କୁ ଅଟକ ରଖିଥିଲା । କାର୍, ମୋବାଇଲ ଓ ଟଙ୍କା ଜବତ କରିଥିଲା । ଆଜି ଅପରାହ୍ନରେ ସମସ୍ତ ତିନିଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇଦିଆଯାଇଥିବା ସାମ୍ବାଦିକ ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି ।

## ନିଶାଶକ୍ତ ଦୁଇ ଚାଳକଙ୍କୁ ଜରିମାନା

କେନ୍ଦ୍ରାପଡ଼ା,୧୬।୫(ସମିସ): ଜିଲ୍ଲାରେ ବେପରୁଆ ଟ୍ରାକ୍ଟର ଚଳାଚଳ, ନାବାଳକ ଚାଳକ ଓ ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚଲାଇବା ଘଟଣାକୁ ନେଇ ଚିନ୍ତା ବଢୁଥିବାବେଳେ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି । ଏହି ଯାଞ୍ଚ ସମୟରେ ନିଶାଶକ୍ତ ଅବସ୍ଥାରେ ଟ୍ରାକ୍ଟର ଚଳାଉଥିବା ଦୁଇ ଚାଳକଙ୍କୁ ଧରାଯାଇ ଜରିମାନା କରାଯାଇଥିବାବେଳେ ଟ୍ରାକ୍ଟର ଜବତ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ସୂଚନା ଦେଇଛନ୍ତି । ଜିଲ୍ଲାରେ ବର୍ତ୍ତମାନ ବହୁ ସଂଖ୍ୟକ ନାବାଳକ ଟ୍ରାକ୍ଟର ଚଳାଉଥିବା ଅଭିଯୋଗ ହେଉଛି । କମ୍ ପାରିଶ୍ରମିକରେ କାମ କରୁଥିବାରୁ କିଛି ଟ୍ରାକ୍ଟର ମାଲିକ ନାବାଳକଙ୍କୁ ଚାଳକ ଭାବେ ରଖୁଥିବା ଚର୍ଚ୍ଚା ହେଉଛି । ଏଥିସହ ରାତି ସମୟରେ ବାଲି ଓ ମାଟି ଚୋରାଚାଲାଣ କାମରେ ମଧ୍ୟ ନାବାଳକଙ୍କୁ ବ୍ୟବହାର କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ବଢୁଛି । ଅନେକ ସମୟରେ ନିଶାଶକ୍ତ ଅବସ୍ଥାରେ ଟ୍ରାକ୍ଟର ଚାଳନା କରାଯାଉଥିବାରୁ ଦୁର୍ଘଟଣା ଆଶଙ୍କା ଦିନକୁ ଦିନ ବଢୁଛି । ବିଶେଷକରି ରାତି ସମୟରେ ଅତ୍ୟଧିକ ବେଗରେ ଟ୍ରାକ୍ଟର ଚଳାଚଳ କରୁଥିବାରୁ କେତେବେଳେ କାହାର ଜୀବନ ଯିବ କହିହେବ ନାହିଁ ବୋଲି ସାଧାରଣ ଲୋକ ମତ ପ୍ରକାଶ କରିଛନ୍ତି । କେବଳ ଟ୍ରାକ୍ଟର ନୁହେଁ, ଜିଲ୍ଲାର ବିଭିନ୍ନ ଗାଁ ଓ ସହରାଞ୍ଚଳରେ ନାବାଳକ ଦୁଇଚକିଆ ଯାନ ବେପରୁଆ ଭାବେ ଚଳାଉଛନ୍ତି । ଅନେକ ସ୍ଥାନରେ ପୁଲିସ ଯାଞ୍ଚ ନିୟମିତ ହେଉ ନ ଥିବାରୁ ପରିସ୍ଥିତି ନିୟନ୍ତ୍ରଣରେ ଆସୁ ନ ଥିବା ଅଭିଯୋଗ ହେଉଛି । ଲଗାତର ଯାଞ୍ଚ, କଡ଼ା କାର୍ଯ୍ୟାନୁଷ୍ଠାନ ଓ ରାତ୍ରକାଳୀନ ପାଟ୍ରୋଲିଂକୁ ଆହୁରି ସୁଦୃଢ଼ କରାଗଲେ ନାବାଳକ ଡ୍ରାଇଭିଂ ଓ ବେପରୁଆ ଗାଡି ଚଳାଚଳ ଉପରେ କିଛି ପର୍ଯ୍ୟନ୍ତ ରୋକ ଲାଗିପାରିବ ବୋଲି ମତ ପ୍ରକାଶ ପାଇଛି ।



ଟ୍ରାକ୍ଟର ଚେକିଂ କଡ଼ାକଡ଼ି

## ସୁରକ୍ଷିତ ଶୈଶବ, ସୁରକ୍ଷିତ ଭବିଷ୍ୟତ ସଚେତନତା ଶିବିର



ଆଳି,୧୬।୫(ସମିସ): ଆଳି ଜେଏମଏଫସି ଅଧୀନ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଜି ଅପରାହ୍ନରେ ସୁରକ୍ଷିତ ଶୈଶବ ଓ ସୁରକ୍ଷିତ ଭବିଷ୍ୟତ ଶୀର୍ଷକ ସଚେତନତା ଶିବିର ରାଜକନିକାର ଅଯୋଧ୍ୟା ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆଳି ଜେଏମଏଫସିର ବିଚାରପତି ତଥା ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ଦେବାନ ସତ୍ୟଦର୍ଶୀ ନନ୍ଦ ଛାତ୍ରଛାତ୍ରୀ, ଅଭିଭାବକ ଓ ମାଆମାନଙ୍କୁ ସୁରକ୍ଷିତ ଶୈଶବର ଆଇନଗତ ଦିଗ ସମ୍ପର୍କରେ ସଚେତନ କରାଇଥିଲେ । ଆଳି ବାର୍ ଆସୋସିଏସନର ସଭାପତି ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସରକାରୀ ଓକିଲ ପ୍ରମୋଦ ରାୟ, ପ୍ରଦୀପ୍ତ ରାୟ, ବରିଷ୍ଠ ଆଇନଜୀବୀ ଶରତ ମହାନ୍ତି, ପ୍ରଧାନଶିକ୍ଷକ ଶୁକଦେବ ପ୍ରଧାନ, ଓଷ୍ଟାର ସଞ୍ଜୟ ସାମଲ, ଅରବିନ୍ଦ ନାୟକ, ଶିକ୍ଷକ ଶରତ ବିଶ୍ୱାଳ, ପ୍ରେମାନନ୍ଦ ଦାସ, ମଦନମୋହନ ଦାସ, ସୋମନାଥ ସାମଲ, ଯୁବନେତା ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ସଫଳ କରାଇଥିଲେ । ଅଯୋଧ୍ୟା ବିଦ୍ୟାପୀଠର କୃତୀ ଛାତ୍ରୀ ସ୍ମୃତିରେଖା ସାହୁଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାବେଳେ ଓଷ୍ଟା ରାଜକନିକା ବ୍ଲକ ପକ୍ଷରୁ ମାଟ୍ରିକ ପରୀକ୍ଷାର ଏ-୧ ପ୍ରିୟାଂଶୁ ପଲାଇ, ପ୍ରଭୂଦତ୍ତ ରାଉତ ଓ ଶୁଚିସ୍ମିତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭଜନେଶ୍ୱର ହାଇସ୍କୁଲ ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକ



ପଟ୍ଟାମୁଣ୍ଡାଇ,୧୬।୫(ସମିସ): ପଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଞ୍ଚାୟତ ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ ପାଇଁ ନିଷ୍ପତ୍ତି ହୋଇଛି । ରୌପ୍ୟ ଜୟନ୍ତୀ କମିଟି ସଭାପତି ସଂଗ୍ରାମ ସାମଲଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଉପସଭାପତି କମଳଲୋଚନ ସାହୁ, ସମ୍ପାଦକ ଅବିନାଶ ପ୍ରଧାନ, ସହସମ୍ପାଦକ କ୍ଷୀରୋଦ ବେହେରା, ନାରାୟଣ ରାଉତ, ସମୀର ପ୍ରଧାନ, କାହ୍ନୁଚରଣ ପଣ୍ଡା, ବିଭୁପ୍ରସାଦ ସାହୁ, ନିରୋଦ ନଳିନୀ ମହାନ୍ତିଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ରୌପ୍ୟ ଜୟନ୍ତୀ ଉତ୍ସବରେ ସମସ୍ତେ ସକ୍ରିୟ ସହଯୋଗ କରିବାକୁ ଉପସଭାପତି ଶ୍ରୀ ସାହୁ ନିବେଦନ କରିଥିଲେ । କମିଟି ସଭାପତି ଶ୍ରୀ ସାମଲ ଭଜନେଶ୍ୱର ହାଇସ୍କୁଲ ଏ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ମୂଳଦୁଆ । ଏହି ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ବହୁ ପୁରାତନ ଛାତ୍ରଛାତ୍ରୀ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଯୋଗ ଦେଇଥିଲେ । ଆସନ୍ତା ୨୦୨୭ ଏପ୍ରିଲ ମାସ ଶେଷ ସପ୍ତାହରେ ୩ ଦିନ ଧରି ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ଉପସଭାପତି ଶ୍ରୀ ସାହୁ ଧନ୍ୟବାଦ ଦେଇଥିଲେ ।

## ପଟ୍ଟାମୁଣ୍ଡାଇରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ପଟ୍ଟାମୁଣ୍ଡାଇ,୧୬।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡିହାପଡ଼ା ପଞ୍ଚାୟତ ଜାମୁକୁଣ୍ଡା ଗ୍ରାମରେ ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ଏ ଉପଲକ୍ଷେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅଙ୍କୁରାରୋପଣ, କଳସ ଯାତ୍ରା, ଯଜ୍ଞ, ସୂର୍ଯ୍ୟ ପୂଜା, ଗୋପୂଜା ସହ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା । ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପ୍ରତ୍ୟହ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ହନୁମାନଜୀଉଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଡିହାପଡା ସମିତି ସଭ୍ୟା ରେଣୁକା ସେଠୀ, ଯୁବନେତା ପାଣ୍ଡବ ସେଠୀ, ମଥୁରାନନ୍ଦ ପଲାଇ, ବିଶ୍ୱମ୍ବର ସିଂ, ଶରତ ପ୍ରଧାନ, ରବୀନ୍ଦ୍ର ନାୟକ, ପ୍ରଫୁଲ୍ଲ ସାମଲ, କହ୍ନେଇ ସ୍ୱାଇଁ, ଗୌତମ ନାୟକ ପ୍ରମୁଖ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ



ଭିକ୍ଷା କରିଥିଲେ । କାର୍ଯ୍ୟକମକୁ ପାଣ୍ଡବ ସେଠୀ, ରବୀନ୍ଦ୍ର ସେଠୀ, ଘନଶ୍ୟାମ ସେଠୀ, ହରେକୃଷ୍ଣ ସେଠୀ, ନିତ୍ୟାନନ୍ଦ ସେଠୀ, ନବୀନ ସେଠୀଙ୍କ ସମେତ ଜାମୁକୁଣ୍ଡା ଗ୍ରାମବାସୀ ଓ ମହାବୀର ପୂଜା କମିଟି ସଦସ୍ୟ ପରିଚାଳନା କରିଥିଲେ ।

### ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ

## ମୁକୁଳା ପାରେଶ୍ୱରପୁର ଟ୍ରାନ୍ସଫର୍ମର; ବିପଦରେ ଗ୍ରାମବାସୀ

ମହାକାଳପଡ଼ା,୧୬।୫(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରେଶ୍ୱରପୁର (ବାଲି) ଗ୍ରାମରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବେ ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ଗ୍ରାମର ମଧ୍ୟସ୍ଥଳ ଛକ ଉପରେ ମୁକୁଳା ଟ୍ରାନ୍ସଫର୍ମର ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାବେଳେ ଅନେକ ଗୃହପାଳିତ ପଶୁଙ୍କ ଜୀବନ ଯାଇଥିବା ଜଣାପଡ଼ିଛି । ବିଦ୍ୟୁତ୍ ବିଭାଗ ପକ୍ଷରୁ ସୁରକ୍ଷା ବାଡ଼ ଦିଆଯାଇ ନ ଥିବାରୁ ଗ୍ରାମବାସୀ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଟ୍ରାନ୍ସଫର୍ମରଟି



ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବାରୁ ପ୍ରତିଦିନ ଶହ ଶହ ଲୋକ ଓ ଗୃହପାଳିତ ପଶୁ ଏଠାରେ ଯାତାୟାତ କରୁଛନ୍ତି । କିନ୍ତୁ ବିଦ୍ୟୁତ ବିଭାଗର ବେପରୁଆ ମନୋଭାବ ଓ ଅବହେଳା ଯୋଗୁଁ ଏହି ସ୍ଥାନ ଏବେ ଅତ୍ୟନ୍ତ ବିପଦଜନକ ହୋଇପଡ଼ିଛି । ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଆଉ କେତେ ଜୀବନ ଗଲେ ବିଭାଗର ନିଦ ଭାଙ୍ଗିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିବାବେଳେ ତୁରନ୍ତ ଟ୍ରାନ୍ସଫର୍ମର ଚାରିପାଖରେ ବାରିକେଡ୍ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ଯଦି ଆଗାମୀ ଦିନରେ ବିଦ୍ୟୁତ ବିଭାଗ କୌଣସି ପଦକ୍ଷେପ ନ ନିଏ, ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

● ଆମ୍ବୁଲାନ୍ସରୁ ତେଲ ସରିଯିବାରୁ ଯୁବକଙ୍କ ମୃତ୍ୟୁ ଘଟଣା

## ଶୋକାକୁଳ ପରିବେଶରେ ହେଲା ଶେଷକୃତ୍ୟ

ଡେରାବିଶ, ୧୬।୫(ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ପ୍ରକାଶ କାଣ୍ଡି (୩୬)ଙ୍କ ଶୋକାକୁଳ ପରିବେଶ ମଧ୍ୟରେ ଆଜି ଅପରାହ୍ନରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଶ୍ରୀ କାଣ୍ଡିଙ୍କୁ ଶୁକ୍ରବାର ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ଆମ୍ବୁଲାନ୍ସରେ ନିଆଯାଉଥିବାବେଳେ କାଠଯୋଡ଼ି ପୋଲ ଉପରେ ତେଲ ସରିଯିବା ସହ ଆମ୍ବୁଲାନ୍ସରେ ଥିବା ଅକ୍ସିଜେନ ସରିଯାଇଥିଲା । ଯେଉଁଥିପାଇଁ ପ୍ରକାଶଙ୍କର ସେଠାରେ ହିଁ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ସମଗ୍ର ରାଜ୍ୟରେ ଆଲୋଚନାରେ ବିଷୟ ହୋଇଥିଲା । ପରେ ମୃତ ପ୍ରକାଶଙ୍କ ବଡ଼ଭାଇ ବିଭୂତି ଭୂଷଣଙ୍କ ଅଭିଯୋଗ କ୍ରମେ ଡେରାବିଶ ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଗତକାଲି ସନ୍ଧ୍ୟା ହୋଇଯାଇଥିବାରୁ ଆଜି ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା ।

## ଆଳି ନମୌଜାରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ




ଆଳି,୧୬।୫(ସମିସ): ଆଳି ବ୍ଲକ ଅନ୍ତର୍ଗତ ବଡାମ୍ବିଳା ପଞ୍ଚାୟତସ୍ଥ ନମୌଜା ହାଇସ୍କୁଲ ପଡ଼ିଆରେ ୧୩ତମ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ଅକ୍ଷୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଟ ଅଫ ଲିଭିଂ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ କ୍ଷୀରୋଦ ମହାନ୍ତି, ସମାଜସେବୀ ପ୍ରଦ୍ୟୁମ୍ନ ଦାଶ, ପ୍ରଧାନଶିକ୍ଷକ ଶଶୀଭୂଷଣ ଦାଶ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ପରିଡ଼ା, ଶିକ୍ଷାବିତ୍ ଅକ୍ଷୟ ଦାସ ପ୍ରମୁଖଙ୍କ ସହ ଯୁବ ସାମ୍ବାଦିକ ଦୀପକ ନାୟକ, ନିରଞ୍ଜନ ବେହେରା, କ୍ରୀଡ଼ାବିତ ଭୁବନାନନ୍ଦ ଦାଶ, ଅଶୋକ ବାରିକ ଯୋଗ ଦେଇଥିଲେ । ୨୦୧୩ ମେ' ୧୭ ତାରିଖରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସମାଜରେ ଏକ ଭିନ୍ନ ଚିନ୍ତାଧାରା ସୃଷ୍ଟି କରିଥିବା ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଚଳିତ ବର୍ଷ କିପରି ଦେଶ ବିଦେଶ, ଗାଁ ଗହଳିରେ ଉତ୍ସାହର ସହିତ ପାଳନ କରାଯାଇଛି, ଆର୍ଟ ଅଫ ଗିଭିଂର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ନିଜ ସକ୍ଷମ ଅନୁଯାୟୀ ସର୍ବଦା ଦାନ ଭଳି କରି ସେବା ଦେବାରେ ଆନନ୍ଦ ନେବା ସହିତ ସେବା କରି ଅନ୍ୟ ମୁହଁରେ ହସ ଫୁଟାଇବା ପାଇଁ ଶପଥ ନେଇଥିଲେ । ଏ ପରିପ୍ରେକ୍ଷୀରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ମ୍ୟାଚ୍ ଖେଳାଯିବା ସହ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା ।

## କନିକା ତହସିଲ ଅଫିସ୍‌ରେ ତହସିଲଦାର ଅନୁପସ୍ଥିତ ରହୁଥିବା ଅଭିଯୋଗ

ରାଜକନିକା,୧୬।୫(ସମିସ): ସାଧାରଣ ଲୋକଙ୍କ କାମ ପାଇଁ ନିୟୋଜିତ ତହସିଲଦାର ଅଫିସରେ ରହୁନାହାନ୍ତି । ବାରମ୍ବାର ଅଫିସ ଗଲେ ବି ଦେଖା ମିଳୁନି । ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ, ନିର୍ବାଚିତ ଜନପ୍ରତିନିଧିଙ୍କୁ ତହସିଲଦାର ଖାତିର କରୁ ନ ଥିବା ଅଭିଯୋଗ ହେଉଛି । ସରକାରୀ ସମ୍ପତ୍ତିକୁ ବ୍ୟକ୍ତିଗତ ମାଲିକାନାକୁ ହସ୍ତାନ୍ତର କରିବା କାମରେ ଲାଗିଛନ୍ତି କନିକା ତହସିଲଦାର । ପଞ୍ଚାୟତରେ ହେଉଥିବା ଜନଶୁଣାଣିକୁ ତହସିଲଦାର ଯାଉନାହାନ୍ତି । ଆଡସିନାଲ ତହସିଲଦାର ମଧ୍ୟ ଯାଉ ନ ଯିବାରୁ ଲୋକଙ୍କ ଅସନ୍ତୋଷ ବଢୁଛି । ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ପେଗରପଡ଼ା ପଞ୍ଚାୟତର ସମିତି ସଭ୍ୟ ପ୍ରବେଶନ ମଲ୍ଲିକ । ଆଜି କନିକା ତହସିଲରେ ତହସିଲଦାରଙ୍କୁ ଭେଟିବା ପାଇଁ ଆସି ତାଙ୍କୁ ନା ପାଇବା, ସେ ତହସିଲଦାରଙ୍କୁ ମୋବାଇଲରେ ଯୋଗାଯୋଗ କରିବାରୁ ତହସିଲଦାର ଫୋନ ନା ଉଠାଇବା, ପରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ମୋବାଇଲରେ ଫୋନ କରିବାରୁ ସେ ଅଫିସ ଆସୁଛନ୍ତି ବୋଲି କହି ଆଉ ଅଫିସ ନ ଆସିବା ଭଳି ଘଟଣାରେ ସମିତି ସଭ୍ୟ ପ୍ରବେଶନ ମଲ୍ଲିକ ଆଜି ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି । ତହସିଲଦାର ଏଭଳି ଆଚରଣରେ ବାରମ୍ବାର ଅତିଷ୍ଠ ହୋଇ ଆସିଥିବା ସମିତି ସଭ୍ୟ କନିକା ତହସିଲଦାରଙ୍କ ଦ୍ୱାରା କରାଯାଉଥିବା ବିବିଧ ଅନିୟମିତତାର ପ୍ରାମାଣିକ ତଥ୍ୟ ଧରି ଜନଗଣଙ୍କ ସ୍ୱାର୍ଥ ଉପେକ୍ଷିତ ହେଉଥିବା ଅଭିଯୋଗ କରିଛନ୍ତି । ଆଗାମୀ ଦିନରେ କନିକା ତହସିଲ କାର୍ଯ୍ୟ ଶୃଙ୍ଖଳିତ ନ ହେଲେ ଏଥିପାଇଁ ଜନଆନ୍ଦୋଳନ ସହ ରାଜସ୍ୱମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦ୍ୱାରସ୍ଥ ହେବେ ବୋଲି ପ୍ରବେଶନ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନାହିଁ ।

● ଛଚିଣା ଗ୍ରାମରେ ପୋଡ଼ିଗଲା ଟ୍ରାନ୍ସଫର୍ମର

## ଛତା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ଡେରାବିଶ, ୧୬।୫(ସମିସ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ଛଚିଣା ଗ୍ରାମ ନିକଟରେ ବସିଥିବା ଏକ



୧୦୦ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଶନିବାର ମଧ୍ୟାହ୍ନରେ ପୋଡ଼ିଯିବା ଫଳରେ ଗ୍ରାମର ବିଦ୍ୟୁତ୍ ଉପଭୋକ୍ତା ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ତୁରନ୍ତ ଟ୍ରାନ୍ସଫର୍ମର ବସାଇବା ପାଇଁ ଗ୍ରାମବାସୀ ଛତା ବିଦ୍ୟୁତ୍ ସେକ୍ସନରେ ଜଣାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳିରେ ଶିଝି ହେଉଥିବା ଗ୍ରାମବାସୀ ସନ୍ଧ୍ୟାରେ ବିଦ୍ୟୁତ କାର୍ଯ୍ୟାଳୟ ଘେରଉ କରିଛନ୍ତି । ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୋକ୍ତା ଏହି ଘେରଉରେ ସାମିଲ ହୋଇଥିବା ଜଣାଯାଇଛି । ଖବର ଲେଖାହେବା ପର୍ଯ୍ୟନ୍ତ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାଯାଇଛି । ଏ ସମ୍ପର୍କରେ ଛତା ବିଦ୍ୟୁତ୍ ସେକ୍ସନର ଅଧିକାରୀ ଜ୍ୟୋତିରଞ୍ଜନ କନ୍ତେଇଙ୍କୁ ପଚାରିବାରୁ ସେ କହିଲେ ଆଜି ରାତିରେ ଏହି ଟ୍ରାନ୍ସଫର୍ମର ବସାଇବା ପାଇଁ ବ୍ୟବସ୍ଥା କରାଯାଉଛି ।

## ଆଧାର ଯନ୍ତ୍ରଣାରେ ଜର୍ଜରିତ ମହିଳା | ପାଉନାହାନ୍ତି ଭତ୍ତା କି ରାସନ ସାମଗ୍ରୀ

ଡେରାବିଶ, ୧୬।୫(ସମିସ)

ଡେରାବିଶ ବ୍ଲକ୍ ଅଞ୍ଚଳରେ ବୃଦ୍ଧା ଓ ଭିନ୍ନକ୍ଷମ ମହିଳାଙ୍କ ଆଧାର କାଡର୍ ହୋଇ ନ ପାରିବା କାରଣରୁ ଭତ୍ତା ଓ ରାସନ କାର୍ଡରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ପ୍ରତ୍ୟେକ ସରକାରୀ ଯୋଜନାରେ ହିତାଧିକାରୀ ସେମାନଙ୍କ ଆଧାର ନମ୍ବର ଯୋଡ଼ିବାକୁ ବାଧ୍ୟତାମୂଳକ ନିୟମ ରହିଛି । ବିଶେଷତଃ ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା ଓ ରାସନ ସାମଗ୍ରୀ ନିମନ୍ତେ ଆଧାର କାର୍ଡ ବାଧ୍ୟତାମୂଳକ ହୋଇଥିବାବେଳେ ପରିଣତ ବୟସ ଓ ଭିନ୍ନକ୍ଷମତା ପାଇଁ ନିଜର ସ୍ୱାସ୍ଥ୍ୟ ଓ ଖାଦ୍ୟ ପାଇଁ ଭତ୍ତା ଓ ରାସନ ଜରୁରୀ ଅଟେ । ତେବେ ଆଧାର କାର୍ଡ ଜାଲରେ ଛନ୍ଦି ହୋଇ ଖମୋଳ ପଞ୍ଚାୟତର ଶତକଡ଼ା ୯୦ ଶାରିରୀକ ଭିନ୍ନକ୍ଷମ ମହିଳା ମିନତୀ ଦାସଙ୍କୁ ବର୍ଦ୍ଧିତ ଭିନ୍ନକ୍ଷମ ଭତ୍ତା ୩୫୦୦ ମିଳିପାରୁ ନ ଥିବାବେଳେ ରାସନ ସାମଗ୍ରୀ ମଧ୍ୟ ମିଳିନି । ଏବେ ସରପଞ୍ଚଙ୍କ ଦୟାରେ ମିନତୀଙ୍କୁ ଭତ୍ତା ମିଳୁଥିବାବେଳେ ଆଗକୁ ଆଧାର କାର୍ଡ ନ ହେଲେ ଭତ୍ତା ବନ୍ଦ ହୋଇଯିବ ବୋଲି ପ୍ରଶାସନ ରୋକ୍‌ଠୋକ୍ ଶୁଣାଇ ଦେଇଛି । ମିନତୀଙ୍କ ଆଧାର କାର୍ଡ ଥିଲେ ମଧ୍ୟ ଶାରୀରିକ ଭିନ୍ନକ୍ଷମ ହେତୁ ତାଙ୍କର ବାୟୋମେଟ୍ରିକ ଅପଡେଟ ହୋଇପାରୁ ନ ଥିବାରୁ ତାଙ୍କର ଆଧାର କାର୍ଡ ଅଚଳ ହୋଇପଡ଼ିଛି ।

ସେହିପରି କୁଶିଆପାଳ ପଞ୍ଚାୟତ ହଳଦିଆ ଗ୍ରାମର ବିଧବା ହଲିମା ବିବିଙ୍କ ମଧ୍ୟ କୌଣସି କାରଣରୁ ଆଧାର କାର୍ଡ ଅଚଳ ହୋଇପଡ଼ିଛି । ଫଳରେ ସେ ରାସନ ଓ ଭତ୍ତାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ଦୁଃଖରେ କାଳାତିପାତ କରୁଛନ୍ତି । ଏ ସମ୍ପର୍କରେ ଉଭୟ ହଲିମା ଓ ମିନତୀ ବିଭିନ୍ନ ଆଧାର କେନ୍ଦ୍ରକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି ସିନା ଫଳଶୂନ । ଶେଷରେ ସମସ୍ତଙ୍କ ପରାମର୍ଶରେ ଗରିବ ଅସହାୟ ମହିଳା ହଲିମା ତିନି ତିନିଥର ଓକାକ୍ ଯାଇଥିଲେ ମଧ୍ୟ ସଫଳ ହୋଇନାହାନ୍ତି । ବିଭିନ୍ନ ସମସ୍ୟାର ସମାଧାନ ସ୍ଥାନୀୟ ଅଞ୍ଚଳରେ ହୋଇପାରୁ ନ ଥିବାବେଳେ ଲୋକଙ୍କୁ ଏଥିପାଇଁ ବାରମ୍ବାର ଖର୍ଚ୍ଚାନ୍ତ ହୋଇ ଭୁବନେଶ୍ୱରସ୍ଥ ଓକାକ୍‌କୁ ଯିବାକୁ ପଡୁଛି । ଯେଉଁଥିପାଇଁ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ଦୁର୍ଦ୍ଦଶା ବହୁଗୁଣିତ ହେବାରେ ଲାଗିଛି । ତେଣୁ ସରକାରଙ୍କ ପକ୍ଷରୁ ଆଧାର କାର୍ଡ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ପ୍ରତ୍ୟେକ ଜିଲ୍ଲା କିମ୍ବା ବ୍ଲକ୍ ମୁଖ୍ୟାଳୟରେ ରହିଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ଆଧାର କେନ୍ଦ୍ରକୁ ଏଭଳି ସମସ୍ୟା ସମାଧାନ କରିବା ନିମନ୍ତେ କ୍ଷମତା ପ୍ରଦାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୨୭ ଶ୍ରମିକ ଆହତ

ଭଦ୍ରକ/ବାସୁଦେବପୁର,୧୬।୫(ସମିସ):

ଭଦ୍ରକରୁ ବାସୁଦେବପୁର ଅଭିମୁଖେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ବେକମୋଡ଼ି ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପିକ୍‌ଅପ୍ ଭ୍ୟାନ୍ ଆଗକୁ ଏକ ଗୋରୁ ହଠାତ୍ ମାଡ଼ି ଆସିବାରୁ ଗୋରୁକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା ଗାଡ଼ିଟି। ଉକ୍ତ ଗାଡ଼ିରେ ମିକ୍ସଚର ମେସିନ ଓ ୨୭ ଜଣ ଶ୍ରମିକ ବୋଝେଇ କରି ଭଦ୍ରକରୁ ଚୂଡ଼ାମଣୀ ଆଡ଼ିଆ ଅଭିମୁଖେ ଆସୁଥିଲା। ଏଥିରେ ସମସ୍ତେ ଆହତ ହୋଇଥିବାବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଭଦ୍ରକ ରାନ୍ଦିଆ, ଚରମ୍ପା ଓ ଗେଲପୁର ଅଞ୍ଚଳର ୨୭ ଜଣ ଆଦିବାସୀ ଶ୍ରମିକ ଓ ମିକ୍ସଚର ମେସିନ ଲୋଡ୍‌କରି ଚୂଡ଼ାମଣୀ ଆଡ଼ିଆ ଆସୁଥିଲା। ଆଡ଼ିଆର ଆଶିଷ ଜେନାଙ୍କର ଏକ କୋଠାଘର ଛାତ ପଡ଼ିବାର ଥିଲା। ବେକମୋଡ଼ି ଛକ ପୂର୍ବରୁ ପିକ୍‌ଅପ୍ ଭ୍ୟାନ୍‌ଟି ଓଲଟି ପଡ଼ିବାରୁ ସମସ୍ତ ୨୭ ଜଣ ଶ୍ରମିକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଗାଡ଼ି ତଳେ ଚାପି ହୋଇ ଯାଇଥିବା ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ଅଗ୍ନିଶମ ଗାଡ଼ି, ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ଅବସ୍ଥାରେ ୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ଶ୍ରମିକମାନଙ୍କ ଠିକାଦାର ଫେରାର୍ ଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆହତମାନେ ବେଡ୍‌ରେ ପଡ଼ି ରହିଥିଲେ। ବାସୁଦେବପୁର ବ୍ଲକ୍‌ର ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଡାକ୍ତରଖାନାକୁ ଯିବାର ବ୍ୟବସ୍ଥା କରିଥିଲେ। ବାସୁଦେବପୁର ଥାନା ଅଧିକାରୀ ଦୁଇ ଠିକାଦାରଙ୍କୁ ଥାନାର ଅଟକ ରଖି ପଚରାଉଚରା କରୁଛନ୍ତି। ପ୍ରତିଦିନ ମିକ୍ସଚର ମେସିନ ଥିବା ଠିକାଦାର ମାଲ୍‌ବାହୀ ପିକ୍‌ଅପ୍ ଭ୍ୟାନ୍‌ରେ ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ଧରି ଯାଉଛନ୍ତି। ପରିବହନ ବିଭାଗ ହାତ ଯୋଡ଼ି ବସିରହିଛି। ବାଇକ୍‌ରେ ହେଲ୍‌ମେଟ୍ ଧରିବାକୁ ଜଗି ବସିଥିବାବେଳେ ମାଲ୍‌ବାହୀ ପିକ୍‌ଅପ୍ ଭ୍ୟାନ୍‌ରେ ଶ୍ରମିକ ନେବାଆଣିବା କରିବା ଓ ପ୍ରାଇଭେଟ୍ କାର୍‌ରେ ଭଡ଼ା କରୁଥିଲେ ମଧ୍ୟ ପରିବହନ ବିଭାଗ ଓ ଶ୍ରମ ବିଭାଗ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



- ଗୋରୁକୁ ବଞ୍ଚାଇବାକୁ ଯାଇ ଓଲଟିଲା ଗାଡ଼ି
- ଠିକାଦାର ଓ ସହଯୋଗୀ ଥାନାରେ ଅଟକ
- ପରିବହନ ଓ ଶ୍ରମ ବିଭାଗଙ୍କ କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ

● ବନ୍ଦ ହେଲା ସୁଗୋ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

## ଅନୁମତି ଦେଲେନି ପ୍ରଧାନଶିକ୍ଷକ

ବାସୁଦେବପୁର,୧୬।୫(ସମିସ): ଚାପରେ ଚେପା ହେଲେ ପ୍ରଧାନଶିକ୍ଷକ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବାକୁ ପ୍ରଧାନଶିକ୍ଷକ ଅନୁମତି ଦେଲେନାହିଁ। ଗୋଟିଏ ପଟେ ପତିଆରା କ୍ଷୁଣ୍ଣର ଭୟ ଘାରିଛି। ଅନ୍ୟ ପଟରେ ପୁରାତନ ଛାତ୍ର ଉତ୍ସବ ପାଳନ କରି ସମସ୍ତଙ୍କ ମଧ୍ୟରେ ସଦ୍‌ଭାବ ଫେରାଇ ଆଣିବାକୁ ପ୍ରୟାସ କରୁଛନ୍ତି। ଅଛିଡ଼ା ଅଙ୍କ ଛିଡ଼ିବାର ନାଁ ଧରୁନି। ବାସୁଦେବପୁର ବ୍ଲକ୍‌ର ସୁଗୋ ପଞ୍ଚାୟତର ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବା ଆଶା ମଉଳିଗଲା। ସଂକୀର୍ଣ୍ଣମନା ଓ କୁଳଷିତ ରାଜନୀତି ଶିକ୍ଷାୟତନ ପରିବେଶକୁ ଦୂଷିତ କରି ଦେଉଛି। ଦୁଇ ଗୋଷ୍ଠୀଙ୍କ ଛକାପଞ୍ଝା ମଧ୍ୟରେ ପ୍ରଧାନଶିକ୍ଷକ ବଳି ପଡୁଛନ୍ତି। ସୁଗୋ ହାଇସ୍କୁଲ ୧୯୬୪ ମସିହାର କେତେକ ଶିକ୍ଷାବିତ୍‌ଙ୍କ ଉଦ୍ୟମରେ ଶିକ୍ଷାର ଆଲୋକ ପ୍ରଜ୍ୱଳନ କରିଥିଲେ। ସୁଗୋ ହାଇସ୍କୁଲ ଇତି ମଧ୍ୟରେ ୬୨ ବର୍ଷ ଅତିକ୍ରମ କଲାଣି। ଦାୟିତ୍ୱରେ ଥିବା ଏସ୍‌ଏମ୍‌ସି, ସ୍ଥାନୀୟ ଲୋକ ପ୍ରତିନିଧି ଓ ପୁରାତନ ଛାତ୍ରଛାତ୍ରୀଙ୍କ ଅବହେଳା ପାଇଁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ୧୨ ଅତିକ୍ରମ କରି ପ୍ଲାଟିନମ୍ ଜୁବୁଲି ପାଖାପାଖି ପହଞ୍ଚିଲାଣି। ତଥାପି ନିଦ ଭାଙ୍ଗିଲାନାହିଁ। ସୁଗୋ ହାଇସ୍କୁଲର ବହୁ ଛାତ୍ରଛାତ୍ରୀ ଶିକ୍ଷାଲାଭ କରି ବହୁ ଉଚ୍ଚ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ରଖି ପ୍ରଧାନଶିକ୍ଷକଙ୍କ ସଂଯୋଜନାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କଲେ ବିଦ୍ୟାଳୟର ଗୌରବମୟ ଇତିହାସ ମନ୍ଥନ କରିବାର ସମସ୍ତଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଆଣିଦେବ। କୁଳଷିତ ରାଜନୀତି ସ୍କୁଲ ପରିବେଶକୁ ଦୂଷିତ କରିଦେଇଛି। ସମସ୍ତଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରି ଆଲୁମ୍‌ନି ଓ ପୁରାତନ ଛାତ୍ରମାନଙ୍କୁ ନେଇ ସ୍କୁଲ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ୧୭ ଓ ୧୮ ତାରିଖ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିସରରେ ଉତ୍ସବ କରିବାକୁ ମନା କରିଦେବାରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଆଶା ମଉଳି ଯାଇଛି।

## ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିର୍ମାଣ ପାଇଁ ଦାରୁଛେଦନ ପ୍ରକ୍ରିୟା ଆରମ୍ଭ



ଅସୁରାଳି,୧୬।୫(ସମିସ): ଧାମନଗର ବ୍ଲକ୍ ଅର୍ଜୁନପୁର ପଞ୍ଚାୟତସ୍ଥିତ ବାଲିପାଟଣା ଗାଁର ନିକଟବର୍ତ୍ତୀ ପୁଣ୍ୟତୋୟା ବୈତରଣୀ ନଦୀକୂଳରେ ଅବସ୍ଥିତ ବାସୁଦେବପୀଠରେ ପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଠାକୁର ପ୍ରଭୁ ବଳଭଦ୍ର, ଦେବୀ ମା' ସୁଭଦ୍ରା ଏବଂ ପ୍ରଭୁ ସୁଦର୍ଶନଙ୍କ ପାଇଁ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଏହି ମନ୍ଦିର ୨୦୨୭ ଫେବୃଆରୀ ୧୮ରେ ପ୍ରତିଷ୍ଠା ହେବାପାଇଁ ଅନୁଷ୍ଠାନ ତରଫରୁ ଧାର୍ଯ୍ୟ ହୋଇଛି। ମନ୍ଦିର ଭିତରେ ପୂଜା ପାଇବାକୁ ଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିର୍ମାଣ ନିମନ୍ତେ ୧୫ ତାରିଖ 'ଦାରୁଛେଦନ' ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବ୍ଲକ୍‌ର ଦଳାଙ୍ଗ ପଞ୍ଚାୟତ ଅଧୀନ ବିରୁହାଁ ଗ୍ରାମର ଭକ୍ତ ଚୈତନ୍ୟ ଜେନାଙ୍କ ବାଡ଼ିରୁ ଏହି ପବିତ୍ର ଦାରୁ ଚୟନ କରାଯାଇଥିଲା। ଏଥିପାଇଁ ବିରୁହାଁ ଗ୍ରାମରେ ପ୍ରାତଃରୁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଦାରୁଛେଦନ ଲାଗି ବିରୁହାଁ ଗ୍ରାମରେ ପୂଜାର୍ଚ୍ଚନା, ଯଜ୍ଞ, ଭଜନ, କୀର୍ତ୍ତନ ଚାଲିଥିବାରୁ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀଜଗନ୍ନାଥ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରାଯାଇ ଶେଷରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ପୁଣ୍ୟ ଦାରୁଛେଦନ କରାଯାଇଥିଲା। ଆସନ୍ତା ସୋମବାରଠାରୁ ଏହି ଦାରୁରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ବିଗ୍ରହ କୁଶଳୀ କାରିଗରଙ୍କ ଦ୍ୱାରା ତିଆରି କରାଯିବ ବୋଲି ମନ୍ଦିର କମିଟି ତରଫରୁ ସୂଚନା ଦିଆଯାଇଛି। ଏହି ଦାରୁଛେଦନ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ନେତୃତ୍ୱ ଉମେଶ ମହାନ୍ତି, ବିଦ୍ୟାଧର ରାଉତ, ଅକ୍ଷୟ ନାୟକ, ଅରୁଣ ନାୟକ, ସମାଜସେବୀ ସନ୍ତୋଷ ରାୟଙ୍କ ସମେତ ମନ୍ଦିର କମିଟିର ସମସ୍ତ ଶ୍ରଦ୍ଧାଳୁ, ଗ୍ରାମବାସୀ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ଧାର୍ମିକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟ୍ରାକ୍ଟର ଧକ୍କାରେ ଲିଭିଗଲା ସାବିତ୍ରୀଙ୍କ ସିନ୍ଦୂର

ଭଦ୍ରକ,୧୬।୫(ସମିସ): ସାବିତ୍ରୀ ବ୍ରତରେ ଘଟିଗଲା ଏକ ଅଘଟଣ। ଟ୍ରାକ୍ଟର ଧକ୍କାରେ ଚାଲିଗଲା ଏକ ନିରୀହ ଜୀବନ। କାନ୍ଦ ବୋବାଳିରେ ଫାଟି ପଡୁଛି ଚାନ୍ଦବାଲି ସହର। ସୂଚନା ମୁତାବକ, ଶନିବାର ଅପରାହ୍ଣରେ ଚାନ୍ଦବାଲି ଥାନା ତେନ୍ତୁଳିଡିହି ପଞ୍ଚାୟତ ଅନ୍ତର୍ଗତ ମୂଳକାଇମା ଗାଁର ପରେଶ ବିଶ୍ୱାଳ ଚାନ୍ଦବାଲି ସହର ଦେଇ ନିଜ ଘରକୁ ଫେରୁଥିବାବେଳେ ଇଣ୍ଡିଆନ ପେଟ୍ରୋଲ ପମ୍ପ ସମ୍ମୁଖରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ନମ୍ବର ବିହୀନ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଚାନ୍ଦବାଲି ପୁଲିସ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକ ଓ ଗ୍ରାମବାସୀ ପହଞ୍ଚି ଶବକୁ ଦୁର୍ଘଟଣାସ୍ଥଳରେ ରଖି କ୍ଷତିପୂରଣ ଦାବିରେ ବସିରହିଛନ୍ତି। ଫଳରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଚାନ୍ଦବାଲି ବଜାର ବନ୍ଦ ରହିଛି, ଗାଡ଼ି ମୋଟର ବନ୍ଦ ରହିଛି। ଚାନ୍ଦବାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା ଉକ୍ତ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।



# ଜବରଦଖଲରେ ବେତାଳିଗାଁ ବଜାର ମୁଖ୍ୟ ରାସ୍ତା

### ସନ୍ଧ୍ୟା ହେଲେ ଯାତାୟାତ ଠପ୍

ଅସୁରାଳି,୧୬।୫(ସମିସ): ଧାମନଗର ବ୍ଲକ୍‌ର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ବେତାଳିଗାଁ ବଜାରରେ ଏବେ ଟ୍ରାଫିକ୍ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତା ଉପରେ ଦିନକୁ ଦିନ ବଢୁଥିବା ଅବରୋଧ ଓ ଜନଗହଳି ଯୋଗୁଁ ସାଧାରଣ ଯାତ୍ରୀଙ୍କଠାରୁ ଆରମ୍ଭ କରି ରୋଗୀ ଓ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେତାଳିଗାଁ ବଜାର ନିକଟବର୍ତ୍ତୀ ପ୍ରାୟ ୨୦ଟି ଗ୍ରାମ ସମେତ ତିହିଡ଼ି, ଆରଡ଼ି ଓ ଯାଜପୁର ସୀମାନ୍ତ ଅଞ୍ଚଳର ହଜାର ହଜାର ଲୋକ ଏହି ବଜାର ଉପରେ ନିର୍ଭରଶୀଳ। ଜିଲ୍ଲାର ଭଦ୍ରକ ଆରଡ଼ି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ମାତ୍ର ଦିନକୁ ଦିନ ବ୍ୟବସାୟୀମାନେ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱକୁ ମାଡ଼ି ବସୁଛନ୍ତି। ଯାହା ଫଳରେ ବଜାରଟାକୁ ଅତିକ୍ରମ କରିବା ପାଇଁ ଗୋଟିଏ ଆମ୍ବୁଲାନ୍ସକୁ ଅଧ ଘଣ୍ଟା ସମୟ ଲାଗେ। କିଛି ବ୍ୟବସାୟୀ ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ଦୋକାନ ଘର କରିଥିବାବେଳେ ଉଠାଦୋକାନୀମାନେ ରାସ୍ତା ଉପରେ ପସରା ମେଲାଇବା ଫଳରେ ଯାତାୟାତ ପାଇଁ ସ୍ଥାନ ରହୁନାହିଁ। ରାସ୍ତାର ଦୁଇ ପାର୍ଶ୍ୱରେ ସାଇକଲ, ମୋଟର ସାଇକଲ ରହୁଥିବାରୁ ଭିଡ଼କୁ ଦ୍ୱିଗୁଣିତ କରୁଛି। ଟ୍ରାଫିକ୍ ସମସ୍ୟା ଏଭଳି ଜଟିଳ ହୋଇଛି ଯେ, ହନୁମାନ ଛକ ପୋଲ ପାଖରୁ ବସ୍‌ଷ୍ଟାଣ୍ଡ ଏବଂ ବସ୍‌ଷ୍ଟାଣ୍ଡ ପାଖରୁ ରଇପୁର ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ କରିବାକୁ ଗାଡ଼ିଗୁଡ଼ିକୁ ୨୦ରୁ ୩୦ ମିନିଟ୍ ସମୟ ଲାଗୁଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଛୋଟବଡ଼ ଦୁର୍ଘଟଣା ନିତିଦିନିଆ ଘଟଣା ପାଲଟିଛି। ବେତାଳିଗାଁ ବଜାର ମୁଖ୍ୟ ସ୍ଥାନ ବସ୍‌ଷ୍ଟାଣ୍ଡରେ ଟ୍ରାଫିକ୍‌ର ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ପ୍ରତ୍ୟେକ ଦିନ ରାସ୍ତା ପାର୍ ସମୟରେ ଦୁର୍ଘଟଣା ଘଟୁଛି। ପୁଲିସ ଓ ସ୍ଥାନୀୟ ପ୍ରଶାସନ ସବୁ ଦେଖୁଥିଲେ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ବସ୍‌ଷ୍ଟାଣ୍ଡ ନ ଥିବାରୁ ବସ୍ ରହୁଛି ରାସ୍ତା ଉପରେ, ଯାହା ଫଳରେ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ଏହି ମୌଳିକ ସମସ୍ୟାର ସମାଧାନ ନ ହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସରକାରୀ ସ୍ଥାନକୁ ଯେଉଁମାନେ ଜବରଦଖଲ କରିଛନ୍ତି ସେ ସ୍ଥାନକୁ ପ୍ରଶାସନ ଉଚ୍ଛେଦ କଲେ ସମସ୍ୟାର ସମାଧାନ ହେବ ବୋଲି ସାଧାରଣରେ ଦାବି ହୋଇଛି।



**ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ ପାଳନ**

# ମା' ସାବିତ୍ରୀ ଆଡ଼ି ପୀଠରେ ପ୍ରବଳ ଜନସମାଗମ













ବନ୍ତ/ଆଗରପଡ଼ା,୧୬।୫(ସମିସ):

ବନ୍ତ ବ୍ଲକ୍ ଓଡ଼ଙ୍ଗ ପଞ୍ଚାୟତ ଅର୍ନ୍ତଗତ ତୋଟାସାହି ଗ୍ରାମସ୍ଥିତ ବହୁ ପୁରାତନ ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ସାବିତ୍ରୀ ଆଡ଼ି ପୀଠରେ ସାବିତ୍ରୀ ବ୍ରତ ପାଇଁ ପ୍ରବଳ ଜନସମାଗମ ହୋଇଥିଲା। ବିଶେଷ କରି ସଧବା ମହିଳାମାନେ ବ୍ରତ ଉପବାସ କରି ପୂଜାର୍ଚ୍ଚନା କରିବା ପାଇଁ ମନ୍ଦିର ପରିସରରେ ଭିଡ଼ ଜମାଇଥିବାବେଳେ ଏହି ଉତ୍ସବକୁ ଦେଖିବା ପାଇଁ ପ୍ରବଳ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ଫୋର୍ସ ମୁତୟନ ହୋଇଥିବାର ଦେଖିବାକୁ ମିଳିଥିଲା।

କେଉଁ ଆବହମାନ କାଳରୁ ଏଠାରେ ଏହି ବ୍ରତ ପାଳନ କରାଯାଉଛି, ତା'ର ସଠିକ୍ ତଥ୍ୟ ନ ଥିଲେ ମଧ୍ୟ ଜନଶ୍ରୁତି ଅନୁଯାୟୀ, ୧୫୫୦ ମସିହାରେ ରାଜା ଯଶୋବନ୍ତ ସିଂହଙ୍କ ଶାସନ କାଳରୁ ଏହି ସାବିତ୍ରୀ ମନ୍ଦିର ପରିସରରେ ଏହି ବ୍ରତକୁ ମହାଆଡ଼ମ୍ବରରେ ପାଳନ କରାଯାଉଛି। ପ୍ରତ୍ୟେକ ବର୍ଷ ଏହି ପୀଠକୁ ବନ୍ତ ବ୍ଲକ୍ ସମେତ ପଡ଼ୋଶୀ କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସଧବା ମହିଳା ଭକ୍ତମାନେ ବ୍ରତ ଉପବାସ ନିମନ୍ତେ ଏଠାକୁ ଆସି ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରିଥା'ନ୍ତି। ପ୍ରତିବର୍ଷ ପରି ଶନିବାର ଏହି ପୀଠରେ ୧୫ରୁ ୨୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏଥିପାଇଁ ଗାଡ଼ି ପାର୍କିଂ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଆଲୋକ ଓ ପାନୀୟ ଜଳର ବନ୍ଦୋବସ୍ତ ଆଦି କରାଯାଇଥିଲା। ଭକ୍ତମାନେ ମା'ଙ୍କଠାରେ ପୂଜାର୍ଚ୍ଚନା, ଭୋଗରାଗ କରିବା ସହିତ ମାନସିକ ଅନୁଯାୟୀ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ଦାନ କରିଥିବା ଦେଖାଯାଇଥିଲା। ଏପରିକି ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ପୀଠର ଉନ୍ନତି ପାଇଁ ଅର୍ଥ ଦାନ କରିଥିଲେ। ଶନିବାର ବଡ଼ି ଭୋର୍‌ରୁ ରାତି ପର୍ଯ୍ୟନ୍ତ ଏଠାରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ସନ୍ଧ୍ୟା ସମୟରେ ଭଜନ କୀର୍ତ୍ତନ ପରିବେଷଣ କରାଯାଇଥିଲା।

### ବାରିକପୁର

ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସନିବାର ପବିତ୍ର ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ବ୍ଲକ୍‌ର ପ୍ରସିଦ୍ଧ ନେରାଡି ସୁନାମୁହିଁ, ଆଖୁଆପଦା ହର-ପାର୍ବତୀ ଓ ଥଇଲା ଦୁଃଖେଶ୍ୱର ପୀଠରେ ଶହଶହ ବ୍ରତଧାରୀ ମହିଳା ପୂଜାର୍ଚ୍ଚନା କରିଥିଲେ। ପୂଜକଙ୍କ ଦ୍ୱାରା ଦେବଦେବୀଙ୍କୁ ବିଭିନ୍ନ ନୈବେଦ୍ୟ ସହିତ ଧୂପ, ଦୀପ ଅର୍ପଣ ପୂର୍ବକ ମହିଳାମାନେ ବ୍ରତ ପାଳନ କରିଥିଲେ। ଏହାଛଡ଼ା ସ୍ୱାମୀଙ୍କ ଶୁଭ ମନାସୀ ପୀଠରେ ସାତଘେରା ପରିକ୍ରମା କରିଥିଲେ। ପୀଠରେ ସାବିତ୍ରୀ ବ୍ରତ ମହିମା ପାଠ ହୋଇଥିଲା। କେତେକ ସ୍ଥାନରେ ବର ଅଶ୍ୱତ୍ଥ ବୃକ୍ଷ ମୂଳରେ ମଧ୍ୟ ସାବିତ୍ରୀ ବ୍ରତ ପୂଜା ଅନୁଷ୍ଠିତ ହୋଇଥିଲା। ବ୍ଲକ୍‌ର ମାଳଦା ଛୋଟେଶ୍ୱର ମହାଦେବଙ୍କ ପୀଠଠାରୁ ଆରମ୍ଭ କରି ରହଣିଆ ଉତ୍ତରେଶ୍ୱର ପୀଠ, ରାଢୋ ବିଶ୍ୱେଶ୍ୱର ପୀଠ, ବାରିକପୁର କାଳିତ୍ରା ପୀଠ, କୁମ୍ଭାରିଆ ଜଗନ୍ନାଥ ମନ୍ଦିର, ବିଷ୍ଣୁପୁର ଚିଙ୍ଗୁଡ଼ିଶୁଣି ପୀଠରେ ମଧ୍ୟ ମହିଳାମାନେ ବ୍ରତ ଉପଲକ୍ଷେ ପୂଜାର୍ଚ୍ଚନା କରିଛନ୍ତି। ଏହାଛଡ଼ା ଅନ୍ୟାନ୍ୟ ଦେବଦେବୀ ମନ୍ଦିରରେ ଭାବଭକ୍ତିର ସହିତ ସାବିତ୍ରୀ ବ୍ରତ ପୂଜା ଅନୁଷ୍ଠିତ ହୋଇଯାଇଛି।

### ଅସୁରାଳି

ଗୋବିନ୍ଦପୁରସ୍ଥିତ ସରସ୍ୱତୀ ବଙ୍ଗଳା ପରିସରରେ ଶତାଧିକ ମହିଳା ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ସେହିପରି ଐତିହାସିକ ଉତ୍ତରେଶ୍ୱର ମନ୍ଦିର ଏବଂ ଆଖପାଖର ଧୂଷୁରୀ, କୋଠାର, ଅସୁରାଳି, ବେତାଳିଗାଁ ଆଦି ଅନ୍ୟାନ୍ୟ ଦେବଦେବୀ ପୀଠରେ ସାବିତ୍ରୀ ପୂଜାର ଭବ୍ୟ ମାହୋଲ ସୃଷ୍ଟି ହୋଇଥିଲା। ନୂତନ ବସ୍ତ୍ର ଓ ଅଳଙ୍କାରରେ ସଜ୍ଜିତ ହୋଇ ସାବିତ୍ରୀମାନେ ହାତରେ ପୂଜା ଥାଳି ଧରି ମା' ଜଗଜ୍ଜନନୀ ଓ ପ୍ରଭୁ ଭୋଳାନାଥଙ୍କ ନିକଟରେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ଗୁଆ, ବ୍ରତ ଓ ଫଳମୂଳ ଅର୍ପଣ କରିଥିଲେ। ସହରୀ ଚାକଚକ୍ୟଠାରୁ ଦୂରରେ ଗାଁର ସାବିତ୍ରୀ ପୂଜା ସମ୍ପୂର୍ଣ୍ଣ ଭିନ୍ନ ଓ ଭାବପୂର୍ଣ୍ଣ। ଗ୍ରାମାଞ୍ଚଳରେ ମହିଳାମାନେ ଏକାଠି ହୋଇ ମନ୍ଦିର ପ୍ରାଙ୍ଗଣରେ କିମ୍ବା ଘର ଅଗଣାରେ ବ୍ରତ କଥା ବହି (ସାବିତ୍ରୀ-ସତ୍ୟବାନଙ୍କ ଉପାଖ୍ୟାନ) ପାଠ କରିବା ସହ ହୁଳହୁଳି ଓ ଶଙ୍ଖ ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରିଥିଲେ। ଉପବାସ ରହି ଯମରାଜଙ୍କ କବଳରୁ ସତ୍ୟବାନଙ୍କ ପ୍ରାଣ ଫେରାଇ ଆଣିଥିବା ମହାସତୀ ସାବିତ୍ରୀଙ୍କ ଆଦର୍ଶକୁ ମନେ ପକାଇ ସମସ୍ତେ ବ୍ରତ ପାଳନ କରିଥିଲେ। ଏହି ପର୍ବ ପାଇଁ ଗତ ୨ଦିନ ହେବ ସ୍ଥାନୀୟ ଗ୍ରାମୀଣ ବଜାରଗୁଡ଼ିକରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ଶାଢ଼ି, ଚୁଡ଼ି, ସିନ୍ଦୂର ସହ ଆମ୍ବ, ପଣସ, କଦଳୀ, ସପୁରୀ, ତାଳସଜ ଓ ନଡ଼ିଆ ଭଳି ଚଉଦ ପ୍ରକାର ଫଳ କିଣିବା ପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଯାଇଥିଲା। ଦରଦାମ୍ ବୃଦ୍ଧି ସତ୍ତ୍ୱେ ସ୍ୱାମୀଙ୍କ ମଙ୍ଗଳ ପାଇଁ ସାବିତ୍ରୀମାନେ ନିଜର ଶ୍ରଦ୍ଧା ଅର୍ପଣ କରିବାରେ ପଛେଇ ନ ଥିଲେ। ପୂଜା ଶେଷ ହେବା ପରେ ବ୍ରତଧାରୀ ମହିଳାମାନେ ସ୍ୱାମୀଙ୍କ ପାଦ ଧୋଇ ପ୍ରଣାମ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ ଏବଂ ଚଉଦ ପ୍ରକାର ଫଳମୂଳରେ ପ୍ରସ୍ତୁତ ପ୍ରସାଦସେବନ କରି ଓଷା ଉଦ୍‌ଯାପନ କରିଥିଲେ। ଗାଁର ଏହି ପାରମ୍ପରିକ ପର୍ବ ପାଳନ ଶୈଳୀ ପ୍ରମାଣିତ କରେ ଯେ ଆଜିର ଆଧୁନିକ ଯୁଗରେ ମଧ୍ୟ ଓଡ଼ିଆ ସଂସ୍କୃତିର ଚେର ଗ୍ରାମାଞ୍ଚଳରେ କେତେ ସୁଦୃଢ଼।

### ଧାମନଗର

ଧାମନଗର ଅଞ୍ଚଳର ବିଭିନ୍ନ ଦେବାଳୟ ଓ ବଟବୃକ୍ଷ ତଳରେ ଶନିବାର ସାବିତ୍ରୀ ବ୍ରତ ଭକ୍ତି ଓ ଆଡ଼ମ୍ବର ସହ ପାଳନ କରାଯାଇଛି। ସକାଳୁ ହିଁ ବିବାହିତା ମହିଳାମାନେ ନୂତନ ବସ୍ତ୍ର ପରିଧାନ କରି ପୂଜା ସାମଗ୍ରୀ ଧରି ମନ୍ଦିର ଓ ବଟବୃକ୍ଷ ନିକଟରେ ପହଞ୍ଚିଥିଲେ। ବଟବୃକ୍ଷକୁ ପରିକ୍ରମା କରି ସ୍ୱାମୀଙ୍କ ଦୀର୍ଘାୟୁ ଓ ପରିବାରର ସୁଖଶାନ୍ତି କାମନା କରି ପୂଜାର୍ଚ୍ଚନା କରିଥିଲେ। ପୁରାଣ ଅନୁସାରେ ସତୀ ସାବିତ୍ରୀ ନିଜ ସ୍ୱାମୀ ସତ୍ୟବାନଙ୍କ ପ୍ରାଣ ଯମରାଜାଙ୍କ ପାଖରୁ ଫେରାଇ ଆଣିଥିବାରୁ ଏହି ବ୍ରତର ପ୍ରଚଳନ ହୋଇଥିବା ବିଶ୍ୱାସ ରହିଛି। ସେହିଠାରୁ ବିବାହିତ ମହିଳାମାନେ ସ୍ୱାମୀଙ୍କ ମଙ୍ଗଳ କାମନାରେ ସାବିତ୍ରୀ ବ୍ରତ ପାଳନ କରିଆସୁଛନ୍ତି। ଏହି ବ୍ରତରେ ଆମ୍ବ, କଦଳୀ, ପଣସ, ନଡ଼ିଆ, ସେଓ, ଖଜୁରୀ, ଲିଚୁ ସହ ବିଭିନ୍ନ ପ୍ରକାର ଫଳମୂଳ ଭୋଗ ଲାଗିଥାଏ। ଅନ୍ୟପଟେ ସାବିତ୍ରୀ ବ୍ରତକୁ ନେଇ ଧାମନଗର ବଜାରରେ ଲୁଗା, ଫଳ ଓ ପୂଜା ସାମଗ୍ରୀ କିଣିବାକୁ ଦୋକାନରେ ପ୍ରବଳ ଭିଡ଼ ଲକ୍ଷ୍ୟ କରାଯାଇଥିଲା। ଚାହିଦା ବଢ଼ିଥିବାରୁ ଫଳମୂଳ ଦର ମଧ୍ୟ ଆକାଶଛୁଆଁ ହୋଇଥିଲା। କଦଳୀ, ଆମ୍ବ, ସେଓ ଓ ନଡ଼ିଆ ଦରରେ ମଧ୍ୟ ବୃଦ୍ଧି ଘଟିଥିଲା। ତଥାପି ପରମ୍ପରା ଓ ଆସ୍ଥାକୁ ଗୁରୁତ୍ୱ ଦେଇ ମହିଳାମାନେ ଉତ୍ସାହର ସହିତ ବ୍ରତ ପାଳନ କରିଥିଲେ।

## ଚିରନିଦ୍ରାରେ ପ୍ରଶାସନ

# ୧୦ ବର୍ଷ ପରେ ବି ଅସମ୍ପୂର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀ

ବାରିକପୁର,୧୬।୫(ସମିସ)



ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର ସ୍ଥାୟୀ ଆଶ୍ରୟସ୍ଥଳୀମାନ ନିର୍ମାଣ କରୁଛନ୍ତି। ବିଶେଷ କରି ନଦୀକୂଳିଆ ଅଞ୍ଚଳରେ ବହୁମୁଖୀ ଆଶ୍ରୟସ୍ଥଳୀ ପ୍ରତିଷ୍ଠା କରାଯାଇ ସେଠାରେ ବନ୍ୟା ବାତ୍ୟା ସମୟରେ ଲୋକଙ୍କୁ ଆଶ୍ରୟ ଦେବା ଲକ୍ଷ୍ୟ ରଖାଯାଇଛି। ପରିତାପର ବିଷୟ ସରକାରଙ୍କ ଲକ୍ଷ୍ୟ ଅନେକ ସମୟରେ ବାଟବଣା ହୋଇଥିବା ଦେଖିବାକୁ ମିଳିଛି। କହିବାକୁ ଗଲେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣକୁ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ତାହା ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମପୁର ପଞ୍ଚାୟତ ବିରୋଳିଠାରେ ୨୦୧୬ରେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କମିଟି (ଓସଡମା) ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏକ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଆରମ୍ଭରୁ କିଛିଦିନ ମଧ୍ୟରେ ରାଜନୈତିକ ଗୋଷ୍ଠୀ ବିବାଦ ତଥା ଅନ୍ୟାନ୍ୟ ଆଇନଗତ କାରଣ ଯୋଗୁଁ କାମଟି ବନ୍ଦ ହୋଇଯାଇଥିଲା। ସେବେଠାରୁ ଗ୍ରେଡ୍‌ବିମ୍ ଓ କେତୋଟି ପିଲାର ମଧ୍ୟରେ କାମ ସୀମିତ ରହିଥିବାବେଳେ ନିର୍ମାଣ କାର୍ଯ୍ୟ ଏଯାଏଁ ସମ୍ପୂର୍ଣ୍ଣ ହୋଇନାହିଁ। ଇତିମଧ୍ୟରେ ଉଚ୍ଚପଦସ୍ଥ ଅଧିକାରୀ, ଜିଲ୍ଲାପାଳ, ଓସଡମା କର୍ତ୍ତୃପକ୍ଷ ବାରମ୍ବାର କ୍ଷେତ୍ର ପରିଦର୍ଶନ କରିଥିଲେ ମଧ୍ୟ କାର୍ଯ୍ୟ ଅଗ୍ରଗତି ହେବାର ନାଁ ଧରିନାହିଁ। ଏପରିକି ଗ୍ରାମବାସୀମାନେ ମଧ୍ୟ ଅନେକବାର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତାମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଆପତ୍ତି ଅଭିଯୋଗ କରିଛନ୍ତି। ପ୍ରଶାସନିକ କଳର ନିଷ୍କ୍ରିୟତା, ଅଧିକାରୀମାନଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟଦକ୍ଷତା ତଥା ବିଭାଗସ୍ତରରେ ଅବ୍ୟବସ୍ଥା ଯୋଗୁଁ କାମ ହେଉ ନ ଥିବା ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏନେଇ ସରପଞ୍ଚ ପରମାନନ୍ଦ ନାୟକଙ୍କ ମତାମତ ନେବାରୁ ସେ କହିଛନ୍ତି, ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଯାଇଛି। ଏପରିକି ଭୁବନେଶ୍ୱର ଓସଡମା କାର୍ଯ୍ୟାଳୟରେ ମଧ୍ୟ ଜଣାଯାଇଛି। ପୁନର୍ବାର କାର୍ଯ୍ୟ ଆରମ୍ଭ ପାଇଁ କୌଣସି ଆଇନଗତ ସମସ୍ୟା ନାହିଁ। ତଥାପି ପ୍ରଶାସନ ପକ୍ଷରୁ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତତ୍ପରତା ପ୍ରକାଶ ପାଇନାହିଁ। ଯାହା ଏବେ ଚିନ୍ତାର ବିଷୟ ପାଲଟିଛି। ଏହା ନଦୀକୂଳିଆ ଅଞ୍ଚଳ ହୋଇଥିବାବେଳେ ଏଠାରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବା ନିହାତି ଆବଶ୍ୟକ। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀମାନେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଅଭାବୀ ବିକ୍ରିର ଶିକାର



**ବନ୍ତ/ଆଗରପଡ଼ା,୧୬।୫(ସମିସ):** ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ କୃଷି ଓ କୃଷକର ଉନ୍ନତି ପାଇଁ ବହୁମୁଖୀ ଯୋଜନା ପ୍ରସ୍ତୁତ କରିଛନ୍ତି। ତତ୍ ସହିତ ଏକାଦଶ ଯୋଜନାରେ ୪ ପ୍ରତିଶତ କୃଷିର ଅଭିବୃଦ୍ଧି କରି କୃଷକମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ସରକାର ୨୦୦୮ରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କାର୍ଯ୍ୟକାରୀ କରିବା ସହ ୨୦୨୪ ସୁଦ୍ଧା ସେମାନଙ୍କ ଆୟ ଦୁଇଗୁଣା ବୃଦ୍ଧି ପାଇଁ ପରିକଳ୍ପନା କରି ଏହାର ସଫଳ ରୂପାୟଣ ପାଇଁ ପ୍ରତି ବ୍ଲକ୍‌ରେ ପ୍ରତିଷ୍ଠା କରିଛନ୍ତି କୃଷି ସୂଚନା ପରାମର୍ଶ କେନ୍ଦ୍ର। ଉକ୍ତ କେନ୍ଦ୍ର ମାଧ୍ୟମରେ ଚାଷୀମାନଙ୍କୁ ଆବଶ୍ୟକୀୟ କୃଷି ସାମଗ୍ରୀ ସହ ଉଚିତ୍ ପରାମର୍ଶ ପ୍ରଦାନ ମଧ୍ୟ କରୁଛନ୍ତି। କିନ୍ତୁ ଚାଷୀଙ୍କ ଦ୍ୱାରା ବହୁ କଷ୍ଟରେ ଉତ୍ପାଦିତ ପନିପରିବାର ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ବ୍ଲକ୍ ଅଧୀନରେ ଥିବା ୧୮ହଜାର ୮୬୫ ହେକ୍ଟର ଚାଷଜମି ଥିବାରୁ ଏଥିରେ ଧାନ ଚାଷ କରାଯାଇଥିଲେ ମଧ୍ୟ ବିଭିନ୍ନ ପଞ୍ଚାୟତରେ ୧ ହଜାରରୁ ଊର୍ଦ୍ଧ୍ୱ ଜମିରେ ବିଭିନ୍ନ ଡାଲିଜାତୀୟ ଫସଲ ସହ ବିଭିନ୍ନ ପ୍ରକାରର ପନିପରିବା ଚାଷ କରାଯାଏ। ପରିବା ଚାଷ ପାଇଁ ଏହି ଅଞ୍ଚଳ ବେଶ୍ ପରିଚିତ ହୋଇଛି। ତନ୍ମଧ୍ୟରୁ ଛୟାଳସିଂହ, କାଦବରାଙ୍ଗ, ଓଡ଼ଙ୍ଗ, ଅଣିଜୋ, ଗୋପିନାଥପୁର, ବଡ଼ମଇଁଷଗୋଠ, ବଡ଼ଚର୍ଚ୍ଚିକୟାଁ, ରାମପୁର ଓ ନିକୋଳ ସହ ଅନ୍ୟାନ୍ୟ ପଞ୍ଚାୟତରେ ଧାନ ଚାଷ ପରେ ରବି ଋତୁରେ ଡାଲିଜାତୀୟ ଶଷ୍ୟ ସହ ବିଭିନ୍ନ ପନିପରିବା ଭେଣ୍ଡି, କଲରା, ବିଲାତି, ବାଇଗଣ, ଜହ୍ନି, କାକୁଡ଼ି, ଲଙ୍କା, ମକା, ବୋଇତି କଖାରୁ ସହ ଅନ୍ୟାନ୍ୟ ପନିପରିବା ଚାଷ କରାଯାଏ। ଏହି ପଞ୍ଚାୟତରେ ଚାଷୀ ଦୀର୍ଘ ବର୍ଷ ଧରି ଏହାକୁ ନିଜର ଜୀବନ ଆଉ ଜୀବିକା ଭାବେ ଗ୍ରହଣ କରି ନିଜର ଗୁଜୁରାଣ ମେଣ୍ଟାଇବା ସହ ଉକ୍ତ ଅଞ୍ଚଳକୁ ସବୁଜ ପନିପରିବା ଯୋଗାଇଥା'ନ୍ତି। ତେବେ ଏଠାରେ ପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବାରୁ ଉଭୟ ଚାଷୀ ଓ ଖାଉଟି କ୍ଷତିରେ ପଡୁଛନ୍ତି। ପରିବା ଉତ୍ପାଦନ ସମୟରେ ଦର ବହୁ କମିଯାଉଥିବାରୁ ଚାଷୀ କ୍ଷତିରେ ପଡୁଛନ୍ତି। ସେହିପରି ଅନ୍ୟ ଦିନରେ ପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ପରିବା ଦର ଆକାଶଛୁଆଁ ହେବାରୁ ଖାଉଟି ଚିନ୍ତାରେ ପଡୁଛନ୍ତି। ତେଣୁ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲେ ପରିବା ଉତ୍ପାଦନ ସମୟରେ ତାହାକୁ ସଂରକ୍ଷଣ କରାଯାଇ ଅନ୍ୟ ଦିନରେ ଚାହିଦା ମେଣ୍ଟାଇ ହୁଅନ୍ତା ଓ ଏହାଦ୍ୱାରା ଉଭୟ ଚାଷୀ ଓ ଖାଉଟି ଲାଭବାନ ହୁଅନ୍ତେ। ତେଣୁ ବ୍ଲକ୍ କିମ୍ବା ଯେଉଁ ସ୍ଥାନରେ ଅଧିକ ପରିବା ଉତ୍ପାଦନ ହେଉଛି ସେହି ସ୍ଥାନରେ ଶୀତଳଭଣ୍ଡାର ନିର୍ମାଣ ଦିଗରେ ସରକାର ବିହିତ ପଦକ୍ଷେପ ନେଲେ ପରିବା ଚାଷୀ ଓ ଖାଉଟି ଉପକୃତ ହୋଇପାରନ୍ତେ। ତେଣୁ ଘୋଷଣାରେ ଶୀତଳଭଣ୍ଡାର ନିର୍ମାଣକୁ ସୀମିତ ନ ରଖି ସରକାର ଏହାର ନିର୍ମାଣ ଦିଗରେ ତତ୍ପର ହେବାର ଆବଶ୍ୟକତା ରହିଥିବାର ଚର୍ଚ୍ଚା ହେଉଛି।

## ଗାଧୋଇବା ବେଳେ ନଦୀରେ ଭାସିଗଲେ; ୪ ଉଦ୍ଧାର, ନାବାଳକଙ୍କ ପତ୍ତା ମିଳୁନି

**ଜଳେଶ୍ୱର ବ୍ଲକ, ୧୬।୫ (ସମିସ):** ଜଳେଶ୍ୱର ନଦୀର ବ୍ଲକ୍ ମାକଡିଆସ୍ଥିତ ସୁବର୍ଣ୍ଣରେଖା ନଦୀର ସଦରଘାଟରେ ଗାଧୋଉଥିବା ବେଳେ ନଦୀ ସୁଅରେ ୫ ଜଣ ଭାସିଯାଇଥିବା ବେଳେ ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେବେ ଜଣେ ୧୬ ବର୍ଷର ନାବାଳକ ନିଖୋଜ ହୋଇଯାଇଛନ୍ତି। ନାବାଳକ ଜଣକ ହେଲେ ପଶ୍ଚିମବଙ୍ଗ ଦାନ୍ତୁନ ଥାନା ପାଷଣ୍ଡପୁର ଗ୍ରାମର ଜୟଦୀପ ପ୍ରମାଣିକଙ୍କ ପୁତ୍ର ରାଜା। ରାଜା ବେଲମୁଳା ଗାଁରେ ଥିବା ନିଜର ଜଣେ ବନ୍ଧୁ ଘରକୁ ବୁଲିବାକୁ ଆସିଥିଲେ। ଗତକାଲି ମାକଡ଼ିଆ ମଧ୍ୟାହ୍ନରେ ୪ ଜଣ ସମ୍ପର୍କୀୟଙ୍କ ସହ ମାକଡ଼ିଆ ସଦର ଘାଟ ନିକଟରେ ନଦୀରେ ଗାଧୋଉଥିଲେ। ଏହି ସମୟରେ ନଦୀର ପ୍ରଖର ସୁଅରେ ୫ଜଣ ଏକା ସାଙ୍ଗରେ ହାତ ଧରାଧରି ହୋଇ ଭାସି ଯାଇଥିଲେ। ସେମାନଙ୍କ ପାଟି ଶୁଣି ପାଖରେ ଥିବା ମତ୍ସ୍ୟଜୀବୀମାନେ ୪ ଜଣଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ବେଳେ ରାଜାଙ୍କ କୌଣସି ପତ୍ତା ମିଳିନଥିଲା। ଖବର ପାଇ ଦାନ୍ତୁନ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖବର ମିଳିନାହିଁ।

## ଅବହେଳିତ ଆପଣ୍ଡାର ଧର୍ମନିରଞ୍ଜନ ପୀଠ



**ବନ୍ତ/ଆଗରପଡ଼ା,୧୬।୫(ସମିସ):** ବନ୍ତ-ଆନନ୍ଦପୁର ଜାତୀୟ ରାଜପଥର ବରକୋଣା କିମ୍ବା ଓରାଳି ଛକଠାରୁ ଉତ୍ତରକୁ ମାତ୍ର ୧ କି.ମି ଗଲେ ଆପଣ୍ଡା ଗ୍ରାମର ପୁରାତନ ବୌଦ୍ଧ ଧର୍ମନିରଞ୍ଜନଙ୍କ ପୀଠସ୍ଥଳୀ ପଡ଼େ। ବହୁ ବର୍ଷ ପୂର୍ବେ ଉକ୍ତ ଗ୍ରାମର ପୋଖରୀ ଖନନବେଳେ ଏହି ମୂର୍ତ୍ତିର ସନ୍ଧାନ ମିଳିଥିଲା। ସେବେଠାରୁ ଗ୍ରାମବାସୀଙ୍କ ଦ୍ୱାରା ଏହାକୁ ଉଦ୍ଧାର କରାଯାଇଥିଲା ଏବଂ ଏକ ତେନ୍ତୁଳି ବୃକ୍ଷମୂଳେ ପୂଜା ପାଉଥିଲେ। ଏହାର ରକ୍ଷଣାବେକ୍ଷଣ ପାଇଁ ସ୍ଥାନୀୟ ବିଧାୟକଙ୍କ ତରଫରୁ ଉକ୍ତ ସ୍ଥାନରେ ଏକ ଛୋଟ ଗୃହ ଓ ପାଚେରି ନିର୍ମାଣ କରାଯାଇଥିଲା। ତାହା ଏବେ ଅଧପନ୍ତରିଆ ଭାବେ ପଡ଼ିରହିଛି। ଯେଉଁ ପୁରାତନ ତେନ୍ତୁଳି ବୃକ୍ଷର କୋମଳ ଓ ଶୀତଳ ଛାୟାତଳେ ରହି ବେଶ୍ ଆରାମରେ ପୂଜା ପାଉଥିଲେ ଧର୍ମନିରଞ୍ଜନ, ନୂତନ ଗୃହ ନିର୍ମାଣ ଆଳରେ ଉକ୍ତ ବୃକ୍ଷକୁ କାଟି ଦିଆଯିବାରୁ ଖରାବର୍ଷାରେ ଏବେ ଅବହେଳିତ ଭାବେ ପଡ଼ି ରହିଛନ୍ତି ସେ। ତାଙ୍କର ଏହି ଦୟନୀୟ ଅବସ୍ଥାକୁ ଦେଖି ଗ୍ରାମବାସୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଉକ୍ତ ପୀଠର ମହିମା ବିଷୟରେ ପୁରାତନ ବ୍ୟକ୍ତିମାନେ କୁହନ୍ତି, ଖ୍ରୀଷ୍ଟପୂର୍ବ ଅଷ୍ଟାଦଶ ଶତାବ୍ଦୀରେ ଭୌମ ବଂଶର ରାଜା ଶୁଭଙ୍କର ବୌଦ୍ଧ ଉପାସକ ଥିବାରୁ ବୌଦ୍ଧ ଧର୍ମର ପ୍ରଚାରପ୍ରସାର ପାଇଁ ଭଦ୍ରକ ଓ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଦ୍ଧ ଦେବଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରାଉଥିଲେ। ଉକ୍ତ ମୂର୍ତ୍ତିମାନଙ୍କ ମଧ୍ୟରେ ଆପଣ୍ଡାର ଧର୍ମନିରଞ୍ଜନ ଓ ରାମପୁର ଗ୍ରାମର ବୁଦ୍ଧଦେବଙ୍କ ଧ୍ୟାନ ମୁଦ୍ରାର ମୂର୍ତ୍ତି ଅନ୍ୟତମ। ପୂର୍ବରୁ ଉକ୍ତ ପୀଠରେ ବୁଦ୍ଧ ପୂର୍ଣ୍ଣିମାରେ ଚନ୍ଦନଲାଗି ବେଶ, ଦୋଳ ଉତ୍ସବ ଆଦି ବହୁ ଆଡ଼ମ୍ବରରେ ପାଳନ ହେଉଥିଲା। ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ଧର୍ମାଲୋଚନା ହେବା ସହ ଏହାର ପ୍ରଭାବ ବେଶ୍ ପ୍ରସାରୀ ହୋଇଥିଲା। ସେ ସମୟରେ ଉକ୍ତ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ଜଳାଭାବ ବହୁ ପରିମାଣରେ ଦେଖାଯାଉଥିଲା। ଲୋକମାନଙ୍କର ଦୃଢ଼ ବିଶ୍ୱାସ ଥିଲା ବୁଦ୍ଧ ଦେବଙ୍କ ବେଢ଼ାରେ ବର୍ଷା ହୋଇ ଉକ୍ତ ଜଳ ବୋହି ଏହାର ଅନତି ଦୂରେ ଥିବା ଭାଟିଆ ପୋଖରୀରେ ପହଞ୍ଚିଲେ ଜଳାଭାବରୁ ମୁକ୍ତି ମିଳିବା ସହ ଚାଷକାର୍ଯ୍ୟ ଭଲ ହେବ। ଏଥିପାଇଁ ଲୋକମାନେ ବୁଦ୍ଧ ଦେବଙ୍କୁ ପାର୍ଶ୍ୱ ପୁଷ୍କରିଣୀରୁ ଜଳ ଆଣି ତାଙ୍କୁ ମହାସ୍ନାନ କରାଉଥିଲେ। ସେହି ଭକ୍ତି ଆଉ ବିଶ୍ୱାସ ଏବେ ବି ଅତୁଟ ରହିଥିବାର ଗ୍ରାମବାସୀମାନେ ପ୍ରକାଶ କରନ୍ତି। ସରକାର ଏହି ପୁରାତନ ପୀଠର ରକ୍ଷଣାବେକ୍ଷଣ ପାଇଁ ଉଦ୍ୟମ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା ପଥରରେ ଏକ ଛୋଟ ଗୃହ ଓ ଏହାର ପାଚେରି ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହା ଅଧପନ୍ତରିଆ ଭାବେ ପଡ଼ିରହିଛି। ତେଣୁ ଏହା ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ପ୍ରତୀକ ଥିବା ଧର୍ମନିରଞ୍ଜନ ପୀଠରେ ଅଧପନ୍ତରିଆ କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ପୀଠର ରକ୍ଷଣାବେକ୍ଷଣ ଦିଗରେ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**● ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର**

## 'ସାହିତ୍ୟ, ସଂସ୍କୃତିର ପରିମାପ ହିଁ ଭାଷାରେ ଫୁଟି ଉଠିଥାଏ'



**ଭଦ୍ରକ,୧୬।୫(ସମିସ):** ଆମ ମାତୃଭାଷା ପରିଷଦର ବୃଷ ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। 'ସାହିତ୍ୟ ଓ ସଂସ୍କୃତି ହିଁ ଭାଷାର ମର୍ଯ୍ୟାଦା ଆଣେ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପଣ୍ଡିତ ଦୈତାରି ମହାପାତ୍ର, ମୁଖ୍ୟବକ୍ତା ପ୍ରବଚକ ସୁରେଶ ଚନ୍ଦ୍ର ମାହନ୍ତ, ସମ୍ମାନିତ ଅତିଥି ଅଧ୍ୟାପିକା ଉଷାରାଣୀ ଜେନା, ଅତିଥି ଅଧ୍ୟକ୍ଷ ନିହାର ରଞ୍ଜନ କର, ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ଅଧିବକ୍ତା ସଚ୍ଚିଦାନନ୍ଦ ଧଳ, ଅଧ୍ୟାପକ ଉମାକାନ୍ତ ମହାଳିକ, ଅଧିବକ୍ତା ପ୍ରଦୀପ ଯେନା, ଅଜୟ କର ପ୍ରମୁଖ ସାହିତ୍ୟ ଓ ସଂସ୍କୃତି ମାନ ବା ପରିମାପ ହିଁ ମନୁଷ୍ୟର ଭାଷାରେ ଫୁଟି ଉଠିଥାଏ ଯେଉଁ ଜାତିର ସଂସ୍କୃତି, ସାହିତ୍ୟ ଯେତେ ଉନ୍ନତ ସେ ସ୍ଥାନର ଅଧିବାସୀଙ୍କର ଭାଷା ଏବଂ ଭାବ ମଧ୍ୟ ସେହିପରି ଉନ୍ନତ ହୋଇଉଠିଥାଏ। ଓଡ଼ିଆ ଭାଷା ପୁରାତନ ଭାଷାର ମାନ୍ୟତା ପାଇ ଷଷ୍ଠ ଭାଷାଭିତ୍ତିକ ରାଜ୍ୟଭାବେ ପରିଗଣିତ ହେଲା। ଏଣୁ ଓଡ଼ିଆ ଭାଷାର ମହାନତା ମନେପକାଇ ଆମ୍ଭେ ଓଡ଼ିଶାବାସୀ ସଚେତନ ଓ ଉନ୍ନତ ହୋଇଉଠିବା ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ କବି ସାବିତ୍ରୀ ସେଠୀ ଓ ଡ. ପୂଜାରାଣୀ ଘୋଷଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବିପ୍ଳବ କୁମାର ହୋତା, ହରିଶ ଚନ୍ଦ୍ର ଦାସ, ଉମେଶ ଚନ୍ଦ୍ର ମହାପାତ୍ର, ଅଧିବକ୍ତା ବୀଣାପାଣି ତ୍ରିପାଠୀ, ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଜୟ ବହଳୀ, ଅଧ୍ୟାପିକା ପ୍ରମୋଦା ପଣ୍ଡା, ପ୍ରଦୀପ ଯେନା, କଳାକାର କାଳନ୍ଦୀ ମଲ୍ଲିକ, ରମେଶ ଚନ୍ଦ୍ର ଦାସ, ଅବଦୁଲ ଦୟାନ୍, ମୁସ୍ତାକ୍ ଗହ୍ୱର, ସୁରେଶ ସାହୁ, ନାରାୟଣ ଚନ୍ଦ୍ର ପାଢ଼ୀ, ଲକ୍ଷ୍ମୀପ୍ରିୟା ମାହନ୍ତ, ସନ୍ତୋଷ ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶିଶୁକବି ଅଂଶୁମାନ ସ୍ୱାଇଁ ମଞ୍ଚ ଆହ୍ୱାନ, ସହ ସମ୍ପାଦିକା ମମତାରାଣୀ ଦାଶମିଶ୍ର ଅତିଥି ପରିଚୟ, ପ୍ରତିଷ୍ଠାତା ସମ୍ପାଦକ ଡ. ଅନିଲ୍ କୁମାର ଦାଶ ବେଦପାଠ ଓ ଭଜନ ପରିବେଷଣ କରିଥିଲେ। ଶେଷରେ ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଥର୍ମୋକୋଲ ପ୍ଲେଟ୍ ବ୍ୟବହାରରେ ଲାଗୁନି ରୋକ୍



**● ପରିବେଶ ବିଗାଡ଼ିବାରେ ଲାଗିଛି**

**● ଚଢ଼ଉ ହେଉ ନ ଥିବାରୁ ବ୍ୟବହାର କମୁନି**

**ବନ୍ତ/ଆଗରପଡ଼ା,୧୬।୫(ସମିସ):** ବର୍ତ୍ତମାନ ବିବାହ ଓ ବ୍ରତଘର ଋତୁ ଚାଲିଥିବାବେଳେ ଭୋଜିଭାତର ଆସର ବେଶ୍ ଜମୁଛି। ଏହା ଭିତରେ ଅଧିକାଂଶ ଭୋଜିରେ ଥର୍ମୋକୋଲ୍ ପ୍ଲେଟ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ; ବନ୍ତ ବ୍ଲକ୍ ଓ ତା' ଆଖପାଖ ଅଞ୍ଚଳର ରାସ୍ତାକଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ୍ ଓ ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ବଡ଼ ବଡ଼ ହୋଟେଲରେ ମଧ୍ୟ ଏହି ପ୍ଲେଟ୍ ଓ ଠୋଲାରେ ଖାଦ୍ୟ ପରସା ଯାଉଥିବା ଦେଖିବାକୁ ମିଳୁଛି। ପରିବେଶକୁ ବିଗାଡ଼ିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ୍ୟ ଏଥିପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଥର୍ମୋକୋଲ ପ୍ଲେଟ୍ ଓ ଠୋଲା ବ୍ୟବହାରରେ ରୋକ୍ ଲଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କିଛି ସୁଫଳ ମିଳିପାରୁ ନ ଥିବା ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ, ପଲିଷ୍ଟାଇରିନ୍ ତିଆରିରେ ବ୍ୟବହୃତ ଷ୍ଟାଇରିନ୍ ଏବଂ ବେଞ୍ଜିନ୍ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଇଥାଏ। ଯେତେବେଳେ ଗରମ ଖାଦ୍ୟ କିମ୍ବା ପାନୀୟ ଥର୍ମୋକୋଲ ପ୍ଲେଟ୍ ଉପରେ ପରସାଯାଏ, ସେଥିରୁ ନିର୍ଗତ ରାସାୟନିକ ପଦାର୍ଥ ଖାଦ୍ୟ ସହ ମିଶିଥାଏ। ଦୀର୍ଘ ସମୟ ଧରି କିମ୍ବା ନିୟମିତ ଭାବରେ ଷ୍ଟାଇରିନ୍ ସହିତ ସମ୍ପର୍କରେ ଆସିବା ଦ୍ୱାରା ସ୍ନାୟୁ ପ୍ରଭାବିତ ହୁଏ। ଫଳରେ ଥକ୍କାପଣ ଓ ମୁଣ୍ଡବିନ୍ଧା ସୃଷ୍ଟି ହୁଏ। ଦୀର୍ଘକାଳୀନ ସଂସ୍ପର୍ଶ ସହିତ ଯକୃତ ଏବଂ ବୃକକ୍ ଉପରେ ଏହାର ପ୍ରଭାବ ପଡ଼ିଥାଏ। ଏହା ପରିବେଶ ପ୍ରଦୂଷଣରେ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ବିଶେଷ କରି ଜଳାଶୟଗୁଡ଼ିକରେ ଏହା ପଡ଼ିବା ଦ୍ୱାରା ଜଳ ମଧ୍ୟ ପ୍ରଦୂଷିତ ହୁଏ। ଥର୍ମୋକୋଲ୍‌କୁ ଜାଳିବା ଦ୍ୱାରା କାର୍ବନ ମନୋକ୍ସାଇଡ୍ ଏବଂ ଷ୍ଟାଇରିନ୍ ଗ୍ୟାସ୍ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ। ଯାହା ବାୟୁ ମଣ୍ଡଳ ପାଇଁ ବହୁଳ ଭାବେ କ୍ଷତିକାରକ। ଏହା ବ୍ୟବସାୟୀଙ୍କ ପାଇଁ ଲାଭଦାୟକ ହୋଇଥିବାବେଳେ ଗ୍ରାହକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିଲେ ସୁଦ୍ଧା ପ୍ରଶାସନର ଏହାର ବ୍ୟବହାର ପ୍ରତି କୌଣସି ଅଙ୍କୁଶ ନ ଥିବାରୁ ଏହାର ଚାହିଦା କମିବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପଲିଷ୍ଟାଇରିନ୍ (ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକ୍)ରୁ ତିଆରି ଥର୍ମୋକୋଲ ପ୍ଲେଟ୍ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସମସ୍ତେ ଜାଣିଥିଲେ ସୁଦ୍ଧା ଏହାର ବ୍ୟବହାରରୁ ନିବୃତ୍ତ ହେଉ ନ ଥିବାରୁ ଏହା ପରିବେଶ ପ୍ରତି ବିପଦ ସୃଷ୍ଟି କରୁଛି। ପ୍ରଶାସନ ତୁରନ୍ତ ବନ୍ତ ତଥା ଏହାର ଆଖପାଖ ଅଞ୍ଚଳରେ ଯାଞ୍ଚ କରି ଏହି ପ୍ଲେଟ୍ ଓ ସୋଲ ଠୋଲା ବ୍ୟବହାରରେ ରୋକ୍ ଲଗାଇବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଭୀମକୁଣ୍ଡରୁ ମହିଳା ଉଦ୍ଧାର

**ମହୁଲଡିହା, ୧୬।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ରାଜ୍ୟର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ଜଳ ପ୍ରପାତରେ ପଡ଼ିଯାଇଥିବା ମହିଳାଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ମହିଳା ଜଣକ ହେଉଛନ୍ତି ସାବିତ୍ରୀ ମହାନ୍ତ(୫୭)। ତାଙ୍କ ଘର ପାଟଣା ବ୍ଲକ ଅନ୍ତର୍ଗତ ଘାଟବାଲିଯୋଡି ଗ୍ରାମର ବୋଲି ଜଣାପଡ଼ିଛି। କୌଣସି କାରଣ ବଶତଃ ଖସିପଡ଼ି ନଦୀରେ ଭାସି ଯାଇ ଭୀମକୁଣ୍ଡର ସାନକୁଣ୍ଡରେ ଏକ ପଥରକୁ ଜାବୁଡ଼ି ରହିଯାଇଥିଲେ। ଭୀମକୁଣ୍ଡର ମୁଖ୍ୟ କୁଣ୍ଡ ଓ ସାନ କୁଣ୍ଡ ମଧ୍ୟରେ ଏକ ପଥରକୁ ଧରି ଦୁଇ ଘଣ୍ଟା କାଳ ଲଟକି ଜୀବନ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ପଥର ସନ୍ଧିରୁ ମହିଳାଙ୍କ ଚିତ୍କାର ଶୁଣି କେହି ପାଖରେ ଥିବା ଲୋକ ଦେଖିବା ପରେ ଖବର ପ୍ରଘଟ ହୋଇଥିଲା। କେନ୍ଦୁଝର ଜିଲ୍ଲା ପାଟଣା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଯୁବକ ଦଉଡ଼ି ସାହାଯ୍ୟରେ ଉଦ୍ଧାର କରିଥିଲେ।

## ଦ୍ୱାଦଶ ପରୀକ୍ଷାରେ ସୌମ୍ୟାଶ୍ରୀ ଦାସଙ୍କ ସଫଳତା



**ଭଦ୍ରକ,୧୬।୫(ସମିସ):** ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଭଦ୍ରକର ଛାତ୍ରୀ ସୌମ୍ୟାଶ୍ରୀ ଦାସ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ୫୦୦ରୁ ୪୬୫ ନମ୍ବର ରଖି ୯୩ ପ୍ରତିଶତ ଅଙ୍କ ସହ କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୌମ୍ୟଙ୍କ ବାପା ଦିଗମ୍ବର ଦାସ ଭଦ୍ରକ ଏସ୍‌ବିଆଇରେ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବାବେଳେ ମାଆ ରାଜଲକ୍ଷ୍ମୀ ଦାସ ଜଣେ ଗୃହିଣୀ। ତାଙ୍କର ପୈତୃକ ଘର ଆରଡ଼ି ଅଞ୍ଚଳରେ। ଛୋଟବେଳୁ ପାଠପଢ଼ା ପ୍ରତି ଆଗ୍ରହୀ ଥିବା ସୌମ୍ୟା ନିୟମିତ ପରିଶ୍ରମ ବଳରେ ଏହି ସଫଳତା ଅର୍ଜନ କରିଥିବା କହିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ମାମୁ ଶୁଭେନ୍ଦୁ ମଲ୍ଲିକ ଓ ମାମୁ କାଳନ୍ଦୀ ବେହେରାଙ୍କ ସହ ବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଶୁଭେଚ୍ଛା ଜଣାଇଛନ୍ତି। ଭବିଷ୍ୟତରେ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିବା ସୌମ୍ୟା ନିଜ ସଫଳତା ପଛରେ ବାପା, ମାଆ ଓ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଅବଦାନ ଥିବା କହି ଶ୍ରେୟ ଦେଇଛନ୍ତି।

# ପ୍ରେରଣାର ଉତ୍ସ ପାଲଟିଛନ୍ତି ସୁବାସ ସାର୍

ବନ୍ତ/ଆଗରପଡ଼ା,୧୬।୫(ସମିସ)



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଛୟାଳସିଂ ପଞ୍ଚାୟତ ଅନ୍ତର୍ଗତ ଛୟାଳସିଂ ଗ୍ରାମର ସୁବାସ ସାର୍ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ସୁବାସ ଚନ୍ଦ୍ର ପଣ୍ଡା ଯିଏକି ଏକ ବର୍ଷ ପୂର୍ବେ ଖଗେଶ୍ୱର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ ଦାୟିତ୍ୱ ନିର୍ବାହ କରି ଅବସର ନେଇଛନ୍ତି। ନିଶାରେ ଜଣେ ପ୍ରକୃତିକୁ ଭଲ ପାଉଥିବା ମଣିଷ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଯେତେବେଳେ ପାଠପଢୁଥିଲେ ସେତେବେଳେ ତାଙ୍କ ବାପା ସୁଦୂର କୋଲକାତାରୁ ଗଛ ଆଣି ଲଗାଇବା ଦେଖି ସେ ମଧ୍ୟ ଗଛ ଲଗାଇବା ପ୍ରତି ମନ ବଳାଇଲେ। ଯେମିତି ଗଛ ଲଗାଇବା ଏକ ନିଶା ପାଲଟିଯାଇଛି ସୁବାସ ସାର୍‌ଙ୍କର। ନିଜର ବାଡ଼ିରେ ବିଭିନ୍ନ ବିଦେଶୀ ଆମ୍ବ ଅଷ୍ଟିନ୍ ଗୋଲ୍ଡ, ବିଏନ୍ ୭, କିଙ୍ଗ୍ ଅଫ୍ ଚକାପଥ, କ୍ୟୁଯାଇ, ନୂରଝା, ଆଲ୍‌ଫାନ ଶୋ, ମିଆଜାକି, ଆର୍ ଟୁ ଇଟୁ, ସେଲି, ବାଜ୍, ସୁପର କୁଲି, କୁଙ୍କିକା ସମ୍ରାଟ, ଅରେଞ୍ଜ ସର୍ବତ, ମାୟା, ରେଡ୍ ଆଇବରୀ, ଅମ୍ବିକା, ଅରୁଣିକା, ଅନାମିକା, ଓଷାଲାରୀମା, କେଶର ସମେତ ଦେଶୀ ବିଦେଶୀ ପ୍ରଜାତିର ୮୦ ପ୍ରକାରର ଆମ୍ବ ଗଛ ଲଗାଇବା ସହିତ ବିଭିନ୍ନ ପ୍ରଜାତିର ସେଓ, ଅଙ୍ଗୁର, ନାସ୍‌ପାତି, ଲିଚୁ, ମାଲେସିଆ ନଡ଼ିଆ, ଥାଇଲାଣ୍ଡ ପିଜୁଳି, କ୍ଲବ୍ ଡାଇମଣ୍ଡ ବିଜୁଳି, ତାଇୱାନ ପିଙ୍କ ପିଜୁଳି, ଭିଏତନାମ କଣ୍ଟା ପଣସ, କାଶ୍ମୀର ବରକୋଳି, କାଶ୍ମୀର ସେଓ, ମିସ୍ ଇଣ୍ଡିଆ ବରକୋଳି, ଭିଏତନାମ ମାଲତା ଲେମ୍ବୁ, ଜାଭାଟିକୁଭା ଫ୍ରୁଟ୍ସ, ଡ୍ରାଗନ୍‌ଫ୍ରୁଟ୍ସ, ବ୍ଲୁ ବେରି ସମେତ ରୁଦ୍ରାକ୍ଷ ସମେତ ବିଭିନ୍ନ ପ୍ରଜାତିର ଔଷଧୀୟ ଗଛ ତାଙ୍କ ବଗିଚାରେ ସ୍ଥାନ ପାଇଛି। ଏଥିପାଇଁ ସେ ଲଗାତାର ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ପରିଶ୍ରମ କରି ଆସୁଛନ୍ତି।

ସରକାର ଘଡ଼ଘଡ଼ିରୁ ରକ୍ଷା ପାଇବା ପାଇଁ ତାଳଗଛ ଲଗାଇବା ପାଇଁ କହୁଥିବାବେଳେ ସୁବାସ ସାର୍ ତାଙ୍କ ଗ୍ରାମ ନିକଟରେ ଯାଇଥିବା କପାଳୀ ନଈ କୂଳରେ ତାଳଗଛ, କଦମ୍ବ ଏବଂ ବଉଳ ଗଛ ଲଗାଇଥିବା ଦେଖିବାକୁ ମିଳୁଛି। ସବୁଜ ବନାନୀକୁ ଦେଖି ବେଶ୍ ଖୁସି ଅନୁଭବ କରନ୍ତି ସୁବାସ ସାର୍। ତାଙ୍କର ଏହି କାର୍ଯ୍ୟ ନିଜର ପରିବାର ଲୋକ ଏବଂ ତାଙ୍କୁ ଭଲ ପାଉଥିବା ବନ୍ଧୁଙ୍କୁ ପ୍ରେରଣା ଯୋଗାଏ। ଉପଯୁକ୍ତ ଯତ୍ନ ଓ ଆବଶ୍ୟକୀୟ ଉପାଦାନ ଦ୍ୱାରା ସବୁ ସମ୍ଭବ ବୋଲି ସେ ପ୍ରକାଶ କରନ୍ତି। ଆମ୍ଭେ ପ୍ରତିଦିନ ନିଜର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ବାହାର ରାଜ୍ୟର ଫଳ

**୮୦ ପ୍ରକାରର ଆମ୍ବ ଗଛ, ବିଭିନ୍ନ ପ୍ରକାରର ଫଳ ଗଛ ଓ ମହୁ ଚାଷ କରି ଚର୍ଚ୍ଚାରେ**

ଉପରେ ନିର୍ଭର କରିବା ଓ ଏହାକୁ କ୍ରୟ କରିବାକୁ ବହୁ ଅର୍ଥ ଦେବାକୁ ପଡ଼ିଥାଏ। କିନ୍ତୁ ଉଦ୍ୟମ ବଳରେ ସୁବାସ ସାର୍ ନିଜର ବାଡ଼ିରେ ଲଗାଇଥିବା ଗଛ ଉଦ୍ୟାନ କୃଷି ବିଷୟରେ ଉପଯୁକ୍ତ ଜ୍ଞାନ, ପଦ୍ଧତିକୁ ଅବଲମ୍ବନ କଲେ ନିଶ୍ଚୟ ସବୁ ସମ୍ଭବ ହେବ ବୋଲି ସେ ଆଶା କରନ୍ତି। ନିଜର ଉଦ୍ୟମରେ ସେ ନିଜର ବାଡ଼ିରେ ଲଗାଇଥିବା ବିଭିନ୍ନ ପ୍ରକାରର ଆମ୍ବଗଛ ଓ ଅନ୍ୟାନ୍ୟ ଫଳ ଗଛରେ ଶହଶହ କେଜି ଫଳ ମଧ୍ୟ ହୋଇଛି। ସେ ମାଟିକୁ ଉପଯୁକ୍ତ ଭାବେ ବିଶୋଧନ କରି ସେଥିରେ ଆବଶ୍ୟକୀୟ ସାମଗ୍ରୀ ଦେଇ ତାହାର ଉପଯୁକ୍ତ ଯତ୍ନ ନିଅନ୍ତି। ବର୍ତ୍ତମାନ ଯୁଗରେ ଲୋକେ ଅଧିକ ଆମଦାନୀ ଆଶାରେ ବିଭିନ୍ନ ଫସଲରେ ବହୁ ପରିମାଣରେ ସାର, କୀଟନାଶକ ପ୍ରୟୋଗ କରୁଥିବାବେଳେ ସେ ନିଜେ ନିଜର ବୁଦ୍ଧିରେ ଆବଶ୍ୟକୀୟ ପରିମାଣରେ କମ୍ପୋଷ୍ଟ ଖତ, ସାର ପ୍ରୟୋଗ କରି ଫଳ ଗଛଗୁଡ଼ିକ ଚାଷ କରୁଥିବାର ପ୍ରକାଶ କରନ୍ତି। ଆମ୍ଭେମାନେ ଧାନ ଫସଲ ପାଇଁ ଯେତେ ଅଧିକ ଶ୍ରମ ଓ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ ତାହାଠାରୁ କମ୍ ପରିଶ୍ରମ ଓ ଖର୍ଚ୍ଚରେ ଏହି ଫଳ ଜାତୀୟ ଫସଲ ଉତ୍ପାଦିତ ହୋଇଥାଏ। ଏହା ଦ୍ୱାରା ନିଜର ଦୈନନ୍ଦିନ ଆବଶ୍ୟକ ପଡୁଥିବା ଫଳର ପୂରଣ କରିପାରନ୍ତି। ବର୍ତ୍ତମାନ ସମୟରେ ଫଳର ଦର ଆକାଶଛୁଆଁ ହେଉଛି। ଏଥିରୁ ତ୍ରାହି ପାଇବା ପାଇଁ ଶିକ୍ଷିତ ଯୁବକ ଯୁବତୀ ଚାକିରି ପଛରେ ନ ଗୋଡ଼ାଇ ଜୈବିକ କୃଷି ଓ ଉଦ୍ୟାନ କୃଷି କରି ଜ୍ଞାନକୁ ଗ୍ରହଣ କରି ଫଳ ସହ ପନିପରିବା ଚାଷ କଲେ ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ ପ୍ରକାଶ କରନ୍ତି।

# କଟକ ସିଟି



## ପେଟ୍ରୋଲ ସଙ୍କଟରେ କଟକ ମେୟରଙ୍କ ସଚେତନତା

# ସାଇକଲରେ ପରିକ୍ରମା କରି ପେଟ୍ରୋଲ ପମ୍ପ ଯାଞ୍ଚ କଲେ

କଟକ,୧୬।୫(ସମିସ):



ରାଜ୍ୟରେ ଚାଲିଥିବା ପେଟ୍ରୋଲ, ଡିଜେଲର ଅଭାବୀ ବିକ୍ରି ଓ ସାଧାରଣ ଲୋକଙ୍କ ଅସୁବିଧାକୁ ନେଇ କଟକ ମହାନଗରରେ ଏକ ନିଆରା ଓ ସନ୍ଦେଶମୂଳକ ପଦକ୍ଷେପ ନିଆଯାଇଥିଲା। ମେୟର ସୁବାସ ସିଂହ ଆଜି ସକାଳ ପ୍ରାୟ ୧୦ଟା ସମୟରେ ନିଜ ସରକାରୀ ବାସଭବନରୁ ସାଇକେଲ ଚଳାଇ କଟକ ସହରର ବିଭିନ୍ନ ପେଟ୍ରୋଲ ପମ୍ପକୁ ଯାଇ ସ୍ଥିତି ପରିଦର୍ଶନ କରିଥିଲେ। ମେୟରଙ୍କ ଏହି ସରଳ ତଥା ସଚେତନତାମୂଳକ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଗତ କିଛି ଦିନ ହେବ କଟକ ସହରରେ ପେଟ୍ରୋଲ ଓ ଡିଜେଲର ଅଭାବି ବିକ୍ରି ନେଇ ସାଧାରଣ ଜନତା ନାହିଁ ନଥିବା ହଇରାଣ ହେଉଛନ୍ତି। ବିଭିନ୍ନ ପେଟ୍ରୋଲ ପମ୍ପରେ ଲମ୍ବା ଲାଇନ ଲାଗିଥିବା ବେଳେ ଲୋକମାନେ ଘଣ୍ଟା ଘଣ୍ଟା ଧରି ଖରାରେ ଅପେକ୍ଷା କରୁଛନ୍ତି। ଅନେକ ସ୍ଥାନରେ ପର୍ଯ୍ୟାପ୍ତ ଇନ୍ଧନ ମିଳୁ ନଥିବାରୁ ଦୈନନ୍ଦିନ ଜୀବନ ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଫିସ ଯାତ୍ରୀ, ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ ସେବା ଓ ଜରୁରିକାଳୀନ ଯାନ ଚଳାଚଳ ମଧ୍ୟ ପ୍ରଭାବିତ ହେଉଛି। ଏହି ପରିପ୍ରେକ୍ଷୀରେ ମେୟର ଶ୍ରୀ ସିଂହ ସାଇକଲରେ ବାହାରି ସହରର ଅନେକ ପେଟ୍ରୋଲ ପମ୍ପକୁ ଯାଇ ପରିସ୍ଥିତିର ସମୀକ୍ଷା କରିଥିଲେ। ପମ୍ପଗୁଡ଼ିକରେ ଲୋକମାନଙ୍କ ସହ ସେ ସିଧାସଳଖ ଆଲୋଚନା କରିଥିଲେ ଏବଂ ସମସ୍ୟାର ମୂଳ କାରଣ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ।

ବିଶେଷ କରି କଟକ ମହାନଗର ନିଗମ ଦ୍ୱାରା ପରିଚାଳିତ କାଠଯୋଡ଼ି ପେଟ୍ରୋଲ ପମ୍ପର ସ୍ଥିତି ନେଇ ମେୟର ଗଭୀର ଚିନ୍ତା ପ୍ରକାଶ କରିଥିଲେ। ଏହି ପମ୍ପ ଉପରେ କଟକ ମହାନଗର ନିଗମର ଗାଡ଼ି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସମ୍ବନ୍ଧୀୟ ଯାନ, ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଗାଡ଼ି ଓ କର୍ମଚାରୀମାନଙ୍କ ଯାତାୟାତ ବହୁ ପରିମାଣରେ ନିର୍ଭର କରେ। ଯଦି ଏହି ପମ୍ପରେ ଇନ୍ଧନ ଅଭାବ ଜାରି ରହେ, ତେବେ ସହରର ପରିମଳ ବ୍ୟବସ୍ଥା, ସଫେଇ କାର୍ଯ୍ୟ ଓ ଜରୁରୀ ସେବା ଗୁଡ଼ିକ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ମେୟର ଶ୍ରୀ ସିଂହ ରାଜ୍ୟ ସରକାରଙ୍କ ଉପରେ କଡ଼ା ସମାଲୋଚନା କରି କହିଥିଲେ ଯେ, ରାଜ୍ୟ ସରକାର ଭୁବନେଶ୍ୱରରେ ମନ୍ତ୍ରୀ, ସଚିବ ଏବଂ ପେଟ୍ରୋଲିୟମ କମ୍ପାନୀର ମାଲିକମାନଙ୍କ ସହ ବୈଠକ କରି ରାଜ୍ୟରେ ତେଲର କୌଣସି ଅଭାବ ନାହିଁ ବୋଲି ଘୋଷଣା କରୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଆଜି ହଜାର ହଜାର ଲୋକ ପେଟ୍ରୋଲ ପମ୍ପ ଆଗରେ ଲମ୍ବା ଲାଇନରେ ଛିଡ଼ା ହୋଇ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଗରିବ ଖଟିଖିଆ ଓ ଦିନମଜୁରିଆ ଲୋକମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ମେୟର ଆହୁରି କହିଥିଲେ ଯେ ତେଲ ଅଭାବରୁ ଜରୁରୀ ସେବା ମଧ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ଗତକାଲି ଏକ ଆମ୍ବୁଲାନ୍ସ କାଠଯୋଡ଼ି ବ୍ରିଜ ଉପରେ ତେଲ ନଥିବାରୁ ଅଟକି ଯାଇଥିଲା। ଗାଡ଼ି ଆଗକୁ ଯାଇପାରି ନଥିବାରୁ ରୋଗୀଙ୍କ ମୃତ୍ୟୁ ଘଟିଥିବା ଘଟଣା ଅତ୍ୟନ୍ତ ଦୁଃଖଦ। ସେ ରାଜ୍ୟ ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରି କହିଥିଲେ ଯେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ନକରି ସରକାର ଜିଏସଟି କମାଇବା ଉଚିତ। ତେଲ ଦର ବଢ଼ିଲେ ସମସ୍ତ ଜିନିଷର ଦର ବଢ଼ିବ। ତାହାର ସିଧା ପ୍ରଭାବ ଗରିବ ଓ ଖଟିଖିଆ ଲୋକଙ୍କ ଉପରେ ପଡ଼ିବ। ସେମାନଙ୍କ ଜୀବନ ଅତ୍ୟନ୍ତ ଦୁର୍ବିସହ ହୋଇଯିବ ବୋଲି ସେ କହିଥିଲେ। ଇନ୍ଧନ ସଞ୍ଚୟ, ପରିବେଶ ସୁରକ୍ଷା ସାଇକଲ ଯାତ୍ରାରେ କଟକ ମେୟରଙ୍କ ସଚେତନତା ବାର୍ତ୍ତା ଦେଇ ମେୟର ଲୋକଙ୍କୁ ଅନାବଶ୍ୟକ ଯାନ ବ୍ୟବହାର କମାଇବାକୁ ମଧ୍ୟ ଅନୁରୋଧ କରିଥିଲେ। ଏହି ସଚେତନତାମୂଳକ ସାଇକଲ ରାଲି ଓ ପରିଦର୍ଶନ କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, କର୍ପୋରେଟର ଆରତୀ ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ଆଇନଜୀବୀ ସ୍ୱଦେଶ ଦାସ, ଏକରାମ ହୁସେନ, ବିନୋଦ ପଣ୍ଡା, ସୌମ୍ୟଦର୍ଶନ ବେହେରା, ସୁବୋଧ ସେଠୀ, ମୀର ବାଶା ସହ ଶତାଧିକ ସ୍ଥାନୀୟ ଯୁବକ ଓ ସାଧାରଣ ଲୋକ ଯୋଗ ଦେଇଥିଲେ।

### ତୈଳ ଦରବୃଦ୍ଧି ପ୍ରତ୍ୟାହାର ପାଇଁ ସିପିଆଇ-ଏମ୍‌ର ଦାବି

କଟକ,୧୬।୫(ସମିସ): କେନ୍ଦ୍ର ସରକାରଙ୍କ ପେଟ୍ରୋଲ, ଡିଜେଲ ଓ ସିଏନ୍‌ଜିର ଦାମ ବଢ଼ାଇବା ନିଷ୍ପତ୍ତିକୁ ସିପିଆଇ-ଏମ୍ ଦୃଢ଼ ଭାବେ ନିନ୍ଦା କରିଛି। ପେଟ୍ରୋଲ ଓ ଡିଜେଲରେ ପ୍ରତି ଲିଟର ପିଛା ୩ ଟଙ୍କା ଏବଂ ସିଏନ୍‌ଜି ରେ ପ୍ରତି କିଲୋ ପିଛା ୨ ଟଙ୍କା ବୃଦ୍ଧି, ମୁଦ୍ରାସ୍ଫୀତି, ବେରୋଜଗାରୀ, ବଢ଼ୁ ନଥିବା ଓ ଅଟକି ଯାଇଥିବା ମଜୁରୀ ଏବଂ ଗଭୀର ଆର୍ଥିକ ସଙ୍କଟରେ ପୂର୍ବରୁ ଜର୍ଜରିତ ଥିବା ଶ୍ରମଜୀବୀ ଲୋକଙ୍କ ଉପରେ ଅଧିକ ବୋଝ ପକାଇବ ବୋଲି ସିପିଆଇଏମ୍ ପକ୍ଷରୁ କୁହାଯାଇଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଏହି ଦରବୃଦ୍ଧି ସପକ୍ଷରେ ଯୁକ୍ତି ଦର୍ଶାଇଛନ୍ତି ଯେ ବିଶ୍ୱ ବଜାରରେ ଅଶୋଧିତ ତୈଳର ଦାମ ବୃଦ୍ଧି ହେତୁ ସେମାନେ ଆଗରୁ ଯେତିକି ପରିମାଣର ଲାଭ କରୁଥିଲେ ସେତିକି ପରିମାଣର ଲାଭ କରି ନ ପାରିବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ଏହି ଯୁକ୍ତି ଅଗ୍ରହଣୀୟ ଓ ବିଭ୍ରାନ୍ତିକର ବୋଲି ସିପିଆଇଏମ୍ କହିଛି। ସିପିଆଇଏମ୍ କଟକ ଜିଲ୍ଲା କମିଟି ପେଟ୍ରୋଲ, ଡିଜେଲ ଓ ସିଏନ୍‌ଜି ମୂଲ୍ୟବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ବିକ୍ଷୋଭ ମାଧ୍ୟମରେ ଦାବି ଉଠାଇଛି। ଏହି ମୂଲ୍ୟବୃଦ୍ଧିକୁ ଫେରାଇ ନେବା ଦାବିରେ ପ୍ରତିବାଦ ଆୟୋଜନ କରିବା ପାଇଁ ପାର୍ଟିର ସମସ୍ତ ୟୁନିଟ୍‌ଗୁଡ଼ିକୁ ଆହ୍ୱାନ ଦିଆଯାଇଛି ବୋଲି ଜିଲ୍ଲା କମିଟିର ସମ୍ପାଦକ ବଦ୍ରି ନାରାୟଣ ଦାଶ ସୂଚନା ଦେଇଛନ୍ତି।

### ଇନ୍ଧନ ତୈଳ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବିରୋଧରେ ବିକ୍ଷୋଭ




କଟକ,୧୬।୫(ସମିସ): ଅନ୍ତର୍ଜାତୀୟ ତୈଳ ସଙ୍କଟ ଆଳରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଗତକାଲି ପେଟ୍ରୋଲ, ଡିଜେଲ ଓ ସିଏନଜି ଦରବୃଦ୍ଧି କରିଛନ୍ତି। ଏହା ପୂର୍ବରୁ ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଆଳରେ କେନ୍ଦ୍ର ସରକାର ଘରୋଇ ଓ ବ୍ୟବସାୟିକ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି କରିଥିଲେ। ଅନ୍ୟଦିଗରେ ବ୍ୟାପକ ଦରବୃଦ୍ଧି ଫଳରେ ସାଧାରଣ ଲୋକଙ୍କ ପାଇଁ ବେଡି ଉପରେ କୋରଡ଼ା ମାଡ଼ ସଦୃଶ ହୋଇଛି। ଏଭଳି ପରିସ୍ଥିତିରେ ତୁରନ୍ତ ପେଟ୍ରୋଲ ପମ୍ପଗୁଡ଼ିକରେ ପରିସ୍ଥିତି ସ୍ୱାଭାବିକ କରିବା ଓ ବର୍ଦ୍ଧିତ ପେଟ୍ରୋଲ, ଡିଜେଲ, ସିଏନଜି ଓ ରନ୍ଧନ ଗ୍ୟାସ୍ ଦର ହ୍ରାସ କରିବା ଦାବିରେ ଆଜି ଏସୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ବସନ୍ତ ନାୟକ, ଭାଗ୍ୟରବି ଦାସ, ଦୀପକ ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ଇଶା ଧର, ସୌଭାଗ୍ୟ ସାମଲ, ଅକ୍ଷୟ ରାଉଳ, ଶୁଭସ୍ମିତା ସାହୁ, ଆଇନଜୀବୀ ପ୍ରତାପ ମିଶ୍ର, ସିପ୍ରା ମହାନ୍ତି, ସ୍ୱାଧିନୀ ବେହେରା, ଜୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ● କୃଷକ ବଜାର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

# ରାତିହେଲେ ପରିବା ମଣ୍ଡିରେ ଜୁଆ ଆସର

କଟକ,୧୬।୫(ସମିସ):କମିସନରେଟ୍ ପୁଲିସ ସହରରେ ଜୁଆଆଡ୍ଡା ଉପରେ ଜୋରଦାର ଚଢ଼ଉ କରିଛି। ନିକଟରେ ପୁଲିସ ବଜ୍ରକବାଟି ରୋଡ ମହାବୀର ଗାଲାକ୍ସିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢ଼ଉ କରି ୧୩ ଜଣଙ୍କୁ ଗିରଫ କରିଥିଲା। ଏହାପୂର୍ବରୁ ଚାନ୍ଦିନୀଚୌକରୁ ୪ ଜଣଙ୍କୁ ଗିରଫ କରାଯାଇଥିଲା। ସହରରେ ଗତ ୨ ସପ୍ତାହ ମଧ୍ୟରେ ୧୮ ଜଣ ଜୁଆଡିଙ୍କୁ ଗିରଫ କରାଯାଇଛି। ଏଥିସହ ସହରରେ ଯେଉଁସ୍ଥାନରେ ଜୁଆ ଆଡ୍ଡା ଚାଲିଛି ପୁଲିସ ତା'ଉପରେ ନଜର ରଖିଛି। ଏବେ କୃଷକ ବଜାର ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ। ସନ୍ଧ୍ୟାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଏଠାରେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପ ଚାଲୁଛି। ପୁଲିସର ପାଟ୍ରୋଲିଂ ହେଉଥିଲେ ସୁଦ୍ଧା ଦୁର୍ବୃତ୍ତମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଦିନରେ ପରିବା ବିକ୍ରୟ ହେଉଥିବା ବେଳେ ଅସ୍ଥାୟୀ ପାଲଟଣା ତମ୍ବୁ ତଳେ ରାତିରେ ଜୁଆଆଡ୍ଡା ଜମୁଥିବା ଅଭିଯୋଗ ଉଠିଛି। ସମ୍ପୂର୍ଣ୍ଣ ଅଞ୍ଚଳରେ ଅଧିକାଂଶ ସମୟ ଅପରାଧୀମାନେ ଜାଣିଶୁଣି ବିଦ୍ୟୁତ ସଂଯୋଗ ଛିନ୍ନ କରୁଛନ୍ତି। ଟିଂବନ୍ଧରୁ କୃଷକ ବଜାର ମଧ୍ୟ ଭାଗରେ ପେଟାନାଳ କଡ଼ ରାସ୍ତାକୁ ସଂଲଗ୍ନ ହୋଇଥିବା ରାସ୍ତାଟି ଅନ୍ଧାର ରହିବା ଫଳରେ ସେହି ବାଟ ଦେଇ ସାଧାରଣ ଲୋକମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। କିନ୍ତୁ ଏବେ ଏହି ଅଞ୍ଚଳରେ ରାତି ସମୟରେ ପାଟ୍ରୋଲିଂ ହେଉ ନଥିବାରୁ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏ ସଂପର୍କରେ ବିଡ଼ାନାସୀ ଥାନା ପୁଲିସ କହୁଛି ଯେ ରାତି ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। କୃଷକ ବଜାରରେ ଅସାମାଜିକଙ୍କ ଆଡ୍ଡା ଜମୁଥିବା ଖବର ପୁଲିସ ପାଖରେ ରହିଛି। ଏହି ଅଞ୍ଚଳ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ପୁଲିସ ପାଟ୍ରୋଲିଂ ପାଇଁ ଏହି ଅଞ୍ଚଳରେ ଅଧିକ ପିସିଆର୍ ଗାଡ଼ି ନିୟୋଜିତ କରାଯିବ। କୃଷକମାନଙ୍କ ପରିବା ମଣ୍ଡି ଏଠାରେ ରହିଥିବାରୁ ସୁରକ୍ଷା ଦୃଷ୍ଟି କୋଣରୁ ଏହି ଅଞ୍ଚଳକୁ ଗୁରୁତ୍ୱ ଦିଆଯାଉଛି।



ପ୍ରକାଶ ଥାଉ କି, କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ଅଧୀନରେ ଥିବା ଏହି ପରିବା ହାଟର ରକ୍ଷଣାବେକ୍ଷଣ ଅଭାବରୁ ଅନେକ ଦୋକାନ ଘର ଭାଙ୍ଗିରୁଜି ଗଲାଣି। ଦୋକାନ ଓ କ୍ଷୁଦ୍ର ଗୋଦାମ ଗୃହ କୃଷକମାନଙ୍କୁ ଆବଣ୍ଟନ କରାଯାଇଛି ସତ କିନ୍ତୁ ବହୁ ଦୋକନ ଘର ଭାଙ୍ଗିରୁଜି ଯିବା ଫଳରେ କୃଷକମାନେ ଏହି ଘରେ ବସୁ ନାହାନ୍ତି। ଯାହାଫଳରେ ଉକ୍ତ ଦୋକାନ ବାହାରେ ତାଲା ପଡ଼ି ପାରୁନାହିଁ। ଖୋଲାମେଲା ରହୁଥିବା ପରିତ୍ୟକ୍ତ ଦୋକାନ ଗୃହ ଗୁଡ଼ିକରେ ସନ୍ଧ୍ୟା ହେବା ମାତ୍ରେ ଅସାମାଜିକଙ୍କ ଆସର ଜମୁଛି। ତେବେ ଦେଢ଼ ଏକର ଜମିରେ ନିର୍ମାଣ ହୋଇଥିବା ସ୍ଥାୟୀ ଦୋକାନ ଏବଂ ଉଠା ଦୋକାନକୁ ବାଦ ଦେଇ ଅନ୍ଧାରୁଆ ଫାଙ୍କା ସ୍ଥାନରେ ମଧ୍ୟ ଚାଲୁଛି ଜୁଆ ଆଡ୍ଡା। ନିଶା କାରବାର ପାଇଁ ଏହି ଅଞ୍ଚଳ ନିରାପଦ ସ୍ଥାନ ହୋଇଥିବାରୁ ରାତିରେ ଏଠାରେ ଜୁଆଡିଙ୍କ ଆଡ୍ଡା ଦେଖିବାକୁ ମିଳୁଛି। ଅନେକ ସମୟରେ ଗୋଦାମ ବାହାରେ କୃଷକମାନେ ରଖୁଥିବା ବଳକା ପରିବା ବସ୍ତାକୁ ଦୃର୍ବୃତ୍ତମାନେ ଚୋରି କରିନେବା ସହିତ ବାହାରେ ଫିଙ୍ଗି ଦେଉଛନ୍ତି। ବାଙ୍କି ଅଞ୍ଚଳରୁ ଆସି ପରିବା ବ୍ୟବସାୟ କରୁଥିବା ଦୀନବନ୍ଧୁ ମାହଳିକଙ୍କ ଅଭିଯୋଗ ଅନୁସାରେ, ଗତ ସପ୍ତାହରେ ସେ ୪ଟି ଆଳୁବସ୍ତା ଓ ୩ଟି ବିଭିନ୍ନ ପରିବା ବସ୍ତା ତାଙ୍କ ଉଠାଦୋକାନ ପଛପଟେ ଥିବା ପିଣ୍ଡି ଉପରେ ପାଲ ଘୋଡ଼ାଇ ରଖିଥିଲେ। ସକାଳୁ ଆସି ଦେଖିବାରୁ କେହି ଦୃର୍ବୃତ୍ତ ସେଗୁଡ଼ିକୁ ଚୋରି କରିନେଇ ଯାଇଛି। ବ୍ୟବସାୟୀମାନଙ୍କ ପକ୍ଷରୁ ବିଭିନ୍ନ ସମୟରେ ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷଙ୍କୁ ଏହି ଚୋରି ଘଟଣା ବିଷୟରେ ଜଣାଇ ଦିଆଯାଇଛି। ହେଲେ ପୁଲିସର ନିଷ୍କ୍ରିୟତା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ଚୋରି ବଢ଼ିବାରେ ଲାଗିଛି।

କୃଷକ ବଜାର ଅଞ୍ଚଳରେ ନିଶାଡ଼ିଙ୍କ ଉତ୍ପାତ ରୋକିବା ସହ ବୃଦ୍ଧି ପାଉଥିବା ଚୋରି ତଥା ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ରୋକିବାକୁ ପୁଲିସ ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ବାଙ୍କି, ଆଠଗଡ଼, ନରାଜ ପ୍ରଭୃତି ଅଞ୍ଚଳରୁ ଶତାଧିକ ପରିବା ଚାଷି ଦାବି କରିଛନ୍ତି। ରାତିରେ ପରିବା ମଣ୍ଡିରେ ଜୁଆଡ୍ଡିଙ୍କ ଭିଡ଼ ଜମୁଛି। ସେମାନେ କରେଣ୍ଟ କାଟି ଦେଇ ଜୁଆ ଖେଳୁଛନ୍ତି। ପିସିଆର୍ ଏହି ଅନ୍ଧାରୁଆ ଅଞ୍ଚଳକୁ ଆଦୌ ଆସୁନାହିଁ।

# କାଠଯୋଡ଼ିରେ ବୁଡ଼ି ଛାତ୍ର ମୃତ

କଟକ,୧୬।୫(ସମିସ): କାଠଯୋଡ଼ି ନଦୀରେ ପୁଣି ଏକ ଅଘଟଣ ଘଟିଛି। ଗାଧୋଇବା ବେଳେ ନଦୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ଜଣକ ହେଲେ, କେଶରପୁର ଅଞ୍ଚଳର ସେକ ସରଫରାଜ(୧୨)। ଏନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

ପୁଲିସ ସୂଚନା ଅନୁସାରେ, ଶନିବାର ଅପରାହ୍ନରେ କେଶରପୁର ଅଞ୍ଚଳର ୪ ଜଣ ସ୍କୁଲ ପିଲା ଗାଧୋଇବା ପାଇଁ କାଠଯୋଡିକୁ ଯାଇଥିଲେ। ସିଟି କଲେଜ ସମ୍ମୁଖ ନଦୀରେ ପଶିଥିଲେ। ମାତ୍ର ପାଣିର ଧାର ନଦୀ ଆରପଟ କାଜିପାଟଣାଠାରୁ କିଛି ଦୂରରେ ରହିଥିଲା। ତେଣୁ ୪ ଜଣ ଛାତ୍ର ବାଲିରେ ଚାଲିଚାଲି ପାଣି ଧାର ପାଖରେ ପହଞ୍ଚିଥିଲେ। ସେଠାରେ କିଛି ସମୟ ଗାଧୋଇଲା ବେଳେ ହଠାତ ସରଫରାଜ ପାଣି ଧାରର ଭିତରକୁ ପଳାଇଥିଲେ। ସେଠାରେ ପାଣି ଗଭୀର ଥିବା ସେ ଜାଣିପାର ନଥିଲେ। ଗଭୀର ଜଳରେ ସେ ବୁଡି ଯାଇଥିଲେ। ଅନ୍ୟ ସାଙ୍ଗମାନେ ସେଠାରେ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ମାତ୍ର ସେମାନେ ସରଫରାଜକୁ ଉଦ୍ଧାର କରିପାରିନଥିଲେ। ଫଳରେ କିଛି ସମୟ ମଧ୍ୟରେ ସରଫରାଜ ବୁଡିଯାଇଥିଲେ। ତେବେ ନଦୀ କୂଳଠାରୁ ବହୁ ଦୂରରେ ଗାଧୋଉଥିବାରୁ ପୁଲିସ କିମ୍ବା ଅଗ୍ନିଶମ କର୍ମଚାରୀଙ୍କୁ ତୁରନ୍ତ ଖବର ଦେବା ସମ୍ଭବ ହୋଇନଥିଲା। କାଠଯୋଡି ଟିଂବନ୍ଧକୁ ଆସି ସେହି ଛାତ୍ରମାନେ ଲୋକଙ୍କୁ ଜଣାଇବାରୁ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦିଆଯାଇଥିଲା। ଅଗ୍ନିଶମ ଟିମ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲା। କିଛି ସମୟ ପରେ ପାଣି ଭିତରୁ ସରଫରାଜକୁ ଉଦ୍ଧାର କରାଯାଇଥିଲା। ତୁରନ୍ତ ଏସସିବି ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କାଠଯୋଡି ପାଣି ଧାରରେ ଯେଉଁଠି ଛାତ୍ର ଜଣକ ବୁଡିଥିଲେ ତାହା କଟକ ସଦର ଥାନା ଅଧିନରେ ରହିଛି। ତେଣୁ ଘଟଣା ନେଇ ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ପୁଲିସ ଓ ପ୍ରଶାସନ ପକ୍ଷରୁ ବାରମ୍ବାର ଅନୁରୋଧ କରାଯାଉଛି ଯେ ଛୋଟ ପିଲାଙ୍କୁ ନଦୀକୁ ନଛାଡିବାକୁ। ମାତ୍ର ପ୍ରାୟ ସବୁଦିନ ଛୋଟପିଲା ନଦୀକୁ ଯାଉଥିବାରୁ ବାରମ୍ବାର ଏଭଳି ଅଘଟଣ ଘଟୁଛି।

# ଏଲ୍‌ଆଇସି କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ



କଟକ,୧୬।୫(ସମିସ): ମଙ୍ଗଳାବାଗ ଥାନା ମଙ୍ଗଳାବାଗ-ମାଛୁଆବଜାର ଅଞ୍ଚଳରେ ରହିଥିବା ଏଲ୍‌ଆଇସି କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ ଘଟି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ୧୫ରୁ ଅଧିକ କମ୍ପ୍ୟୁଟର, ୪ଟି ଏସି ଏବଂ ଇଲେକ୍ଟ୍ରିକ୍ ୱେୟାରିଂ ଭସ୍ମୀଭୂତ ହୋଇଯାଇଛି। କୌଣସି ଲୋକ ମୃତାହତ ହୋଇ ନଥିବା ବେଳେ ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯାଇଥିଲା। ରାତି ୧ଟା ୪୫ରେ ଏଲଆଇସି କାର୍ଯ୍ୟାଳୟର ଗ୍ରାଉଣ୍ଡ ଫ୍ଲୋର୍‌ରେ ସର୍ଟସର୍କିଟ୍ ହୋଇଥିଲା। ଏହାପରେ ପ୍ରଚଣ୍ଡ ଶବ୍ଦ ହେବା ସହିତ ତଳ ମହଲାଟି ହୁ ହୁ ହୋଇ ଜଳିବାରୁ କାର୍ଯ୍ୟରତ ସିକ୍ୟୁରିଟି କାର୍ଡ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଦେଢ଼ ଘଣ୍ଟା ଧରି ଝରକା ଓ କବାଟ ବାଟେ ପାଣି ମାଡ଼ କରାଯାଇଥିଲା। ସେତେବେଳକୁ ସମ୍ପୂର୍ଣ୍ଣ ଭାବେ ସମସ୍ତ ଅଫିସ ସାମଗ୍ରୀ ପୋଡ଼ି ଯାଇଥିଲା ବୋଲି ବକ୍ସିବଜାର ଦମକଳ କେନ୍ଦ୍ରର ଆସିଷ୍ଟାଣ୍ଟ ଫାୟାର୍ ଅଫିସର ପ୍ରଶାନ୍ତ ଧଳ ସୂଚନା ଦେଇଛନ୍ତି।

## ମେଧାବୀ ଛାତ୍ରୀ ଶୁଭଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧନା

କଟକ,୧୬।୫(ସମିସ): ଗରଦପୁର ଅଞ୍ଚଳର ମେଧାବୀ ଛାତ୍ରୀ ଶୁଭଲକ୍ଷ୍ମୀ ନାୟକଙ୍କୁ ବସନ୍ତପୁରର ଶ୍ରୀ ଶ୍ରୀ ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ତେଣ୍ଡାକୁଡା ଫଜଲ୍ ହକ୍ ଉଚ୍ଚବିଦ୍ୟାଳୟର ଏହି ଛାତ୍ରୀ ଜଣକ ଏ-୧ ଗ୍ରେଡ୍ ପାଇ ଉତ୍ତୀର୍ଣ୍ଣ ହେବା ସହ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ଉତ୍ତରୀୟ ଓ ପୁରସ୍କାର ପ୍ରଦାନ କରାଯାଇଛି। ସାଇ ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା ଟ୍ରଷ୍ଟି ଡଃ ରୁଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ରଙ୍କ ସମେତ ଚଣ୍ଡିପ୍ରସାଦ ମହାନ୍ତି, ଅଶ୍ୱିନୀ ରାୟ, ସ୍ୱରୂପ ମହାନ୍ତି, ରଂଜିତ ମହାନ୍ତି, ଧୀରେନ ମହାରାଜ, ଯଦୁନାଥ ଦାଶ, ସଂଯୁକ୍ତା ବିଶ୍ୱାଳ ଓ କମଳ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## ● କାଠମାଣ୍ଡୁରେ ୧୧ତମ ସାଉଥ ଏସିଆନ୍ ଗେମ୍ସ

# ଭାରତୀୟ ଟେନିସ ଭଲିବଲ ଟିମ୍‌ରେ ଓଡ଼ିଶାରୁ ୩ ଜଣ

କଟକ,୧୬।୫(ସମିସ): ଚଳିତ ମେ ମାସ ୧୯ରୁ ୨୩ ପର୍ଯ୍ୟନ୍ତ ନେପାଳର କାଠମାଣ୍ଡୁଠାରେ ୧୧ତମ ସାଉଥ ଏସିଆନ୍ ଗେମ୍ସ ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ସହିତ ଅନ୍ୟାନ୍ୟ ଦକ୍ଷିଣ ଏସିଆ ଦେଶମାନେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ପାଇଁ ଭାରତୀୟ ଟେନିସ ଭଲିବଲ ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ବେଦାନ୍ତ ବିଦ୍ ମହାନ୍ତି, ସତ୍ୟଜିତ ସାହୁ ଏବଂ ରିତେଶ କୁମାର ପ୍ରଧାନ। ସେହିପରି ଭାରତୀୟ ଦଳର ମୁଖ୍ୟ କୋଚ୍ ଭାବେ ଓଡ଼ିଶା ଟେନିସ ଭଲିବଲ ଆସୋସିଏସନ୍‌ର ସଦସ୍ୟ ସ୍ମୃତିରଞ୍ଜନ ମହାପାତ୍ର ଦଳ ସହିତ ଯାତ୍ରା କରିବେ। ଏହି ସଫଳତା ପାଇଁ ଓଡ଼ିଶା ଟେନିସ ଭଲିବଲ ଆସୋସିଏସନ୍‌ର ଚେୟାରମ୍ୟାନ ରାୟ ଗୁରୁ ମହାପାତ୍ର, ସଭାପତି ସଞ୍ଜୟ କୁମାର ଜେନା, ସମ୍ପାଦକ ଅର୍ଣ୍ଣବ କୁମାର ସିଙ୍ଗା, କୋଷାଧ୍ୟକ୍ଷ ଶଶିକାନ୍ତ ନାୟକ, ସଂଗଠନ ସମ୍ପାଦକ ସଞ୍ଜୀବ ସାହୁ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଓଡ଼ିଶାର ଖେଳାଳି ଓ ଭାରତୀୟ ଦଳର କୋଚ୍‌ଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# ବିଦ୍ୟୁତ ଆଘାତରେ ଜଣେ ଗୁରୁତର

କଣ୍ଟାପଡ଼ା, ୧୬।୫(ସମିସ): ଗୋବିନ୍ଦପୁର ଥାନା ଅନ୍ତର୍ଗତ ପୋସ୍ତଳ ପଞ୍ଚାୟତ ବଳଦା ବାରିକସାହି ନିକଟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ଗୁରୁତର ଯୁବକ ଜଣକ ହେଲେ ଧଉଳି ଥାନାସ୍ଥିତ ଧଉଳି ଗ୍ରାମର ଶିବପ୍ରସାଦ ସାହୁ (୩୦)। ପ୍ରଥମେ ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡମେଡିକାଲ ପଠାଯାଇଛି। ବଳଦା ଗ୍ରାମରେ ଡ୍ରାମା ପରିବେଷଣ ପାଇଁ ସାଇଲୋ ଝାରପଡା ଅଞ୍ଚଳର ଚିତ୍ରାଳୟ ମାଲିକ ସମସ୍ତ ଜିନିଷପତ୍ର ଏକ ମିନିଟ୍ରକରେ ନେଇ ଫେରୁଥିଲେ। ବଳଦା ବାରିକ ସାହି ନିକଟରେ ୧୧ କେଭି ବିଦ୍ୟୁତ ତାର ନଇଁ ପଡିଥିବାରୁ ଚିତ୍ରାଳୟ କର୍ମଚାରୀ ଶିବପ୍ରସାଦ ଏକ ବାଉଁଶରେ ତାରଟିକୁ ଟେକି ଟ୍ରକକୁ ପାରି କରିବାକୁ ଉଦ୍ୟମ କରୁଥିଲେ। ଟ୍ରକଟି ସେଠାରୁ ପଳାଇ ଯାଇଥିଲା ମାତ୍ର ଶିବପ୍ରସାଦ ଉଚ୍ଚଶକ୍ତି ସଂପନ୍ନ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ।

## ୮୩ତମ ଐତିହାସିକ ଭଞ୍ଜ ଜୟନ୍ତୀ ଉଦ୍‌ଘାଟିତ

# ଓଡ଼ିଆ ଅସ୍ମିତାର କେନ୍ଦ୍ରବିନ୍ଦୁ ଥିଲେ ଉପେନ୍ଦ୍ର ଭଞ୍ଜ

କଟକ, ୧୬।୫(ସମିସ): ଉପେନ୍ଦ୍ର ଭଞ୍ଜ ଓଡ଼ିଆ ଜାତି ଅସ୍ମିତାର କେନ୍ଦ୍ରବିନ୍ଦୁ। ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ପାଇଁ ତାଙ୍କ ଅବଦାନ ଅତୁଳନୀୟ ବୋଲି ଶନିବାର ସନ୍ଧ୍ୟା କଳିଙ୍ଗ ଭାରତୀ, ଉତ୍କଳ ଛାତ୍ର ସାହିତ୍ୟ ସମାଜ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଅନୁଷ୍ଠିତ ୮୩ତମ ଐତିହାସିକ ଭଞ୍ଜ ଜୟନ୍ତୀକୁ ଉଦଘାଟନ କରି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଓ ଅନ୍ୟାନ୍ୟ ବିଶିଷ୍ଟ ବକ୍ତା ଓ ଗବେଷକମାନେ ମତ ବ୍ୟକ୍ତ କରିଛନ୍ତି। କଟକ ମିସନ୍ ରୋଡସ୍ଥିତ ଭଞ୍ଜ ମଣ୍ଡପଠାରେ କଳିଙ୍ଗ ଭାରତୀର ସଭାପତି ଡ଼ଃ ଶୈଳେଶ୍ୱର ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଭଞ୍ଜ ଗବେଷକ ଡକ୍ଟର ଶାନ୍ତନୁ କୁମାର ରଥ ମୁଖ୍ୟବକ୍ତା ଭାବରେ "ଓଡ଼ିଆ ଭାଷା ସାହିତ୍ୟର ଅସ୍ମିତାରେ ଭଞ୍ଜ' ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। କଳିଙ୍ଗ ଭାରତୀ ଦ୍ୱାରା ସାରଳା ଦାସଙ୍କ ଯୁଗଠାରୁ ରୀତିଯୁଗର କବ୍ୟକୁ ନେଇ ସଂକଳିତ ସମିକ୍ଷା ପୁସ୍ତକ "ଓଡ଼ିଆ କାବ୍ୟଧାରା'ର ଦ୍ୱିତୀୟ ଭାଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଡାକ୍ତର ଅଂଶୁମାନ କର କଳିଙ୍ଗ ଭାରତୀର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂପାଦକ ସିଦ୍ଧାର୍ଥ ଶଙ୍କର ମହାନ୍ତି ବିବରଣୀ ପାଠ କରିଥିଲେ। ସଭାରେ ସଙ୍ଗଠନ ସମ୍ପାଦକ ଶକ୍ତି ଶଙ୍କର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଉପସଭାପତି, ରାଜଲକ୍ଷ୍ମୀ ମହାନ୍ତି, ରଞ୍ଜିତ୍ କର, ସାଗରିକା ପ୍ରହରାଜ, ଡ. ଆନୁପ ମାର୍ଥା, ସତ୍ୟଗୋପାଳ ପରିଜା, ସୁବାସ ପ୍ରଧାନ ପରିଚାଳନା କରିଥିଲେ। ଅପରାହ୍ନରେ ଦୀନବନ୍ଧୁ ରଙ୍ଗଲତା ନନ୍ଦ ସ୍ମାରକୀ ଓଡ଼ିଆ ବୀର ପୋଷାକ ପରିଧାନ ଓ ଅଭିନୟ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବରେ ପ୍ରତିଭା ଶତପଥୀ ଓ ଡାକ୍ତର ଶୁଭ ସୁଧା ପ୍ରିୟଦର୍ଶିନୀ ମୂଲ୍ୟାୟନ କରିଥିଲେ। ପ୍ରାରମ୍ଭରେ ତନ୍ମୟ ହୋତାଙ୍କ ନିର୍ଦ୍ଦେଶନାରେ ସମବେତ ଭଞ୍ଜ ସଙ୍ଗୀତ ପରିବେଷଣ ହୋଇଥିଲା।




# ସତ୍ୟବାନଙ୍କ ପାଇଁ ବ୍ରତ ପାଳିଲେ ସାବିତ୍ରୀ







କଟକ,୧୬।୫(ସମିସ):

ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟାରେ ସତ୍ୟବାନଙ୍କ ପାଇଁ ବ୍ରତ ପାଳିଲେ ସାବିତ୍ରୀ। ଏଥିପାଇଁ ସହରର ମନ୍ଦିରଗୁଡ଼ିକ ଆଜି ହୋଇଥିଲା ଚଳଚଞ୍ଚଳ। ବିଭିନ୍ନ ଶୈବପୀଠ ସହିତ ଅନ୍ୟାନ୍ୟ ଦେବାଳୟରେ ଶ୍ରଦ୍ଧାଳୁ ମହିଳାଙ୍କ ଲାଗିଥିଲା ଲମ୍ବା ଧାଡ଼ି। ମନ୍ଦିରଗୁଡ଼ିକରେ ଭୋର ସମୟରୁ ମହିଳାମାନେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା। ଦିନ ତମାମ ଉପବାସ ରହି ବିବାହିତ ମହିଳାମାନେ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରି ବ୍ରତ ପରିଧାନ କରି ଓଷା ପାଳନ କରିଥିଲେ। ବିବାହିତ ମହିଳାଙ୍କ ଶ୍ରେଷ୍ଠ ବ୍ରତ ହେଉଛି ସାବିତ୍ରୀ। ପୁରାଣ ମତ ଅନୁସାରେ, ଶାଲ୍ୱ ଦେଶର ରାଜା ଦ୍ୟୁମତ ସେନ୍‌ଙ୍କ ପୁତ୍ର ଥିଲେ ସତ୍ୟବାନ। ତାଙ୍କ ପତ୍ନୀ ସାବିତ୍ରୀଙ୍କ ଏକାଗ୍ରତା, ପବିତ୍ରତା ଓ ଧର୍ମ ଆଗରେ ଦିନେ ହାର ମାନିଥିଲେ ମୃତ୍ୟୁର ଦେବତା ଜମରାଜ। ପତ୍ନୀ ସାବିତ୍ରୀଙ୍କ ପାଇଁ ସ୍ୱାମୀ ସତ୍ୟବାନ ପୁର୍ନଜୀବନ ଫେରି ପାଇଥିଲେ। ଏଣୁ ପ୍ରତି ଜ୍ୟେଷ୍ଠ ମାସର ଅମାବାସ୍ୟା ଦିନ ସଧବା ନାରୀ ସାବିତ୍ରୀ ବ୍ରତ ପାଳନ କରିଥାନ୍ତି।

ବିବାହିତ ମହିଳାମାନେ ପୂଜା ସାରି ମଥାରେ ପୂଜା ସିନ୍ଦୁର, ହାତରେ ନୂଆ ଶଙ୍ଖା, ଚୁଡି ଏବଂ ରଙ୍ଗବେରଙ୍ଗର ଶାଢ଼ୀ ପରିଧାନ କରି ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ତାଙ୍କ ଆଶୀର୍ବାଦ ନେଇଥିଲେ। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହରରେ ସାବିତ୍ର ଉତ୍ସବ ପାଳନ କରାଯାଇଛି। ଅନ୍ୟପଟେ କଟକସହରର କିନ୍ନରମାନଙ୍କ ପକ୍ଷରୁ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଏହି ଅବସରରେ ବହୁ କିନ୍ନର କଲେଜଛକଠାରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ।

**ଭଞ୍ଜନଗର ଠାକୁରାଣୀ ଯାତ୍ରା**

# ବାପଘରେ ସାବିତ୍ରୀ ପାଳିଲେ ବ୍ୟାଘ୍ର ଦେବୀ

ଭଞ୍ଜନଗର,୧୬।୫(ସମିସ):

ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା। ଗତ ଗୁରୁବାର ଠାରୁ ଶନିବାର ଯାଏଁ ୩ ଦିନ ଥିଲା ମା'ଙ୍କ ବିଶ୍ରାମ ଦିବସ। ଶୁକ୍ରବାର ସଂକ୍ରାନ୍ତି ତିଥିରେ ମା'ଙ୍କ ପୀଠରେ ଶାନ୍ତି ହୋମ ସଂପନ୍ନ ହୋଇଥିଲା। ଶନିବାର ଏହି ପୀଠରେ ରାଜ ରାଜେଶ୍ୱରୀ ମାଆ ବ୍ୟାଘ୍ର ଦେବୀ ବାପଘରେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ଏଥିପାଇଁ ଶନିବାର ମା'ଙ୍କ ଯାତ୍ରା ପୀଠରେ ମହିଳାଙ୍କ ଉପସ୍ଥିତି ଅଧିକ ଥିଲା। ଜଗତଜନନୀ ମାଆ ବ୍ୟାଘ୍ର ଦେବୀଙ୍କ ବିଜେ ପ୍ରତିମାକୁ ଏକ ସୁସଜ୍ଜିତ ଖଟୁଲିରେ ସ୍ଥାପିତ କରାଯାଇଥିଲା। ମାଆଙ୍କୁ ନୂତନ ବସ୍ତ୍ରରେ ସଜ୍ଜିତ କରାଯାଇ ବାପଘର ଭାବେ ଯାତ୍ରା କମିଟି ପକ୍ଷରୁ ସମସ୍ତ ନୀତି କାନ୍ତି ସଂପାଦିତ କରାଯାଇଥିଲା। ମାଆଙ୍କ ସହ ସାବିତ୍ରୀ ବ୍ରତ ପାଳନ ପାଇଁ ବ୍ରତ ଧାରୀ ମହିଳାଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡିଓ ଭାରତୀ ଦେବୀ, ବିଧାୟକ ଓ ଉପଜିଲ୍ଲାପାଳଙ୍କ ଧର୍ମପତ୍ନୀଙ୍କ ସହ ହଜାରରୁ ଊର୍ଦ୍ଧ୍ୱ ମହିଳା ଏଠାରେ ବ୍ରତ ପାଳନ କରିଥିଲେ। ସେହିପରି ସଂକ୍ରାନ୍ତି ତିଥିରେ ବହୁ ବିଶିଷ୍ଟ ବ୍ରାହ୍ମଣ ପଣ୍ଡିତ ମାନଙ୍କ ଦ୍ୱାରା ଶାନ୍ତି ହୋମ ସଂପାଦିତ ହୋଇଥିଲା। ଯଜ୍ଞ କର୍ତ୍ତା ଭାବେ ଯାତ୍ରା କମିଟି ସଭାପତି ରାଜେନ୍ଦ୍ର କୁମାର ବିଷୋୟୀଙ୍କ ସହ ପରମ୍ପରା ପ୍ରକାରେ ଶାନ୍ତି ହୋମର ପ୍ରଥମ ପୁରୋହିତ ପରିବାରର ସଦସ୍ୟ ଭାବରେ ସନ୍ତୋଷ କୁମାର ତିଆଡି ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୂର୍ଯ୍ୟ ପୂଜା ସହ ବେଦାଚାର୍ଯ୍ୟ ଆଲୋକ ନାଥ କର ଙ୍କ ଦ୍ୱାରା ଚଣ୍ଡୀ ପାଠ ନୀତି ସମ୍ପାଦିତ ହୋଇଥିଲା। ମଧ୍ୟାହ୍ନରେ ବିଶିଷ୍ଟ ପଣ୍ଡିତ ଜୟକୃଷ୍ଣ ମିଶ୍ର, ପଣ୍ଡିତ ଉପେନ୍ଦ୍ର ମିଶ୍ର, ଆକାଶ ନୃପତି ହୋତା, ତପନ କୁମାର ନନ୍ଦ, ପ୍ରତାପ ଦାଶ, ତପନ କୁମାର ଦାଶ, ଅନୀଲ କୁମାର ଶତପଥୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ପୁରୋହିତ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯାତ୍ରା କମିଟି ଉପସଭାପତି ମୁରଲୀଧର ପଣ୍ଡା, ସଦସ୍ୟ ପ୍ରଫୁଲ୍ଲ କୁମାର ମିଶ୍ର ଓ ଜ୍ଞାନ ମହାପାତ୍ର ପ୍ରମୁଖ ଯଜ୍ଞାହୂତି ପ୍ରଦାନ କରିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ତହସିଲଦାର ଅଭିପ୍ସା ପଟ୍ଟନାୟକ, ବିଡିଓ ଭାରତୀ ଦେବୀଙ୍କ ସମେତ ଯାତ୍ରା କମିଟିର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ କୁ ଟୁନା ଜେନା ଓ କୈଳାସ ଚନ୍ଦ୍ର ଗୌଡ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ମେଲୋଡିରେ ଦୁଲୁକିଥିଲା କବିସମ୍ରାଟ ରଙ୍ଗମଞ୍ଚ। ଶନିବାର ସନ୍ଧ୍ୟାରେ ବଲାଙ୍ଗୀରର କଣ୍ଠଶିଳ୍ପୀ ରୁକ୍ ସୁନା ଓ ସଞ୍ଜୁ ମହାନ୍ତିଙ୍କ ଆରକେ ରକ୍ ଷ୍ଟାର ଅର୍କେଷ୍ଟ୍ରାରେ ଝୁମିଥିଲେ ଯୁବବର୍ଗ।



# ପୁରୁଷୋତ୍ତମପୁରରେ ସାବିତ୍ରୀ ପୂଜା

ପୁରୁଷୋତ୍ତମପୁର,୧୬।୫(ସମିସ): ପୁରୁଷୋତ୍ତମପୁରରେ ସାବିତ୍ରୀ ପୂଜା ଦେଖିବାକୁ ମିଳିଥିଲା। ପୁରୁଷୋତ୍ତମପୁର ବ୍ଲକର ସମସ୍ତ ଗାଁ, ସାହିରେ ସାଧବା ନାରୀ ମାନେ ନିଜ ନିଜ ଘରେ ସାବିତ୍ରୀ ପୂଜା କରୁଥିବା ବେଳେ କିଛି ଶିବ ମନ୍ଦିରରେ ସାମୁହିକ ଭାବେ ମଧ୍ୟ ସାବିତ୍ରୀ ପୂଜାର ଆୟୋଜନ ହୋଇଥିଲା । ମହିଳା ମାନେ ନୂଆ ଲୁଗା ପିନ୍ଧି ବିଭିନ୍ନ ଫଳ ଓ ଫୁଲକୁ ଧରି ସତ୍ୟବାନ ସାବତ୍ରୀଙ୍କୁ ପୂଜାର୍ଚ୍ଚନା କରୁଛନ୍ତି। ପୌରାଣିକ ଗାଥା ଅନୁସାରେ ଯେଉଁଭଳି ଭାବେ ସାବିତ୍ରୀ ପୂଜା କରି ନିଜ ସ୍ୱାମୀ ସତ୍ୟବାନଙ୍କୁ ମୃତ୍ୟୁମୁଖର ଫେରାଇ ଆଣିଥିଲେ । ଠିକ ସେହିପରି ନିଜ ସ୍ୱାମୀର ଦୀର୍ଘାୟୁ କାମନା କରିବା ସହିତ ନିଜ ପରିବାରର ମଙ୍ଗଳ କାମନା କରି ସଧାବା ନାରୀ ମାନେ ପୂଜା କରିଛନ୍ତି।



## ରମ୍ଭା ଅଞ୍ଚଳରେ ସାବିତ୍ରୀ ପୂଜା

ରମ୍ଭା,୧୬।୫(ସମିସ): ଶନିବାର ଦିନ ରମ୍ଭା ସାବୁଲିଆ ଅଞ୍ଚଳ ସମେତ ପୁରପଲ୍ଲୀରେ ସାବିତ୍ରୀ ବ୍ରତ ପାଳିତ ହୋଇଯାଇଛି। ମା, ମାଉସୀ, ଭଉଣୀ ମାନେ ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ପୂଜା ସାମଗ୍ରୀ ଧରି ପୂଜା ପୀଠରେ ଧାଡି ବାନ୍ଧି ଠିଆ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ସତ୍ୟବାନ ସାବିତ୍ରୀଙ୍କୁ ପୂଜା ପାଠ ସାଙ୍ଗକୁ ଉପବାସ ବ୍ରତ ମହିଳା ମାନଙ୍କ ମଧ୍ୟରେ ଯେତିକି ଉତ୍ସାହ ପରିଲକ୍ଷିତ ହୋଇଥିଲା ଅନ୍ୟପଟେ ପୁରୋହିତ ମାନଙ୍କର ଦକ୍ଷିଣା ଉପବାସ ମହିଳାଙ୍କୁ ଅଝଟ କରୁଥିବା ଲକ୍ଷ୍ୟ କରାଯାଇଥିଲା। ସାବିତ୍ରୀ ବ୍ରତ କରୁଥିବା ମହିଳା ଉପବାସ କରିବା ପାଇଁ ସବୁ ଫଳମୂଳର ଆବଶ୍ୟକତା ଜରୁରୀ ହୋଇଥିବାରୁ ଏହାର ସୁଯୋଗ ନେଇ ବ୍ୟବସାୟୀ ମାନେ ସତ୍ୟବାନ ମାନଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଥିଲେ। ଡହ ଡହ ଖରା ସାଙ୍ଗକୁ ଗୁଳୁଗୁଳି ଭିତରେ ମହିଳା ମାନେ ମନ୍ଦିର ମାନଙ୍କରେ ଲାଇନ ଲଗାଇ ଭିଡରେ ଜମି ରହିଥିଲେ।

**ଜେଲ୍‌ରେ ସାବିତ୍ରୀବ୍ରତ ପାଳିଲେ ଅନ୍ତେବାସୀ**

## ଜେଲ୍‌ରେ ଥିବା ସ୍ୱାମୀକୁ ସାବିତ୍ରୀ ଭୋଗ ଦେଲେ ୩୪ ମହିଳା

ବ୍ରହ୍ମପୁର,୧୬।୫(ସମିସ): ଆଜି ହେଉଛି ପବିତ୍ର ସାବିତ୍ରୀ ବ୍ରତ। ସ୍ୱାମୀଙ୍କ ଦୀର୍ଘାୟୁ କାମନାକରି ସ୍ତ୍ରୀମାନେ ଏହି ପୂଜା କରିଥାନ୍ତି। ହତ୍ୟା, ହତ୍ୟା ଉଦ୍ୟମ, ଠକେଇ,ଦୁଷ୍କର୍ମ ମାମଲା ଭଳି ବିଭିନ୍ନ ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି। ଆଜି ବ୍ରହ୍ମପୁର ଜେଲ ଭିତରେ ୪ଜଣ ମହିଳା କଏଦୀମାନେ ଜେଲ ଭିତରେ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହାସହ ୩୪ଜଣ ପୁରୁଷ ଅଭିଯୁକ୍ତଙ୍କ ସ୍ତ୍ରୀ ତଥା ସାବିତ୍ରୀ ଆଜି ଜେଲକୁ ଆସି ସାବିତ୍ରୀ ବ୍ରତପାଳନ କରିଥିବା ସୂଚନା ଦେଇଛନ୍ତି ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗେଡ଼ାମାଝୀ। ଶାଢ଼ୀ, ଶଙ୍ଖା, ସିନ୍ଦୁର ଓ ଫଳମୂଳ ଆଣୀ ନିଜ ନିଜର ବ୍ରତ ପାଳନ କରିଛନ୍ତି। ସେହିପରି କିଛି ମହିଳା ନିଜ ଜେଲରେ ଥିବା ସ୍ୱାମୀଙ୍କୁ ପାଇଁ ଫଳମୂଳ ଓ କିଛି ସାବିତ୍ରୀ ସାମଗ୍ରୀ ପଠାଇଥିବା ଜେଲ ସୂତ୍ରରୁ ଜଣାପଡିଛି।

**ନାବାଳିକାକୁ ଦୁଷ୍କର୍ମ ଘଟଣା**

## ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

ଯାଜପୁର, ୧୬।୫(ସମିସ): ଧରମ ଝିଅକୁ ୫ମାସ ଗର୍ଭବତୀ କରି ୨୦ବର୍ଷ ପାଇଁ ଜେଲ ଗଲେ ଦିବ୍ୟାଙ୍ଗ ଧରମ ବାପା। ନାବାଳିକାକୁ ଦୁଷ୍କର୍ମ ଘଟଣାର ଦିବ୍ୟାଙ୍ଗ ଅଭିଯୁକ୍ତଙ୍କୁ ଏଭଳି କାରାଦଣ୍ଡାଦେଶ ଶୁଣାଇଛନ୍ତି ଯାଜପୁର ପୋକ୍ସୋ ସ୍ୱତନ୍ତ୍ର କୋର୍ଟ। ୨୦୨୫ ମସିହା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳର ଶାରୀରିକ ଭିନ୍ନକ୍ଷମ ଅର୍ଜୁନ ବେହେରା ସେହି ଅଞ୍ଚଳର ଜନୈକ ୧୫ବର୍ଷୀୟ ନାବାଳିକାକୁ ଧରମ ଝିଅ ସମ୍ପର୍କ ଲଗାଇ ଘର କାର୍ଯ୍ୟରେ ସାହାଯ୍ୟ କରିବାକୁ ଘରକୁ ଡାକି ନାବାଳିକା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ ଭୟରେ ଏ କଥା କାହାକୁ କହିପାରୁ ନଥିଲେ। ହଠାତ ପୀଡ଼ିତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ଯାଇଥିଲେ। ସେଠାରେ ସେ ୫ମାସର ଗର୍ଭବତୀ ଥିବା ଡାକ୍ତରଙ୍କ ଠାରୁ ପରିବାରବର୍ଗ ଜାଣିବାକୁ ପାଇଥିଲେ। ଏ ନେଇ ଧର୍ମଶାଳା ଥାନାରେ ପୀଡ଼ିତାଙ୍କ ପରିବାର ବର୍ଗ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତ ଅର୍ଜୁନକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଯାଜପୁରର ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ। ୯ ଜଣଙ୍କ ସାକ୍ଷକୁ ଗ୍ରହଣ କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି।

## ୱାରେଣ୍ଟି ଗିରଫ

ବୁଗୁଡା,୧୬।୫(ସମିସ): ପୁଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ମେ ୫ ତାରିଖରୁ ୱାରେଣ୍ଟି ଧରପଗଡ ଚାଲିଥିବା ବେଳେ ଜଣେ ୱାରେଣ୍ଟିକୁ ବୁଗୁଡା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି। ଗିରଫ ୱାରେଣ୍ଟି ଜଣକ ହେଲେ ଖରିଡା ଗ୍ରାମର ଟୁକୁନା ବିଷୋୟୀ (୩୭)। ଚାରି ବର୍ଷ ତଳେ ଘରୋଇ କଳି ଘଟଣାରେ ଜଡିତ ଥିବା ଟୁକୁନା ଫେରାର ରହିଥିବା ବେଳେ ତାଙ୍କରି ବିରୋଧରେ ଜିଆର୍ କେସ୍ ନଂ ୨୦୭/୨୦୨୨ରେ ଏକ ମାମଲା ରହିଥିଲା। ଏହି ୱାରେଣ୍ଟି ଧରପଗଡ ଅଭିଯାନରେ ଏଏସଆଇ ସୁମନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ସାମିଲ ଥିଲେ।

**ବ୍ରହ୍ମପୁରରେ ଆଇପିଏଲ ବେଟିଂ /**

## ପୁଲିସ କବଜାରେ ପୁଣି ୨ ବୁକି

ବ୍ରହ୍ମପୁର,୧୬।୫(ସମିସ): ବର୍ତ୍ତମାନ ଆଇପିଏଲ ଖେଳ ଚାଲିଛି। ବ୍ରହ୍ମପୁର ସହରରେ ଚାଲିଛି ଆଇପିଏଲ ବେଟିଂ। ସକ୍ରିୟ ହୋଇ ରହିଛି ପୁଲିସ। ପୁଲିସ ଲଗାତାର ଭାବେ ୪ରୁ ଊର୍ଦ୍ଧ୍ୱ ବୁକିଙ୍କୁ ଗିରଫ କରି ପ୍ରାୟ ୪୮ ଲକ୍ଷ ଟଙ୍କା ଫ୍ରିଜ କରିବା ସହ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ,ଏକାଧିକ ନାମିଦାମୀ ମୋବାଇଲ ଜବତ ହୋଇଛି।

ବର୍ତ୍ତମାନ ପୁଲିସର ସ୍ୱତନ୍ତ୍ର ଟିମ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ମୋବାଇଲ ଟ୍ରାକିଂ କରି ବହୁ ତଥ୍ୟ ହାସଲ କରିଛି। ପୁଲିସ ହାତରେ ଲାଗିଲା ବୁକିଙ୍କ ଲମ୍ବା ତାଲିକା। ନମସ୍ତେ ଗ୍ରୁପର ମୁଖ୍ୟ ବର୍ତ୍ତମାନ ସହର ଛାଡ଼ିଥିବା ଶୁଣିବାକୁ ମିଳୁଥିବା ବେଳେ ପୁଲିସ ସ୍କାନରେ ରହିଛନ୍ତି ଏକାଧିକ ବୁକି।

**ଲକ୍ଷାଧିକ ଟଙ୍କାର ନାମିଦାମୀ ମୋବାଇଲ, ଅଳଙ୍କାର, ଗାଡ଼ି, ଜବତ**

**ପୁଲିସ ହାତରେ ଲାଗିଛି ବୁକିଙ୍କ ଲମ୍ବା ତାଲିକା**

ବୁକିଙ୍କୁ ଧରିବା ପାଇଁ ପୁଲିସ ଏବେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଛି। ଗୋଟିଏ ବୁକିକୁ ଧରିଲେ ସେହି ବୁକି ଅନ୍ୟ ବୁକିର ନା କହୁଛି। ଯାହା ଫଳରେ ପୁଲିସ ପାଖରେ ରହିଥିବା ବୁକି ତାଲିକାର ସଂଖ୍ୟା ବୃଦ୍ଧି ପାଉଛି। ଆଜି ବୈଦ୍ୟନାଥପୁର ଥାନା ପୁଲିସ ରଞ୍ଜନ ସାହୁ ଓ ତାର ସହଯୋଗୀ ବୁକିଙ୍କୁ ଉଠାଇ ଆଣୀ ଥାନାରେ ଅଟକ ରଖି ଜେରା କରୁଛି। ଜେରା ବେଳେ ସେମାନଙ୍କ ବିଭିନ୍ନ ବେଆଇନ ଲିଙ୍କ ସହ ଜଡିତ ଥିବା ଜଣାପଡିଛି। ଏହାସହ ପୁଲିସ ରଞ୍ଜନ ଓ ତାଙ୍କ ସହଯୋଗୀଙ୍କ ମୋବାଇଲ ଜବତ କରିବା ସହ ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଜବତ କରିଛି। ଏହାସହ ପୁଲିସ ଖବରୀଙ୍କ ଠାରୁ ପୁଲିସ ତଥ୍ୟ ହାସଲ କରି ସନ୍ଦେହରେ ବହୁ ଯୁବକକୁ ଥାନାକୁ ଉଠାଇ ଆଣି ଯାଞ୍ଚ କରୁଛି। ଯାହାର ସମ୍ପୃକ୍ତି ରହିଥିଲେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରୁଛି। ନିକଟରେ ବ୍ରହ୍ମପୁର ପୁଲିସ ପ୍ରାୟ ୫ ଜଣ ବୁକିକୁ ଗିରଫ କରି ଏକାଧିକ ମୋବାଇଲ ଓ ଲକ୍ଷାଧିକ ଟଙ୍କା ଜବତ କରିଛି।

**ସବୁଜ ଶକ୍ତି ପ୍ରୋତ୍ସାହନକୁ ବ୍ୟାପକ କରୁଛି ଟିପିଏସ୍‌ଓଡିଏଲ୍**

# ଦକ୍ଷିଣ ଓଡ଼ିଶାରେ 'ସୌର ମାସ' ଅଭିଯାନ

ବ୍ରହ୍ମପୁର,୧୬।୫(ସମିସ):

ଭାରତ ସରକାରଙ୍କ ନୂତନ ଏବଂ ନବୀକରଣ ଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ (ଏମ୍‌ଏନ୍‌ଆର୍‌ଇ)ର "ସୌର ମାସ" ତଥା ମନ୍ଥ ଅଫ୍ ସୋଲାର ଅଭିଯାନ ଅବସରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ସମଗ୍ର ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଏହି ପଦକ୍ଷେପରେ ଏକୀକୃତ ହୋଇ ଟିପିଏସ୍‌ଓଡିଏଲ୍ ତରଫରୁ ଅଂଶୀଦାର ଏବଂ ଭେଣ୍ଡର ମାନଙ୍କ ସହ ଏକ ମିଟିଂର ଆୟୋଜନ ହୋଇଛି। ଯେଉଁଥିରେ ରୁଫ୍ ଟପ୍ ସୋଲାର ସ୍ଥାପନର ପ୍ରକ୍ରିୟାକୁ ସରଳୀକରଣ ଏବଂ ଗ୍ରାହକ ସେବାକୁ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖା ଯାଇଛି। ଏଥିରେ ମୋଟ୍ ୩୦ଜଣ ସୋଲାର ଭେଣ୍ଡର, ଟିପିଏସ୍‌ଓଡିଏଲର ବରିଷ୍ଠ ଅଧିକାରୀମାନେ ଏବଂ ଗ୍ରାମୀଣ ବିଦ୍ୟୁତୀକରଣ ନିଗମ (ଆର୍‌ଇସି)ର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏ ଅବସରରେ ଅଂଶୀଦାରମାନଙ୍କ ସହ ସମନ୍ୱୟ ବୃଦ୍ଧି, ରୁଫ୍ ଟପ୍ ସୋଲାର ସ୍ଥାପନର ପ୍ରକ୍ରିୟାକୁ ସରଳୀକରଣ, ଅଧିକ ଉପଭୋକ୍ତାଙ୍କୁ ଏଥିରେ ସାମିଲ କରିବା ପାଇଁ ଉତ୍ସାହିତ କରିବା ତଥା ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ଆପଣାଇବା ପାଇଁ ପିଏମ୍ ସୂର୍ଯ୍ୟ ଘର ମୁଫତ୍ ବିଜୁଳି ଯୋଜନା ଏବଂ ୟୁଏଲ୍‌ଏ ମଡେଲକୁ ଅଧିକ ବ୍ୟାପକ କରିବା ପାଇଁ ଆଲୋଚନା ହୋଇଛି।




ସୌର ଶକ୍ତି ଆପଣାଉଥିବା ଉପଭୋକ୍ତାମାନେ ସେମାନଙ୍କର ବିଦ୍ୟୁତ ବିଲରେ ହ୍ରାସ ଏବଂ ପରିବେଶ ସୁରକ୍ଷା ଦିଗରେ ବିଶେଷ ଭୂମିକା ନିର୍ବାହ କରୁଛନ୍ତି। ୟୁଏଲ୍‌ଏ ମଡେଲ ଉପଭୋକ୍ତାଙ୍କ ପାଇଁ ଅଧିକ ସୁଲଭ ହୋଇ ପାରିଛି ଯାହା ମାତ୍ର ୧୮ ୭୫ଟଙ୍କାରେ ସମ୍ଭବ। ଯେଉଁଥିରେ ୧ କିଲୋୱାଟର ସୌର ପ୍ୟାନେଲ ସ୍ଥାପନ କରିବାକୁ ଉପଭୋକ୍ତାମାନେ ସମର୍ଥ ହେବା ସହ ଏହି ସୁବିଧା ଅଧିକ ଘରୋଇ ଉପଭୋକ୍ତାଙ୍କୁ ସ୍ୱଚ୍ଛ ଶକ୍ତି ଆପଣାଇବା ପାଇଁ ଉତ୍ସାହିତ କରୁଛି। "ସୌର ମାସ" ଅବସରରେ ଟିପିଏସ୍‌ଓଡିଏଲ୍ ସମଗ୍ର ଦକ୍ଷିଣ ଓଡିଶାରୁ ଏକ ଉତ୍ସାହଜନକ ପ୍ରତିକ୍ରିୟା ପାଇଛି। କେବଳ ଏହି ସୌର ମାସ ତଥା ମ୍‌ଇ ମାସରେ ଟିପିଏସ୍‌ଓଡିଏଲ୍ ୧୨,୬୫୮ ରୁଫ୍ ଟପ୍ ସୋଲାର ପାଇଁ ଆବେଦନ ପାଇଛି। ତନ୍ମଧ୍ୟରୁ ୧୨୫୩ଟି ଆବେଦନ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ପାଇଁ ରହିଥିବା ବେଳେ ୧୧,୪୦୫ଟି ଆବେଦନ ୟୁଏଲ୍‌ଏ ମଡେଲ ଅଧୀନରେ ରହିଛି। ୟୁଏଲ୍‌ଏ ମଡେଲରେ ଫୁଲବାଣୀ ଜିଲ୍ଲା ୪,୭୭୧ ଆବେଦନ ସହିତ ସର୍ବାଗ୍ରେ ରହିଥିବା ବେଳେ ତା' ପଛକୁ ୨,୯୮୯ ଆବେଦନ ସହିତ ନବରଙ୍ଗପୁର ଜିଲ୍ଲା ରହିଛି। ଏହି ରେକର୍ଡ ନମ୍ବର ଦର୍ଶାଏ ଯେ, ଏକ ସ୍ଥିର ଶକ୍ତିକୁ ଆପଣାଇବା ପାଇଁ ବର୍ଦ୍ଧିତ ଉପଭୋକ୍ତାଙ୍କ ଆଗ୍ରହ ଏବଂ ଉତ୍ସାହ। ଏହା ମଧ୍ୟ ଟିପିଏସ୍‌ଓଡିଏଲର ସ୍ୱଚ୍ଛ, ସୁଲଭ ଏବଂ ଦକ୍ଷିଣ ଓଡ଼ିଶାର ପ୍ରତିଟି ଘରକୁ ଭରସାଯୋଗ୍ୟ ଶକ୍ତି ଯୋଗାଇବା ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି।

- ମନ୍ଥ ଅଫ୍ ସୋଲାରରେ ୧୨,୬୫୮ ରୁଫ୍ ଟପ୍ ସୋଲାର ପାଇଁ ଆବେଦନ
- ମାତ୍ର ୧୮ ୭୫ ଟଙ୍କାରେ ୟୁଏଲ୍‌ଏ ମଡେଲ ଅଧୀନରେ ୧ କିଲୋୱାଟର ସୌର ପ୍ୟାନେଲ ସ୍ଥାପନ ହୋଇଛି ଅଧିକ ସୁଲଭ
- ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାରେ ୧୧,୦୦୦ରୁ ଅଧିକ ଉପଭୋକ୍ତା ସୌର ଶକ୍ତିକୁ ଆପଣାଇଛନ୍ତି
- ଟିପିଏସ୍‌ଓଡିଏଲ୍ ତରଫରୁ ସୌର ପ୍ୟାନେଲ ସ୍ଥାପନର ପ୍ରକ୍ରିୟାକୁ ସରଳୀକରଣ ଓ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଅଂଶୀଦାର ଓ ଭେଣ୍ଡର ମିଟ୍ ଆୟୋଜିତ

ସମଗ୍ର ଦକ୍ଷିଣ ଓଡିଶାରେ ପିଏମ୍ ସୂର୍ଯ୍ୟ ଘର ମୁଫତ ବିଜୁଳି ଯୋଜନା ଅଧୀନରେ ପ୍ରାୟ ୫୦,୦୦୦ ଉପଭୋକ୍ତା ସୌର ଶକ୍ତିକୁ ଆପଣାଇବା ପାଇଁ ଆବେଦନ କରିଛନ୍ତି। ସେଥିରୁ ୧୧,୦୦୦ ଉପଭୋକ୍ତା ସଫଳତାର ସହ ନିଜ ଘର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ସାରିଛନ୍ତି, ଯାହା ଏକ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଏବଂ ସବୁଜ ଶକ୍ତିର ବ୍ୟବହାର ପ୍ରତି ଥିବା ମହତ୍ୱପୂର୍ଣ୍ଣ ଯୋଗଦାନକୁ ଦର୍ଶାଏ। ମୋଟ ୧୧ହଜାର ଉପଭୋକ୍ତା ଯେଉଁମାନେ ରୁଫ୍ ଟପ୍ ସୋଲାର ସ୍ଥାପନ କରି ସାରିଛନ୍ତି ସେଥିରୁ ୬,୩୯୧ଜଣ ଉପଭୋକ୍ତା ଉଭୟ କେନ୍ଦ୍ରୀୟ ଆର୍ଥିକ ସହାୟତା (ସିଏଫ୍‌ଏ) ଏବଂ ରାଜ୍ୟ ଆର୍ଥିକ ସହାୟତା (ଏସ୍‌ଏଫ୍‌ଏ) ପାଇ ସାରିଛନ୍ତି। ଯାହା ଦକ୍ଷିଣ ଓଡିଶାରେ ସୌର ଶକ୍ତିର ବ୍ୟାପକତାକୁ ବଳ ଯୋଗାଉଛି।

ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, "ମନ୍ଥ ଅଫ୍ ସୋଲାର୍" ହେଉଛି ସଚେତନତା ସୃଷ୍ଟି କରିବା ଏବଂ ଗ୍ରାହକଙ୍କୁ ସବୁଜ ଶକ୍ତି ସମାଧାନ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଏଥିପାଇଁ ଟିପିଏସ୍‌ଓଡିଏଲ୍ ପ୍ରକ୍ରିୟାକୁ ସରଳ କରି, ଭେଣ୍ଡର୍ ସମନ୍ୱୟ ମଜଭୁତ୍ କରି ଏବଂ ସମୟୋଚିତ ସହାୟତା ନିଶ୍ଚିତ କରି ପ୍ରତ୍ୟେକ ଗ୍ରାହକଙ୍କ ସୋଲାର୍ ଯାତ୍ରାରେ ସମର୍ଥନ ଯୋଗାଇବା ପାଇଁ ପ୍ରତିବଦ୍ଧ। ରୁଫ୍‌ଟପ୍ ସୋଲାର୍ କେବଳ ଗ୍ରାହକଙ୍କ ବିଦ୍ୟୁତ ବିଲ୍ କମାଇବାରେ ସହାୟକ ହେଉନାହିଁ ବରଂ ଦକ୍ଷିଣ ଓଡ଼ିଶା ପାଇଁ ଏକ ସବୁଜ ଏବଂ ଶକ୍ତି-ସୁରକ୍ଷିତ ଭବିଷ୍ୟତର ଗଠନ ଦିଗରେ ଯୋଗଦାନ ଦେଉଛି। ଟିପିଏସ୍‌ଓଡିଏଲ୍ ତା'ର କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ସଚେତନତା ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମ ଜାରି ରଖିଛି। ଯାହା ନବୀକରଣଯୋଗ୍ୟ ଶକ୍ତି ଆପଣାଇବା ପାଇଁ ପ୍ରୋତ୍ସାହନ ଜାରି ରଖିବା ଏବଂ ଭାରତ ସରକାରଙ୍କ ସବୁଜ ଓ ସ୍ୱଚ୍ଛ ଶକ୍ତିର ବିକାଶକୁ ସମର୍ଥନ ଯୋଗାଏ।

# ଚିତାବାଘର ଚମଡ଼ା ଜବତ; ୩ ଗିରଫ

ବ୍ରହ୍ମପୁର,୧୬।୫(ସମିସ)



## ବନ୍ଧୁକଧାରୀ ଫେରାର

ଚିତାବାଘ (କଲରାପତରିଆ) ଚମଡ଼ା ଜବତ ଘଟଣାରେ ଜରଡ଼ା ଥାନା ପୁଲିସ ତିନି ଅଭିଯୁକ୍ତ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ (୪୭), ବରଡ ଗାଁର ଗଞ୍ଜୁ ରଇତ (୬୦) ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡି (୨୫)। ଗିରଫ ଅଭିଯୁକ୍ତଙ୍କ ଠାରୁ ଗୋଟିଏ ଚିତାବାଘର ଚମଡ଼ା, ଦୁଇଟି ଜୀବନ୍ତ ବୋମା, ଗୋଟିଏ ଖଣ୍ଡା, ଛୁରୀ ଓ ଲୁହା ରୋଡ଼ ଜବତ ହୋଇଥିବା ନେଇ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ତେବେ କଲରାପତରିଆ ବାଘକୁ ଅଭିଯୁକ୍ତମାନେ କେଉଁଠି ହତ୍ୟା କରିଥିଲେ ଓ କିଏ କିଏ ହତ୍ୟା କରିଛନ୍ତି, କେଉଁଠି ବିକ୍ରି କରିଥାନ୍ତେ ନା ଆଉ କଣ ରହସ୍ୟ ରହିଛି ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି ପୁଲିସ। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତକାଲି ଅପରାହ୍ନ ସମୟରେ ଜରଡା ଥାନା ଅଧିକାରୀ ମିନାକ୍ଷୀ ଦଳ ବେହେରା ଏକ ବିଶ୍ୱସ୍ତସୂତ୍ରରୁ ଖବର ପାଇଥିଲେ କି ଧାନବାଡ ଆଙ୍କୁଲି ଜଙ୍ଗଲରେ କଲରାପତରିଆ ବାଘ ଚମଡ଼ା ବିକ୍ରି ନେଇ କିଛି ବ୍ୟକ୍ତି ଯୋଜନା କରୁଛନ୍ତି। ଏ ବିଷୟରେ ସେ ଉପରିସ୍ଥ ଅଫିସରଙ୍କୁ ଜଣାଇବା ପରେ ଦିଗପହଣ୍ଡି, ଚିକିଟି ଓ ଜରଡ଼ା ଥାନାର କିଛି ଅଫିସରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଚିକିଟି ଏସଡିପିଓ ବିଶ୍ୱମିତ୍ର ହରପାଲଙ୍କ ନେତୃତ୍ୱରେ ଜରଡା ଥାନା ପୁଲିସ ଓ ଚିକିଟି ଫାଣ୍ଡି ପୁଲିସ ଓ ଦିଗପହଣ୍ଡିର ଜଣେ ଏସଆଇ ମିଳିତ ଭାବେ ଆଙ୍କୁଲି ଜଙ୍ଗଲରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୪ଜଣ ବ୍ୟକ୍ତି ପାହାଡ଼ ଉପରେ ଥିବା ଜଙ୍ଗଲ ଆଡକୁ ଦୌଡୁଥିବାର ପୁଲିସ ଦେଖି ତୁରନ୍ତ ସେମାନଙ୍କ ପିଛା କରିଥିଲା। ପିଛା କରିବାର କିଛି ସମୟ ମଧ୍ୟରେ ଅଭିଯୁକ୍ତମାନେ ପୁଲିସ କର୍ମଚାରୀଙ୍କୁ ଜୋରଜବରଦସ୍ତ ଠେଲାଠେଲି କଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଖଣ୍ଡା ଦେଖାଇ ପୁଲିସ ଅଧିକାରୀଙ୍କୁ ହତ୍ୟା କରିବାକୁ ଧମକ ଦେଲେ। ଏପରିକି ବୋମା ପକାଇ ପୁଲିସ ଉପରକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ବନ୍ଧୁକଧାରୀ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଅନ୍ୟ ତିନି ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାରେ ସକ୍ଷମ ହେଲା। ଗିରଫ ଅଭିଯୁକ୍ତ ମାନେ ହେଲେ ଗଜପତି ଜିଲ୍ଲା ରାମଗିରି ଥାନା ଅନ୍ତର୍ଗତ ଚାଚାଡଖଟା ଗାଁର ଗୋବିନ୍ଦ ଚନ୍ଦ୍ର ନାୟକ, ବରଡ ଗାଁର ଗଞ୍ଜୁ ରଇତ ଓ ମଙ୍ଗରାଜପୁର ଗାଁର ରିତୁନ ବଡମୁଣ୍ଡି। ଏହାପରେ ଘଟଣାସ୍ଥଳରୁ ଏକ ପାଟ୍ ବ୍ୟାଗ ଉଦ୍ଧାର କରାଯାଇଥିଲା। ଯେଉଁଥିରେ ଗୋଟିଏ ଚିତାବାଘର ପୂର୍ଣ୍ଣ ଆକାରର ଚମଡ଼ା ଏବଂ ଦୁଇଟି ଜୀବନ୍ତ ହାତ ତିଆରି ବୋମା ଥିଲା। ଅଭିଯୁକ୍ତମାନଙ୍କର ବ୍ୟକ୍ତିଗତ ତଲାସୀ ସମୟରେ ପୂର୍ଣ୍ଣ ଆକାରର ଚିତାବାଘ ଚମଡ଼ା ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ସେମାନଙ୍କ ନିକଟରୁ ମିଳିଥିଲା। ଆଜି ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପିଙ୍କ ସମେତ ଚିକିଟି ଏସଡ଼ିପିଓ ବିଏମ୍ ହରପାଲ୍, ଜରଡ଼ା ଆଇଆଇସି ମିନାକ୍ଷୀଦଳ ବେହେରା, ଚିକିଟି ଫାଣ୍ଡିଅଧିକାରୀ ଗୌତମ ସାହୁ, ଦିଗପହଣ୍ଡି ଥାନାର ଏସଆଇ ରାଜ୍ କିଶୋର ପାତ୍ରଙ୍କ ସମେତ ବହୁ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଜାଲିଆତି କରି ଜମି ଠକେଇ; ଦଲାଲ୍ ଗିରଫ

ବ୍ରହ୍ମପୁର,୧୬।୫(ସମିସ): ଜାଲିଆତି କରି ଜମି ଠକେଇ କରିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ବ୍ରଜନଗରର ରାଜୀବ କୁମାର ତ୍ରିପାଠୀ (୫୨)। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ମୃତ୍ୟୁ ପ୍ରମାଣପତ୍ର, ଜେନେରାଲ୍ ପାୱାର ଅଫ୍ ଆଟର୍ଣ୍ଣି ଆଦି ଦଲିଲ ଜବତ କରିଛି।



ସୂଚନାଯୋଗ୍ୟ ଯେ, ଲୋଚାପଡାର ବି.ନରଶିଙ୍ଗ ପାତ୍ରଙ୍କ ମା' ବି କସ୍ତୁରୀ ପାତ୍ରଙ୍କ ନାମରେ ଭାବିନିପୁର ମୌଜାରେ ଏକ ଜମି ଥିଲା ତାହା ବିକ୍ରି କରିବା ପାଇଁ ତାଙ୍କ ମାଆ ପାୱାର ଅଫ୍ ଆଟର୍ଣ୍ଣି ରାଜୀବ ତ୍ରିପାଠୀଙ୍କୁ ଦେଇଥିଲେ। ପାୱାର ଅଫ୍ ଆଟର୍ଣ୍ଣି କରିବା ପୂର୍ବରୁ ଅଭିଯୁକ୍ତ ରାଜୀବ ତ୍ରିପାଠୀ ପ୍ରତି ଭରଣା ପିଛା ୧୦ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି କରିଥିଲେ। କିନ୍ତୁ ପାୱାର ଅଫ୍ ଆଟର୍ଣ୍ଣି କରିବାର ତିନି ମାସ ପରେ ତାଙ୍କ ମାଆଙ୍କ ମୃତ୍ୟୁ ହୋଇଯାଇଥିଲା। ଅଭିଯୁକ୍ତ ରାଜୀବ ତ୍ରିପାଠୀ ପାୱାର ଅଫ୍ ଆଟର୍ଣ୍ଣି କସ୍ତୁରୀଙ୍କ ମୃତ୍ୟୁ ପରେ ତାହା ଅଚଳ ହୋଇଯାଇଥିବା ଜାଣିଥିଲେ ମଧ୍ୟ ଅଭିଯୋଗକାରୀଙ୍କ ସହ ନୂଆ ପାୱାର ଅଫ୍ ଆଟର୍ଣ୍ଣି କରିନଥିଲେ। କିଛିବର୍ଷ ପରେ ଅଭିଯୋଗକାରୀ ଉକ୍ତ ଜମି ବିକ୍ରି କରିବାକୁ ଚାହିଁବା ବେଳେ ଜାଣିବାକୁ ପାଇଲେ ଯେ ଅଭିଯୁକ୍ତ ରାଜୀବ ତ୍ରିପାଠୀ ଜାଲିଆତି କରି ତାଙ୍କ ମା'ଙ୍କ ନାମରେ ଥିବା ସମସ୍ତ ଜମି ବିକ୍ରି କରି ଦେଇଛନ୍ତି। ରାଜୀବ ସେ ତାଙ୍କ ମା'ଙ୍କ ନାମରେ ଥିବା ଜମି ଜାଲିଆତି କରି ଠକେଇ କରିଥିବା ନେଇ ନରଶିଙ୍ଗ ଥାନାରେ ଅଭିଯୋଗ କରିଥିଲେ।

### ଯୁବକକୁ ମାରପିଟ କରି ଓଭରବ୍ରିଜ୍ ଉପରୁ ତଳକୁ ଠେଲିଦେବା ଘଟଣା

## ଦୁଇ ଅଟକ; ମୁଖ୍ୟ ଅଭିଯୁକ୍ତ ଫେରାର

ବ୍ରହ୍ମପୁର,୧୬।୫(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଖୋଡାସିଂ ଓଭରବ୍ରିଜ ଉପରୁ ଜଣେ ଯୁବକକୁ ମାରପିଟ କରି ବ୍ରିଜ ତଳକୁ ଠେଲି ଦେଲେ ଆକ୍ରମଣକାରୀମାନେ।



ଗୁରୁତର ହୋଇଥିବା ଯୁବକ ଜଣକ ବଡ଼ ବଜାର ଥାନା ଅଧିନ ଧାନମେରା ସାହିର ଶ୍ୟାମ ବେହେରା(୧୮)। ପୁଲିସ ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସୁମନ ଓ ତାର ସହଯୋଗୀମାନେ ଫେରାର ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଆଜି ସକାଳ ପ୍ରାୟ ସାଢେ ୬ ଟା ସମୟରେ ଶ୍ୟାମ ବେହେରା ନିଜ ସାଙ୍ଗ ସହ ଏକ ସ୍କୁଟି ନମ୍ବର ଓଡ଼ି ୦୭ ଏବି ୭୮୮୫ ରେ ଗୋପାଳପୁର ଅଭିମୁଖେ ଯାଉଥିଲେ। ସେହି ସମୟରେ ଲାଞ୍ଜିପଲ୍ଲୀ ଅଂଚଳର ଦୀପ ସାହି ୨ ଜଣ ଯୁବକ ଆସି ଶ୍ୟାମ ଓ ସାଙ୍ଗକୁ ଅଟକାଇ ଥିଲେ। ଶ୍ୟାମର ସାଙ୍ଗକୁ ସେଠାରୁ ମାରପିଟ କରି ସେଠାରୁ ଚାଲିଯିବାକୁ କହିଥିଲେ। ପରେ ଅନ୍ୟ ୨ ସହଯୋଗୀ ସେଠାରେ ପହଞ୍ଚି ଶ୍ୟାମକୁ ମାରପିଟ କରିବା ସହ ୨ ଟି ଆଇ ଫୋନ, ୧୫ ଶହ ଟଙ୍କା ଓ ରୂପା ଚେନ ଛଡାଇ ନେବା ସହ ମାରପିଟ କରି ବ୍ରିଜ ଉପରରୁ ତଳକୁ ଠେଲି ଦେଇଥିଲେ। ବ୍ରିଜି ଉପରରୁ ତଳକୁ ଶ୍ୟାମ ପଡିବା ପରେ ଗୁରୁତର ଆହତ ହୋଇଥିଲେ। ବ୍ରିଜ ଉପରରୁ ତଳକୁ ଠେଲି ଦେବା ଫଳରେ ଶ୍ୟାମ ଗୁରୁତର ଆହତ ହୋଇଥିଲା। ଉକ୍ତ ଓଭରବ୍ରିଜ ତଳେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖି ଲୋକେ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ମେଡିକାଲ ନେଇଥିଲେ। ଶ୍ୟାମଙ୍କ ଗୋଡ଼ର ହାଡ଼ ଭାଙ୍ଗିବା ସହ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବାରୁ ଶୀତଳାପଲ୍ଲୀ ସ୍ଥିତ ଏକ ଘୋରେଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଶ୍ୟାମଙ୍କ ବଡ଼ ଭାଇ ଧ୍ରୁବ ବେହେରା ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ ଘଟଣା ସ୍ଥଳରେ ପହଞ୍ଚି ତଦାରଖ କରିବା ସହ ଆହତ ଶ୍ୟାମକୁ ଭେଟିଥିଲେ। ପୁଲିସ ଶ୍ୟାମଙ୍କ ସ୍କୁଟିକୁ ଜବତ କରିବା ସହ ଶ୍ୟାମ କିପରି ବ୍ରିଜ ତଳକୁ ଗଲେ ସେ ନେଇ ସିସି ଫୁଟେଜ ଯାଞ୍ଚ କରିବା ସହ ଶ୍ୟାମଙ୍କ ବୟାନ ରେକର୍ଡ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଏହି ଭଳି ଘଟଣା ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣାରେ କିଛି ପେସାଧାର ଅପରାଧୀଙ୍କ ସମ୍ପୃକ୍ତି ରହିଛି। ବର୍ତ୍ତମାନ ପୁଲିସ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଛି। ଖୁବଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବ ବୋଲି ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେମ ଏମ୍ ସୂଚନା ଦେଇଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଦୀପ ସାହି ବାସିନ୍ଦା ସୁମନ ବୋଲି ଶୁଣିବାକୁ ମିଳୁଛି। ଏଏସପି ଆଲୋକ ଜେନାଙ୍କ ସମେତ ଗୋପାଳପୁର ଓ ବୈଦ୍ୟନାଥପୁର ଥାନାର ବହୁ ଅଫିସର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

# ବିଭିନ୍ନ ସ୍ଥାନରେ ସାବିତ୍ରୀ ବ୍ରତ

ବ୍ରହ୍ମପୁର,୧୬।୫(ସମିସ)



ପବିତ୍ର ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ବ୍ରହ୍ମପୁର ସହରର ପ୍ରତ୍ୟେକ ସାହିରେ ଆଧାତ୍ମିକ ପରିବେଶ ଦେଖାଦେଇଛି। ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ସ୍ତ୍ରୀ'ମାନେ ପବିତ୍ର



ସାବିତ୍ରୀ ବ୍ରତ ପାଳୁଛନ୍ତି। ଲକ୍ଷ୍ମୀ ନାରାୟଣଙ୍କୁ ପୂଜା କରି ସ୍ୱାମୀଙ୍କ ମଙ୍ଗଳ କାମନା କରିଛନ୍ତି। ସାବିତ୍ରୀଙ୍କ ପତିଭକ୍ତିକୁ ମନେ ପକାଇ ପୂଜାର୍ଚ୍ଚନା କରିଛନ୍ତି। ଶନିବାର କିଛି ମହିଳା ମନ୍ଦିରରେ ଓ ଆଉ କେହି ଘରେ ପୂଜା କରିଛନ୍ତି। ଓଡିଆ ଘରର ପରମ୍ପରା ଅନୁସାରେ ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା ପାଇଁ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ହିନ୍ଦୁ ମହିଳାମାନେ ପ୍ରତିବର୍ଷ ଏହି ଦିନକୁ ବଡ଼ ଉତ୍ସାହର ସହିତ ଅପେକ୍ଷା କରିଥାଆନ୍ତି। ନିଜ ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଏହି ବ୍ରତ କରୁଥିବା ସ୍ତ୍ରୀ'ମାନେ ବିଭିନ୍ନ ପୂଜାପାଠ କରିଛନ୍ତି। ସକାଳେ ସ୍ଥାନୀୟ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ପରେ ପୂର୍ବାହ୍ନରେ ଫଳ ମୂଳ, ପିଠା ପଣା ଆଦି ନୈବେଦ୍ୟ କରି ସାବିତ୍ରୀ ବ୍ରତ ପାଳନ କରିଥିଲେ। ଲକ୍ଷ୍ମୀ ନାରାୟଣଙ୍କୁ ସୁମରଣା କରିବା ସହ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିଥିଲେ। ସେହିଭଳି ସାବିତ୍ରୀ ବ୍ରତ ପୁରାଣ ପାଠ କରିଥିଲେ। ସମସ୍ତେ ନୂତନ ବ୍ରତ ଧାରଣ କରିଥିଲେ। ସହରର କିଛି ସ୍ଥାନରେ ସାମୂହିକ ଭାବେ ପାଳିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିର, ବିଜିପୁର ଜଗନ୍ନାଥ ମନ୍ଦିର, ଉତ୍ତରେଶ୍ୱର ଜଗନ୍ନାଥ ମନ୍ଦିର, ଗାନ୍ଧି ନଗର ସ୍ଥିତ ଜଗନ୍ନାଥ ମନ୍ଦିର, ବୈକୁଣ୍ଠ ନଗର ୨ୟ ଗଳି, କମାପଲ୍ଲୀ, ଗୋଷାଣୀନୂଆଗାଁ, ବଡ଼ ବଜାର, ସାନ ବଜାର, ପୁରୁଣା ବ୍ରହ୍ମପୁର, ଆମ୍ବପୁଆ, ଅର୍ଚ୍ଚନା ବିହାର, ଲାଞ୍ଜିପଲ୍ଲୀ, ଉମାନଗର, ଗଜପତିନଗର ଆଦି ବିଭିନ୍ନ ସ୍ଥାନରେ ସାମୂହିକ ପୂଜାପାଠ ଅନୁଷ୍ଠିତ ହୋଇଛି। ସେହିଭଳି ଘରେ ଓ ମନ୍ଦିରରେ ପୂଜାପାଠ ସରିବା ପରେ ସ୍ୱାମୀଙ୍କୁ ମୁଣ୍ଡିଆ ମାରି ଭୋଗରାଗ ରାଗ ସାରି ବ୍ରତ ସମାପନ କରିଥିବା ଦେଖିବାକୁ ମିଳିଛି। ଅନ୍ୟକିଛି ସ୍ଥାନରେ ଉଭୟ ସ୍ୱାମୀ ଓ ସ୍ତ୍ରୀମାନେ ସମ୍ମିଳିତ ହୋଇ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଛି।

### ସାବିତ୍ରୀ ବ୍ରତ ପାଳିଲେ କିନ୍ନର

ବ୍ରହ୍ମପୁର କିନ୍ନର ସଂଘ ପକ୍ଷରୁ ସହର ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ହୋଇଥିଲା। କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିବା ସହ ବିଶ୍ୱଜନଙ୍କ ସୁଖସମୃଦ୍ଧି କାମନା କରିଥିଲେ। ପ୍ରତିବର୍ଷ ବ୍ରହ୍ମପୁର ସହରର କିନ୍ନରମାନଙ୍କ ପକ୍ଷରୁ ସାବିତ୍ରୀ ବ୍ରତ ପାଳିତ ହୋଇଆସୁଛି। ଚଳିତବର୍ଷ ମଧ ବିଭିନ୍ନ ସ୍ଥାନରେ ହୋଇଥିବା ଦେଖିବାକୁ ମିଳିଛି। କିନ୍ନରମାନେ ଏକତ୍ରିତ ହୋଇ ସାବିତ୍ରୀ ପାଳନ କରିଛନ୍ତି। କିନ୍ନର ମାନେ ସଜେଇ ହେବା ସହ ଭୋଗ ରାଗ ନୈବେଦ୍ୟ ଲଗାଇ ପୂଜା କରିଥିବା ଦେଖିବାକୁ ମିଳିଥିଲା। ନିଜ ଗୁରୁଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ଏମାନେ ଏହି ବ୍ରତ ପାଳନ କରୁଥିବା ଜଣାଯାଇଛି। କାର୍ଯ୍ୟକ୍ରମରେ ସହରର ବହୁ କିନ୍ନର ସାମିଲ ହୋଇ ସାବିତ୍ରୀ ବ୍ରତ ପାଳନ କରିଥିଲେ।



# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ +୩ ବିଜ୍ଞାନ ଫଳାଫଳ: ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗରର ସଫଳତା



ବ୍ରହ୍ମପୁର,୧୬।୫(ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଷଷ୍ଠ ସେମିଷ୍ଟାର +୩ ବିଜ୍ଞାନ ଫଳାଫଳରେ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ଆଣିଛନ୍ତି। କ୍ରମାନ୍ୱୟରେ ୨୦୧୯ ମସିହାରୁ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ସ୍ନାତକର ଗୌରବକୁ ବଜାୟ ରଖିଛନ୍ତି। ବିଗତ ବର୍ଷ ଭଳି ଏହି ବର୍ଷ ମଧ ଏହି ଅନୁଷ୍ଠାନରୁ କମ୍ପ୍ୟୁଟର ବିଜ୍ଞାନ ସମ୍ମାନରୁ ସୁଶ୍ରୀ ବିଷ୍ଣୁପ୍ରିୟା ସାହୁ ୧୩୪୦ ମାର୍କ ରଖି ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ସ୍ଥାନ ଅଧିକାର କରି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଚଳିତବର୍ଷ ଏହି ଅନୁଷ୍ଠାନ ଏକ ଅନନ୍ୟ କୃତିତ୍ୱ ହାସଲ କରି ୫ଟି ସମ୍ମାନ ବିଷୟରେ ବିଦ୍ୟାର୍ଥୀମାନେ ବିଶ୍ୱବିଦ୍ୟାଳୟର ପ୍ରଥମ ର୍‌ୟାଙ୍କ୍ ଅଧିକାର କରିଛନ୍ତି। ୬ଟି ସମ୍ମାନ ବିଷୟ ମଧ୍ୟରୁ ୧୦ନମ୍ବର ର୍‌ୟାଙ୍କ୍ ମଧ୍ୟରେ ଏହି ଅନୁଷ୍ଠାନର ୪୦ଜଣ ବିଦ୍ୟାର୍ଥୀ ନିଜର ଶ୍ରେଷ୍ଠ ଯୋଗ୍ୟତା ପ୍ରତିପାଦନ କରିଛନ୍ତି। କେତେକ ସମ୍ମାନ ବିଷୟରେ କ୍ରମାନ୍ୱୟରେ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ସମସ୍ତ ୧୦ଟି ବେଷ୍ଟ୍ ର୍‌ୟାଙ୍କ୍ ହାସଲ କରି ନୂଆ ଉତ୍ସାହ ଆଣିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି କମ୍ପ୍ୟୁଟର ବିଜ୍ଞାନ ସମ୍ମାନରୁ ସୁଶ୍ରୀ ବିଷ୍ଣୁପ୍ରିୟା ସାହୁ ୧ମ ର୍‌ୟାଙ୍କ୍, ଆୟୁଷ୍ମିତା ପାତ୍ର ୨ୟ ର୍‌ୟାଙ୍କ୍, ସ୍ୱାଗତିକା ସାହୁ ଏବଂ ପାୟଲ୍ ପାତ୍ର ୩ୟ ର୍‌ୟାଙ୍କ୍, ଦୀପ୍ତିମୟୀ ପ୍ରଧାନ ୪ର୍ଥ ର୍‌ୟାଙ୍କ୍, ଅଙ୍କିତା ପଣ୍ଡା ୫ମ ର୍‌ୟାଙ୍କ୍, ଟି. ପ୍ରଣତୀ ପାତ୍ର ୬ଷ୍ଠ ର୍‌ୟାଙ୍କ୍, ଇପ୍‌ସିତା ଦାଶ ଏବଂ ନାରାୟଣ ନାୟକ ୭ମ ର୍‌ୟାଙ୍କ୍, ସଂଜନା ପଣ୍ଡା ୮ମ ର୍‌ୟାଙ୍କ୍, ନିବେଦିତା ମହାପାତ୍ର ୯ମ ର୍‌ୟାଙ୍କ୍ ଏବଂ ସ୍ୱର୍ଣ୍ଣଣିକା ସାହୁ ୧୦ର୍‌ୟାଙ୍କ୍ ହାସଲ କରିଛନ୍ତି। ପଦାର୍ଥ ବିଜ୍ଞାନ ବିଭାଗରୁ ସୁଶ୍ରୀ ସାଲୋନି ଚୌଧୁରୀ ୧ମ ର୍‌ୟାଙ୍କ୍, ଭାଗ୍ୟଶ୍ରୀ ପଣ୍ଡା ୨ୟ ର୍‌ୟାଙ୍କ୍, ରୋକମ୍ କାବ୍ୟା ୪ର୍ଥ ର୍‌ୟାଙ୍କ୍, ସମୀକ୍ଷା ଘୋଡ଼ାଇ ୫ମ ର୍‌ୟାଙ୍କ୍, ଶୁଭାଷିସ ମହାନ୍ତି ୬ମ ର୍‌ୟାଙ୍କ୍ ଏବଂ ଚିନ୍ମୟ ବେହେରା ୮ମ ର୍‌ୟାଙ୍କ୍ ହାସଲ କରିଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗରୁ ସୁଶ୍ରୀ ରୋମ୍ୟା ଦର୍ଶିକା ୧ମ ର୍‌ୟାଙ୍କ୍, ମିତାଲି ପୃଷ୍ଟି ୨ୟ ର୍‌ୟାଙ୍କ୍, ଏ. ସାଇଶ୍ୱରୀ ପାତ୍ର ୩ୟ ର୍‌ୟାଙ୍କ୍, ସ୍ୱାଗତିକା ପଡ଼ିଆଳି ୪ର୍ଥ ର୍‌ୟାଙ୍କ୍, ଏସ୍. ସଂଘମିତ୍ରା ୫ମ ର୍‌ୟାଙ୍କ୍, ସିମ୍ରନ୍ ଜେନା ୭ମ ର୍‌ୟାଙ୍କ, ସ୍ମୃତିଶିଖା ବେହେରା ୮ମ ର୍‌ୟାଙ୍କ ଏବଂ ତନିସାରାଣୀ ସ୍ୱାଇଁ ୯ମ ର୍‌ୟାଙ୍କ୍ ହାସଲ କରିଛନ୍ତି। ଗଣିତ ବିଭାଗରୁ ସୁଶ୍ରୀ ପୂଜାରାଣୀ ସ୍ୱାଇଁ ୧ମ ର୍‌ୟାଙ୍କ୍, ତମନ୍ନା ତ୍ରିପାଠୀ ୨ୟ ର୍‌ୟାଙ୍କ୍ ଏବଂ ଶିବାନୀ ପାଢ଼ୀ ୩ୟ ର୍‌ୟାଙ୍କ୍ ହାସଲ କରିଛନ୍ତି। ଭୂତତ୍ତ୍ୱ ବିଜ୍ଞାନ ବିଭାଗରୁ ସୁଶ୍ରୀ ସ୍ୱରୂପା ମିଶ୍ର ୨ୟ ର୍‌ୟାଙ୍କ୍, ରତ୍ନପ୍ରିୟା ମିଶ୍ର ୩ୟ ର୍‌ୟାଙ୍କ୍ ଏବଂ ଚିନ୍ମୟୀ ପଟ୍ଟନାୟକ ୪ର୍ଥ ର୍‌ୟାଙ୍କ୍ ରଖିଛନ୍ତି। ରସାୟନ ବିଜ୍ଞାନ ବିଭାଗରୁ ଶ୍ରୀମାନ୍ ସୁଚିତ୍ ସ୍ୱାଇଁ ୧ମ ର୍‌ୟାଙ୍କ୍, ଶୁଭମ୍ କୁମାର ପାତ୍ର ୨ୟ ର୍‌ୟାଙ୍କ୍, ମିନର୍ଭା ପାଣିଗ୍ରାହୀ ୩ୟ ର୍‌ୟାଙ୍କ୍, ଆଶୁତୋଷ ପଟ୍ଟନାୟକ ୪ର୍ଥ ର୍‌ୟାଙ୍କ୍, ସୌମ୍ୟାରାଣୀ ପାତ୍ର ୫ମ ର୍‌ୟାଙ୍କ୍, ଉଦିତ୍ ନାରାୟଣ ପଣ୍ଡା ୬ଷ୍ଠ ର୍‌ୟାଙ୍କ୍, ଏସ୍. ତୁଳସୀ ପାତ୍ର ୭ମ ର୍‌ୟାଙ୍କ୍ ଏବଂ କାଳୀପ୍ରସାଦ ନାହାକ ୮ମ ର୍‌ୟାଙ୍କ୍ ହାସଲ କରିଛନ୍ତି। ଏହି ସଫଳତାର ଶ୍ରେୟ ଛାତ୍ରଛାତ୍ରୀମାନଙ୍କର କଠୋର ପରିଶ୍ରମ, ଆତ୍ମବିଶ୍ୱାସ, ଶୃଙ୍ଖଳା, ଶୈକ୍ଷିକ ପରିବେଶ, ଉଚ୍ଚକୋଟୀର ଅଧ୍ୟାପନା, ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କର ଅତୁଳନୀୟ ଉତ୍ସର୍ଗୀକୃତ ପ୍ରଚେଷ୍ଟା ଏବଂ ପରିଚାଳନା ସମିତିର ପ୍ରୋତ୍ସାହନ ଦ୍ୱାରା ସମ୍ଭବ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ସମସ୍ତ ଅଭିଭାବକ ଏବଂ ପରିଚାଳନା ସମିତିର ସଦସ୍ୟମାନେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରିଛନ୍ତି। (ରିପୋର୍ଟ-କ୍ଷୀରସିନ୍ଧୁ)

## ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନେଇ କଂଗ୍ରେସର ବିକ୍ଷୋଭ

ବ୍ରହ୍ମପୁର,୧୬।୫(ସମିସ): ପେଟ୍ରୋଲ, ଡିଜେଲ, ଖାଇବା ତେଲ ସମେତ ଅତ୍ୟାବଶ୍ୟକ ଦର ବୃଦ୍ଧିକୁ ନେଇ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।



ସହରର ପିଭିଏନ ରାଓ ପେଟ୍ରୋଲ ପମ୍ପ ସମ୍ମୁଖରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ ଓ ନେତାମାନେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଲଗାତାର ଇନ୍ଧନ ଦର ବୃଦ୍ଧି ପାଇବାରୁ ସାଧାରଣ ଲୋକଙ୍କ ଉପରେ ଅର୍ଥନୈତିକ ଚାପ ବଢ଼ିଚାଲିଛି। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିର ପ୍ରଭାବ ନିତ୍ୟାବଶ୍ୟକ ସାମଗ୍ରୀର ଦର ଉପରେ ମଧ ପଡୁଥିବାରୁ ସାଧାରଣ ଜନତା ଅସୁବିଧାରେ ପଡୁଛନ୍ତି। ଏହାସହ ତୁରନ୍ତ ଇନ୍ଧନ ଓ ଖାଇବା ତେଲ ଦର ହ୍ରାସ କରିବା କଂଗ୍ରେସ ପକ୍ଷରୁ ଦାବି କରିଛି। ବିକ୍ଷୋଭ ସମୟରେ ଦଳୀୟ କର୍ମୀମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ପ୍ରତିବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ କଂଗ୍ରେସର ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ପୂର୍ବତନ ବିଧାୟକ ଡ଼. ତ୍ରିନାଥ ବେହେରା, ମହିଳା ନେତ୍ରୀ ସୁବାସିନୀ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ତୈଳ ଦରବୃଦ୍ଧି ଓ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ବିକ୍ଷୋଭ

ବ୍ରହ୍ମପୁର,୧୬।୫(ସମିସ)

କମାପଲ୍ଲୀ ଛକରେ ସୋମବାର ସିପିଏମ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ତୁରନ୍ତ ବାତିଲ କରିବା ସହ ତୈଳ ଓ ଗ୍ୟାସ ଯୋଗାଣକୁ ସ୍ୱାଭାବିକ କରିବାକୁ ପ୍ରତିବାଦକାରୀମାନେ ଦାବି କରିଥିଲେ। ଏହାସହ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ସିପିଏମ କର୍ମୀମାନେ କେନ୍ଦ୍ର ସରକାରଙ୍କ ନୀତିକୁ କଟୁ ସମାଲୋଚନା କରିଥିଲେ। ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ସହ ଆଗାମୀ ଦିନରେ ଏଭଳି ଘଟଣା ପୁଣି ନ ଘଟେ, ସେନେଇ କଠୋର ଓ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ବିକ୍ଷୋଭ ସମୟରେ ଦଳୀୟ କର୍ମୀମାନେ ସ୍ଲୋଗାନ ଦେଇ ସରକାରଙ୍କ ବିରୋଧରେ ଆକ୍ରୋଶ ପ୍ରକାଶ କରିଥିଲେ। ମୋଦି ସରକାର କ୍ଷମତାସୀନ ହେବାପରେ ନିଟ ପରୀକ୍ଷାରେ ବାରମ୍ବାର ଘୋଟାଲା ହୋଇଯାଇଛି। ଲକ୍ଷ ଲକ୍ଷ ମେଧାବୀ ଛାତ୍ରଙ୍କ ଭବିଷ୍ୟତକୁ ବଳି ପକାଇ ଡାକ୍ତର ପରିବର୍ତ୍ତେ ଡକାୟତ ସୃଷ୍ଟି କରାଯାଉଛି। ଏଥିରେ ଶିକ୍ଷା ମନ୍ତ୍ରାଳୟ ଓ ଏନଟିଏ ଶିକ୍ଷା ବେପାରୀ ମାନଙ୍କର ଏକ ଅସାଧୁ ମେଣ୍ଟ ସକ୍ରିୟ ହୋଇଥିବା ସିପିଏମ ପକ୍ଷରୁ ଅଭିଯୋଗ କରାଯାଇଛି। ଏନଟିଏକୁ ସ୍ୱଚ୍ଛ ଓ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଉତ୍ତମ ଚିକିତ୍ସା ବ୍ୟବସ୍ଥା ପାଇଁ କେନ୍ଦ୍ର ସରକାରଙ୍କୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ପ୍ରତିବାଦ ସଭାରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ବାବୁଲି ନାୟକ, ଗୋକୁଳ ତ୍ରିପାଠୀ, କେଶବ ଗୌଡ଼, ହରି ନାହାକ, ଚିଟି ବାବୁ, ରାଜରାଓ, ମଧୁ ବେହେରା, ଗୋପାଳ ପାଣିଗ୍ରାହୀ, ପ୍ରଶାନ୍ତ ବିଶୋଇ, ଅଜିତ ପାଣିଗ୍ରାହୀ, ମୋହନ ରାଓ ଓ କାଳି ମିଶ୍ରଙ୍କ ସମେତ ସିପିଏମର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।



## ବରୁଣ୍ଡାଇ ଗାଁରେ ଉତ୍କଟ ପାନୀୟ ଜଳ ସମସ୍ୟା

# ବର୍ଷାଧିକ କାଳ ସରକାରୀ ନଳକୂପ ଅଚଳ







**କୋରେଇ, ୧୬।୫(ସମିସ)**

ପ୍ରତିବର୍ଷ ଖରାଦିନ ପୂର୍ବରୁ ପ୍ରଚଣ୍ଡ ରୌଦ୍ରତାପକୁ ମୁକାବିଲା ବିଶେଷ କରି ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ବାରମ୍ବାର ପ୍ରସ୍ତୁତି ବୈଠକ କରେ ପ୍ରଶାସନ। ଗଣମାଧ୍ୟମରେ ନିଜର ବାହାଦୁରି ଦେଖାଇ ସବୁ କିଛି ଆଗୁଆ ପଦକ୍ଷେପ ନିଆଯାଉଛି ବୋଲି ପ୍ରଚାର ଓ ପ୍ରସାର କରେ। ଅଚଳ ନଳକୂପକୁ ସଜାଡ଼ିବା ଠାରୁ ଆରମ୍ଭ କରି ଆବଶ୍ୟକ ସ୍ଥଳେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯିବାକୁ ବାହାସ୍ଫୋଟ ମାରନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ କିଛି ଓଲଟା ସ୍ଥିତି ଦେଖିବାକୁ ମିଳେ। କାଁ ଭାଁ ଅଚଳ ନଳକୂପକୁ ସଜାଡ଼ି ଦେଇ ନିଜ କାମ ସାରି ଦିଅନ୍ତି ବିଭାଗୀୟ ଅଧିକାରୀ ଓ କର୍ମଚାରୀ। ସାଧାରଣ ଲୋକେ ଯେଉଁ ଅସୁବିଧାକୁ ସେହି ଅସୁବିଧାର ସମ୍ମୁଖିନ ହୋଇଥାନ୍ତି। ଯାହାର ଉଦାହରଣ ଯାଜପୁର ଜିଲ୍ଲା କୋରେଇ ବ୍ଲକ ବରୁଣ୍ଡାଇ ଗାଁରେ ଦେଖିବାକୁ ମିଳିଛି। ଏହି ଗାଁରେ ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗାଁରେ ସରକାରୀ ନଳକୂପ ନାହିଁ ବୋଲି ନୁହେଁ କିନ୍ତୁ ସେହି ନଳକୂପରୁ ଜଳ ବାହାରୁନାହିଁ। ଆଜି ନୁହେଁ କି କାଲି ନୁହେଁ ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ି ରହିଛି ନଳକୂପ। ବାରମ୍ବାର ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବରୁଣ୍ଡାଇ କଲ୍ୟାଣ ମଣ୍ଡପ ନିକଟରେ ଥିବା ସରକାରୀ ନଳକୂପଟି ୨/୩ ବର୍ଷ ଧରି ଅଚଳ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନଥିବା ଗାଁର ସୁଧିର ମହାନ୍ତି ଆମ ପ୍ରତିନିଧିଙ୍କୁ କହିଛନ୍ତି। କେବଳ ଏହି ନଳକୂପ ନୁହେଁ ପାଖ ଗାଁ ବାଙ୍ଗରକୋଟାରେ ମଧ୍ୟ କେତେକ ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଛି। କେତେକ ନଳକୂପର ପ୍ଲାଟଫର୍ମ ମଧ୍ୟ ନଥିବା ଯୋଗୁଁ ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ନଳକୂପ ସଜାଡ଼ିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ କ୍ଷମତା ପଞ୍ଚାୟତ ଓ ବ୍ଲକ ହାତରେ ଥିବା ବେଳେ କାହିଁକି ନଳକୂପ ମରାମତି ହେଉନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ସରକାରୀ ନଳକୂପ ଗୁଡ଼ିକ ଅଚଳ ଥିବାରୁ ବାଧ ହୋଇ ଲୋକେ ଘରୋଇ ନଳକୂପ ଉପରେ ନିର୍ଭର କରୁଛନ୍ତି। ଯାହାକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଛି। ଅନ୍ୟପଟେ ଯଦିଓ ପଞ୍ଚାୟତରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି କିନ୍ତୁ ସବୁ ଅଞ୍ଚଳକୁ ସଠିକ୍ ଭାବେ ପାଣି ପହଞ୍ଚିପାରୁନଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି। କେତେକ ସ୍ଥାନରେ ପାଣି ପାଇପ୍ ଫାଟି ଲିକ ହୋଇଥିବାରୁ ପାଣିର ପ୍ରେସର ହେଉନଥିବାରୁ ସବୁ ଘରେ ପାଣି ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। କେବଳ ବରୁଣ୍ଡାଇ ପଞ୍ଚାୟତର ବରୁଣ୍ଡାଇ, ବାଙ୍ଗରକୋଟା ନୁହେଁ ବରଂ ଉତ୍ତରଖଜିରା, ବିରୁହାଁପଡ଼ା ଏବଂ ଖଜୁରିନାଲୁଆ ଭଳି ଗାଁରେ ମଧ୍ୟ ଅଳ୍ପ ବହୁତ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି। ଏହି ପାନୀୟ ଜଳ ସମସ୍ୟା ନେଇ ନିକଟରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କୋରେଇ ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇ ତୁରନ୍ତ ପାନୀୟ ଜଳ ସମସ୍ୟା ଦୂର ନ ହେଲେ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଥିଲା। ସେହିପରି କୋରେଇ ବ୍ଲକ କଂଗ୍ରେସ ସଭାପତି ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ବସନ୍ତ ସାହୁ, ଗୋପାଳ ସାହୁ, ଚନ୍ଦନ ସାହୁ ପ୍ରମୁଖ ଏକ ପ୍ରତିନିଧି ଦଳ ଜିଲ୍ଲା ପ୍ରଶାସନକୁ ଭେଟି ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ତେଣୁ ବରୁଣ୍ଡାଇ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି।

## ନାବାଳିକାକୁ ଦୁଷ୍କର୍ମ ଘଟଣା

# ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

**ଯାଜପୁର, ୧୬।୫(ସମିସ):** ଧରମ ଝିଅକୁ ୫ମାସ ଗର୍ଭବତୀ କରି ୨୦ବର୍ଷ ପାଇଁ ଜେଲ ଗଲେ ଦିବ୍ୟାଙ୍ଗ ଧରମ ବାପା। ନାବାଳିକାକୁ ଦୁଷ୍କର୍ମ ଘଟଣାର ଦିବ୍ୟାଙ୍ଗ ଅଭିଯୁକ୍ତଙ୍କୁ ଏଭଳି କାରାଦଣ୍ଡାଦେଶ ଶୁଣାଇଛନ୍ତି ଯାଜପୁର ପୋକ୍ସୋ ସ୍ୱତନ୍ତ୍ର କୋର୍ଟ। ୨୦୨୫ ମସିହା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳର ଶାରୀରିକ ଭିନ୍ନକ୍ଷମ ଅର୍ଜୁନ ବେହେରା ସେହି ଅଞ୍ଚଳର ଜନୈକ ୧୫ବର୍ଷୀୟ ନାବାଳିକାକୁ ଧରମ ଝିଅ ସମ୍ପର୍କ ଲଗାଇ ଘର କାର୍ଯ୍ୟରେ ସାହାଯ୍ୟ କରିବାକୁ ଘରକୁ ଡାକି ନାବାଳିକା ସହ ବାରମ୍ବାର ଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ ଭୟରେ ଏ କଥା କାହାକୁ କହିପାରୁ ନଥିଲେ। ହଠାତ ପୀଡ଼ିତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ଡାକ୍ତରଖାନା ଯାଇଥିଲେ। ସେଠାରେ ସେ ୫ମାସର ଗର୍ଭବତୀ ଥିବା ଡାକ୍ତରଙ୍କ ଠାରୁ ପରିବାରବର୍ଗ ଜାଣିବାକୁ ପାଇଥିଲେ। ଏ ନେଇ ଧର୍ମଶାଳା ଥାନାରେ ପୀଡ଼ିତାଙ୍କ ପରିବାର ବର୍ଗ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତ ଅର୍ଜୁନକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଆଜି ଏହି ମାମଲାର ଶୁଣାଣି କରିଛନ୍ତି ଯାଜପୁରର ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ। ୯ ଜଣଙ୍କ ସାକ୍ଷକୁ ଗ୍ରହଣ କରି ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଏଥି ସହିତ ଅନାଦୟ ୨୪ ମାସ ଅଧିକ କାରାଦଣ୍ଡାଦେଶ ସହ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି ଶରତ କୁମାର ଦେହୁରୀ। ଏହି ମାମଲାକୁ ସରକାରୀ ଓକିଲ ଦିଲ୍ଲୀପ ଦାସ ପରିଚାଳନା କରିଛନ୍ତି।

# ତେଜରାତି ଦୋକାନ ସଟର ତାଡ଼ି ଚୋରି

**ଧର୍ମଶାଳା, ୧୬।୫(ସମିସ):** କିଛି ଦିନର ବ୍ୟବଧାନ ପରେ ପୁଣି ଧର୍ମଶାଳା ଥାନା ଅଞ୍ଚଳରେ ଚୋରି ହୋଇଥିବା ଦେଖିବାକୁ ମିଳିଛି। ଏହି ଥାନା ଅଧୀନ କୁମାରୀ ପଞ୍ଚାୟତ ପଣ୍ଡୁଆ ମୌଜାରେ ଥିବା ଏକ ତେଜରାତି ଦୋକାନରେ ଗତକାଲି ବିଳମ୍ବିତ ରାତିରେ ଚୋରମାନେ ସଟର ତାଡି ଦୋକାନରେ କଳକନା ବୁଲାଇଛନ୍ତି। ଅଭିଯୋଗ ମୁତାବକ ପଣ୍ଡୁଆ ମୌଜାରେ ସଞ୍ଜୟ ମହାରଣା ଦୀର୍ଘ ୨୦ବର୍ଷ ହେବ ତେଜରାତି ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଗତକାଲି ରାତି ୧୦ଟା ସମୟରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳୁ ଦେଖନ୍ତି ତ ଦୋକାନର ସଟର ତଡା ଯାଇଛି। ଚୋରମାନେ ଦୋକାନରେ ପଶି ଡ୍ର'ରେ ଥିବା ନଗଦ ୬୦ହଜାର ଟଙ୍କା ସହ ବହୁ ସାମଗ୍ରୀ ଲୁଟି ନେବାରେ ସଫଳ ହୋଇଛନ୍ତି। ଏନେଇ ସଞ୍ଜୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ସାଇନଟିଫିକ ଟିମ୍ ସହାୟତାରେ ତଦନ୍ତ କରିବା ସହ ସେଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଛି। ତେବେ ୨ଜଣ ଦୁର୍ବୃତ୍ତଚୋରିରେ ସମ୍ପୃକ୍ତ ଥିବା ସିସିଟିଭି କ୍ୟାମେରାରେ କଏଦ ହୋଇ ରହିଛି। ଧର୍ମଶାଳା ଅଞ୍ଚଳରେ ସାଦସର୍ବଦା ପୁଲିସ ପାଟ୍ରୋଲିଂ ଚାଲିଥିବା ନେଇ ପୁଲିସ ପକ୍ଷରୁ କୁହାଯାଉଥିବା ବେଳେ ପ୍ରକୃତପକ୍ଷେ ପାଟ୍ରୋଲିଂ ଆଳରେ ପୁଲିସ ବ୍ୟାପକ ଘୋଟାଲା ଚଳାଇଥିବା ଅଭିଯୋଗ ହେଉଛି। ଏଥିପ୍ରତି ଯାଜପୁର ଏସ୍‌ପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## କର୍ଯ୍ୟାଁ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର

# ଶିଳାନ୍ୟାସ ପରେ ବି ଅଟକିଛି କାମ

**କର୍ଯ୍ୟାଁଗୋଲା, ୧୬।୫(ସମିସ):** ଦଶରଥପୁର ବ୍ଲକର ଶେଷ ସୀମା କର୍ଯ୍ୟାଁ ପଞ୍ଚାୟତର କର୍ଯ୍ୟାଁଗୋଲା ଅଞ୍ଚଳରେ ସରକାରୀ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ନିର୍ମାଣ ପାଇଁ ଲୋକଙ୍କ ଦାବି ଜୋର ଧରିଛି। ୨୦୨୧ ଡିସେମ୍ବର ୨୦ରେ ବିଧାୟିକା ପ୍ରମିଳା ମଲ୍ଲିକ ଓ ସେତେବେଳର ସରପଞ୍ଚ ମଞ୍ଜୁଲତା ବାରିକ ଏହି କେନ୍ଦ୍ର ଶିଳାନ୍ୟାସ କରିଥିଲେ। ହେଲେ ୬ ବର୍ଷ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଏହାର ଗୃହ ନିର୍ମାଣ କାମ ଆରମ୍ଭ ହୋଇନାହିଁ। କର୍ଯ୍ୟାଁଗୋଲା ଓ ଏହାର ପାଖ ଭଦ୍ରକ ଜିଲ୍ଲାର ବୋଡ଼କ, ଦମଡା, ସାଟିବାକୁଡା ଭଳି ଗ୍ରାମ ଗୁଡ଼ିକ କୃଷି ପ୍ରଧାନ ଅଞ୍ଚଳ। ଏଠାରେ ଚାଷ ସହ ଗୋମହିଷାଦି ପାଳନ ହିଁ ଲୋକଙ୍କ ମୁଖ୍ୟ ଜୀବିକା। କର୍ଯ୍ୟାଁ, କମାରଡ଼ିହ, ନିଜାମପୁର ସମେତ ଗୁଣ୍ଟୁଲିପଡ଼ା, ଇଚ୍ଛାପୁର, ଧରମପୁର, ଗହୀରାପାଳ, ମାଧପୁର, ମଲ୍ଲିପୁର, ଲକ୍ଷ୍ମୀପୁର, ବଳରାମପୁର, ଦରବା,



ଗରବନ୍ଧ, ଦୁବକଣ, କୁଳସାହି ଆଦି ପ୍ରାୟ ୧୫ଟି ଗାଁର ଦୁଇ ହଜାରୁ ଅଧିକ ଚାଷୀ ପଶୁପାଳନ ଉପରେ ନିର୍ଭର କରନ୍ତି।

ପ୍ରାଣିଧନ ଅସୁସ୍ଥ ହେଲେ ଚାଷୀଙ୍କୁ ବହୁ ଦୂର ଦଶରଥପୁର କିମ୍ବା ଯାଜପୁର ଯାଇ ଚିକିତ୍ସା କରାଇବାକୁ ପଡୁଛି। ଏଥିରେ ସମୟ ଓ ଅର୍ଥ ଉଭୟ ନଷ୍ଟ ହେଉଥିବା ସହ ଅନେକ ପଶୁ ବିନା ଚିକିତ୍ସାରେ ମୃତ୍ୟୁବରଣ କରୁଛନ୍ତି। ପ୍ରଶାସନିକ ଉଦାସୀନତା ଯୋଗୁଁ ଶିଳାନ୍ୟାସ ହୋଇଥିବା ଚିକିତ୍ସାକେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇପାରୁନଥିବା ଅଭିଯୋଗ ଉଠିଛି। ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ମଲ୍ଲିକ କୁହନ୍ତି ଯେ, ଏହି ଚିକିତ୍ସାକେନ୍ଦ୍ରଟି କାର୍ଯ୍ୟକ୍ଷମ ହେଲେ ହଜାର ହଜାର ଚାଷୀ ଉପକୃତ ହେବେ। ଏଥି ପ୍ରତି ତୁରନ୍ତ ସରକାର ନଜର ଦେବା ସହ କେନ୍ଦ୍ରଟିକୁ ଚାଲୁ କରିବା ପାଇଁ ସେମାନେ ଯାଜପୁର ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିପାରନ୍ତି ବୋଲି କହିଛନ୍ତି।

# ବିଚିତ୍ରପୁର ପଞ୍ଚାୟତରେ ଭଲିବଲ ଟୁର୍ଣ୍ଣାମେଣ୍ଟ

**ଯାଜପୁର, ୧୬।୫(ସମିସ):** ଅନ୍ତର୍ଜାତୀୟ ଆର୍ଟ ଅଫ ଗିଭିଙ୍ଗ ଡେ' ପାଳନ ଅବସରରେ ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତରେ ଏକ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତ ଏନସି କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ଭଲିବଲ ଟୁର୍ଣ୍ଣାମେଣ୍ଟକୁ ନରସିଂହ ଚୌଧୁରୀ ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ତଥା ରାଜ୍ୟ କିସ୍ ବକ୍ସିଂ ଆସୋସିଏସନର ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ସୁତାର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା କୋର୍ଡିନେଟର ସମାବେଶ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଯାଜପୁର ବ୍ଲକ ସଂଯୋଜକ ପିନାୟକ ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, କଳିଙ୍ଗ ଟିଭି ପ୍ରତିନିଧି ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ପୋର୍ଟ୍ସ କିଟ୍, ଟି-ସାର୍ଟ, ଟୋପି ଆଦି ଉପହାର ପ୍ରଦାନ କରଯାଇଥିଲା।



## ଟ୍ରକ୍ ଚାଳକ ଅପହରଣ ଘଟଣା

# ଚୋରି ଟ୍ରକ୍ ଉଦ୍ଧାର; ନାବାଳକ ସହ ୫ ଗିରଫ







**କୋରେଇ, ୧୬।୫(ସମିସ):** କୋରେଇ ଥାନା ୨୦ନଂ. ଜାତୀୟ ରାଜପଥ ବେଣାପୁର ଛକ ନିକଟରୁ ଗତ ୧୪ ତାରିଖ ରାତି ୯ଟା ସମୟରେ ୪ଜଣ ଦୁର୍ବୃତ୍ତ ଛୁରି ଦେଖାଇ ଧମକ ଦେଇ ଜଣେ ଟ୍ରକ୍ ଚାଳକଙ୍କୁ ଅପହରଣ କରିନେବା ସହ ତାଙ୍କ ନିକଟରୁ ନଗଦ ଟଙ୍କା ଓ ଟ୍ରକ୍ ଲୁଟିନେଇଥିଲେ। ଏନେଇ ଟ୍ରକ୍ ଚାଳକ ପଶ୍ଚିମବଙ୍ଗ ପୁରୁଲିଆ ଜିଲ୍ଲା ବାଘମୁଣ୍ଡି ଥାନା ସେରାଙ୍ଗଡ଼ି ଗ୍ରାମର ମଙ୍ଗଳ ସିଂହ ମୁରା ୧୫ତାରିଖରେ କୋରେଇ ଥାନାରେ ଅଭିଯୋଗ କରିଥିଲେ। ସେ ତାଙ୍କ ଟାଟା -୭୧୦ ଟ୍ରକ୍ ନେଇ ଯାଜପୁର ରୋଡ୍‌ରୁ ପାଣିକୋଇଲି ଅଭିମୁଖେ ଆସୁଥିବା ବେଳେ ବେଣାପୁର ଛକ ନିକଟରେ ୪ଜଣ ବ୍ୟକ୍ତି ଏକ ସ୍କୁଟିରେ ଆସି ତାଙ୍କ ଟ୍ରକ୍ ଆଗରେ ଆଣ୍ଠା ପକାଇଥିଲେ। ପରେ ଛୁରି ଦେଖାଇ ଭୟଭୀତ କରି ଟ୍ରକ୍‌ରୁ ଓହ୍ଲାଇ ଦେଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଟ୍ରକ୍ ନେଇ ପାଣିକୋଇଲି ଆଡ଼େ ଚାଲି ଯାଇଥିବା ବେଳେ ଅନ୍ୟ ଦୁଇଜଣ ତାଙ୍କୁ ସ୍କୁଟିରେ ଧରି ଯାଜପୁର ରୋଡ୍ ଆଡେ ପଳାଇ ଆସିଥିଲେ। ପରେ ସେ ନିଜକୁ ସେମାନଙ୍କ ନିକଟରୁ ଉଦ୍ଧାର କରି କୋରେଇ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ପକ୍ଷରୁ ୧୯୦/୨୬ରେ ଏକ ମାମଲା ରୁଜୁ କରାଯାଇ ଏସ୍‌ଆଇ ଏଚ୍ ଖାଁଙ୍କୁ ଘଟଣାର ତଦନ୍ତ ଭାର ଦିଆଯାଇଥିଲା। ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଜଣେ ନାବାଳକ ସମେତ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ରହିଥିବା ବେଳେ ତାକୁ ମଧ୍ୟ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ଲୁଟ୍ ହୋଇଥିବା ଟ୍ରକ୍ କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରୁ ଜବତ କରିଛି। ଟ୍ରକ୍ ଲୁଟ ହେବାର ୧୨ଘଣ୍ଟା ମଧ୍ୟରେ ଗାଡ଼ିକୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଧରିବାରେ ପୁଲିସକୁ ସଫଳତା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଣିକୋଇଲି ଥାନା ଛୋଟରାୟପୁରର ରଘୁନାଥ ଦାସ, କୁଆଖିଆ ଥାନା ନୂଆହାଟର ଦିନେଶ ଦାସ, କୋରାଇ ଥାନା ଖାରଜବଟିରା ଗାଁର ଶୁଭକାନ୍ତ ନନ୍ଦ ଓ ପଣ୍ଡୁଲା ଗ୍ରାମର ଜଣେ ନାବାଳକ ଓ ବୈରୀ ଥାନା ରଙ୍ଗିଦାସପୁର ଗ୍ରାମର କଳ୍ପତରୁ ରାଉତ। ସେମାନଙ୍କ ଠାରୁ ଏକ ସ୍କୁଟି, ଏକ ବାଇକ୍ ଓ ୫ଟି ମୋବାଇଲ ପୁଲିସ ଜବତ କରିଛି। ଅଭିଯୁକ୍ତ ମାନେ ରାଜପଥ ଲୁଟେରା। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ଜଣାପଡ଼ିଛି। ଏନେଇ କୋରେଇ ଥାନା ପରିସରରେ ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶିତିକଣ୍ଠ କାନୁନ୍‌ଗୋ ସୂଚନା ଦେଇଥିଲେ। ଏଥିରେ ଯାଜପୁର ରୋଡ ଏସ୍‌ଡିପିଓ ଶରତଚନ୍ଦ୍ର ପାତ୍ର, କୋରେଇ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଓ ଆଇଓ ଏଚ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

# କୃତୀ ଛାତ୍ରୀ ଅରଶ୍ମିତାକୁ ସମ୍ବର୍ଦ୍ଧନା



**ଧର୍ମଶାଳା, ୧୬।୫(ସମିସ):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ଗ୍ରାମ ପଞ୍ଚାୟତର ନୂଆଗାଁ ଗ୍ରାମର ମେଧାବୀ ଛାତ୍ରୀ ଅରଶ୍ମିତାକୁ 'ଛୋଟ ମୋର ଗାଁଟି' ସାମାଜିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ଅନୁଷ୍ଠାନର ପ୍ରତିଷ୍ଠାତା ଦେବବ୍ରତ ରାଉତ ଓ ସଂଯୋଜକ ମୃତ୍ୟୁଞ୍ଜୟ ଦେଓ ତାଙ୍କ ନୂଆଗାଁ ବାସଭବନରେ ପହଞ୍ଚି ପାଠ୍ୟପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଯୋଗ୍ୟ ଯେ ଅରଶ୍ମିତା ଜଣେ ମେଧାବୀ ଛାତ୍ରୀ ଭାବେ ଆଦର୍ଶ ସ୍କୁଲ ଓ ନବୋଦୟ ପାଇଁ ମଧ୍ୟ ଚୟନ ହୋଇଥିଲେ। ପରିବାରର ଆର୍ଥିକ ସମସ୍ୟା ପାଇଁ ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷ ଅଷ୍ଟମ ପାସ୍ କରି ଜାରକା ହାଇସ୍କୁଲରେ ନବମ ଶ୍ରେଣୀରେ ନାମ ଲେଖାଇଛନ୍ତି। ଚଳିତ ବର୍ଷ ଜାତୀୟ ମେଧାବୃତ୍ତି ପରୀକ୍ଷାରେ ଅରଶ୍ମିତା ଧର୍ମଶାଳା ବ୍ଲକ ଟପ୍ପର ହୋଇ ସୁନାମ ଆଣିଛନ୍ତି। ସେ ୩ୟ ଓ ୫ମ ଶ୍ରେଣୀରେ ମଧ୍ୟ ବୃତ୍ତି ପାଇଥିଲେ। ସେ ନୂଆଗାଁ ନିବାସୀ ସଞ୍ଜୟ ନାୟକ ଓ ମମିତା ନାୟକ ସୁକନ୍ୟା ଅରଶ୍ମିତା ଆଜି ସମସ୍ତ ପାଇଁ ଆଦର୍ଶ ହୋଇ ପାରିଛନ୍ତି। ଏଥିପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ପେଟ୍ରୋଲ ପାଇଁ ଅସମ୍ଭାଳ ଭିଡ଼, ପୁଲିସ ମୁତୟନ

**କବାଟବନ୍ଧ, ୧୬।୫(ସମିସ)**



ରାଜ୍ୟର ବିଭିନ୍ନ ସ୍ଥାନରେ ପେଟ୍ରୋଲ ପାଇଁ ସାଧାରଣ ଲୋକେ ନାହିଁ ନ ଥିବା ହେଉଥିବା ବେଳେ ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଖୁବ ଅଧିକା ଦେଖିବାକୁ ମିଳିଛି। ଖରା ତରାରେ ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଲାଇନ୍ ଲଗାଉଛନ୍ତି। ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲ ପର୍ଯ୍ୟାପ୍ତ ପରିମାଣର ମହଜୁଦ ଥିବା ବିଭାଗୀୟ ମନ୍ତ୍ରୀ କହୁଥିବା ବେଳେ ଲୋକମାନେ କିନ୍ତୁ ବୁଝିବାକୁ ନାରାଜ। ଅନ୍ୟ ପକ୍ଷରେ ପମ୍ପ କର୍ମଚାରୀଙ୍କ ବାରମ୍ବାର ପେଟ୍ରୋଲ ନାହିଁ ଆସିଲେ ଦିଆଯିବ ଶୁଣିବା ଦ୍ୱାରା ଲୋକ ମାନେ ବିଶ୍ୱାସ ପେଟ୍ରୋଲ ମହଜୁଦ ଅଛି ବୋଲି ବିଶ୍ୱାସ କରୁ ନ ଥିବା ପ୍ରକାଶ କରିଛନ୍ତି। ଧର୍ମଶାଳା ବ୍ଲକର ଜେନାପୁର ଥାନା ଅଞ୍ଚଳରେ ପ୍ରାୟ ୫ଗୋଟି ପେଟ୍ରୋଲ ପମ୍ପ ରହିଛି। ସମସ୍ତ ପେଟ୍ରୋଲ ପମ୍ପ ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ କଡ଼ରେ ହୋଇଥିବା ବେଳେ ବଳରାମ ଛକ ନିକଟ ଗୋହିରା ଟିକର ଏବଂ କୁସୁନପୁର ଛକ ମଧ୍ୟରେ ମାତ୍ର ୨କିଲୋମିଟର ବ୍ୟବଧାନ ରେ ୩ ପେଟ୍ରୋଲ ପମ୍ପ ରହିଛି। ମାତ୍ର ଉକ୍ତ ପମ୍ପ ସମାନ ବ୍ୟବସ୍ଥା ଦେଖିବାକୁ ମିଳିଛି। ସକାଳ ୬ ଟା ସମୟରେ ତେଲ ନାହିଁ ଅଳ୍ପ ଦିଆଯିବ କହୁଥିବା ପମ୍ପରେ ଘଣ୍ଟାଏ ଭିତରେ ତେଲ ସରି ଯାଉଛି। ଲୋକ ମାନେ ପେଟ୍ରୋଲ ପାଇଁ ଜରୁରୀ କାଳୀନ ତଥା ମେଡିକାଲ ଯିବା ପାଇଁ ମଧ୍ୟ ହଇରାଣ ହେଉଛନ୍ତି। ଏମିତିକି ଗୋଟିଏ ଦିନ ତେଲ ନ ଥିବା ଟାଙ୍କିରେ ତା' ପର ଦିନ ମିଳୁଛି। ତାହା ପୁଣି ଅଳ୍ପ ସମୟ ପାଇଁ। ଏହି ଅଞ୍ଚଳରେ ରହିଥିବା ସମସ୍ତ ପମ୍ପରେ ଏହି ଅସୁବିଧା ଦେଖାଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଉନାହିଁ। କୌଣସି ପେଟ୍ରୋଲ ପମ୍ପରେ ତେଲ ମିଳୁଛି କିମ୍ବା ତେଲ ଆସିଗଲାଣି ଶୁଣିବା କ୍ଷଣି ଲୋକ ନ ଖାଇ ପିଇ ପେଟ୍ରୋଲ ପମ୍ପକୁ ଦୌଡୁଛନ୍ତି। ବାରମ୍ବାର ତେଲ ପାଇଁ ଦୌଡ଼ିବା ଏବଂ ତେଲ ସଙ୍କଟ ରହିଛି ଅନୁଭବ କରି ଲୋକ ମାନେ ଦୈନିକ ଆବଶ୍ୟକତା ଠାରୁ ଅଧିକ ତେଲ କିଣିବାକୁ ଚାହୁଁଛନ୍ତି। ମାତ୍ର ସମସ୍ତେ ପେଟ୍ରୋଲ ପାଇବା ଏବଂ ନିଜର ଜରୁରୀ ଆବଶ୍ୟକତାକୁ ଆଖି ଆଗରେ ରଖି ପମ୍ପ କର୍ମଚାରୀମାନେ ମଧ୍ୟ ଗ୍ରାହକମାନଙ୍କ ପେଟ୍ରୋଲ ଏବଂ ଡିଜେଲ କିଣିବା ପରିମାଣ ଉପରେ କଟକଣା ଲାଗୁ କରୁଛନ୍ତି। ଯାହା ଫଳରେ ବିଭିନ୍ନ ପମ୍ପରେ କର୍ମଚାରୀ ଏବଂ ଗ୍ରାହକ ମାନଙ୍କ ମଧ୍ୟରେ ଯୁକ୍ତି ତର୍କ କିମ୍ବା ଝଗଡ଼ା ସୃଷ୍ଟି ହେଉଛି। ଯେଉଁ କାରଣରୁ ପେଟ୍ରୋଲ ପମ୍ପରେ ପୁଲିସ ମୁତୟନ ହୋଇଥିବା ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ବଳରାମପୁର ଛକ ଗୋହିରା ଟିକରଠାରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗ୍ରାହକ ମାନେ ଧାଡ଼ିରେ ଥିଲେ ସତ କିନ୍ତୁ ବାଇକ୍‌ରେ ନେବେ କି ବୋତଲରେ ନେବେ ସେଥିପାଇଁ ଭିନ୍ନ ଭିନ୍ନ ଲାଇନ୍ କରାଯାଇଥିଲା। ଏହା ବ୍ୟତୀତ ଡିଜେଲ ପାଇଁ ଭାରୀଯାନ ଗୁଡ଼ିକ ଜାତୀୟ ରାଜପଥ କଡ଼ରେ ପେଟ୍ରୋଲ ପମ୍ପ ଠାରୁ ପ୍ରାୟ ୧ କିଲୋମିଟର ଦୂର ପର୍ଯ୍ୟନ୍ତ ଲମ୍ବା ଲାଇନରେ ରହିଥିବା ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି ରାଜପଥ କଡ଼ରେ ରହୁଥିବା ଗାଡ଼ି ପାଇଁ ଦୁର୍ଘଟଣାର ସମ୍ଭାବନା ମଧ୍ୟ ରହିଛି। ଯେହେତୁ ସନ୍ଧ୍ୟା ଏବଂ ରାତି ସମୟ ତେଣୁ ଅନ୍ଧାରରେ ଦୁର୍ଘଟଣା ର ସମ୍ଭାବନା ମଧ୍ୟ ଯଥେଷ୍ଟ ଅଧିକ। ପେଟ୍ରୋଲ ପାଇଁ ରାଜପଥରେ ଯିବା ଆସିବା କରୁଥିବା କୌଣସି ଲୋକର ଜୀବନ ନ ଯାଉ। ତେଣୁ ପେଟ୍ରୋଲ ପାଇଁ ଭିଡ଼କୁ ନିୟନ୍ତ୍ରଣ କରିବାକୁ ମୁତୟନ ହୋଇଥିବା ପୁଲିସ ମଧ୍ୟ ରାଜପଥ କଡ଼ରେ ଧାଡ଼ିବାନ୍ଧି ଡିଜେଲ ପାଇଁ ରହିଥିବା ଗାଡ଼ିର ଟ୍ରାଫିକ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଜିଲ୍ଲା ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ମା' ବିରଜାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

# ସାବିତ୍ରୀ ବେଶରେ ଦର୍ଶନ ଦେଲେ ମା'





ଯାଜପୁର,୧୬।୫(ସମିସ):

ଆଜି ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମା' ବିରଜା ଆଜି ସାବିତ୍ରୀ ବେଶରେ ଦର୍ଶନ ଦେଇଥିଲେ। ବଡ଼ି ଭୋରରୁ ମା'ଙ୍କ ସ୍ୱତନ୍ତ୍ର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଆଜିର ଦିନରେ ସଧବା ନାରୀ ମାନେ ବ୍ରତ ପାଳନ କଲେ ପତି ପରମେଶ୍ୱର ଦୀର୍ଘାୟୁ ହେବାର ବିଶ୍ୱାସ ରହିଛି। ସେଥିପାଇଁ ସକାଳୁ ମହିଳା ମାନେ ନୂତନ ଶାଢ଼ି ପିନ୍ଧି, ହାତରେ ଭୋଗ ଦୀପ ନୈବେଦ୍ୟ ନେଇ ମା'ଙ୍କ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହୋଇଥିଲେ। ପ୍ରବଳ ଖରା ସତ୍ତ୍ୱେ ଶ୍ରଦ୍ଧାଳୁ ମାନେ ମା'ଙ୍କୁ ଦର୍ଶନ କରିବା ପାଇଁ ଲମ୍ବା ଧାଡିରେ ଛିଡା ହୋଇଥିଲେ। ଖରା ଦାଉରୁ ରକ୍ଷା ପାଇବା ପାଇଁ ଏବଂ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଛାଇର ବ୍ୟବସ୍ଥା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଧାଡି ଦର୍ଶନର ବ୍ୟବସ୍ଥା ସହିତ ପକେଟମାରମାନଙ୍କ ପ୍ରତି ସତର୍କ ନଜର ରଖିଥିଲା ପୁଲିସ ପ୍ରଶାସନ। ଆଜି ଦିନ ତମାମ ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବା ସହିତ ସନ୍ଧ୍ୟାରେ ମନ୍ଦିର ପରିସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ

ପୂଣ୍ୟତୋୟା ସେବା ସମିତି ପକ୍ଷରୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଦହି ସରବତ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିପରି ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ଓ ଫ୍ରିଡମ୍ ଅଏଲ୍ ମିଳିତ ସହଯୋଗରେ ବିରଜା ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କୁ ଜଳସେବା (ଦହି ସରବତ, ଲେମ୍ବୁ ସରବତ) ପ୍ରଦାନ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକ୍ରମକୁ ଫ୍ରିଡମ୍ ଅଏଲ୍‌ର ଓଡ଼ିଶା ମୁଖ୍ୟ ବରିଷ୍ଠ ସମାଜସେବୀ ଅମିୟ କୁମାର ଧଳ ଶୁଭାରମ୍ଭ କରିବା ସହିତ ଶ୍ରଦ୍ଧାଳୁମାନଙ୍କୁ ଜଳସେବା ପ୍ରଦାନ କରିଥିଲେ। 'ସଂଗ୍ରାମ ସେନା' ପକ୍ଷରୁ ମନ୍ଦିର ସମ୍ମୁଖରେ ଜଳଛତ୍ର ଆୟୋଜନ କରାଯାଇ ଶ୍ରଦ୍ଧାଳୁମାନଙ୍କୁ ପଣା, ଶୀତଳ ପାଣି ଓ ବିଭିନ୍ନ ପାନୀୟ ବର୍ଣ୍ଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମ ସେନାର ସକ୍ରିୟ ସଦସ୍ୟ ତଥା ଯାଜପୁର ନଗର ବିଜେପି ସମ୍ପାଦକ ବବଲୁ, ସରୋଜ ସାହୁ, ନଗର ବିଜେପି ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ସାମଲ, ସୁଦାମ ପରିଡ଼ା ଓ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ମହାଲା ପ୍ରମୁଖ ଭକ୍ତମାନଙ୍କୁ ପଣା ଓ ପାଣି ବର୍ଣ୍ଟନ କରିଥିଲେ।



# ପଠାଣି ସାମନ୍ତ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ





ବରୀ,୧୬।୫(ସମିସ): ଇଶାଣପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀ ହରପ୍ରିୟା ମହାନ୍ତି ଏବଂ ଛାତ୍ର ଅମ୍ରିତାଂଶୁ ସାହୁ ପଠାଣି ସାମନ୍ତ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଉଭୟ ଛାତ୍ରୀଛାତ୍ର ସେମାନଙ୍କ ସଫଳତା ପଛରେ ମା' ବାପାଙ୍କ ଆଶୀର୍ବାଦ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ଯୋଗୁଁ ସଫଳତା ପାଇ ପାରିଛନ୍ତି ବୋଲି ମତ ରଖିଛନ୍ତି। ବିଶେଷକରି ଏହି ବିଦ୍ୟାଳୟର ସହକାରୀ ଶିକ୍ଷକ ଦଶରଥ ଦାସଙ୍କର ପ୍ରେରଣା ଏବଂ ଉତ୍ତମ ଶିକ୍ଷା ପ୍ରଣାଳୀରେ ଶିକ୍ଷାଦାନ ଯୋଗୁଁ ଏଭଳି କୃତିତ୍ୱ ହାସଲ କରିପାରିଛୁ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କହିଛନ୍ତି।

# ଜାରକା ବଜାରରେ କୁଢ଼କୁଢ଼ ଅଳିଆ ଆବର୍ଜନା

ଧର୍ମଶାଳା,୧୬।୫(ସମିସ): ସଚେତନ ଓ ସାମାଜିକ ଦାୟିତ୍ୱ ଅଭାବରୁ ଜଣାତରେ ହେଉ ବା ଜାଣତରେ ହେଉ ଜାରକା ବଜାରରେ କୁଢ଼କୁଢ଼ ଅଳିଆ ଆବର୍ଜନା ସମସ୍ତଙ୍କ ଆଖିରେ ପଡୁଛି, କିନ୍ତୁ କେହି ପ୍ରତିବାଦ କରୁନାହାନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବେଳେ ବେଳେ ସଫା ହେଉଥିବା ବେଳେ ପ୍ରଶାସନ ତାକୁ ଦେଖି ନ ଦେଖିଲା ପରି ବସି ରହିଛି। ଆମ ପରିବେଶକୁ ସ୍ୱଚ୍ଛତା ରଖିବା ସରକାରୀ ସ୍ତରରେ ହେଉ କିମ୍ବା ବେସରକାରୀ ସମସ୍ତେ ଦେଖି ନଦେଖିଲା ଭଳି ରହୁଛନ୍ତି। ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ କେବଳ ପ୍ରଚାର ପ୍ରସାରରେ ସୀମିତ ହୋଇ ରହିଛି। ପଲିଥିନ, ପ୍ଲାଷ୍ଟିକର ବହୁଳ ମାତ୍ରାରେ ବ୍ୟବହାର ଯୋଗୁ ଜାରକା ବଜାରର ମୁଖ୍ୟ ରାସ୍ତା କଡ଼ରେ ଯୁଆଡେ ଦେଖିବ ସବୁ ଆଡ଼େ ଗଦା ଗଦା ଅଳିଆ ଆବର୍ଜନା ଜମା ହୋଇରହିଛି। ସମସ୍ତ ଦୋକାନୀ ଠାରୁ ରାସ୍ତା କଡ଼ରେ ଘରକରି ବସବାସ କରୁଥିବା ଘରୋଇ ଲୋକମାନେ ମନଇଚ୍ଛା ଅଇଁଠା ଠୋଲି, ପତ୍ର, ପଚାସଢ଼ା ପନିପରିବା ଫଳମୂଳ ବର୍ଜ୍ୟବସ୍ତୁ ରାସ୍ତା କଡ଼ରେ ଜମା କରୁଛନ୍ତି। ବସ୍‌ଷ୍ଟାଣ୍ଡରେ ବସ୍‌କୁ ପ୍ରତୀକ୍ଷା କରିବା ସ୍ଥାନରେ ଚାରିଆଡ଼େ ଅଳିଆ ଆବର୍ଜନ ସହିତ ନିକଟରେ କେତେଗୁଡିଏ ବଏଲର କୁକୁଡ଼ା ଦୋକାନ ରହିଥିବାରୁ ସେଠାରେ ଦୁର୍ଗନ୍ଧମୟ ଅସ୍ୱାସ୍ଥ୍ୟକର ପରିବେଶରେ ଯାତ୍ରୀମାନଙ୍କୁ ଅପେକ୍ଷା କରିବାକୁ ପଡିଥାଏ। ଜାତୀୟ ରାଜପଥ କଡ଼ରେ ରହିଥିବା ଡ୍ରେନେଜ ଦୀର୍ଘବର୍ଷ ହେବ ସଫେଇ ଓ ମରାମତି କାମ ହୋଇନଥିବାରୁ ବହୁ ଜାଗାରେ ଡ୍ରେନଜ୍ ଉପରେ ପଡ଼ିଥିବା ଢାଙ୍କୁଣୀ ଭାଙ୍ଗି ତୁଟି ନଷ୍ଟ ହୋଇଯିବାରୁ ସେଥିରୁ ଅସ୍ୱାଭାବିକ ଦୁର୍ଗନ୍ଧମୟ ଗ୍ୟାସ୍ ନିର୍ଗତ ହେଉଛି। ଏହିସବୁ ଅପରିଷ୍କାର କାରଣରୁ ସବୁ ଅଞ୍ଚଳରେ ମଶା, ମାଛିଙ୍କ ବଂଶ ବିସ୍ତାର ଯୋଗୁ ଏଠାରେ ବସବାସ କରୁଥିବା ଜନସାଧାରଣ ବହୁ



ସମୟରେ ବିଭିନ୍ନ ରୋଗ ଯଥା- ମ୍ୟାଲେରିଆ, ଡେଙ୍ଗୁ ଜ୍ୱର ସହିତ ଝାଡାବାନ୍ତି ରୋଗରେ ଆକ୍ରାନ୍ତ ହେଉଥିବାର ଦେଖିବାକୁ ମିଳୁଛି। କିଛିମାସ ପୂର୍ବରୁ ଏଠାରେ ଝାଡା ବାନ୍ତି ରୋଗରେ କିଛି ଲୋକଙ୍କର ଜୀବନହାନି ଘଟିଥିବା ଘଟଣା ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲା। ତଥାପି ଏଠାରେ ପ୍ରଶାସନ ଲୋକଙ୍କ ସ୍ୱାସ୍ଥ୍ୟଗତ ଅସୁବିଧାକୁ ଗୁରୁତ୍ୱ ସହିତ ବିଚାର କରି ତାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ପଞ୍ଚାୟତକୁ ଆସୁଥିବା ଅର୍ଥ କେବଳ କାଗଜ କଲମରେ ସୀମିତ ହୋଇରହିଛି। ରାସ୍ତା କଡରେ ରହୁଥିବା ଦୋକାନୀ କିମ୍ବା ଘରୋଇ ଲୋକମାନେ ନିଜର ଅଳିଆ ଆବର୍ଜନା ପକାଇବା ପାଇଁ କୌଣସି ଡଷ୍ଟବିନର ବ୍ୟବସ୍ଥା ଏଠାରେ ନାହିଁ। ପଞ୍ଚାୟତ ତରଫରୁ ପରିମଳ ବୁହା ଗାଡ଼ିର ବ୍ୟବସ୍ଥା ଥାଇ ମଧ୍ୟ କେବେ ବି ତାହାକୁ ସ୍ୱଚ୍ଛତା ପାଇଁ ବ୍ୟବହାର କରାଯାଉନାହିଁ। ମଶା, ମାଛିଙ୍କୁ ମାରିବା ପାଇଁ ଏଠାକାର ପ୍ରଶାସନ କେବେବି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉନାହାନ୍ତି। ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱଚ୍ଛତା ପାଇଁ ଓଡିଶା ସରକାର 'ସ୍ୱଚ୍ଛ ଓଡିଶା' ଯୋଜନା ଆଣିଛନ୍ତି। ୨୦୨୫ - ୨୦୩୦ ମସିହା ଏହି ୫ ବର୍ଷ ଭିତରେ ରାଜ୍ୟରେ ୧୬୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ହେଲେ ଏହି ଯୋଜନାକୁ ଧର୍ମଶାଳା ବ୍ଲକରେ ପ୍ରଶାସନ ଜାରକା ବଜାରରେ କିଛିମାତ୍ରାରେ ଯଦି କାର୍ଯ୍ୟକାରୀ କରନ୍ତେ, ହୁଏତ ଏଠାକାର ଜନସାଧାରଣ ସ୍ୱଚ୍ଛତାର ସୁଫଳ ପାଇପାରନ୍ତେ ବୋଲି ସାଧାରଣରେ ବୁଦ୍ଧିଜୀବୀ ଆଶା ରଖିଛନ୍ତି।

## ଟିଏସ୍‌ଏଫ୍ ପକ୍ଷରୁ ଜନଜାତି ଐତିହ୍ୟ ସଂରକ୍ଷଣ

# 'ସଂବାଦ ଫେଲୋସିପ୍'ର ୧୦ମ ସଂସ୍କରଣ ଶୁଭାରମ୍ଭ



ଦାନଗଦି,୧୬।୫(ସମିସ): ସ୍ଥାନୀୟ ସଂସ୍କୃତିର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଗୋବରଘାଟି ଫେଜ୍-୨ ସ୍ଥିତ ଆଦିବାସୀ ୟୁଥ କ୍ଲବଠାରେ 'ସଂବାଦ ଫେଲୋସିପ୍'ର ୧୦ମ ସଂସ୍କରଣ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଯାଜପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାଜେନ୍ଦ୍ର କାଲୁଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ପରମ୍ପରାକୁ ସୁରକ୍ଷିତ ରଖିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ପୁନର୍ବାସ ଓ ଥଇଥାନ ବିଭାଗ ମୁଖ୍ୟ ରଶ୍ମିରଞ୍ଜନ ନାୟକ ଏବଂ ଟିଏସ୍‌ଏଫ୍ କଳିଙ୍ଗନଗର ଇମ୍ପାକ୍ଟ କ୍ଲଷ୍ଟର ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀଙ୍କ ସମେତ ଟାଟା ଷ୍ଟିଲ୍ ଓ ଟିଏସଏଫ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ଭାଷା ଶିକ୍ଷକ, ସଂବାଦ ଫେଲୋ ଏବଂ ପୂର୍ବତନ ସଦସ୍ୟ, ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ)ର ପ୍ରତିନିଧି ଏବଂ କଳିଙ୍ଗନଗର ୱାର୍କି କମିଟିର ସଦସ୍ୟଙ୍କ ସମେତ ପ୍ରାୟ ୧୨୦ ଜଣ କମ୍ୟୁନିଟି ମେମ୍ବର ଅଂଶଗ୍ରହଣ କରିଥିଲେ। ଏହି ଶୁଭାରମ୍ଭର ଅଂଶବିଶେଷ ସ୍ୱରୂପ, ଦାନଗଦି, ବ୍ରାହ୍ମଣୀପାଳ ଏବଂ ସୁକିନ୍ଦା ଅଞ୍ଚଳର ୨୪ଟି ପଞ୍ଚାୟତରୁ ୧୮ ରୁ ୩୫ ବର୍ଷ ବୟସ୍କ ଜନଜାତି ଯୁବବର୍ଗ ଯୋଗଦେଇଥିଲେ। ୨୦୧୭ ମସିହାରେ ଆରମ୍ଭ ହୋଇଥିବା 'ସଂବାଦ ଫେଲୋସିପ୍', ବିଲୁପ୍ତ ହେବାର ଆଶଙ୍କା ଥିବା ଜନଜାତି ଭାଷା, ପରମ୍ପରା ଏବଂ ସାଂସ୍କୃତିକ ପ୍ରଥାଗୁଡ଼ିକର ଦସ୍ତାବିଜ୍ ପ୍ରସ୍ତୁତ ତଥା ସୁରକ୍ଷା ପାଇଁ ଜନଜାତି ଯୁବବର୍ଗଙ୍କୁ ସହାୟତା ପ୍ରଦାନ କରିଆସୁଛି। ବିଗତ ନଅଟି ସଂସ୍କରଣ ମଧ୍ୟରେ ସଂବାଦ ଫେଲୋସିପ୍ ସମଗ୍ର ଭାରତରେ ଅନେକ ପ୍ରଭାବଶାଳୀ ପଦକ୍ଷେପ ନେବାରେ ସକ୍ଷମ ହୋଇଛି। ଏହି ଫେଲୋସିପ୍ ୬୪ ଜଣ ଫେଲୋଙ୍କୁ ସହାୟତା ପ୍ରଦାନ କରିବା ସହ ୩୪ଟି ସାହିତ୍ୟିକ ରଚନା, ୩୨ଟି ସଙ୍ଗୀତ, ୧୧ଟି ପ୍ରାମାଣିକ ଚଳଚ୍ଚିତ୍ର ଏବଂ ଦୁଇଟି ସ୍ଥାନୀୟଅଞ୍ଚଳର ଐତିହ୍ୟ ଅନୁଷ୍ଠାନ ଗଠନରେ ସହାୟକ ହୋଇଛି। ସଂବାଦ ଫେଲୋସିପ୍ ଜନଜାତିର ଅଭ୍ୟାସକାରୀ, ଗବେଷକ, କଳାକାର ଏବଂ ସାଂସ୍କୃତିକ ନେତୃବୃନ୍ଦଙ୍କୁ ସମର୍ଥନ ଜଣାଇ ପ୍ରାଚୀନ ଜ୍ଞାନ ଏବଂ ଆଧୁନିକ ଜୀବନ ମଧ୍ୟରେ ଥିବା ଦୂରତାକୁ ଦୂର କରିବାକୁ ଚେଷ୍ଟା କରୁଛି। ଜନଜାତି ଜ୍ଞାନ କୌଶଳକୁ ଜୀବନ୍ତ ଏବଂ ପ୍ରାସଙ୍ଗିକ ରଖିବା ନିଶ୍ଚିତ କରି ଏହି ପଦକ୍ଷେପ ଦୈନନ୍ଦିନ ସ୍ଥାନୀୟ ଲୋକଙ୍କ ଜୀବନ ସହିତ ଏକ ନିବିଡ଼ ସମ୍ପର୍କ ସ୍ଥାପନ କରିଥାଏ।

# ଟ୍ରାକ୍ଟର ଧକ୍କାରେ ଲିଭିଗଲା ସାବିତ୍ରୀଙ୍କ ସିନ୍ଦୂର

ଭଦ୍ରକ,୧୬।୫(ସମିସ): ସାବିତ୍ରୀ ବ୍ରତରେ ଘଟିଗଲା ଏକ ଅଘଟଣ। ଟ୍ରାକ୍ଟର ଧକ୍କାରେ ଚାଲିଗଲା ଏକ ନିରୀହ ଜୀବନ। କାନ୍ଦ ବୋବାଳିରେ ଫାଟି ପଡୁଛି ଚାନ୍ଦବାଲି ସହର। ସୂଚନା ମୁତାବକ, ଶନିବାର ଅପରାହ୍ଣରେ ଚାନ୍ଦବାଲି ଥାନା ତେନ୍ତୁଳିଡିହି ପଞ୍ଚାୟତ ଅନ୍ତର୍ଗତ ମୂଳକାଇମା ଗାଁର ପରେଶ ବିଶ୍ୱାଳ ଚାନ୍ଦବାଲି ସହର ଦେଇ ନିଜ ଘରକୁ ଫେରୁଥିବାବେଳେ ଇଣ୍ଡିଆନ ପେଟ୍ରୋଲ ପମ୍ପ୍ ସମ୍ମୁଖରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ନମ୍ବର ବିହୀନ ଟ୍ରାକ୍ଟର ତାଙ୍କୁ ଧକ୍କା



ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଚାନ୍ଦବାଲି ପୁଲିସ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପରିବାର ଲୋକ ଓ ଗ୍ରାମବାସୀ ପହଞ୍ଚି ଶବକୁ ଦୁର୍ଘଟଣାସ୍ଥଳରେ ରଖି କ୍ଷତିପୂରଣ ଦାବିରେ ବସିରହିଛନ୍ତି। ଫଳରେ ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଚାନ୍ଦବାଲି ବଜାର ବନ୍ଦ ରହିଛି, ଗାଡ଼ି ମୋଟର ବନ୍ଦ ରହିଛି। ଚାନ୍ଦବାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା ଜାରି ରଖିଛି। ଦୁର୍ଘଟଣା ଘଟାଇଥିବା ଉକ୍ତ ନମ୍ବର ବିହୀନ ଟ୍ରାକ୍ଟରକୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର୍ ହୋଇଯାଇଥିବା ଜଣାପଡ଼ିଛି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୨୭ ଶ୍ରମିକ ଆହତ

ଭଦ୍ରକ/ବାସୁଦେବପୁର,୧୬।୫(ସମିସ):

ଭଦ୍ରକରୁ ବାସୁଦେବପୁର ଅଭିମୁଖେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ବେକମୋଡ଼ି ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପିକ୍‌ଅପ୍ ଭ୍ୟାନ୍ ଆଗକୁ ଏକ ଗୋରୁ ହଠାତ୍ ମାଡ଼ି ଆସିବାରୁ ଗୋରୁକୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟି ପଡ଼ିଥିଲା ଗାଡ଼ିଟି। ଉକ୍ତ ଗାଡ଼ିରେ ମିକ୍ସଚର ମେସିନ ଓ ୨୭ ଜଣ ଶ୍ରମିକ ବୋଝେଇ କରି ଭଦ୍ରକରୁ ଚୂଡ଼ାମଣୀ ଆଡ଼ିଆ ଅଭିମୁଖେ ଆସୁଥିଲା। ଏଥିରେ ସମସ୍ତେ ଆହତ ହୋଇଥିବାବେଳେ ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଭଦ୍ରକ ରାନ୍ଦିଆ, ଚରମ୍ପା ଓ ଗେଲପୁର ଅଞ୍ଚଳର ୨୭ ଜଣ ଆଦିବାସୀ ଶ୍ରମିକ ଓ ମିକ୍ସଚର ମେସିନ ଲୋଡ୍‌କରି ଚୂଡ଼ାମଣୀ ଆଡ଼ିଆ ଆସୁଥିଲା। ଆଡ଼ିଆର ଆଶିଷ ଜେନାଙ୍କର ଏକ କୋଠାଘର ଛାତ ପଡ଼ିବାର ଥିଲା। ବେକମୋଡ଼ି ଛକ ପୂର୍ବରୁ ପିକ୍‌ଅପ୍ ଭ୍ୟାନ୍‌ଟି ଓଲଟି ପଡ଼ିବାରୁ ସମସ୍ତ ୨୭ ଜଣ ଶ୍ରମିକ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।



ଗାଡ଼ି ତଳେ ଚାପି ହୋଇ ଯାଇଥିବା ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଅଗ୍ନିଶମ ଗାଡ଼ି, ପୁଲିସ ଓ ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ଅବସ୍ଥାରେ ୫ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଥିଲା। ଶ୍ରମିକମାନଙ୍କ ଠିକାଦାର ଫେରାର୍ ଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଆହତମାନେ ବେଡ୍‌ରେ ପଡ଼ି ରହିଥିଲେ। ବାସୁଦେବପୁର ବ୍ଲକ୍‌ର ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଡାକ୍ତରଖାନାକୁ ଯିବାର ବ୍ୟବସ୍ଥା କରିଥିଲେ। ବାସୁଦେବପୁର ଥାନା ଅଧିକାରୀ ଦୁଇ ଠିକାଦାରଙ୍କୁ ଥାନାର ଅଟକ ରଖି ପଚରାଉଚରା କରୁଛନ୍ତି। ପ୍ରତିଦିନ ମିକ୍ସଚର ମେସିନ ଥିବା ଠିକାଦାର ମାଲ୍‌ବାହୀ ପିକ୍‌ଅପ୍ ଭ୍ୟାନ୍‌ରେ ୧୦ରୁ ଉର୍ଦ୍ଧ୍ୱ ଶ୍ରମିକ ଧରି ଯାଉଛନ୍ତି। ପରିବହନ ବିଭାଗ ହାତ ଯୋଡ଼ି ବସିରହିଛି। ବାଇକ୍‌ରେ ହେଲ୍‌ମେଟ୍ ଧରିବାକୁ ଜଗି ବସିଥିବାବେଳେ ମାଲ୍‌ବାହୀ ପିକ୍‌ଅପ୍

- ଗୋରୁକୁ ବଞ୍ଚାଇବାକୁ ଯାଇ ଓଲଟିଲା ଗାଡ଼ି
- ଠିକାଦାର ଓ ସହଯୋଗୀ ଥାନାରେ ଅଟକ
- ପରିବହନ ଓ ଶ୍ରମ ବିଭାଗଙ୍କ କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ

ଭ୍ୟାନ୍‌ରେ ଶ୍ରମିକ ନେବାଆଣିବା କରିବା ଓ ପ୍ରାଇଭେଟ୍ କାର୍‌ରେ ଭଡ଼ା କରୁଥିଲେ ମଧ୍ୟ ପରିବହନ ବିଭାଗ ଓ ଶ୍ରମ ବିଭାଗ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ● ବନ୍ଦ ହେଲା ସୁଗୋ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

# ଅନୁମତି ଦେଲେନି ପ୍ରଧାନଶିକ୍ଷକ

ବାସୁଦେବପୁର,୧୬।୫(ସମିସ): ବାସୁଦେବପୁର ବ୍ଲକ୍‌ର ସୁଗୋ ପଞ୍ଚାୟତର ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବା ଆଶା ମଉଳିଗଲା। ଦୁଇ ଗୋଷ୍ଠୀଙ୍କ ଛକାପଞ୍ଝା ମଧ୍ୟରେ ପ୍ରଧାନଶିକ୍ଷକ ବଳି ପଡୁଛନ୍ତି। ସୁଗୋ ହାଇସ୍କୁଲ ୧୯୬୪ ମସିହାର କେତେକ ଶିକ୍ଷାବିତ୍‌ଙ୍କ ଉଦ୍ୟମରେ ଶିକ୍ଷାର ଆଲୋକ ପ୍ରଜ୍ୱଳନ କରିଥିଲେ। ସୁଗୋ ହାଇସ୍କୁଲ ଇତି ମଧ୍ୟରେ ୬୨ ବର୍ଷ ଅତିକ୍ରମ କଲାଣି। ଦାୟିତ୍ୱରେ ଥିବା ଏସ୍‌ଏମ୍‌ସି, ସ୍ଥାନୀୟ ଲୋକ ପ୍ରତିନିଧି ଓ ପୁରାତନ ଛାତ୍ରଛାତ୍ରୀଙ୍କ ଅବହେଳା ପାଇଁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ୧୨ ଅତିକ୍ରମ କରି ପ୍ଲାଟିନମ୍ ଜୁବୁଲି ପାଖାପାଖି ପହଞ୍ଚିଲାଣି। ତଥାପି ନିଦ ଭାଙ୍ଗିଲାନାହିଁ। ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ରଖି ପ୍ରଧାନଶିକ୍ଷକଙ୍କ ସଂଯୋଜନାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କଲେ ବିଦ୍ୟାଳୟର ଗୌରବମୟ ଇତିହାସ ମନ୍ଥନ କରିବାର ସମସ୍ତଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ଆଣିଦେବ। କୁଳଷିତ ରାଜନୀତି ସ୍କୁଲ ପରିବେଶକୁ ଦୂଷିତ କରିଦେଇଛି। ସମସ୍ତଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରି ଆଲୁମ୍‌ନି ଓ ପୁରାତନ ଛାତ୍ରମାନଙ୍କୁ ନେଇ ସ୍କୁଲ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ୧୭ ଓ ୧୮ ତାରିଖ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରିଥିଲେ। ପ୍ରଧାନଶିକ୍ଷକ ବିଦ୍ୟାଳୟ ପରିସରରେ ଉତ୍ସବ କରିବାକୁ ମନା କରିଦେବାରୁ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଆଶା ମଉଳି ଯାଇଛି।

# ମା' ଭଗବତୀଙ୍କ ସାବିତ୍ରୀ ବ୍ରତ ଓଷା

ବାଣପୁର,୧୬।୫(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଶନିବାର ମା'ଙ୍କ ସାବିତ୍ରୀ ବ୍ରତ ଓଷା ପାଳିତ ହୋଇ ଯାଇଛି। ଦକ୍ଷପ୍ରଜାପତିଙ୍କ କନ୍ୟା ସତୀ ଦେବଦେବ ମହାଦେବଙ୍କୁ ପତି ଭାବରେ ବରଣ କରିବା ପରେ ନିଜ ପତିଙ୍କ ପ୍ରତି ପିତାଙ୍କ ଅସମ୍ମାନକୁ ସହ୍ୟ କରି ନ ପାରି ଯଜ୍ଞ କୁଣ୍ଡରେ ନିଜକୁ ଭସ୍ମ ଦେଇଥିଲେ। ସେହି ମା' ଭଗବତୀ ସତୀ, ପାର୍ବତୀ, ସାବିତ୍ରୀ ରୂପରେ ପୁନଃର୍ବାର ଜନ୍ମ ନେଇ ଦେବ ଦେବ ମହାଦେବଙ୍କୁ ପତି ଭାବେ ପାଇଥିଲେ। ଓଡ଼ିଶାର ଏହି ପ୍ରସିଦ୍ଧ ସାବିତ୍ରୀ ବ୍ରତ ଓଷାରେ ସଧବା ନାରୀମାନେ ଯେପରି ନିଜ ପତିଙ୍କ ଶୁଭ ମନାସି ଦୀର୍ଘାୟୁ କାମନା ଲାଗି ସାବିତ୍ରୀ ବ୍ରତ ଓଷା ପାଳନ କରନ୍ତି, ଠିକ୍ ସେହିପରି କଳି ଯୁଗରେ



ମାନବୀୟ ଲୀଳାର ଅନନ୍ୟ ପ୍ରତୀକ ସ୍ୱରୂପ ଦେବ ଦେବ ମହାଦେବଙ୍କ ଶୁଭ ମନାସି ମା' ଭଗବତୀଙ୍କ ସାବିତ୍ରୀ ବ୍ରତ ଓଷା ପାଳନ ପରମ୍ପରା ପ୍ରଚୀନ କାଳରୁ ଚଳି ଆସୁଛି। ଓଡିଶାର ସମସ୍ତ ଶକ୍ତି ପୀଠ ଠାରୁ ଅନନ୍ୟ ମା' ଭଗବତୀଙ୍କ ପୀଠରେ କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ସାବିତ୍ରୀ ବ୍ରତ ନୀତିକାନ୍ତି ଅନୁଯାୟୀ ପ୍ରତ୍ୟୁଷରୁ ମା' ଙ୍କ ଶଙ୍ଖରାଗ ମାଜଣା, ଅଁଳା ହଳଦୀ ଅଗୁରୁ ଚନ୍ଦନ କର୍ପୂର ମିଶ୍ରିତ ସୁବାସିତ ଜଳରେ ମହାସ୍ନାନ, ବେଶ, ମହାପ୍ରସାଦ ସେବନ, ବଲ୍ଲଭ ଆଳତୀ ପରେ ମା' ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ପାଇଁ ପିତ୍ରାଳୟ ଦକ୍ଷପ୍ରଜାପତିଙ୍କ ମନ୍ଦିରରୁ ସାବିତ୍ରୀ ଭାରରେ ନୂଆ ଶାଢୀ, ଚୁଡ଼ି, ଅଳତା, ସିନ୍ଦୂର, କଜ୍ଜଳ, ପାନିଆ, ଦର୍ପଣ ସହ ମୁଗ, ଆମ୍ବ, ପଣସ, ନଡ଼ିଆ, ତାଳ ଓ ଖଜୁରି ଆଦି ଫଳ ମୂଳ ଆସି ଥିବା ବେଳେ ପାଳିଆ ମାଳି ମଧ୍ୟାହ୍ନରେ ମା'ଙ୍କୁ ପିତ୍ରାଳୟରୁ ଆସିଥିବା ନୂଆ ଶାଢ଼ି ସିନ୍ଦୂର କଜ୍ଜଳ ଓ ଚୁଡ଼ି ଆଦି ସମର୍ପଣ କରି ସୁସଜ୍ଜିତ ବେଶ କରାଇ ଥିଲେ। ପରିଚ୍ଛା ସାଆନ୍ତେ ବ୍ରତ ବିଧି ବଢାଇ ଆଳତୀ ବନ୍ଦାପନା ପରେ ଶଙ୍ଖୁଡ଼ି ଧୂପ ଲାଗି କରିଥିଲେ। ଘଣ୍ଟ ଘଣ୍ଟା କାହାଳୀ ବାଦ୍ୟ ହୁଳହୁଳି ଧ୍ୱନୀରେ ମନ୍ଦିର ବେଢା ଉଚ୍ଛୁଳି ପଡିଥିଲା। ପରେ ମା' ଙ୍କ ମନ୍ଦିର ସର୍ବସାଧାରଣ ଦର୍ଶନ ପାଇଁ ସାହାଣ ମେଳା ହୋଇଥିଲା। ଏହି ବ୍ରତ ପାଳନ ନିମନ୍ତେ ଦେବୋତ୍ତର କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଥିଲା।

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପାଳିଲେ ସାବିତ୍ରୀ ବ୍ରତ

ଖୋର୍ଦ୍ଧା,୧୬।୫(ସମିସ): ଖୋର୍ଦ୍ଧା ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରେ ଥିବା ଦେବାଳୟ ଗୁଡିକରେ ଶନିବାର ସାବିତ୍ରୀ ବ୍ରତ ଲାଗି ଭିଡ ଜମିଥିଲା। ହିନ୍ଦୁଧର୍ମର ସଧବା ନାରୀମାନେ ସ୍ୱାମୀଙ୍କ ମଙ୍ଗଳ ମନାସିବା ସହ ଶଙ୍ଖା ସିନ୍ଦୁରକୁ ଅତୁଟ ରଖିବା ଲାଗି ଏହି ବ୍ରତ କରିଥିଲେ। ବିଧି ଅନୁଯାୟୀ ଜ୍ୟେଷ୍ଠମାସ ଅମାବାସ୍ୟା ତିଥିରେ ଏହି ଓଷା କରାଯାଏ। ତେଣୁ ଏହାକୁ କେହି କେହି ଅମାବାସ୍ୟା ମଧ କହିଥାନ୍ତି।ଏଥିପାଇଁ ସହର ଓ ଏହାର ଉପକଣ୍ଠରେ ଥିବା ମନ୍ଦିରରେ ଦିନ ତମାମ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ନାରୀମାନେ ସ୍ୱାମୀଙ୍କ ଦୀର୍ଘଜୀବନ, ସୁସ୍ଥତା ଓ ସଫଳତା କାମନା କରି ନିଷ୍ଠାର ସହ ଏହି ପାଳନ କରିଥାନ୍ତି । ଏଥିସହିତ ଦେବୀ ସାବିତ୍ରୀ, ସତ୍ୟବାନ ଏବଂ ଯମରାଜଙ୍କୁ ମଧ ପୂଜାର୍ଜନା କରାଯାଏ।ବ୍ରତ ରଖିଥିବା ମହିଳାମାନେ ଭୋରୁ ଗାଧୋଇ ରାଧାକୃଷ୍ଣ, ଲକ୍ଷ୍ମୀ ନାରାୟଣ ଆଦି ବିଷ୍ଣୁ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିବାବେଳେ ଆଉକିଛି ଶ୍ରଦ୍ଧାଳୁ ଶୈବପୀଠ ବା ଶକ୍ତିପୀଠରେ ପୂଜା କରିଥିବା ଦେଖାଯାଇଛି। ପରିବେଶ ଓ ପରିସ୍ଥିତି ସହ ତାଳ ଦେଇ ସାବିତ୍ରୀ ବ୍ରତର ପରମ୍ପରାରେ ଯଦିଓ କିଛି ପରିବର୍ତ୍ତନ ଘଟିଛି, ତଥାପି ପ୍ରତ୍ୟେକ ହିନ୍ଦୁ ସଧବା ନାରୀ ଏହାକୁ ନିଷ୍ଠାର ସହ ପାଳନ କରିଥିଲେ। ପୂଜାଲାଗି ନୂତନ ବସ୍ତ୍ର ସହ ବିଭିନ୍ନ



ପ୍ରକାରର ଫୁଲ, ଫଳ, ବ୍ରତ ଓ ପୂଜା ସାମଗ୍ରୀ ନେଇ ବ୍ରତଧାରୀ ଠାକୁରଙ୍କୁ ପୂଜା କରିଥିଲେ। ଖୋର୍ଦ୍ଧା ସହରର ମୁଖ୍ୟତଃ ଧବଳେଶ୍ୱର, ବାଟ ମଙ୍ଗଳା, ଲକ୍ଷ୍ମୀନାରାୟଣ, ଲୋକେଶ୍ୱର, ଲୋକନାଥ, ଦକ୍ଷେଶ୍ୱର, କାମନାମନ୍ଦିର, ଶ୍ରୀରାମନ୍ଦିର, ବାଲୁଙ୍କେଶ୍ୱର, ମା'ମଙ୍ଗଳା ପ୍ରମୁଖ ମନ୍ଦିର ଉପକଣ୍ଠର ମନ୍ଦିର ମାନଙ୍କରେ ସଧବା ନାରୀଙ୍କର ବେଶ ଭିଡ଼ ଦେଖାଯାଇଛି। ବ୍ରତଧାରୀଙ୍କ ପୂଜା ଲାଗି ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

## • କିନ୍ନରଙ୍କ ନିଆରା ସାବିତ୍ରୀ ବ୍ରତ

ସାବିତ୍ରୀ ବ୍ରତ ଉପଲକ୍ଷେ ଶନିବାର ବାଲୁଗାଁ ତଥା ଆଖପାଖ ଅଞ୍ଚଳର କିନ୍ନର ସମ୍ପ୍ରଦାୟ ତରଫରୁ ନିଆରା ସାବିତ୍ରୀ ବ୍ରତ ଓଷା ପାଳନ କରାଯାଇଛି। ଦୀର୍ଘ ୧୩ ବର୍ଷ ଧରି ଅଞ୍ଚଳର କିନର ସମ୍ପ୍ରଦାୟ ଏଭଳି ନିଆରା ସାବିତ୍ରୀ ବ୍ରତ ଓଷା ପାଳନ କରି ଆସୁଥିବା ବେଳେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାଲୁଗାଁ ଆରାଧ ଦେବ ଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିରସ୍ଥିତ ସତ୍ୟବାନ ସାବିତ୍ରୀ ମନ୍ଦିରରେ ସକାଳୁ ଏକତ୍ରୀତ ହୋଇ କିନ୍ନର ମାନେ ସେମାନଙ୍କର ଗୁରୁଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନର ଶୁଭ ମନାସି ସାବିତ୍ରୀ ବ୍ରତ କରି ଉପବାସ ରହି ନୂତନ ବସ୍ତ୍ର, ଶଙ୍ଖା, ସିନ୍ଦୁର ସହ ଭୋଗ ଥାଳି ଧରି ଆସି ପୂଜାର୍ଚ୍ଚନା ପାଇଁ ଧାଡିବାନ୍ଧି ଛିଡାହୋଇ ଥିବା ଦେଖିବାକୁ ମିଳିଥିଲା। ସାବିତ୍ରୀ ବ୍ରତ ନିମନ୍ତେ କିନ୍ନର ମାନଙ୍କ ମଧ୍ୟେରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା।



## • ଜିଲ୍ଲା ଜେଲ୍‌ରେ ବ୍ରତ ପାଳିଲେ ୧୧ ଅନ୍ତେବାସୀ

ବ୍ରିଟିଶ ସମୟର ବହୁପୁରାତନ ଜେଲ ଭାବେ ଖୋର୍ଦ୍ଧା ଜିଲ୍ଲା ଜେଲ ପରିଚିତ। ଏଠାରେ ବିଭିନ୍ନ ଅପରାଧିକ ମାମଲା ରେ ଛନ୍ଦି ହୋଇ ଜେଲ୍ ରେ ରହୁଥିବା ୧୧ଜଣ ସଧବା ଅନ୍ତେବାସୀ ଆଜି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସକାଳୁ ଜେଲ ତରଫରୁ ସେମାନଙ୍କୁ ନୂତନ ଶାଢୀ, ଶଙ୍ଖା ସିନ୍ଦୁର ଏବଂ ଫଳମୂଳ ପ୍ରଦାନ କରାଯାଇଥିଲା। ଜେଲ ପରିସରରେ ଥିବା ମନ୍ଦିରରେ ବ୍ରାହ୍ମଣ ଠାକୁର ନିକଟରେ ପୂଜା ଅର୍ଚ୍ଚନା କରିବା ପରେ ମହିଳା ଅନ୍ତେବାସୀମାନେ ସାବିତ୍ରୀ ବ୍ରତ ପାଳନ କରିଥିବା ଜଣାଯାଇଛି। ସେମାନେ ଜେଲ ମଧ୍ୟରେ ଥାଇ ମଧ ଭଗବାନଙ୍କ ନିକଟରେ ନିଜର ସ୍ୱାମୀଙ୍କ ଦୀର୍ଘାୟୁକାମନା କରିଥିଲେ। ସେହିପରି ଜେଲ ମଧ୍ୟରେ ଥିବା ପୁରୁଷ ଅନ୍ତେବାସୀଙ୍କ ପତ୍ନୀମାନେ ମଧ ନୂତନ ଶାଢୀ ଏବଂ ଠାକୁର ପ୍ରସାଦ ଆଣି ସ୍ୱାମୀଙ୍କ ପାଦ ପୂଜା କରିବା ସମେତ ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ। ସାବିତ୍ରୀ ବ୍ରତ ଅବସରରେ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମସ୍ତ ପ୍ରକାର ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯାଇଥିବା ଜେଲ ନିରୀକ୍ଷକ ରାଜୀବ କୁମାର ଦାସ ସୂଚନା ଦେଇଛନ୍ତି।

**ବାଲୁଗାଁ:** ସାବିତ୍ରୀ ବ୍ରତ ଉପଲକ୍ଷେ ଶନିବାର ମହିଳା ମାନଙ୍କର ପ୍ରବଳ ଭିଡ ପରିଲିକ୍ଷିତ ହୋଇଛି। ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳର ନବ ବିବାହିତା ବଧୂ ଓ ଗୃହିଣୀଙ୍କ ସମେତ ବୟସ୍କ ତଥା ପ୍ରତ୍ୟେକ ସଧବା ନାରୀ ସ୍ୱାମୀଙ୍କ ଦୀର୍ଘାୟୁ ଓ ନିରାମୟ ଜୀବନର ଶୁଭ ମନାସି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ଶୈବପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠ ପରିସରରେ ଅବସ୍ଥାପିତ ସତ୍ୟବାନ ସାବିତ୍ରୀ ମନ୍ଦିରରେ ଭୋରୁ ମଧ୍ୟାହ୍ନ ୨ ଘଟିକା ପର୍ଯ୍ୟନ୍ତ ଲମ୍ବାଧାଡ଼ିରେ ଠିଆ ହୋଇ



ବ୍ରତଧାରୀ ମହଳା ମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ସମଗ୍ର ଅଂଚଳର ସର୍ବ ପୁରାତନ ଶୈବପୀଠ ରାମେଶ୍ୱର ଦେବ ମନ୍ଦିର, ସାମନ୍ତରାପୁର ଦଧିବାମନଦେବ ମନ୍ଦିର ଓ ବାଣପୁରର ବିଭିନ୍ନ ମନ୍ଦିର ସମେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ବିଭିନ୍ନ ମନ୍ଦିରରେ ମହିଳା ମାନେ ସ୍ୱାମୀଙ୍କ ଦୀର୍ଘୟୁ ଓ ନିରାମୟ ଜୀବନ ମନାସି ପୂଜାର୍ଚ୍ଚନା କରିଥିଲେ।

# କ୍ୟାପିଟାଲ ଇଞ୍ଜିନିୟରିଂ କଲେଜରେ ଦି କ୍ୟାପିଟାଲ କ୍ୟାପକ୍ରେଷ୍ଟ

ଖୋର୍ଦ୍ଧା,୧୬।୫(ସମିସ) : ଖୋର୍ଦ୍ଧା ଉପକଣ୍ଠ ମହତାପଲ୍ଲୀସ୍ଥିତ କ୍ୟାପିଟାଲ ଇଞ୍ଜିନିୟରିଂ କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମ ଦି କ୍ୟାପିଟାଲ କ୍ୟାପକ୍ରେଷ୍ଟ -୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ମହୋତ୍ସବ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ବିଷୟଗୁଡ଼ିକରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ। କଲେଜ ର ଅଧକ୍ଷ ଡକ୍ଟର ଚିନ୍ମୟ ରଞ୍ଜନ ପଟ୍ଟନାୟକ ତାଙ୍କ ସ୍ୱାଗତ ଭାଷଣରେ ଶିକ୍ଷାଗତ ଏବଂ ସହ-ପାଠ୍ୟକ୍ରମ ସଫଳତା ଉପରେ ଆଲୋକପାତ କରିବା ସହିତ ଏକ ସଫଳ ସହାୟକ ପରିବେଶ ସୁନିଶ୍ଚିତ କରିବା ପାଇଁ ବ୍ୟକ୍ତିଗତ ଅଭିବୃଦ୍ଧି, ସ୍ଥିରତା ଏବଂ ପିତାମାତାଙ୍କ ସହିତ ସହଭାଗୀତା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଏବଂ ପ୍ରସିଦ୍ଧ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ଅତ୍ୟାଧୁନିକ ଚିକିତ୍ସା ପ୍ରଯୁକ୍ତିବିଦ୍ୟାକୁ କରୁଣାପୂର୍ଣ୍ଣ, ରୋଗୀ-ପ୍ରଥମେ ଯତ୍ନ ସହିତ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯମଜ ଜଗା ଏବଂ ବଳିଆଙ୍କ ଐତିହାସିକ ପୃଥକୀକରଣ ଅସ୍ତ୍ରୋପଚାର ତାଙ୍କ ଜୀବନ ର ଏକ ଐତିହାସିକ ମୁହୂର୍ତ୍ତ ଥିଲା ବୋଲି ସେ କହିବା ସହିତ ଜଟିଳ ଶିଶୁ ନ୍ୟୁରୋସର୍ଜରୀର ମୁକାବିଲା ପାଇଁ ଅଟଳ ସାହସ, ସୂକ୍ଷ୍ମ ଯୋଜନା ଏବଂ ଦୃଢ଼ ବହୁବିଧ ଦଳଗତ କାର୍ଯ୍ୟ ଆବଶ୍ୟକତା ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ମହାନଦୀ କୋଲଫିଲ୍ଡ ଲିମିଟେଡ୍ ର ପୂର୍ବତନ ନିର୍ଦ୍ଦେଶକ ଡ. ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଇଞ୍ଜିନିୟରିଂ କିପରି ପ୍ରତିବନ୍ଧକ ବିଜ୍ଞାନକୁ ବାସ୍ତବତାରେ ପରିଣତ କରେ ତାହା ସାମାଜିକ ପ୍ରଗତିକୁ ଆଗେଇ ନେବା, ଆଧୁନିକ ଭିତିଭୂମି ନିର୍ମାଣ କରିବା ଏବଂ ବିଶ୍ୱ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା




ଉପରେ ଆଲୋକପାତ କରିଥିଲେ। ସି.ଇ.ସି. ନିର୍ଦ୍ଦେଶକ ଡ. ସୌମ୍ୟ ଦର୍ଶନ ମହାନ୍ତି ବିଗତ ବର୍ଷର ସଫଳତା ଉପରେ ଆଲୋକପାତ କରିବା ସହିତ କଲେଜ ଛାତ୍ର ଛାତ୍ରୀ ମାନଙ୍କର ପାସ ପ୍ରତିଶତ, ଶ୍ରେଷ୍ଠ ପ୍ରଦର୍ଶନକାରୀ ଛାତ୍ର ଏବଂ ଛାତ୍ରବୃତି ପୁରସ୍କାର ବିଷୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ସ୍ନାତକ ଇଞ୍ଜିନିୟର ମାନଙ୍କୁ ଡିଗ୍ରୀ ପ୍ରମାଣପତ୍ର ସହିତ ସମ୍ମାନିତ କରିଥିଲେ। ଏଥିସହିତ ସିଇସିର ବାର୍ଷିକ ପତ୍ରିକା ଦି କ୍ୟାପିଟାଲ କ୍ରେସେଂଟ- ୨୦୨୬ ଉନ୍ମୋଚିତ ହୋଇଥିଲା। ସେହିପରି କ୍ରୀଡା କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଇସିର ନିର୍ଦ୍ଦେଶକ ଡକ୍ଟର କୈଳାସ ଚନ୍ଦ୍ର ରାଉତ, ସିଇଓ, ବାଟୋଇ, ସିଷ୍ଟମ ଆଇଟିଡି, ଡ. ଅଶ୍ୱିନୀ କୁମାର ରଥ, ସିଇସିର ପ୍ରତିଷ୍ଠାତା ସୁବାଷ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ ସଂଯୋଜକ ଅଚ୍ୟୁତାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅସହ୍ୟ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ

ବାଲୁଗାଁ,୧୬।୫(ସମିସ): ବାଣପୁର ବାଲୁଗାଁ ତଥା ସମଗ୍ର ଚିଲିକା ଅଞ୍ଚଳରେ କିଛିଦିନ ହେଲା ପ୍ରଚଣ୍ଡ ରୌଦ୍ରତାପ ସହ ଅସହ୍ୟ ଗୁଳଗୁଳି ଅନୁଭୂତ ହେଉଛି। ଟାଇଁ ଟାଇଁ ଖରା ଓ ଅସହ୍ୟ ଗୁଳୁଗୁଳିରେ ଲେକେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ସକାଳ ୯ଘଟିକା ଠାରୁ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୈଦ୍ରତାପର ପ୍ରକୋପ ବୃଦ୍ଧି ପାଇ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ପ୍ରବଳ ଗରମ ସହ ଅସହ୍ୟ ଗୁଳୁଗୁଳି ଲାଗି ରହୁଛି। ଚିଲିକା ଅଞ୍ଚଳରେ ଶୁକ୍ରବାର ତାପମାତ୍ରା ୪୦ ଡ଼ିଗ୍ରି ଛୁଇଁଛି। ଯାହା ଚଳିତ ବର୍ଷର ରେକଡର୍ ବୋଲି ଆକଳନ କରାଯାଉଛି। ପାଣିପାଗ ବିଭାଗ ହିଟ୍ ୱେଭ୍ ଲାଗି ଆଲଟ୍ ଜାରି କରିଥିବା ବେଳେ ଜନସାଧାରଣ ଘରୁ ନ ବାହାରିବାକୁ କୁହାଯାଇଛି। ଫଳରେ ରାସ୍ତାଘାଟ ଶୂନଶାନ ହୋଇପଡି ଥିବା ବେଳେ ଅତ୍ୟାବଶ୍ୟକ ପଡିବାରେ ବାଧ ହୋଇ କାଁ ଭାଁ ଲୋକେ ଘରୁ ବାହରକୁ ଯାଉଥିବା ଦେଖାଯାଇଛି। ସକାଳ ଗୁଳୁଗୁଳି ଆରମ୍ଭ ହୋଇପଡୁ ଥିବା ବେଳେ ରାତ୍ରରେ ମଧ ଅସହ୍ୟ ଗୁଳୁଗୁଳି ପରିଲିକ୍ଷିତ ହେଉଛି। ଏପରିସ୍ଥଳେ ବିଦ୍ୟୁତ କାଟ ନ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଦୈନ ଦିନ ସକାଳୁ ରାତ୍ର ପର୍ଯ୍ୟନ୍ତ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଅନ୍ୟପକ୍ଷେ ପ୍ରଶାସନର ବାରଣ ଥାଇ ମଧ ଶ୍ରମିକମାନେ ପ୍ରଚଣ୍ଡ ରୌଦ୍ର ତାପ ସତ୍ତ୍ୱେ ଖରାରେ କାମ କରୁଥିବା ଦେଖିବାକୁ ମିଳୁଛି। ଦ୍ୱିପ୍ରହର ସମୟରେ ବଜାରହାଟ ଓ ରାସ୍ତା ଘାଟ ଶୂନଶାନ ହୋଇପଡୁଛି। ଏପରି ଖରା ଓ ଗୁଳୁଗୁଳି ଜାରି ରହେ ଅଂଶୁଘାତ ସମ୍ଭାବନାକୁ ଏଡ଼ାଇ ହେବନାହିଁ। ତେଣୁ ଜନସାଧାରଣ ଏଥିପ୍ରତି ଦୃଷ୍ଟି ଦେଇ ସତର୍କ ରହିବା ନିତ୍ୟାନ୍ତ ଆବଶ୍ୟକ ହୋଇପଡିଛି।

# ଚୋରି ଦୁଇ ଟ୍ରାକ୍ଟର ଉଦ୍ଧାର, ଅଭିଯୁକ୍ତ ଗିରଫ

ବାଣପୁର,୧୬।୫(ସମିସ) : ବାଣପୁର ଓ ନାଚୁଣୀ ପୁଲିସ ମିଳିତ ଭାବେ ତଦନ୍ତ କରି କଳାହାଣ୍ଡି ଜିଲ୍ଲାର ଜୁନାଗଡ ଅଞ୍ଚଳରୁ ଦୁଇଟି ଚୋରି ଟ୍ରାକ୍ଟର ଉଦ୍ଧାର କରିବା ସହ ଏହି ଚୋରିରେ ସମ୍ପୃକ୍ତ ଅଭିଯୁକ୍ତ ଜଟଣୀ ଥାନା ଅଧିନ ବେଣାପଞ୍ଜାରୀ ଗ୍ରାମର ମହମ୍ମଦ ରହିମ୍ ଓରଫ ଅବଦୁଲ ଓରଫ ପୁପୁନାକୁ ଗିରଫ କରିଛି ପୁଲିସ। ଏଥିରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ସୂଚନା ମିଳିଛି। ଅଭିଯୋଗ ମୁତାବକ, କିଛି ଦିନ ହେବ ବାଣପୁର ଅଞ୍ଚଳରେ ଗୋଟିଏ ଟ୍ରାକ୍ଟର ଚୋର ଦଳ ସକ୍ରିୟ



ହୋଇପଡିଥିବା ବେଳେ ଗତ ଅପ୍ରେଲ ୧ ତାରିଖ ରାତିରେ ନାଚୁଣୀ ଥାନା ହାଡଖାଇ ଅଞ୍ଚଳର ମୁନା ସ୍ୱାଇଁଙ୍କ ଘର ନିକଟରୁ ତାଙ୍କର ଟ୍ରାକ୍ଟର ଚୋରି ହୋଇ ଯାଇଥିବା ସହ ଅପ୍ରେଲ ମାସ ୨୨ତାରିଖ ରାତିରେ ବାଣପୁର ବେରୁଁଆବାଡି ଗ୍ରାମର ସୁଶୀଲ କୁମାର ପାତ୍ରଙ୍କର ମଧ ଟ୍ରାକ୍ଟର ଚୋରି ହୋଇ ଯାଇଥିଲା। ଏ ନେଇ ନାଚୁଣୀ ଓ ବାଣପୁର ପୁଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ଓ ନାଚୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଗଠନ କରାଯାଇ ଚୋରି ଟ୍ରାକ୍ଟର ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଗାଡିରେ ଲାଗିଥିବା ଜିପିଏସ ଯନ୍ତ୍ରକୁ ଟ୍ରାକ କରି ପୁଲିସ ତଦନ୍ତ କରିବାରେ ଜଟଣି ଥାନା ବେଣାପଞ୍ଜାରୀ ଗ୍ରାମର ପେଷାଦାର ଗାଡି ଚୋର ମହମ୍ମଦ ରହିମ୍ ଓରଫ ପୁପୁନା ଓରଫ ଅବଦୁଲ ଚୋରିରେ ସଂପୃକ୍ତ ଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା। ପୁଲିସ ପୁପୁନକୁ ଧରି ପଚରା ଉଚରା କରି ପୁପୁନର ସୂଚନା କ୍ରମେ ପୁଲିସ ଚୋରି ହୋଇଥିବା ଦୁଇଟି ଟ୍ରାକ୍ଟରକୁ ଜୁନାଗଡର ଏକ ପରିତ୍ୟକ୍ତ ସ୍ଥାନରୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ତେବେ ଏହି ଚୋରିରେ ସମ୍ପୃକ୍ତ ଅବଦୁଲର ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ସୂଚନା ମିଳିଥିବା ବେଳେ ପୁଲିସ ସେମାନଙ୍କୁ ଖୋଜାଖୋଜି କରୁଛି ଅତି ଶୀଘ୍ର ଗିରଫ କରାଯିବ ବୋଲି ଶନିବାର ଅପରାହ୍ଣରେ ନାଚୁଣୀ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରଡା ଏବଂ ନାଚୁଣୀ ଥାନାଧିକାରୀ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି।

# ଶ୍ରୀଅରବିନ୍ଦ ପାଠଚକ୍ରର ୫୪ତମ ବାର୍ଷିକ ଉତ୍ସବ

ଚିଲିକା,୧୬।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଆଙ୍କୁଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଇକ କୋଶଡିହ ଠାରେ "ଶ୍ରୀ ଅରବିନ୍ଦ ପାଠଚକ୍ର, ମାତୃତୀର୍ଥର ୫୪ ତମ ବାର୍ଷିକ ଉତ୍ସବ ପ୍ରତିବର୍ଷ ପରି ଚଳିତବର୍ଷ ସାବିତ୍ରୀ ଅମାବାସ୍ୟା ତିଥିରେ ପାଳିତ ହୋଇଯାଇଅଛି। ପ୍ରାତଃ କାଳରେ ଶ୍ରୀମା' ଓ ଶ୍ରୀ ଅରବିନ୍ଦଙ୍କ ଆଶ୍ରିତ ମାନଙ୍କ ଦ୍ୱାରା ଭାରତର ଆଧାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା ଓ ଏହାକୁ ଉତ୍ତୋଳନ କରିଥିଲେ ଶ୍ରୀ ଅରବିନ୍ଦ ପାଠଚକ୍ର ଆନ୍ଦୋଳନର ପୂର୍ବତନ ଜିଲ୍ଲା ସଂଗଠକ ସୁରେନ୍ଦ୍ର ନାଥ ଜେନା। ଏହାପରେ ରିଲିକ୍ସ ସେଣ୍ଟର ଠାରେ ସମୁହ ଧାନ ଓ ପ୍ରାର୍ଥନା କରାଯାଇଥିଲା। ଶ୍ରୀ ଅରବିନ୍ଦ ପାଠଚକ୍ରର ସଭାପତି ତଥା ଅଧାପକ ଉତ୍ତମ ପାଇକରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା କଳଗଡାସ୍ଥ ଶ୍ରୀ ଅରବିନ୍ଦ ଆଶ୍ରମର ସାଧକ ବିକାଶ ଭାଇ ଓ ମୁଖ୍ୟବକ୍ତା ଭାବେ ଅଧାପକ ରମାକାନ୍ତ ନନ୍ଦ, ସମ୍ମାନୀତ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ସଂଗଠକ ସୂର୍ଯ୍ୟକାନ୍ତ ମହାରଣା ଓ ସୁରେନ୍ଦ୍ରନାଥ ଜେନା ପ୍ରମୁଖ ଯୋଗ ଦେଇ ଶ୍ରୀ ଅରବିନ୍ଦଙ୍କ ଦ୍ୱାରା ଲିଖିତ ମହାନ ଗ୍ରନ୍ଥ "ସାବିତ୍ରୀ' ଉପରେ ଆଲୋକ ପାତ କରିବା ସହ ଭଗବତ୍ ଶକ୍ତି ଅବତରଣ ହିଁ ସଂସାରର ସମସ୍ତ ସମାସ୍ୟାର ସମାଧାନ ସୂତ୍ର ବୋଲି କହିଥିଲେ। ଉକ୍ତ ବାର୍ଷିକ ଉତ୍ସବରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃସ୍ମୃତି, ବଡ଼ ପଦରର ସଂପାଦିକା ଡାକ୍ତର ସୁଧାଙ୍ଗିନୀ ହରିଚନ୍ଦନଙ୍କ ସମେତ ଚିଲିକା- ବାଣପୁର ଅଞ୍ଚଳରେ ଥିବା ବିଭିନ୍ନ ପାଠଚକ୍ରର ପ୍ରାୟ ୪୦୦ରୁ ଉର୍ଦ୍ଧ ଅପାଭାଇ ଯୋଗ ଦେଇ ଥିଲେ। ପାଠଚକ୍ର ଉତ୍ସବର ସମସ୍ତ କାର୍ଯ୍ୟକୁ ସଂପାଦକ କୃଷ୍ଣଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଚିଲିକା ବ୍ଲକର ପୂର୍ବତନ ଭାଇସ ଚେୟାରମ୍ୟାନ ଡାକ୍ତର ଉତ୍ପଳ ପାଇକରାୟ।

# ଅବାଧ ଗୋ-ଚାଲାଣ; ୭ ମଇଁଷି ଉଦ୍ଧାର

ବାଣପୁର,୧୬।୫(ସମିସ): ୧୬ ନଂ ଜାତୀୟ ରାଜପଥରେ ବାଣପୁର ପୁଲିସ ଟିମ ପାଟ୍ରୋଲିଂ କରୁଥିବା ବେଳେ ଶୁକ୍ରବାର ସନ୍ଧ୍ୟା ସମୟରେ ଏକ ପିକଅପ ଭ୍ୟାନ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ସ୍ଥାନୀୟ ବଜରଙ୍ଗ ଦଳର କର୍ମକର୍ତ୍ତା ମାନେ ସନ୍ଦେହରେ ଉକ୍ତ ଭ୍ୟାନକୁ ପିଛା କରି ଅଟକାଇ ତଲାସିବାରେ ଉକ୍ତ ଭ୍ୟାନ ରେ ୭ଗୋଟି ମଇଁଷିକୁ ଅତି ଅମାନୁଷିକ ଭାବେ ବନ୍ଧା ହୋଇ ଥିବାର ଦେଖି ପୁଲିସକୁ ସୁଚନା ଦେଇଥିଲେ। ଖବର ପାଇ ବାଣପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଥିଲେ। ପୁଲିସ ଯାଞ୍ଚ ସମୟରେ ଗୋ ଚାଲାଣର କୌଣସି ବୈଧ କାଗଜ ପତ୍ର ନ ପାଇ ଉକ୍ତ ପିକଅପ ଭ୍ୟାନ ଟିକୁ ଜବତ କରି ବାଣପୁର ଥାନାକୁ ଆଣିବା ସହ ଭ୍ୟାନ ଚାଳକକୁ ଥାନାରେ ଅଟକ ରଖି ପଚରା ଉଚରା ଚଲାଇ ଥିବା ବେଳେ ଭ୍ୟାନରେ ଥିବା ସମସ୍ତ ୭ଟି ମଇଁଷିଙ୍କୁ ଭେଟେନାରୀ ନିରୀକ୍ଷକଙ୍କ ଜିମାରେ ଦେଇ ତଦନ୍ତ ଜାରି ରଖିଥିବା ପୁଲିସ କହିଛି।

# ଅନ୍ତର୍ଜାତୀୟ ପରିବାର ଦିବସ ପାଳନ

ଖୋର୍ଦ୍ଧା,୧୬।୫(ସମିସ): ସ୍ଥାନୀୟ ଶ୍ରୀରାମନଗରସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ମଂଚ ପକ୍ଷରୁ ଅନ୍ତର୍ଜାତୀୟ ପରିବାର ଦିବସ ପାଳିତ ହୋଇଯାଇଛି। ମଞ୍ଚର ଉପଦେଷ୍ଟା ଡ. ପ୍ରମୋଦ ଚନ୍ଦ୍ର ଦାଶଙ୍କ ପୌରହିତ୍ୟରେ ପ୍ରଫୁଲ କୁମାର ସାହୁ, ରମେଶ କୁମାର ଦାଶ, ଭୁବନେଶ୍ୱର ମିଶ୍ର, ରବିନ୍ଦ୍ର ନାଥ ଶତପଥି ଓ ବସନ୍ତ କୁମାର ଦାଶ ସାମ୍ପ୍ରତିକ, ସାମାଜିକ ପରିସ୍ଥିତିରେ ପରିବାର ସଦସ୍ୟଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପରିବାରର ବରିଷ୍ଠ ସଦସ୍ୟମାନଙ୍କର ପରିବାର ଗଠନରେ ସ୍ୱତନ୍ତ୍ର ଭୂମିକା ରହିଛି ଏବଂ ଏହାକୁ ନିର୍ବାହ କରିବା ଦିଗରେ ସେମାନେ ନିଷ୍ଠା ଓ ଆନ୍ତରିକତାର ସହିତ କାର୍ଯ୍ୟ କରିବାକୁ ମଞ୍ଚର ସମ୍ପାଦକ ରାମଶଙ୍କର ମତ ପ୍ରକାଶ



କରିଥିଲେ। କ୍ଷେତ୍ରବାସୀ ସାହୁ, ବିପିନ ବିହାରୀ ମିଶ୍ର, ସମରେନ୍ଦ୍ର ମିଶ୍ର, ଶରତ କୁମାର ସାହୁ, ହରମୋହନ ମହାପାତ୍ର, ନବିନ ସାମନ୍ତସିଂହାର ସଭା ପରିଚାଳନା କରିଥିଲେ। ଶେଷରେ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ହେଉନି ରାଜପଥ ମରାମତି; ଅସରାଏ ବର୍ଷାରେ ଜମୁଛି ପାଣି

ବେଗୁନିଆ,୧୬।୫ (ସମିସ): ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ଓ ବାଘମାରି ବଜାରରେ ଖାଲଖମା ମରାମତି ନ ହେବାରୁ ଅଦିନିଆ ବର୍ଷାର ଜଳ ନିଷ୍କାସନ ହୋଇ ନ ପାରିବାରୁ କୃତ୍ରିମ ହ୍ରଦ ସୃଷ୍ଟି କରିଛି। ଫଳରେ ଦିବା ଓ ରାତ୍ରରେ ଯାତାୟାତ କରୁଥିବା ଯାନବାହାନ ଚଳାଚଳରେ ବାଧାପ୍ରାପ୍ତ ହେଉଛି। ଫଳରେ କେତେକ ଯାନ ବାହାନ ଚାଳକ ଖାଲଖମାକୁ ଦେଖି ନ ପାରି ଦୁର୍ଘଟଣା ଘଟି ଧନ ଜୀବନ ନଷ୍ଟ ହେଉଥିବାର ଦେଖିବାକୁ ମିଳୁଛି।



ଏପରିକି ବିଭିନ୍ନ ସମୟରେ ଗଣମାଧମରେ ଖାଲଖମା ସମ୍ପର୍କରେ ଖବର ପ୍ରକାଶିତ ହୋଇ ଥିଲେ ମଧ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଯନ୍ତ୍ରୀ ଓ ଠିକାଦାର ମଧ୍ୟରେ ମଧୁ ଚନ୍ଦ୍ରିକା ନୀତି ଯୋଗୁଁ ମରାମତି କାର୍ଯ୍ୟ ହୋଇ ପାରୁ ନାହିଁ ବୋଲି ସଚେତନ ନାଗରିକ ସନ୍ତୋଷ କୁମାର ପଣ୍ଡା, ଆଲୋକ କୁମାର ପଣ୍ଡା, ସାମ୍ବାଦିକ ଗଣେଶ୍ୱର ମହାପାତ୍ର ଓ ବାସୁଦେବ ବେହେରା ପ୍ରମୁଖ କହିଛନ୍ତି। ଏହି ଘଟଣା ସମ୍ପର୍କରେ ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ରାକେଶ ପ୍ରଧାନଙ୍କୁ ଯୋଗାଯୋଗ କରିଥିଲେ ମଧ ଫୋନ୍ ଗ୍ରହଣ କରି ନ ଥିଲେ। ତେବେ ଲୋକଙ୍କ ସରକାରରେ ଜାତୀୟ ରାଜପଥରେ ଖାଲ ମରାମତି କାର୍ଯ୍ୟ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

# ବାଲିପାଟପୁର ରାମଲୀଳାର ନବମ ରାତ୍ରି; ଲଙ୍କା ଦହନ କଲେ ହନୁମାନ

ଭୂଷଣ୍ଡପୁର,୧୬।୫(ସମିସ): ବାଲିପାଟପୁର ଦୋଳପଡ଼ିଆଠାରେ ରଘୁନାଥ ଦେବ ନାଟ୍ୟ ସଂସଦର କଳାକାର ମାନଙ୍କ ଦ୍ୱାରା ଚାଲିଥିବା ରାମନାଟକ ଉତ୍ସବର ନବମ ରାତ୍ରି ରେ ଲଙ୍କାପୋଡି ଯାତ୍ରା ପରିବେଷିତ ହୋଇଯାଇଛି। ପ୍ରଭୁ ଶ୍ରୀରାମ ବାଳିକୁ ବଧ କରି ସୁଗ୍ରୀବଙ୍କୁ ସିଂହାସନ ଆରୋହଣ କରି ସୁଗ୍ରୀବ ହନୁମାନ ଓ ବାନର ସେନାଙ୍କୁ ଧରି ସୀତାଙ୍କୁ ଖୋଜିବାରେ ବାହାରିଲେ। ଲଙ୍କା କୁ ଯିବାକୁ ହେଲେ ବିଶାଳ ସମୁଦ୍ର ପାର ହେବାକୁ ହେବ କେବଳ ହନୁମାନ ହିଁ ରାଜି ହୋଇ ଯିବାକୁ ବାହାରିଲା। ପ୍ରଭୁ ଶ୍ରୀରାମ ହନୁମାନକୁ ନିଜର ଗୋଟେ ମୁଦି ଦେଇ ବିଦାୟ ଦେଲେ। ଜୟ ଶ୍ରୀରାମ କହି ହନୁମାନ ଆକାଶ ମାର୍ଗରେ ଯିବାବେଳେ ରାବଣ ତିନି ତିନିଟା ଦାନବଙ୍କୁ ବାଟରେ ଜଗାଇଥିଲା। ହନୁମାନ ସେମାନଙ୍କୁ ହତାହତ କରି ଲଙ୍କାଗଡ଼ରେ ପ୍ରବେଶ କରିଛି। ଅଶୋକ ବାଟିକାରେ ବୁଲୁ ବୁଲୁ ମାତା ସୀତାଙ୍କ ସନ୍ଧାନ ପାଇ ରାମ ଦେଇଥିବା ମୁଦ୍ରିକା ଦେଇ ସୀତାଙ୍କ ଠାରୁ ଚୁଡ଼ାମଣୀ ନେଇ ଫେରିବା ବାଟରେ ବାଟିକାର ଫଳ ମୂଳ ଖାଇ ଖାଇବା ସହ ବାଟିକା ଉଜାଡିଦେଲେ। ଏଥିସହିତ ରାବଣର ପୁତ୍ର ଅକ୍ଷୟ କୁମାର କୁ ମାରି ଶେଷରେ ରାବଣର ଦର୍ଶନ ଲାଳସାରେ ସ୍ୱଇଛାରେ ଇନ୍ଦ୍ରଜିତଙ୍କ ଦ୍ୱାରା ବନ୍ଧନରେ ବାନ୍ଧି ହୋଇ ରାଜ ଦରବାରରେ ଉପସ୍ଥିତ ହୁଅନ୍ତି। ସେଠାରେ ତାଙ୍କୁ ଦଣ୍ଡ ସ୍ୱରୂପ ଲାଞ୍ଜି ରେ



ଅଗ୍ନି ସଂଯୋଗ କରିବା ମହାରାଜ ରାବଣ ନିର୍ଦ୍ଦେଶ ଦିଅନ୍ତି। ଲାଙ୍ଗୁଳରେ ଅଗ୍ନିସଂଯୋଗ ପରେ ଲଙ୍କାକୁ ପୋଡିଦେଇ ଅନେକ ପଶ୍ଚାତାପ କରନ୍ତି। ହନୁମାନ ଏକାଦଶ ରୁଦ୍ର ଅବତାର ଅଟନ୍ତି କାରଣ ରାବଣ ମଧ ଶିବ ଙ୍କର ପରମ ଭକ୍ତ ସେ ମଧ ତାର ଦଶ ମୁଣ୍ଡ କୁ କାଟି ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଶିବଙ୍କର ଆରାଧନା କରିଛି। କିନ୍ତୁ ଏକାଦଶ ରୁଦ୍ର ସଦାବେଳେ ଅସନ୍ତୁଷ୍ଟ ରହୁଥିଲେ। ଏହି ରୁଦ୍ର ତ୍ରେତୟା ଯୁଗରେ ହନୁମାନ ରୂପେ ଜନ୍ମ ଗ୍ରହଣ କଲେ ଏବଂ ରାବଣର ବିନାଶ ପାଇଁ ଭଗବାନ ରାମଙ୍କର ସହଯୋଗୀ ରୂପରେ ଅବତାର ଗ୍ରହଣ କରି ଶେଷରେ ସମଗ୍ର ଲଙ୍କା ପୋଡ଼ି କୁଶଳରେ ଶ୍ରୀରାମଚନ୍ଦ୍ର ନିକଟକୁ ଫେରି ଆସିଛନ୍ତି ବଜଲଙ୍ଗ ବଳୀ। ଏହି ଅପରୂପ ଦୃଶ୍ୟ ଦେଖିବା ଲାଗି ମଂଚ ନିକଟରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମଝିରେ ମଝିରେ ଜୟ ଶ୍ରୀ ରାମ ନାରା ଶୁଣିବାକୁ ମିଳୁଥିଲା। ତେବେ ନାଟକ ଶେଷ ବେଳକୁ ସୂର୍ଯ୍ୟ ଉଦୟ ହୋଇଥିଲେବି ସମସ୍ତ ଦର୍ଶକ ଭାବ ବିହ୍ୱଳ ହୋଇ ମଂଚ ନିକଟରେ ଉପସ୍ଥିତ ରହି ଦେଖିଥିବା ଦେଖାଯାଇଥିଲା। ପରିବେଷିତ ଲଙ୍କାଦହନ ନାଟକକୁ ବାଲିପାଟପୁର ର ସମସ୍ତ ଯୁବ କଳାକାର ନାଟକୀୟ ଢଙ୍ଗରେ ମଞ୍ଚସ୍ଥ କରିଥିବାବେଳେ ରବୀନ୍ଦ୍ର ସାମନ୍ତରା, ରାମଲୀଳା ଗାୟକ ବାବନ ମହାରଣା, ରଙ୍ଗନାଥ ବିଶ୍ୱାଳ, ପୁର୍ଣ୍ଣ ତରାଇ, ସ୍ୱୋପ୍ନେଶୁ ପ୍ରଧାନ, ବାଇଧର ମହାରଣା, ସାତୁରା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

୧୬/୫/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୪୫,୮୬୭/- ସୁନା:୨୪.୪୫୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



## ଶ୍ରୀକ୍ଷେତ୍ରରେ ସାବିତ୍ରୀ ବ୍ରତ

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କଲେ ମହିଳା



**ପୁରୀ,୧୬।୫(ସମିସ):** ପବିତ୍ର ସାବିତ୍ରୀ ବ୍ରତ ଅବସରରେ ଶନିବାର ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ସକାଳୁ ସକାଳୁ ପୁରୀର ବିଭିନ୍ନ ମନ୍ଦିରରେ ସଧବାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ହାତରେ ଥିଲା ଫୁଲ, ଫଳ, ଧୂପ, ଦୀପ ଆଉ ଶାଢ଼ି ଓ ଚୁଡ଼ି। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ବ୍ରତଧାରୀମାନେ ମନ୍ଦିରରେ ଦିଅଁଙ୍କୁ ପୂଜିଥିଲେ। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିସର ସାବିତ୍ରୀ ମନ୍ଦିର, ଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିର, ଶିବ ମନ୍ଦିର, ଷ୍ଟେସନ ନିକଟ ରାମ ମନ୍ଦିର, ନବକଳେବର ରୋଡ଼ସ୍ଥିତ ଆଖଣ୍ଡଳମଣୀ ମନ୍ଦିର, ମୁକୁନ୍ଦ ମିଶ୍ର ନଗରସ୍ଥିତ ଶିବ ମନ୍ଦିର ସମେତ ସହରର ବିଭିନ୍ନ ବିଷ୍ଣୁ ମନ୍ଦିରରେ ଲାଗିଥିଲା ଭିଡ଼। ସାବିତ୍ରୀ ଓ ସତ୍ୟବାନଙ୍କ ଭଳି ସେମାନଙ୍କ ସମ୍ପର୍କକୁ ଅତୁଟ ଓ ଦୀର୍ଘସ୍ଥାୟୀ କାମନା କରି ମହିଳାମାନେ ଏହି ବ୍ରତ ପାଳନ କରିଥିଲେ। ଦିଅଁଙ୍କ ନିକଟରେ ବିଭିନ୍ନ ଫଳମୂଳ ଅର୍ପଣ କରି ଶଙ୍ଖା, ସିନ୍ଦୂର, ଶାଢ଼ି, ଚୁଡ଼ି ପୂଜା କରି ସ୍ୱାମୀଙ୍କ ମଙ୍ଗଳ ମନାସୀ ଥିଲେ।

ଗୁଣ୍ଡିଚା ମନ୍ଦିର ନିକଟ ନୃସିଂହ ମନ୍ଦିରକୁ ପୂଜା କରିବାକୁ ଆସିଥିବା ପାର୍ବତୀ ସାହୁ କହିଛନ୍ତି, ସ୍ୱାମୀଙ୍କ ଦୀର୍ଘାୟୁ ସହ ଯୋଡ଼ି ହୋଇ ରହିଥିବା ଏହି ବ୍ରତ ନିଷ୍ଠାର ସହ ପାଳିଆସୁଛି। ସାବିତ୍ରୀ ବ୍ରତ ସଧବା ମହିଳାଙ୍କର ଏକ ପ୍ରମୁଖ ବ୍ରତ। ଏହା ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଥିବା ସମ୍ପର୍କ ଓ ଭଲପାଇବାକୁ ଆହୁରି ନିବିଡ଼ କରିଥାଏ। ଆମ ବାହାଘରକୁ ୫ ବର୍ଷ ହେଲାଣି। ପ୍ରତିବର୍ଷ ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳନ କରୁଛି।

### ■ ଜେଲ୍‌ରେ ପାଳିଲେ ସାବିତ୍ରୀ ବ୍ରତ

ବାହା ବେଦୀରେ ସାତ ଜନମର ସାଥୀ ହେବା ପାଇଁ ସଂକଳ୍ପ କରିଥିଲେ। ସୁଖ, ଦୁଃଖର ସମଭାଗୀ ହେବାକୁ ପରସ୍ପରକୁ କଥା ଦେଇଥିଲେ। ହେଲେ ସୁଖଦୁଃଖର ସଂସାର ଆଗେଇ ଚାଲିଥିବାବେଳେ କେତେ ଜଣଙ୍କ କ୍ଷେତ୍ରରେ ଘଟିଛି ବ୍ୟତିକ୍ରମ। ନିଜ ଭୁଲ୍‌ୟ ପାଇଁ ହେଉ ବା ଅନ୍ୟ କାହାର ଚକ୍ରାନ୍ତରେ ସେମାନେ ବାଟ ଭୁଲି ଯାଇଛନ୍ତି। ପାରିବାରିକ ସ୍ନେହ, ପ୍ରେମର ଠିକଣା ହଜାଇ ଜେଲ୍‌ର ଚାରିକାନ୍ଥ ଭିତରେ ଜୀବନ ଅତିବାହିତ କରୁଛନ୍ତି। କିନ୍ତୁ ସେମାନଙ୍କ ମନ ଭିତରେ ଥିବା ଭଲପାଇବା ମରିଯାଇନାହିଁ। ଭୁଲି ପାରିନାହାନ୍ତି ନିଜ ମନର ମଣିଷକୁ। ପ୍ରତିଟି ଓଷା, ବ୍ରତ ଆଉ ପର୍ବପର୍ବାଣି ଆସିଲେ ଛାତିର କୋହକୁ ଚାପି ସେ ବି ଆଗେଇ ଆସନ୍ତି। ଅନ୍ୟ ମହିଳାଙ୍କ ପରି ସଜେଇ ହୁଅନ୍ତି ଆଉ ଠାକୁରଙ୍କୁ ପୂଜାର୍ଚ୍ଚନା କରନ୍ତି। ଏମିତି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲ୍‌ରେ। ଏଠାରେ ରହୁଥିବା ମହିଳା ଅନ୍ତେବାସୀ ଶନିବାର ସାବିତ୍ରୀ ବ୍ରତ ପାଳନ କରିଛନ୍ତି, ଯାହାକି ଜେଲ୍ ପରିସରରେ ସୃଷ୍ଟି କରିଥିଲା ଏକ ଆଧ୍ୟାତ୍ମିକ ବାତାବରଣ। ସମ୍ପୃକ୍ତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଛନ୍ତି।

ଉପ ସହ କାରାପାଳ ବୀରକିଶୋର ବିଶ୍ୱାଳଙ୍କ ସୂଚନା ମୁତାବକ, ଏଠାରେ ରହିଥିବା ୧୯ ମହିଳାଙ୍କୁ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ଚୁଡ଼ି, ଫଳମୂଳ ଓ ପୂଜା ସାମଗ୍ରୀ କିଣି ଦିଆଯାଇଥିଲା। ସେମାନେ ଅନ୍ୟ ମହିଳାଙ୍କ ଭଳି ସାବିତ୍ରୀ ବ୍ରତ ପାଳିଥିଲେ। ଜେଲ୍ ପରିସର ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରି ସେମାନଙ୍କ ସ୍ୱାମୀଙ୍କ ଦୀର୍ଘ ଜୀବନ ମଧ୍ୟ କାମନା କରିଥିଲେ। ପୂଜା ଶଙ୍ଖା, ସିନ୍ଦୂର ଏବଂ ନୂଆ ଶାଢ଼ି ପିନ୍ଧି ୪ ଜଣ ମହିଳା ପରିସରରେ ଥିବା ତାଙ୍କ ସ୍ୱାମୀଙ୍କୁ ମୁଣ୍ଡିଆ ମାରିଥିଲେ। ସେହିପରି ଜେଲ୍‌ରେ ଥିବା କିଛି ପୁରୁଷ କଏଦୀଙ୍କୁ ତାଙ୍କ ପତ୍ନୀମାନେ ଆସି ଦେଖା କରିବା ସହ ସାବିତ୍ରୀ ବ୍ରତରେ ଆଶୀର୍ବାଦ ନେଇଥିଲେ। ଏମିତି ଏକ ଭାବ ଗମ୍ଭୀର ପରିବେଶ ସୃଷ୍ଟି ହୋଇଥିଲା ସେହି ସମୟରେ। ଶନିବାର ପୂର୍ବାହ୍ଣରେ ଏହିଭଳି ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ପୁରୀ ଜେଲ୍ ପରିସରରେ। ଜେଲ୍ ଅଧୀକ୍ଷକ ସଞ୍ଜୟ ବର୍ମାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ଶ୍ରୀମନ୍ଦିରରେ ଜଳକ୍ରୀଡ଼ା

**ପୁରୀ,୧୬।୫(ସମିସ):** ଶ୍ରୀମନ୍ଦିରରେ ଶନିବାର ଜଳକ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ଦ୍ୱିତୀୟ ଜଳକ୍ରୀଡ଼ା।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ



**ପୁରୀ,୧୬।୫(ସମିସ):** ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥା'ନ୍ତି। ଶନିବାର ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଯମେଶ୍ୱର ମହାଦେବଙ୍କ ମନ୍ଦିର ଦେଇ ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକୀରେ ଛାତ୍ରୀଙ୍କୁ ଆର୍ଥିକ ସହାୟତା

**ପୁରୀ,୧୬।୫(ସମିସ):** ଶିକ୍ଷୟିତ୍ରୀଙ୍କ ମହାନତା। ସ୍ୱାମୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍‌ଥିକ ସହାୟତା ରାଶି ପ୍ରଦାନ କରୁଛନ୍ତି। ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଣ୍ଣଦା ମହାନ୍ତି ତାଙ୍କ ସ୍ୱାମୀ ଶାରଦା ପ୍ରସନ୍ନ ପଟ୍ଟନାୟକଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଛାତ୍ରୀ ଶାଶ୍ୱତୀ ମହାରଣାଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଶିକ୍ଷୟିତ୍ରୀ ଅର୍ଣ୍ଣଦା ମହାନ୍ତି ସ୍ୱାମୀଙ୍କ ପ୍ରତେକ ଶ୍ରାଦ୍ଧବାର୍ଷିକୀ ଅବସରରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ଗ୍ରହଣ କରିବା ଲାଗି ଆର୍‌ଥିକ ରାଶି ସହାୟତା କରିଆ'ନ୍ତି। ଏଭଳି ଏକ ନିଆରା କାମ କରି ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଆସୁଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ସହରବାସୀ ପ୍ରଶଂସା କରିଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚିକିତ୍ସାଧୀନ ଅବସ୍ଥାରେ ରୋଗୀ ମୃତ୍ୟୁ

**ପୁରୀ,୧୬।୫(ସମିସ):** ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ପରିବାର ପକ୍ଷରୁ ଭୁଲ୍ ଇଞ୍ଜେକ୍ସନ ଦିଆଯିବା ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ଏହି ଘଟଣା ପରେ ହସ୍ପିଟାଲର ଚିକିତ୍ସା ବ୍ୟବସ୍ଥା ଉପରେ ପୁଣିଥରେ ପ୍ରଶ୍ନ ଉଠିଛି। ମୃତକ ବେଲଦଳ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ମୃତକଙ୍କ ଭାଇ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି, ତାଙ୍କ ଭାଇଙ୍କ ଗ୍ୟାସ୍ ହୋଇ ପେଟ କାଟୁଥିଲା। ଏମିତି ବି ପୂର୍ବରୁ ହୁଏ। ଶୁକ୍ରବାର ତାଙ୍କୁ ହସ୍ପିଟାଲରେ ଆଣି ଆଡମିସନ କରିଥିଲୁ। ରାତିରେ ସେ ଭଲ ଭାବେ କଥା ହୋଇଥିଲେ। ହେଲେ ଶନିବାର ଭୋର୍‌ରୁ ତାଙ୍କୁ

**ଭୁଲ୍ ଇଞ୍ଜେକ୍ସନ୍ ଅଭିଯୋଗ ଆଣିଲେ ପରିବାର; ସିଡିଏମ୍‌ଓଙ୍କ ଖଣ୍ଡନ**

ଏକ ଇଞ୍ଜେକ୍ସନ ଦିଆଯାଇଥିଲା। ଏହାପରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ହିଁ ତାଙ୍କ ଭାଇଙ୍କର ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀଙ୍କୁ ପଚାରିବାରୁ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ମୃତ୍ୟୁ ଘଟିଲା ବୋଲି ଯେଉଁ ଅଭିଯୋଗ ହେଉଛି ତାହା ଠିକ୍ ନୁହେଁ। ଶୁକ୍ରବାର ରାତିରେ ଆଡ୍‌ମିସନ ସମୟରେ ତାଙ୍କୁ ମଧ୍ୟ ସେହି ଇଞ୍ଜେକ୍ସନ ଦିଆଯାଇଥିଲା। ଡାକ୍ତରଙ୍କ ଉପସ୍ଥିତିରେ ଲାଇଫ୍ ସେଭିଂର ସମସ୍ତ ଚିକିତ୍ସା କରାଯାଇଥିଲା। କିନ୍ତୁ ଭୁଲ୍ ଇଞ୍ଜେକ୍ସନ ଯାହା କୁହାଯାଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଥିଲେ।

# ମହାପ୍ରସାଦ ପାଇଁ ଉତ୍ତର ଦ୍ୱାରରେ ଭିଡ଼



**ପୁରୀ,୧୬।୫(ସମିସ):** ସାବିତ୍ରୀ ବ୍ରତ ଅବସରରେ ଶନିବାର ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହୋଇଥିଲା। ବେଢ଼ା ପରିସର ସାବିତ୍ରୀ ମନ୍ଦିରରେ ସକାଳୁ ସଧବା ମହିଳମାନେ ଧାଡ଼ି ଲଗାଇ ପୂଜାର୍ଚ୍ଚନା କରିଥିଲେ। ମହାପ୍ରସାଦ ପାଇଁ ବି ବେଶ୍ ଭିଡ଼ ହୋଇଥିଲା। ଏହିଦିନ ପୁରୀ ସହରର ପ୍ରାୟ ଅଧିକାଂଶ ପରିବାର ମହାପ୍ରସାଦ ସେବନ କରିଥାନ୍ତି। ତେଣୁ ଅବଢ଼ା ପାଇଁ ଉତ୍ତର ଦ୍ୱାରରେ ଭିଡ଼ ଲଗାଇଥିଲେ। ଉତ୍ତର ଦ୍ୱାର ଦେଇ ଅବଢ଼ା ପାଇଁ ପ୍ରବେଶ ଅନୁମତି ନ ଥିବାରୁ ଶ୍ରଦ୍ଧାଳୁ ବାହାରେ ଅପେକ୍ଷା କରି ରହିଥିଲେ। ପୂର୍ବରୁ ଅର୍ଡର ପାଇଥିବା ଅନୁସାରେ ସୁଆର ସେବକ ଆଣି ଉତ୍ତର ଦ୍ୱାରରେ ସେମାନଙ୍କୁ ମହାପ୍ରସାଦ ଦେଉଥିଲେ। ସେହିପରି କେତେକ ବୋଝିଆ ମଧ୍ୟ ଶ୍ରଦ୍ଧାଳୁଙ୍କ କହିବା ମୁତାବକ ଆନନ୍ଦ ବଜାରରୁ ଅବଢ଼ା ଆଣି ଦେଉଥିଲେ। ଏଥିପାଇଁ ଉତ୍ତର ଦ୍ୱାରରେ ଗହଳି ହୋଇଥିଲା।

# ଲଜ୍ ନିର୍ମାଣ ବେଳେ କାନ୍ଥ ପଡ଼ି ଶ୍ରମିକ ମୃତ

**ପୁରୀ,୧୬।୫(ସମିସ):** ଚକ୍ରତୀର୍ଥ ରୋଡ୍‌ରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ନିର୍ମାଣାଧୀନ ଲଜ୍‌ର ପୁରୁଣା କାନ୍ଥ ପଡ଼ିଯିବା ଯୋଗୁଁ ଜଣେ ଦିନ ମଜୁରିଆଙ୍କର ଅକାଳ ବିୟୋଗ ଘଟିଛି। ମୃତ ବ୍ୟକ୍ତି ହେଉଛନ୍ତି ଜଗତସିଂହପୁର ଜିଲ୍ଲାର ଶିଶିର ଦଳାଇ(୪୭)। ଅଗ୍ନିଶମ ବିଭାଗ ପହଞ୍ଚି ପ୍ରାୟ ୩୦ ମିନିଟ୍ ଅକ୍ଳାନ୍ତ ପରିଶ୍ରମ କରି ଭଙ୍ଗା କାନ୍ଥ ତଳୁ ତାଙ୍କୁ ବାହାର କରିଥିଲେ।

ସୂଚନା ମୁତାବକ, ଶନିବାର ଅପରାହ୍ଣ ୩ଟାରୁ ୪ଟା ମଧ୍ୟରେ ଚକ୍ରତୀର୍ଥ ରୋଡ୍‌ରେ ଏକ ଲଜ୍ କାମ ଚାଲିଥିଲା। ଏଥିରେ ଶିଶିର କାମ କରୁଥିଲେ। ପୂର୍ବରୁ ସେଠାରେ ଏକ ପୁରୁଣା ନିର୍ମାଣ ଥିଲା। ତାକୁ ଭଙ୍ଗାଯାଇଥିବା ବେଳେ ଗୋଟିଏ ପାଶ୍ୱର୍ କାନ୍ଥ ରହିଥିଲା। ଶନିବାର ଫାଉଣ୍ଡେସନ ପଡ଼ି ବାଲି ଫିଲିଂ କରାଯାଉଥିବା ବେଳେ ସେହି ପୁରୁଣା କାନ୍ଥ ତାଙ୍କ ଉପରେ ମାଡ଼ି ବସିଥିଲା। ତୁରନ୍ତ କାର୍ଯ୍ୟ କରାଉଥିବା ବ୍ୟକ୍ତି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ଅଧଘଣ୍ଟାରୁ ଉର୍ଦ୍ଧ୍ୱ କଠିନ ପରିଶ୍ରମ କରି ଭଙ୍ଗା କାନ୍ଥ ତଳୁ ତାଙ୍କୁ ବାହାର କରିଥିଲେ। ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର କହିଛନ୍ତି, ଖବର ପାଇବା ପରେ ତୁରନ୍ତ ଘଟଣାସ୍ଥଳରେ ପୁଲିସ ପହଞ୍ଚିଥିଲା। ପୂର୍ବରୁ ସେଠାରେ ଏକ ପୁରୁଣା ନିର୍ମାଣ ଥିଲା। ତାହାକୁ ଭଙ୍ଗା ଯାଇ ନୂଆ ନିର୍ମାଣ ଚାଲିଥିଲା। କିନ୍ତୁ ଗୋଟିଏ ପାଶ୍ୱର୍ରେ ପୁରୁଣା କାନ୍ଥ ରହିଥିଲା। ତଳେ ଢଳେଇ ପଡ଼ିବା ପରେ ବାଲି ଫିଲିଂ ଚାଲୁଥିଲା। ଏହି ସମୟରେ ସେହି ପୁରୁଣା କାନ୍ଥଟି ଭାଙ୍ଗି ପଡ଼ିଥିଲା। ତା' ତଳେ ଶିଶିର ରହିଯାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି ଶ୍ରୀ ଚକ୍ର କହିଛନ୍ତି। ତେବେ ଏଠାରେ ପ୍ରଶ୍ନଉଠୁଛି, ଏକ ପୁରୁଣା କାନ୍ଥ ରହିଥିବାବେଳେ ସେଠାରେ ଶ୍ରମିକମାନଙ୍କୁ କାହିଁକି ବିପଜ୍ଜନକ ଭାବେ ନିୟୋଜିତ କରାଯାଇଥିଲା।

## ପ୍ରଶାସନ ପକ୍ଷରୁ ପେଟ୍ରୋଲ ପମ୍ପ୍ ଯାଞ୍ଚ

**ପୁରୀ,୧୬।୫(ସମିସ)**

ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ପୁରୀ ସହରର ବିଭିନ୍ନ ପେଟ୍ରୋଲ ପମ୍ପ୍‌ଗୁଡ଼ିକୁ ତନଖି କରିଥିଲେ। ସେମାନଙ୍କ ଷ୍ଟକ୍ ଯାଞ୍ଚ ସହ ଗ୍ରାହକଙ୍କୁ କିପରି ଭାବେ ପେଟ୍ରୋଲ ଓ ଡିଜେଲ ପ୍ରଦାନ କରାଯାଉଛି ତାହାକୁ ଅନୁଧ୍ୟାନ କରିଥିଲେ। ସଠିକ୍ ଭାବେ ଲୋକମାନଙ୍କୁ ସେବା ଯୋଗାଇବା, କଳାବଜାର ନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପେଟ୍ରୋଲ ପମ୍ପ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ମୁଖ୍ୟ ଯୋଗାଣ ଅଧିକାରୀ ଏହା ଉପରେ କଡ଼ା ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଯାଞ୍ଚ ସମୟରେ ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଉପଜିଲ୍ଲାପାଳ ରାଜ କିଶୋର ଜେନା ଓ ଜିଲ୍ଲାର ସମସ୍ତ ତହସିଲ୍‌ଦାର, ସହକାରୀ ଯୋଗାଣ ଅଧିକାରୀ, ମାର୍କେଟିଂ ଇନ୍ସପେକ୍ଟର ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପ୍ ତନଖି ସହ ଅନୁରୂପ ନିର୍ଦ୍ଦେଶ ଦିଆଯାଇଥିଲା।

# କଣାସ ବର୍ବରତା; ପୁଣି ୩ ଗିରଫ

**ପୁରୀ,୧୬।୫(ସମିସ):** କଣାସ ଗୋଲାବଜାର ମାଛ ମାର୍କେଟରେ ଘଟିଥିଲା ବର୍ବର କାଣ୍ଡ। ସର୍ବ ସମ୍ମୁଖରେ ରାସ୍ତା ଉପରେ ମୃତ୍ୟୁଞ୍ଜୟ ଭାରିମଲ ନାମକ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣି ବୁଲେଟ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ କିଛି ଦୁର୍ବୃତ୍ତ। ଏହି ଘଟଣାରେ କଣାସ ପୁଲିସ ପୁଣି ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଯୋଗିଆପଲ୍ଲୀର ସାଗର ନାୟକ, ଭୁବନେଶ୍ୱର ଖଣ୍ଡଗିରି ଗଙ୍ଗନଗର ବସ୍ତିରେ ରହୁଥିବା ପୁରୀ ଗଜପତିନଗରର ଜ୍ଞାନ ରଞ୍ଜନ ଦଳାଇ ଏବଂ ଖୋର୍ଦ୍ଧା ଜଙ୍କିଆ କୃଷ୍ଣପୁରର ବାପୁଜୀ ପ୍ରଧାନ। ଏମାନେ ମୁଖ୍ୟ ଅଭିଯୁକ୍ତ କଣାସ ଚାନ୍ଦପଡ଼ାର ସୁଧାଂଶୁ ମହାପାତ୍ର ଓରଫ ହାପିର ସହଯୋଗୀ ଥିଲେ। ଅଭିଯୁକ୍ତ ସାଗର ମୃତ୍ୟୁଞ୍ଜୟଙ୍କୁ ପନିକି ଏବଂ ଗୋଡ଼ରେ ଲାତ ମାରିଥିଲା। ଘଟଣା ପରେ ସ୍କୁଟି ଚଳାଇ ମୁଖ୍ୟ ଅଭିଯୁକ୍ତକୁ ନେଇ ଫେରାର୍ ହୋଇଥିଲା। ସେହିପରି ଜ୍ଞାନରଞ୍ଜନ ବୁଲେଟ୍ ଚଳାଉଥିଲା। ଅଭିଯୋଗ ଅନୁସାରେ ସେ ଆହତଙ୍କ ଶରୀରରେ ବୁଲେଟ୍ ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲା।

ବାପୁଜୀ ମୁଖ୍ୟ ଅଭିଯୁକ୍ତ ହାପିଠାରୁ ଘଟଣା ବିଷୟରେ ଜାଣିବା ପରେ ମଧ୍ୟ ତାଙ୍କୁ ସହଯୋଗ କରିଥିଲା। ସେ ଅପରାଧରେ ବ୍ୟବହୃତ ବୁଲେଟ୍ ମୋଟରସାଇକଲ ଓ ସ୍କର୍ପିଓ ଗାଡ଼ିକୁ ନିଜ ଗାଁରେ ଲୁଚାଇ ରଖିଥିଲା। କଣାସ ପୁଲିସ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଘଟଣାରେ ସାମିଲ୍ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି।

## ସାହିତ୍ୟ ଓ ସଂସ୍କୃତି ପାଇଁ ରାମଚନ୍ଦ୍ର ସାହୁ ସ୍ମରଣ ରହିବେ

**ପୁରୀ,୧୬।୫(ସମିସ):** ବିବିଧାବର୍ଣ୍ଣାର କବି ତଥା ଶିକ୍ଷାବିତ୍, ପରିବେଶବିତ୍ ଓ ଅଭିନେତା ଭକ୍ତକବି ରାମଚନ୍ଦ୍ର ସାହୁ ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ପାଇଁ ସ୍ମରଣ ରହିବେ ବୋଲି ମତପ୍ରକାଶ ପାଇଛି। କବିଙ୍କ ବିୟୋଗରେ ରାଣୀସତୀ ଭବନଠାରେ ଡ. ବଦ୍ରି ମିଶ୍ରଙ୍କ ସଭାପତିତ୍ୱ ଓ କବି ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭାରେ ମନୋରଞ୍ଜନ ତ୍ରିପାଠୀ, ସାମ୍ବାଦିକ ପ୍ରସନ୍ନ କୁମାର ଦାଶ, ନିମାଇଁ ମହାନ୍ତି, ସୁକାନ୍ତ ପଣ୍ଡା, ସୁରେନ୍ଦ୍ର ନାଥ ଦାଶ, ପ୍ରଶାନ୍ତ କୁମାର ସାହୁ, ଡ. ସୌମ୍ୟକାନ୍ତ ସାହୁ, କୁମାର ବାଳକୃଷ୍ଣ, ସୁବାସ ଚନ୍ଦ୍ର ସୁବୁଦ୍ଧି, ଯୋଗେଶ୍ୱର ନାୟକ, ପ୍ରଭାସ ଚନ୍ଦ୍ର ମିଶ୍ର, ଚାରୁଲତା ମିଶ୍ର ଓ ସୁମିତ୍ରା ସାହୁ ଅତିଥି ଭାବେ ଯୋଗଦେଇ ଶ୍ରୀ ସାହୁଙ୍କ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ।

# ପୁରୀରେ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା ଦାବି

**ପୁରୀ,୧୬।୫(ସମିସ):** ପୁରୀରେ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଛି ଉତ୍କଳ ବିଦ୍ୱତ୍ ପରିଷଦ। ଶନିବାର ପୁରୀର ଏକ ସାରସ୍ୱତ ସମାରୋହରେ କେନ୍ଦ୍ରମନ୍ତ୍ରୀ ଯୋଗଦେଇଥିବା ଅବସରରେ ପରିଷଦର ସଭାପତି ମନୋଜ ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ତାଙ୍କୁ ସାକ୍ଷାତ୍ କରି ପୁରୀରେ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା ପାଇଁ ଅନୁରୋଧ ପତ୍ର ଓ ୩ ପୃଷ୍ଠା ସମ୍ବଳିତ ଯଥାର୍ଥତା ବିବରଣୀ ସଂଲଗ୍ନ କରି ପ୍ରଦାନ କରିଛନ୍ତି। ଶ୍ରୀ ରଥ ମନ୍ତ୍ରୀଙ୍କୁ କହିଥିଲେ ଯେ, ପୁରୀରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବାର ୬୦ ବର୍ଷ ବିତିଯାଇଛି ଏବଂ ପୁରୀ ପୌରପାଳିକାରୁ ମହାନଗର ନିଗମ ହୋଇସାରିଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ପୁରୀ ଭୌଗୋଳିକ ପରିଧି ବଢ଼ିବା ସହିତ ଜନସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ପୁରୀରେ କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ୍ ପ୍ରତିଷ୍ଠା ହେଲେ ଅନେକ ମେଧାବୀ ଛାତ୍ରଛାତ୍ରୀ ଲାଭାନ୍ୱିତ ହେବେ। ତେବେ କେନ୍ଦ୍ର ମନ୍ତ୍ରୀ ଏହାର ଯଥାର୍ଥତା ଅନୁଭବ କରି ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପରିଷଦ ସଭାପତି ଶ୍ରୀ ରଥ ଆଶା ରଖିଛନ୍ତି। ଏହି ପ୍ରତିନିଧି ମଣ୍ଡଳରେ ବିଜୟ କୃଷ୍ଣ ବ୍ରହ୍ମା, ବିରଞ୍ଚି ନାରାୟଣ ମିଶ୍ର, ଚିତ୍ତରଞ୍ଜନ ବିଶ୍ୱାଳ, ମନୋଜ ଅଗ୍ରୱାଲ ପ୍ରମୁଖ ସାମିଲ୍ ଥିଲେ।



## କୃଷ୍ଣ ଜଗଦ୍ଦେବଙ୍କ 'କବିତା କୁସୁମାଞ୍ଜଳି' ଲୋକାର୍ପିତ

# ସବୁ ମଣିଷଙ୍କ ଭିତରେ କବିତ୍ୱ ଥାଏ: ଧର୍ମେନ୍ଦ୍ର ପ୍ରଧାନ

**ପୁରୀ,୧୬।୫(ସମିସ):** ସବୁ ମଣିଷଙ୍କ ଭିତରେ କବିତ୍ୱ ଥାଏ। ପ୍ରତ୍ୟେକଙ୍କ ଭିତରେ ଥିବା ଆବେଗ ଯେବେ ଉଚ୍ଛୁଳି ପଡ଼େ ତାହା ଆଳଙ୍କାରିକ ଶବ୍ଦରେ କବିତାର ରୂପ ନିଏ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କବି ଓ ରାଜନେତା କୃଷ୍ଣ ଜଗଦ୍ଦେବଙ୍କର କବିତା ଗ୍ରନ୍ଥ 'କବିତା କୁସୁମାଞ୍ଜଳି'କୁ ପାଠକାର୍ପଣ କରି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ ଯେ ଓଡ଼ିଆ ଜନଜୀବନର ମୂଳ ପ୍ରୟୋଗଶାଳା ପୁରୀ। ମହାପ୍ରଭୁଙ୍କ ଏହି ପବିତ୍ର ମାଟି ହେଉଛି ସାହିତ୍ୟର ପେଣ୍ଠସ୍ଥଳ ଏବଂ ଓଡ଼ିଆ ଅସ୍ମିତାର ଖୋଲା ବହି। ମହାପ୍ରଭୁଙ୍କ ସହ ଜଡ଼ିତ ଜନଜୀବନର ଗୋଟିଏ ଗୋଟିଏ କଥା ମହାକାବ୍ୟ ସଦୃଶ। ପବିତ୍ର ସାବିତ୍ରୀ ଅମାବାସ୍ୟା ତିଥିରେ ଲୋକାର୍ପିତ କବି ଶ୍ରୀ ଜଗଦ୍ଦେବଙ୍କର 'କବିତା କୁସୁମାଞ୍ଜଳି' କେବଳ କେତୋଟି ଶବ୍ଦର ସମାହାର ନୁହେଁ, ବରଂ ଏହା ଭକ୍ତି, ସମାଜ ଓ ରାଷ୍ଟ୍ରପ୍ରେମର ଏକ ଅପୂର୍ବ ନିଦର୍ଶନ। ଏହି କବିତା ଗ୍ରନ୍ଥରେ ଭଗବତ ସମର୍ପଣ ସହ ସାମାଜିକ ସମ୍ବେଦନଶୀଳତାର ଏକ ଅପୂର୍ବ ସମନ୍ୱୟ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।



କାର୍ଯ୍ୟକ୍ରମରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ରକ୍ଷକ ନାୟକ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କବିତା ଲେଖିବା, ପୁସ୍ତକରେ ପ୍ରକାଶିତ କବିତା ଏବଂ କବି ଶ୍ରୀ ଜଗଦ୍ଦେବଙ୍କ ବ୍ୟକ୍ତିତ୍ୱ ବିଷୟରେ କହିଥିଲେ। କବି ଶ୍ରୀ ଜଗଦ୍ଦେବ ମୁଁ କବି ନୁହେଁ, ଯାହା ପ୍ରଭୁ ଲେଖେଇଛନ୍ତି ତାହା ଏହି ବହିରେ ପରିପ୍ରକାଶ ହୋଇଛି। ଏହି ପୁସ୍ତକ ପାଠକୀୟ ସ୍ୱୀକୃତି ପାଇ ସମାଜ କଲ୍ୟାଣରେ ଲାଗିଲେ, ସେ ଆନନ୍ଦିତ ହେବେ ବୋଲି କହିଥିଲେ। ପ୍ରକାଶକ ସୁଧୀର ମଉଡ଼ମଣି ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସଭା ସଂଯୋଜନା କରିଥିଲେ। ପ୍ରକାଶଥାଉ କି, 'ସୃଜନ' ଦ୍ୱାରା ପ୍ରକାଶିତ ଏହି କବିତା ଗ୍ରନ୍ଥରେ ୨୧୮ଟି ଭିନ୍ନସ୍ୱାଦର କବିତା ପ୍ରକାଶ ପାଇଛି। ଏହି ସାରସ୍ୱତ ସମାରୋହ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ ଯେ, ଉତ୍କଳମଣିଙ୍କ ତ୍ୟାଗ, ସେବା ଓ ସଂସ୍କାର ସର୍ବଦା ଆମ ସମାଜକୁ ଅନୁପ୍ରାଣିତ କରିବ।

**କୁଳେଇଶିଳା ପଞ୍ଚାୟତରେ ପାନୀୟଜଳ ସଙ୍କଟ**

# ଚୁଆ ପାଣି ଭରସାରେ ଛତ୍ରମଣ୍ଡଳ ଗ୍ରାମବାସୀ

ଗୋରୁମହିଷାଣି, ୧୬।୫(ସମିସ): ଦେଶ ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ସରକାର ଲୋକଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିପାରିନାହାନ୍ତି। ଯଦିଓ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା କରିଛନ୍ତି, ତେବେ କେତେକ ଅଞ୍ଚଳରେ ପାଣି ଭଳି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାରା ସବକା ସାଥ ସବକା ବିକାଶ କେବଳ ସ୍ଲୋଗାନରେ ରହିଯାଇଛି। ବାସ୍ତବରେ ତାହା କାର୍ଯ୍ୟରେ ପରିଣତ ହୋଇପାରିନି। ତାହାର ଏକ ଜଳନ୍ତ ଉଦାହରଣ ଦେଖିବାକୁ ମିଳେ ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଳେଇଶିଳା ପଞ୍ଚାୟତର ଛତ୍ରମଣ୍ଡଳ ଗାଁରେ। ଏହି ଗ୍ରାମର ଲୋକେ ପିଇବା ପାଣି ପାଇପାରୁନାହାନ୍ତି। ଚୁଆ ପାଣି ଏମାନଙ୍କ ଶୋଷ ମେଣ୍ଟାଉଥିବା ଅଭିଯୋଗ ହେଉଛି।

କୁଳେଇଶିଳା ପଞ୍ଚାୟତ ଅଫିସ୍‌ଠାରୁ ୧୦ କିଲୋମିଟର ଦୂରରେ ଅବସ୍ଥିତ ଛତ୍ରମଣ୍ଡଳ ଗାଁ। ପ୍ରାୟ ୩୦ ପରିବାରର ଶହେରୁ ଅଧିକ ଲୋକ ବାସବାସ କରନ୍ତି। ତେବେ ଏହି ଗାଁରେ ବିଶୁଦ୍ଧ ପିଇବା ପାଣି ପହଞ୍ଚି ପାରିନାହିଁ। ଲୋକେ ଚାଷ ବିଲ ମଧ୍ୟରେ ଥିବା ଏକ ଚୁଆରୁ ପାଣି ସଂଗ୍ରହ କରି ଶୋଷ ମେଣ୍ଟାଇଥା'ନ୍ତି। ଗାଁରେ ବହୁ ପୂର୍ବରୁ ସରକାରଙ୍କ ପକ୍ଷରୁ ଦୁଇଟି ନଳ କୂଅ ଖନନ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ଖରାପ ହୋଇପଡ଼ିଥିବାବେଳେ ଅନ୍ୟଟି ପାନୀୟ ଉପଯୋଗୀ



ନୁହେଁ। କିଛି ସମୟ ପରେ ସେ ପାଣି ନାଲି ହୋଇଯାଏ। ଏହି ପାଣିରେ ଚାଉଳ ଡାଲି ସିଝେ ନାହିଁ। ମେଗା ପ୍ରକଳ୍ପର ପାଇପ ଗାଁକୁ ଯାଇଛି। ହେଲେ କେଉଁ ଦିନ ପାଣି ଆସେ, କେଉଁ ଦିନ ଆସେ ନାହିଁ। ପୁଣି ତାହା ମଧ୍ୟ ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରନ୍ତି। ତେଣୁ ଅନ୍ୟ ଉପାୟ ନ ପାଇ ସେହି ଚୁଆ ପାଣିକୁ ଲୋକେ ବ୍ୟବହାର କରିବାକୁ ବାଧ୍ୟ ହୋଇଥାନ୍ତି। ସବୁଠାରୁ ବେଶୀ ସମସ୍ୟା ବର୍ଷା ଦିନରେ ହୋଇଥାଏ। ଯେହେତୁ କୂଅ ଚାରି ପାଖରେ ଚାନ୍ଦିନୀ ନାହିଁ, ଫଳରେ ବିଲ ପାଣି ସବୁ ଚୁଆ ମଧ୍ୟକୁ ପଶି ଆସେ। ଦୂଷିତ ଜଳସେବନ କରି ଗାଁ ଲୋକେ ବାଧ୍ୟ ହୋଇଥା'ନ୍ତି। ଏହି ଚୁଆଟି ବହୁତ୍ ପୁରୁଣା ଅଟେ। ଚୁଆ ପାଖକୁ ଯିବାକୁ ଭଲ ରାସ୍ତା ନାହିଁ। ରାତିରେ ସେଠାକୁ ଯିବାକୁ ବହୁତ୍ ଅସୁବିଧା ହୋଇଥାଏ। ଏ ସମସ୍ୟା ନେଇ ଗାଁ ଲୋକ ଅନେକ ଥର ଅଭିଯୋଗ କରିଛନ୍ତି। କିନ୍ତୁ କେହି ସେଥିପ୍ରତି ଧ୍ୟାନ ଦେଇନାହାନ୍ତି। ଯେତେବେଳେ ବି ନିର୍ବାଚନ ଆସେ ଗାଁ ଲୋକଙ୍କ ଚୁଆର ରକ୍ଷଣାବେକ୍ଷଣ, ଚାନ୍ଦିନୀ କଥା କହିଥା'ନ୍ତି। ସେହି ଆଧାରରେ ଭୋଟ ମଧ୍ୟ ଦେଇଥା'ନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଏହି ଇସୁ ରଖି ବର୍ତ୍ତମାନ ଅବସ୍ଥିତ କୁଳେଇଶିଳା ସରପଞ୍ଚ ଶ୍ରୀମତୀ ମିଲୀରାଣୀ ସିଂଙ୍କୁ ଭୋଟ ଦେଇଥିବା କଥା ଗ୍ରାମର ବାଜିନାଥ ହାଁସଦା କହିଛନ୍ତି। ଆମେ ଜିତିଲେ କୂଅ କାମ ପ୍ରଥମେ କରିବୁ। କିନ୍ତୁ ଆଜକୁ ଚାରି ବର୍ଷରୁ ଅଧିକ ହେଲାଣି କିଛି କାମ ହେଲା ନାହିଁ। ଯଦି ଯଥାଶୀଘ୍ର ଚୁଆର ଉନ୍ନତି ନିମନ୍ତେ ପଦକ୍ଷେପ ନିଆ ନ ଯାଏ, ତେବେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ରୁଚି ଫାର୍ମରେ ୩୫ଦିନିଆ ଛତୁଚାଷ ତାଲିମ ଶିବିର




ବାରିପଦା, ୧୬।୫(ସମିସ): ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଓ କୃଷିଭିତ୍ତିକ ସ୍ୱରୋଜଗାର ଦିଗରେ ପ୍ରେରିତ କରିବା ଲକ୍ଷ୍ୟରେ ବାରିପଦା ଥାନା ଅନ୍ତର୍ଗତ ତକତପୁରସ୍ଥ ଜାତୀୟ ସ୍ତରୀୟ ସମ୍ମାନପ୍ରାପ୍ତ ରୁଚି ମସ୍ରୁମ୍ ଫାର୍ମରେ କପ୍ତିପଦା ଡିଗ୍ରୀ କଲେଜ ବଟ୍‌ନି ବିଭାଗର ସ୍ନାତକ ଛାତ୍ରଛାତ୍ରୀଙ୍କ ପାଇଁ ୩୫ ଦିନିଆ ଛତୁ ଚାଷ, ଛତୁ ମଞ୍ଜି ଉତ୍ପାଦନ ଓ ସଂରକ୍ଷଣ ବିଷୟକ ଇଣ୍ଟର୍ଣ୍ଣସିପ୍ ଶିବିର ଆରମ୍ଭ ହୋଇଛି। ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶାନୁସାରେ ଆୟୋଜିତ ଏହି ଶିକ୍ଷାମୂଳକ କାର୍ଯ୍ୟକ୍ରମକୁ ରୁଚି ମସ୍ରୁମ ଫାର୍ମର ସ୍ଥାନୀୟ ନିର୍ଦ୍ଦେଶିକା ଗୀତାଞ୍ଜଳି ମହାନ୍ତି ଉଦଘାଟନ କରିଥିଲେ। ସେ କହିଥିଲେ ଯେ, ବର୍ତ୍ତମାନ ସମୟରେ ଛତୁଚାଷ ଯୁବପିଢ଼ି ପାଇଁ ଏକ ଲାଭଜନକ ଓ ରୋଜଗାରକ୍ଷମ ଜୀବିକାରେ ପରିଣତ ହୋଇଛି। ଶିକ୍ଷା ସହ ଦାୟିତ୍ୱବୋଧ ଓ କାର୍ଯ୍ୟଦକ୍ଷତା ଅର୍ଜନ କଲେ ଛାତ୍ରଛାତ୍ରୀ ଆଗାମୀ ଦିନରେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର ଯୋଗାଇପାରିବେ। ଏହି ଇଣ୍ଟର୍ଣ୍ଣସିପ୍ ମାଧ୍ୟମରେ ଛାତ୍ରଛାତ୍ରୀ ଥିଓରି ସହ ପ୍ରାକ୍ଟିକାଲ ଓ ଲ୍ୟାବ୍ ୱାର୍କ ଶିକ୍ଷା ଗ୍ରହଣ କରିବେ। ଛତୁ ମଞ୍ଜି ପ୍ରସ୍ତୁତି, ଚାଷ ପ୍ରଣାଳୀ ତଥା ସଂରକ୍ଷଣ ଭଳି ବିଭିନ୍ନ ବିଷୟରେ ସେମାନେ ପ୍ରାୟୋଗିକ ଅନୁଭବ ଅର୍ଜନ କରିବେ। କାର୍ଯ୍ୟକ୍ରମରେ ଫାର୍ମର ପରିଚାଳକ ଓ ଉପନିର୍ଦ୍ଦେଶକ ସୁନୀଲ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ, କୃଷି ଓ ଛତୁ ଚାଷ ମାଧ୍ୟମରେ ଯୁବପିଢ଼ୀ ନିଜ ଭବିଷ୍ୟତକୁ ସୁନିଶ୍ଚିତ କରିପାରିବେ।"ଶିବିର ପରିଚାଳନାରେ ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ସୁଜାତା ପ୍ରଧାନ, ମିସ୍ ଇପ୍ସିତା ପଣ୍ଡା ଏବଂ ଅନ୍ୟାନ୍ୟ ସହଯୋଗୀମାନେ ସକ୍ରିୟ ଭୂମିକା ନିଭାଇଥିଲେ।

## ନାବାଳିକା ଗର୍ଭବତୀ ଘଟଣାରେ ସମ୍ପର୍କୀୟ ପଡ଼ୋଶୀ ଭାଇ ଗିରଫ

ବୈଶିଙ୍ଗା/ବେତନଟୀ, ୧୬।୫(ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ଦୁଷ୍କର୍ମର ଶିକାର ଜଣେ ୧୩ ବର୍ଷୀୟା ନାବାଳିକା ୬ ମାସର ଗର୍ଭବତୀ ହେବା ଘଟଣାରେ ସମ୍ପର୍କୀୟ ପଡୋଶୀ ଭାଇକୁ ଗିରଫ କରାଯାଇଛି। ପୀଡ଼ିତାଙ୍କ ପରିବାରର ଅଭିଯୋଗ ମୁତାବକ ଅଭିଯୁକ୍ତ ୨୮ ବର୍ଷୀୟ ଯୁବକ ପୀଡିତାଙ୍କ ପଡ଼ୋଶୀ ହୋଇଥିବାବେଳେ ସମ୍ପର୍କରେ ଭାଇ। ପ୍ରାୟ ୬ ମାସ ପୂର୍ବରୁ ଅଭିଯୁକ୍ତର ମା'ଦେହ ଅସୁସ୍ଥ ଥିବାରୁ ଘର କାମରେ ସାହାଯ୍ୟ କରିବାକୁ ପୀଡ଼ିତାଙ୍କ ମା'ଙ୍କୁ କହି ପୀଡ଼ିତାଙ୍କୁ କିଛିଦିନ ପାଇଁ ଘରକୁ ପଠାଇବାକୁ କହିଥିଲା। ପରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ସାଙ୍ଗରେ ଘରକୁ ନେଇ ଯାଉଥିବାବେଳେ ଘର କାମ ସରିଲେ ପୁନର୍ବାର ପୀଡ଼ିତାଙ୍କୁ ଘରେ ଆଣି ଛାଡ଼ି ଦେଇଯାଉଥିଲା। ତେବେ ଘରକୁ ଯିବାଆସିବା ସମୟରେ ସୁଯୋଗ ଦେଖି ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଦୁଷ୍କର୍ମ କରିବା ସହିତ ଘଟଣା ବାହାରେ ପ୍ରଘଟ କଲେ ଜୀବନରୁ ମାରିଦେବା ଧମକ ଦେଇଆସୁଥିଲା। ପୀଡ଼ିତା ଭୟରେ ମାନସିକ ଚାପରେ ରହୁଥିବାବେଳେ ଇତିମଧ୍ୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରେ ଡାକ୍ତରୀ ପରୀକ୍ଷାରୁ ସେ ୬ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଘର ଲୋକେ ଅଧିକ ପଚରାଉଚରା କରିବାପରେ ସେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲା। ଏହାପରେ ପୀଡ଼ିତାଙ୍କ ଘର ଲୋକ ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ସମ୍ପର୍କୀୟ ଭାଇକୁ ଗିରଫ କରିଛି।

## ଏମ୍‌ଆଇ ଅଫିସ୍‌ରୁ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ



ବେତନଟୀ, ୧୬।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଏମଆଇ (କ୍ଷୁଦ୍ର ଜଳସେଚନ) ଅଫିସ୍‌ଠାରୁ ଡେଲି ମାର୍କେଟ ହୋଇ ୧୮ ନମ୍ବର ଜାତୀୟ ରାଜପଥ ସହ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନ ଧରି ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ରାଜପଥ ପାଖରୁ ବେତନଟୀ କଲେଜ, ଏସଡିପିଓ ଅଫିସ୍, କୃଷି ଅଫିସ୍, ହର୍ଟିକଲଚର ଅଫିସ୍ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ଏହା ପ୍ରମୁଖ ରାସ୍ତା। ସ୍ଥାନୀୟ ଲୋକେ ଏହାକୁ ମୁଖ୍ୟ ରାସ୍ତା ଭାବେ ବ୍ୟବହାର କରନ୍ତି। ୨୦୧୮ ଶେଷ ଭାଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଥିଲା। ପ୍ରାୟ ୮ ବର୍ଷ ବିତିଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଥରେ ମଧ୍ୟ କୌଣସି ମରାମତି କିମ୍ବା ନବୀକରଣ ହୋଇନାହିଁ। ଫଳସ୍ୱରୂପ ପ୍ରତିଦିନ ଶହ ଶହ ଯାନବାହନ ଚଳାଚଳ କରୁଥିବା ଏହି ରାସ୍ତାରେ ଦୁର୍ଘଟଣା ହେବାର ଆଶଙ୍କା ବଢୁଛି। ବର୍ଷାଋତୁରେ ଅବସ୍ଥା ଆହୁରି ଶୋଚନୀୟ ହୋଇଥାଏ। ସ୍ଥାନୀୟ ବାସିନ୍ଦା ରାସ୍ତାର ଶୀଘ୍ର ମରାମତି ପାଇଁ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଜଣାଇଛନ୍ତି। ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସାରିଛି। କେବଳ ଏଗ୍ରିମେଣ୍ଟ କାର୍ଯ୍ୟ ବାକି ରହିଛି। ଆମେ ଚେଷ୍ଟା କରୁଛୁ ୧୫ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବୁ।

## ସଞ୍ଜୟ ସେଠୀ କଂଗ୍ରେସର ରାଜ୍ୟ ଏସି ସେଲ୍ ସାଧାରଣ ସମ୍ପାଦକ

ବେତନଟୀ, ୧୬।୫(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଆଜି ମୟୂରଭଞ୍ଜ ଜିଲ୍ଲାର ସଞ୍ଜୟ ସେଠୀଙ୍କୁ ଦଳର ଏସି ସେଲ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ବେତନଟୀ ବ୍ଲକ ଅନ୍ତର୍ଗତ ଗୋବରାସୋଳ ଗାଁର ସ୍ଥାୟୀ ବାସିନ୍ଦା ସଞ୍ଜୟ ସେଠୀ ଦୀର୍ଘଦିନ ଧରି କଂଗ୍ରେସ ରାଜନୀତିରେ ସକ୍ରିୟ ଅଛନ୍ତି।



୨୦୧୯ ରୁ ଦଳ ସହିତ ଜଡ଼ିତ ଥିବା ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ଏସି ସେଲର ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ସମ୍ଭାଳିଥିଲେ। ଏହି ନିଯୁକ୍ତି ପରେ ବଡ଼ସାହି ଓ ବେତନଟୀ ବ୍ଲକ ସମେତ ଜିଲ୍ଲାର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ନିଯୁକ୍ତି ପାଇବା ପରେ ସଞ୍ଜୟ ସେଠୀ କହିଛନ୍ତି, କଂଗ୍ରେସ ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ଓ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଯଥାସମ୍ଭବ ସମାଧାନ କରିବା ପାଇଁ ମୁଁ ପ୍ରଚେଷ୍ଟା ଜାରି ରଖିବି। ଦଳର ସଂଗଠନକୁ ଆହୁରି ମଜବୁତ କରି ଲୋକଙ୍କ ଆଶା ପୂରଣ କରିବା ହେଉଛି ମୋର ପ୍ରଧାନ ଲକ୍ଷ୍ୟ। ସେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ମାନସ ମଲ୍ଲିକ ସମେତ ଦଳର ପ୍ରମୁଖ ନେତା ଓ କର୍ମୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିଯୁକ୍ତିକୁ ସ୍ୱାଗତ କରି ବେତନଟୀ ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା ଓ ବଡ଼ସାହି ବ୍ଲକ କଂଗ୍ରେସ ସଭାପତି ଶଶାଙ୍କ ଶେଖର କରଙ୍କ ସମେତ ଅନେକ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି।

## ରବୀନ୍ଦ୍ରନାଥ ମିଶ୍ର ବେତନଟୀ ରେଳ ପରାମର୍ଶଦାତା କମିଟି ସଦସ୍ୟ



ବେତନଟୀ, ୧୬।୫ (ସମିସ): ବେତନଟୀ ରେଳ ପରାମର୍ଶଦାତା କମିଟି (ଡିଆରୟୁସିସି)କୁ ବେତନଟୀର ଏସ୍.ଏସ. ମହୁଲିଆ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ରବୀନ୍ଦ୍ର ନାଥ ମିଶ୍ର ମନୋନୀତ ହୋଇଛନ୍ତି। ନିଯୁକ୍ତି ଦିବସଠାରୁ ଆଗାମୀ ଦୁଇବର୍ଷ କିମ୍ବା ଅନ୍ୟାଦେଶ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟ ସମୟ ରହିବ ବୋଲି ଜଣାଯାଇଛି। ସେ ବେତନଟୀରେ ରେଳ ଉନ୍ନତି ସମ୍ବନ୍ଧୀୟ ବିଭିନ୍ନ ବୈଠକରେ ଯୋଗଦେବା ସହ ମୂଲ୍ୟବାନ ପରାମର୍ଶ ଦେବେ ବୋଲି ୬ ତାରିଖରେ ଚିଠି ଦ୍ୱାରା ଖଡ଼ଗପୁର ରେଲୱେ ବିଭାଗର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଜଣାଇଛନ୍ତି। ଉକ୍ତ ଚିଠି ଖଡ଼ଗପୁର ଦକ୍ଷିଣ-ପୂର୍ବ ରେଳପଥର ଡିଆରଏମଙ୍କ କାର୍ଯ୍ୟାଳୟରୁ ଜି-୨୫/୪୬ ନମ୍ବର କ୍ରମେ ଶ୍ରୀ ମିଶ୍ରଙ୍କ ହସ୍ତଗତ ହୋଇଛି। ଏଥିସହିତ ସେ ବେତନଟୀ ସିଭିଲ ସୋସାଇଟିର ଯୁଗ୍ମ ସାଧାରଣ ସମ୍ପାଦକ, ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ଉପସଭାପତି ଓ ମୟୂରଭଞ୍ଜ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସମ୍ପାଦକ, ବେତନଟୀ କବି ସଂଗମ ଅନୁଷ୍ଠାନର ଉପଦେଷ୍ଟା, ରୋଟାରୀ କ୍ଲବ୍‌ର ସମ୍ପାଦକ ରୂପେ କାର୍ଯ୍ୟରତ ଅଛନ୍ତି। ଏହି ସମସ୍ତ ସଂଗଠନ ତରଫରୁ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

**କିନ୍ନର ପାଳିଲେ ନିଆରା ସାବିତ୍ରୀ ବ୍ରତ**

# ସମାଜର ଶୁଭ ମନାସି କଲେ ଗୁରୁଙ୍କ ପୂଜାର୍ଚ୍ଚନା

ବାରିପଦା, ୧୬।୫(ସମିସ): ସାବିତ୍ରୀ ବ୍ରତରେ କିନ୍ନରମାନେ ନିଆରା ବ୍ରତ ପାଳିଛନ୍ତି। ହାତରେ ପୂଜା ଫୁଲଫଳ ଥାଳି ସହିତ ନୂଆ ଶାଢ଼ୀ ପିନ୍ଧି ସକାଳୁ ସକାଳୁ ମନ୍ଦିରରେ ନିଜ ଗୁରୁଙ୍କ ଦୀର୍ଘାୟୁ କାମନା ସହିତ ସମାଜର ଶୁଭ ମନାଷି ପୂଜାର୍ଚ୍ଚନା କରିଛନ୍ତି। ସାବିତ୍ରୀ ବ୍ରତ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ ଅଟେ। ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘାୟୁ କାମନା କରି ଓଡିଆ ଘରର ମହିଳାମାନେ ବ୍ରତ ପାଳିଛନ୍ତି। ସାବିତ୍ରୀଙ୍କ ପତି ଭକ୍ତିକୁ ମନେ ପକାଇ ପୂଜାର୍ଚ୍ଚନା କରିଛନ୍ତି। ସାବିତ୍ରୀ ବ୍ରତରେ ସ୍ୱାମୀର ଦୀର୍ଘାୟୁ ଜୀବନ କାମନା କରି ଦିଅଁ ପୂଜିଥାନ୍ତି ସ୍ତ୍ରୀ। ଓଡିଆ ଘରର ଏହି ପର୍ବଟିକୁ ସାଧାରଣତଃ ସଧବାମାନେ ହିଁ ସ୍ୱାମୀଙ୍କ ନିରାମୟ ଜୀବନ କାମନା କରି ପାଳନ କରିଥା'ନ୍ତି। କିନ୍ତୁ ଏହି ପରମ୍ପରାରୁ ବାଦ ପଡ଼ିନାହାଁନ୍ତି କିନ୍ନର।



ବାରିପଦା ସହରରେ କିନ୍ନରଙ୍କ ଦ୍ୱାରା ନିଆରା ସାବିତ୍ରୀ ବ୍ରତ ପାଳନ କରୁଥିବା ଦେଖିବାକୁ ମିଳିଛି। ଯାହାକି ବେଶ ନିଆରା ରହିଥିଲା। ସାବିତ୍ରୀ ବ୍ରତରେ ରୀତିନୀତି ଅନୁଯାୟୀ ମଙ୍ଗଳ ମନାସୀ କିନ୍ନରମାନେ ବ୍ରତ ପାଳନ କରିଛନ୍ତି। ସ୍ଥାନୀୟ ସୁନାମୁହିଁଠାରେ କିନ୍ନରମାନେ ଏକାଠି ହୋଇ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଶଙ୍ଖା ସିନ୍ଦୁରରୁ ନେଇ ଫଳମୂଳ ଓ ନୂଆ ବସ୍ତ୍ର ଦେଇ ନିଜର ଗୁରୁ ତଥା ସମାଜର ମଙ୍ଗଳ କାମନା କରି କିନ୍ନରମାନେ ବ୍ରତ ପାଳନ କରିଛନ୍ତି। ଏହି ସାବିତ୍ରୀ ବ୍ରତକୁ ସେମାନେ ଗୁରୁଶିଷ୍ୟ ପରମ୍ପରା ବୋଲି ମାନିଥାନ୍ତି। ଖାଲି ସେତିକି ନୁହେଁ ସେମାନେ ଗୁରୁଙ୍କୁ ହିଁ ତାଙ୍କର ପରିବାର ମାନନ୍ତି। ତେଣୁ ତାଙ୍କର ମଙ୍ଗଳ କାମନା କରି ଏହି ସାବିତ୍ରୀ ବ୍ରତ କରିଥାନ୍ତି। ମହିଳା ବ୍ରତଧାରୀ ମାନେ ଯେଉଁଭଳି ପୂଜା କରିଥାନ୍ତି ସମାନ ଢଙ୍ଗରେ କିନ୍ନର ମାନେ ମଧ୍ୟ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସାବିତ୍ରୀ ବ୍ରତ ପାଇଁ ସବୁଠି ଆଧ୍ୟାତ୍ମିକ ପରିବେଶ ସହିତ ମନ୍ତ୍ରପାଠ ଓ ଶଙ୍ଖ ହୁଳୁହୁଳି ଶବ୍ଦରେ ପ୍ରକମ୍ପିତ। ଏହାରି ମଧ୍ୟରେ କିନ୍ନର ମାନେ ଏକ ନିଆରା ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ପୂଜାବ୍ରତ ଥାଳି ସାଜସଜ୍ଜା କରି ନୂଆ ସାଢି ପରିଧାନ କରି ବ୍ରତଧାରୀ ମନ୍ତ୍ର ଉଚ୍ଚାରଣ ସହିତ ପୂଜକଙ୍କୁ ନେଇ ପୂଜାପାଠ କରିଛନ୍ତି। ବ୍ରତ ଧାରୀ ମାନେ ଜଣେ ଜଣେ କିନ୍ନର ଥିବା ବେଳେ ପୂଜକ ମଧ୍ୟ ସେହି କିନ୍ନର ସମ୍ପ୍ରଦାୟର ଅଟନ୍ତି। ବ୍ରତଧାରୀ ମାନଙ୍କୁ ସେମାନଙ୍କ ମନସ୍କାମନା ପୂରଣ କରିବାକୁ ସଂକଳ୍ପ ପୂଜା କରାଇଛନ୍ତି। ସେମାନଙ୍କ ସମ୍ପ୍ରଦାୟର ପୂଜକ ମଧ୍ୟ ଜଣେ ପରିପକ୍ୱ ପୂଜକ ଭଳି ମନ୍ତ୍ର ଉଚ୍ଚାରଣ କରି ପୂଜାପାଠ କରିଛନ୍ତି। ବେସ୍ ନିଆରା ଥିଲା ଏ ଦୃଶ୍ୟ। କେବଳ ଯେ ନିଜ ଗୁରୁଙ୍କ ଦୀର୍ଘାୟୁ କାମନା କରି କିନ୍ନର ସମ୍ପ୍ରଦାୟ ଏହି ବ୍ରତ ରଖିଛନ୍ତି ତାହା ନୁହଁ ସମାଜର ମଙ୍ଗଳ ମନାସି ଏହି ପୂଜାର୍ଚ୍ଚନା ସମାଜକୁ ଏକ ଭିନ୍ନ ବାର୍ତ୍ତା ମଧ୍ୟ ଦେଇଛନ୍ତି।

## ଅସହାୟ ବାଳକଙ୍କୁ ସହାୟତା

ଶୁକ୍ଳି, ୧୬।୫(ସମିସ): ମୟୁରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ ଅନ୍ତର୍ଗତ ତିଳକୁଟି ପଞ୍ଚାୟତ ରିତେଇସାହିର ତାପସ କୁମାର ତିରିଆ (୯)ଙ୍କ ରହିଛି ଆଖି ସମସ୍ୟା। ତାପସ ଜଣେ ବାପ ଛେଉଣ୍ଡ ଓ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଚିକିତ୍ସା ଅଭାବରୁ ଦିନକୁ ଦିନ ଆଖି ସମସ୍ୟା ବଢ଼ିବାରେ ଲାଗିଛି। କିଏ ଚିକିତ୍ସା କରିବ। କାହାକୁ କହିବେ ଏସବୁର ସମସ୍ୟା ପାଇଁ ଘରେ ଥିଲେ ତାପସ। ତାଙ୍କ ବାମ ଆଖିରେ କିଛି ନ ଦେଖିପାରିବ ଭଳି ସମସ୍ୟା ରହିଛି। ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଦକ୍ଷିଣା ରଞ୍ଜନ ଟୁଡୁ ତାପସର ସମସ୍ୟା ବିଷୟରେ ଅବଗତ ହେବା ପରେ ପ୍ରାଥମିକ ପରୀକ୍ଷା କରାଇଥିଲେ। ଯେଉଁ ଆଖିରେ ସମସ୍ୟା ଅଛି, ତାହା ଚିକିତ୍ସା ଦ୍ୱାରା ଭଲ ମଧ୍ୟ ହୋଇପାରିବ। ଏଣୁ ଡାକ୍ତର ଟୁଡୁ ଚିକିତ୍ସା ପାଇଁ ଅଣ୍ଟା ଭିଡ଼ିଲେ। ଡାକ୍ତରଙ୍କ କହିବା ଅନୁଯାୟୀ ସରକାରୀ ଖର୍ଚ୍ଚରେ ଚିକିତ୍ସା ହେବ। କିନ୍ତୁ ଚିକିତ୍ସା ପୂର୍ବରୁ ଅନେକ ପରୀକ୍ଷା ନିରୀକ୍ଷା କରାଯିବ। ସେ ପରୀକ୍ଷା ପାଇଁ ସରକାରୀ



ବ୍ୟବସ୍ଥା କିଛି ନାହିଁ। ସେଥିପାଇଁ ଡାକ୍ତର ଟୁଡୁ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ ଓ କିଛି ଲୋକଙ୍କୁ ସହଯୋଗ, ସାହାଯ୍ୟ ଓ ସେବାର କରିବାର ସୁଯୋଗ ଦେଲେ। ସ୍ୱେଚ୍ଛାସେବୀ ସ୍ୱରସ୍ୱତୀ ମୁର୍ମୁ, ବାରିଆ ପଞ୍ଚାୟତ ସରପଞ୍ଚ ଅଜିତ ଚାତାର, ଚତୁରାଞ୍ଜୀଳି ସରପଞ୍ଚ ବିଜନ ଚାତ୍ତାର, ସମିତି ସଭ୍ୟା ମେନକା ନାୟକ, ଏନଏମ ଭୃଙ୍ଗଲତା ନାୟକ, ବର୍ଷା ପ୍ରିୟଦର୍ଶିନୀ ଆର୍ଥିକ ସହାୟତା ଦେବା ସହ ତାପସର ସମସ୍ତ ପରୀକ୍ଷା ପାଇଁ କଟକ ଏଲବିପ୍ରସାଦ ଆଖି ଡାକ୍ତରଖାନାକୁ ତାପସକୁ ନେଇଛନ୍ତି। ତାପସକୁ ସହଯୋଗର ହାତ ବଢ଼ାଇଥିବାରୁ ସମସ୍ତଙ୍କୁ ତାପସର ମାଉସୀ ସବିତା ପିଙ୍ଗୁଆ ଧନ୍ୟବାଦ ଜଣାଇଛନ୍ତି।

## ଜିଲ୍ଲାରେ ୨୮୦ ହୋମଗାର୍ଡ ପଦ ପାଇଁ ତାଲିକା ପ୍ରକାଶ

ବାରିପଦା, ୧୬।୫(ସମିସ): ମୟୂରଭଞ୍ଜ ଜିଲ୍ଲା ହୋମଗାର୍ଡ ପଦ ପାଇଁ ୨୮୦ ଜଣ ବହିରାଗତ (ଆଉଟସାଇଡର୍) ପ୍ରାର୍ଥୀଙ୍କୁ ଅନ୍ତବର୍ତ୍ତୀକାଳୀନ ଭାବେ ମନୋନୀତ କରାଯାଇଛି। ମୟୂରଭଞ୍ଜ ହୋମଗାର୍ଡ କମାଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଅଧିସୂଚନା ଜାରି କରି ତାଲିକା ପ୍ରକାଶ ପାଇଛି। ନୋଟିସ୍ ନମ୍ବର ୨୮୪/ଏଚ୍‌ଜିଏସ୍ ଅନୁଯାୟୀ, ରାଜ୍ୟ ହୋମଗାଡ୍‌ର୍ ନିର୍ଦ୍ଦେଶାଳୟ, କଟକର ଅନୁମୋଦନ କ୍ରମେ ଏହି ପ୍ରାର୍ଥୀମାନଙ୍କୁ ଚୟନ କରାଯାଇଛି। ଯୋଗ୍ୟ ବିବେଚିତ ପ୍ରାର୍ଥୀ ମୟୂରଭଞ୍ଜ ଜିଲ୍ଲା ହୋମଗାଡ୍‌ର୍ ବିଭାଗରେ ୧୮।୫।୨୦୨୬ରୁ ଅସ୍ଥାୟୀ ଭାବେ ନିଯୁକ୍ତି ପାଇବେ। ଏହି ନିଯୁକ୍ତି ମାତ୍ର ୩ ବର୍ଷ ପାଇଁ ରହିବ। ଚରିତ୍ର ଓ ପୂର୍ବ ଅଭିଯୋଗ ଯାଞ୍ଚ ସହ ମୌଳିକ ତାଲିମ ସମାପ୍ତ କରିବା ପରେ ହିଁ ସ୍ଥାୟୀ ହେବ। ନୋଟିସ୍‌ରେ ଯୋଗ୍ୟତା ଆଧାରରେ ଜିଡି (ସାଧାରଣ ଡ୍ୟୁଟି), ଡ୍ରାଇଭର, ରୋଷେୟା, କମ୍ପ୍ୟୁଟର ଅଭିଜ୍ଞ, ବାରିକ, ଧୋବା, ଇଲେକ୍ଟ୍ରିସିଆନ ଓ କାର୍ପେଣ୍ଟର ପଦ ପାଇଁ ୨୮୦ ଜଣିଆ ପ୍ରାର୍ଥୀଙ୍କ ଅନ୍ତିମ ତାଲିକା ପ୍ରକାଶ ପାଇଛି। ସମ୍ପୂର୍ଣ୍ଣ ତାଲିକା ସହ ଅଧିସୂଚନା ହୋମଗାଡ୍‌ର୍ ଅଫିସ୍‌ରେ ଉପଲବ୍ଧ ରହିଛି। ନିର୍ବାଚିତ ପ୍ରାର୍ଥୀ ୧୮ ତାରିଖ ଦିନ ସକାଳ ୧୦.୦୦ ଘଟିକାରେ ହୋମ ଗାର୍ଡସ୍ ଅଫିସ, ମୟୂରଭଞ୍ଜ, ବାରିପଦାରେ ରିପୋର୍ଟ କରିବେ। ସେଥିସହିତ ମୂଳ ପ୍ରତିଲିପି ସହ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଟ୍ରେଡ୍ ସାର୍ଟିଫିକେଟ୍, "ଆଧାର କାର୍ଡ, ୪ଟି ପାସପୋର୍ଟ ସାଇଜ୍ ଫଟୋ କପି ସାଙ୍ଗରେ ନେଇଯିବେ। ଏହି ନିଯୁକ୍ତି ମୟୂରଭଞ୍ଜ ଜିଲ୍ଲାର ଯୁବକ-ଯୁବତୀଙ୍କ ପାଇଁ ରୋଜଗାରର ଏକ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

**ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ବିଭିନ୍ନ ସମସ୍ୟା**

# ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ମାସାଆର୍ମୀର ସ୍ମାରକପତ୍ର

ବାରିପଦା, ୧୬।୫(ସମିସ): ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ସମସ୍ୟା ସମାଧାନସହିତବିଭିନ୍ନଦାବିପୂରଣନିମନ୍ତେମୟୂରଭଞ୍ଜର ଜାଗ୍ରତ ସଂଗଠନ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ୫ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଅଧୀକ୍ଷକ ଡାକ୍ତର ଶଶୀକାନ୍ତ ସେଠୀଙ୍କୁ ପ୍ରଦାନ କରାଯାଇଛି।

ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ ଗ୍ରୀଷ୍ମଋତୁ ଚାଲିଛି। ପ୍ରବଳ ଖରା ସାଙ୍ଗକୁ ଅତ୍ୟଧିକ ଗରମ ହେଉଛି। ଫଳରେ ଡାକ୍ତରଖାନାରେ ଆଡମିସନ ହୋଇଥିବା ରୋଗୀ ଗରମରେ ଶିଝୁଛନ୍ତି। କେଉଁଠି ପଙ୍ଖା ଚାଲୁଛି ତ କେଉଁଠି ବନ୍ଦ ହୋଇପଡ଼ିଛି। ତେଣୁ ରୋଗୀ ଓ ରୋଗୀ ପରିବାରଙ୍କୁ ଗରମରୁ ଆଶ୍ୱସ୍ତି ଦେବା ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ସେଣ୍ଟ୍ରାଲ ଏସି ଲଗାଇଲେ ରୋଗୀ ଓ ରୋଗୀ ପରିବାର ଲୋକ ଗରମରୁ ରକ୍ଷା ପାଆନ୍ତେ। ତେଣୁ ହସ୍ପିଟାଲକୁ ତୁରନ୍ତ ସେଣ୍ଟ୍ରାଲ ଏସି କରାଯିବାକୁ ଦାବି କରାଯାଇଛି। ଏଥିସହିତ ଏତେ ବଡ଼



ଡାକ୍ତରଖାନାରେ ଗୋଟିଏ ମାତ୍ର ଅଲ୍ଟ୍ରାସାଉଣ୍ଡ ମେସିନ ଅଛି। ତାହା ଦିନ ଦେଢଟା ପର୍ଯ୍ୟନ୍ତ ହିଁ ଖୋଲା ରହୁଛି। ଫଳରେ ରୋଗୀ ଠିକ୍ ସମୟରେ ଅଲ୍ଟ୍ରାସାଉଣ୍ଡ କରି ନ ପାରି ହଇରାଣ ହେବା ସହ ବାଧ୍ୟ ହୋଇ ବାହାରେ ଅଲ୍ଟ୍ରାସାଉଣ୍ଡ କରି ଅଯଥା ଖର୍ଚ୍ଚାନ୍ତରେ ପଡୁଛନ୍ତି। ତେଣୁ ରୋଗୀଙ୍କ ଉପକୃତ ନିମନ୍ତେ ହସ୍ପିଟାଲରେ ମିନିମମ୍ ୫ଟି ଅଲ୍ଟ୍ରାସାଉଣ୍ଡ ମେସିନ ସ୍ଥାପନ କରିବା ସହ ୨୪ ଘଣ୍ଟା ଖୋଲାଯିବା ନିମନ୍ତେ ଦାବି କରାଯାଇଛି।

ଏଥିସହିତ ହସ୍ପିଟାଲରେ ଦୁଇଟି ମହାପ୍ରୟାଣ ସ୍ୱର୍ଗରଥ ଗାଡ଼ି ଥିବାରୁ ଲୋକମାନେ ମୃତ ଶରୀର ଘରକୁ ଠିକ୍ ସମୟରେ ନେଇପାରୁନାହାନ୍ତି। ତେଣୁ ହସ୍ପିଟାଲରେ ଅତି କମ୍‌ରେ ୫ଟି ମହାପ୍ରୟାଣ ସ୍ୱର୍ଗରଥ ଗାଡ଼ି ରଖିଲେ ଲୋକମାନେ ଉପକୃତ ହେବେ ଓ ଠିକ୍ ସମୟରେ ମାଗଣାରେ କିମ୍ବା ସ୍ୱଳ୍ପ ମୂଲ୍ୟରେ ମୃତଶରୀର ଘରକୁ ନେଇପାରିବେ। ସିଟି ସ୍କାନ ମେସିନ ଗୃହକୁ ଯିବା ରାସ୍ତା ଖରାପ ହୋଇପଡ଼ିଛି। ତାକୁ ତୁରନ୍ତ ମରାମତି ପାଇଁ ଦାବି କରାଯାଇଛି। ଅଧିକାଂଶ ୧୦୮ ଆମ୍ବୁଲାନ୍ସରେ ପଙ୍ଖା ଓ ଏସି ଖରାପ ହୋଇ ଚାଲୁ ନ ଥିବାରୁ ରୋଗୀ ଉକ୍ତ ଆମ୍ବୁଲାନ୍ସ୍ ରେ ହସ୍ପିଟାଲକୁ ଯିବାବେଳେ ଗରମରେ କଲବଲ ହେଉଛନ୍ତି। ତେଣୁ ଖରାପ ହୋଇଥିବା ୧୦୮ ଆମ୍ବୁଲାନ୍ସର ପଙ୍ଖା ଓ ଏସି ଯଥାଶୀଘ୍ର ମରାମତି ନିମନ୍ତେ ଦାବି କରାଯାଇଛି। ଉକ୍ତ ଦାବି ପୂରଣ ଦିଗରେ ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ମାସାଆର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଟିକା ବାଦଲ ମାରାଣ୍ଡି, ଛାତ୍ର ନେତା ବିଶୁ ମୁର୍ମୁ, ସାଂସ୍କୃତିକ ସମ୍ପାଦକ କୃଷ୍ଣ ଟୁଡୁ, ଦୀପକ ହେମ୍ବ୍ରମ, ଜିଲ୍ଲା ସମ୍ପାଦକ କିରଣ ମାରାଣ୍ଡି, ଲାଲମୋହନ ବାସ୍କେ, ଶିବୁ ସିଂ ପ୍ରମୁଖ ସାମିଲ ଥିଲେ।

## ନାବାଳିକାକୁ ଗଣଦୁଷ୍କର୍ମ ଓ ଗର୍ଭବତୀ ମାମଲା

# ଦ୍ୱିତୀୟ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

କେନ୍ଦୁଝର,୧୬।୫(ସମିସ)

କେନ୍ଦୁଝର ଫାଷ୍ଟ ଟ୍ରାକ କୋର୍ଟ ଜଜ ବିଜୟ କୁମାର ମିଶ୍ର ଜଣେ ୧୬ ବର୍ଷ ବୟସ୍କା ନାବାଳିକାକୁ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଆଜି ଆଉ ଜଣେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଅନାଦେୟ ୬ ବର୍ଷ ଅଧିକ ଜେଲ ଦଣ୍ଡାଦେଶ ଅଭିଯୁକ୍ତ ରମେଶ ନାଏକକୁ ଭୋଗିବାକୁ ପଡ଼ିବ। ଅପ୍ରିଲ ୨୦ ତାରିଖ ଏହି ମାମଲାରେ ପ୍ରଦୀପ ନାଏକକୁ ୨୦ ବର୍ଷ ଜେଲ ଦଣ୍ଡ ହୋଇଥିଲା। ସମ୍ପୃକ୍ତ ଅନ୍ୟ ୨ ଜଣ ଫେରାର ଥିବା ବେଳେ ସେମାନଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି।

ପ୍ରକାଶ ଯେ ନୟାକୋଟ ଥାନାଞ୍ଚଳରେ ଜଣେ ଛେଳି ଜଗୁଆଳିଙ୍କ ଘରେ ୭ ମାସର ଗର୍ଭବତୀ ୧୬ ବର୍ଷ ବୟସ୍କା ଯୁବତୀ ରହୁଥିବା ଚାଇଲ୍ଡ ଲାଇନ ଖବର ପାଇଥିଲା। ୧୩ ଫେବୃୟାରୀ ୨୦୨୧ରେ ଚାଇଲ୍ଡ ଲାଇନ ପକ୍ଷରୁ ପୀଡ଼ିତାଙ୍କୁ ଉଦ୍ଧାର କରି ସଖୀ ୱାନ ଷ୍ଟେପ ସେଣ୍ଟରରେ ରଖାଯାଇଥିଲା। କାଉନସେଲିଂ ବେଳେ ସେଣ୍ଟର ପରିଚାଳିକା ଜାଣିବାକୁ ପାଇଲେ ଯେ ସେ ପୀଡ଼ିତା ଏକାଧିକ ଲୋକଙ୍କ ଦ୍ୱାରା ଗଣଦୁଷ୍କର୍ମର ଶିକାର ହୋଇ ଗର୍ଭବତୀ ହୋଇଛନ୍ତି। ଏହାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦୁଝର କେନ୍ଦ୍ର ପରିଚାଳିକା ଐଶ୍ୱର୍ଯ୍ୟା ସଂଘମିତ୍ରା ଦାସ ନୟାକୋଟ ଥାନାରେ ୧୩/୭/୨୦୨୧ରେ ଏତଲା ଦେଇଥିଲେ। ପୁଲିସ କେସ ନମ୍ବର ୩୧/୨୦୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ମାନୁ ପ୍ରଧାନ, ପ୍ରଦୀପ ନାଏକ, ଅଷାଢୁ ପ୍ରଧାନ ଓ ରମେଶ ନାଏକଙ୍କ ବିରୋଧରେ ପ୍ରମାଣ ପାଇ ପୋକ୍ସୋ ଧାରା ୬ରେ ମାମଲା ରୁଜୁ ହୋଇଥିଲା। ଅପ୍ରିଲ ୨୧ ତାରିଖ ରମେଶ ନାଏକକୁ ପୁଲିସ ଗିରଫ କରିଥିଲା ବେଳେ କୋର୍ଟ ୨୦ ଜଣ ସାକ୍ଷୀଙ୍କ ବୟାନ ଏବଂ ପୁଲିସ ତଦନ୍ତ ରିପୋର୍ଟକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପତିତପାବନ ନାଥ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କ ବାପା-ମା' ଗରିବ ହୋଇଥିବାରୁ ନାବାଳିକା ଜଣଙ୍କ ତାଙ୍କ ମାମୁ ଘରେ ରହୁଥିଲେ। ସେଠାରେ ତାଙ୍କ ମାମୁ ଓ ମାଇଁ ସଦର ଥାନାଞ୍ଚଳର ଜଣେ ଯୁବକ ସହିତ ବିଭାଘର କରିଦେଇଥିଲେ। ସ୍ୱାମୀ ଓ ସ୍ତ୍ରୀ ଭାବରେ ଦୁଇ ବର୍ଷ ରହିବା ପରେ ବିଚ୍ଛେଦ ହୋଇଥିଲା। ଛାଡପତ୍ର ପରେ ମାମୁ ଘରେ ପୀଡିତା ରହୁଥିଲେ। ପରେ ଦୁଇ ସପ୍ତାହ ତାଙ୍କ ନାନୀଙ୍କ ଘରକୁ ଯାଇଥିବା ବେଳେ ସେଠାରେ ତାଙ୍କର ଦିଅର ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲା। ପରେ ସେ ତାଙ୍କର ଅନ୍ୟ ଜଣେ ସଂପର୍କୀୟଙ୍କ ଘରକୁ ଯାଇଥିବା ବେଳେ ସେଠାରେ ଘରେ କେହି ନ ଥିବା ବେଳେ ତିନି ଜଣ ମଦ୍ୟପ ଯୁବକ ଦୁଷ୍କର୍ମ କରିଥିଲେ। ପରେ ସେ ଗର୍ଭବତୀ ହୋଇଥିବା ଜାଣି ସମ୍ପର୍କୀୟ ତାଙ୍କ ଘରୁ ବାହାର କରିଦେଲେ। ସେ ବାଟରେ ଯିବା ବେଳେ ଛେଳି ଜଗୁଆଳି ତାଙ୍କୁ ଦେଖି ନିଜ ଘରେ ଆଶ୍ରୟ ଦେଲେ। ଏନେଇ ଚାଇଲ୍ଡ ଲାଇନର ସଦସ୍ୟମାନେ ଜାଣିବା ପରେ ତାଙ୍କୁ ଉଦ୍ଧାର କରିଥିଲେ।

ଦୁଇ ଏବେ ବି ଫେରାର୍

## ୨୨ରେ ବିଜେଡି ମହିଳା ସମାବେଶ



ହାଟଡ଼ିହୀ,୧୬।୫(ସମିସ): ହାଟଡ଼ିହୀ ବିଜେଡି ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ମହିଳା ସମାବେଶ ପାଇଁ ବିଜେଡ଼ି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଇଞ୍ଚଳଠାରେ ଏକ ପ୍ରସ୍ତୁତି ବୈଠକରେ ଏନେଇ ଆଲୋଚନା କରାଯାଇଛି। ବିଧାୟକ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ୍ ବିଜେଡ଼ି ସଭାପତି ସୁରେନ୍ଦ୍ର ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ରତିକାନ୍ତ ରାଉତ, ଜିଲ୍ଲା ପରିଷଦ ସଭ୍ୟା କୌଶଲ୍ୟା ସେଠୀ, ବରିଷ୍ଠ ବିଜେଡି ନେତା ମାର୍କଣ୍ଡ ଓଝା, ବିକ୍ରମ କେଶରୀ ବିଶ୍ୱାଳ, ଶତ୍ରୁଘନ ପାତ୍ର, ବିଶ୍ୱନାଥ ନାୟକ, ଗୌରାଙ୍ଗ ରଣା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳ, ବିଜୁ ଯୁବ ଜନତା ଦଳ ଜିଲ୍ଲା ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ନଟବର ସା, ଗୋପାଳ ନାୟକ, ଯୁବନେତା ଦିଲ୍ଲୀପ ମଲ୍ଲିକ, ତ୍ରୈଲୋକ୍ୟନାଥ ସାହୁ, ସନ୍ତୋଷ ସେଠୀଙ୍କ ସହ ସରପଞ୍ଚ ଅଜିତ ରାଉତ ଏବଂ ଧୁଶାସନ ସାହୁ, ନିର୍ମଳ ସେଠୀ, ଧୁଶାସନ ବେହେରା ଓ ମହିଳା ସଭାପତି ସାବିତ୍ରୀ ସାଙ୍କ ସମେତ ଶତାଧିକ ବିଜେଡ଼ି କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ୨୨ ତାରିଖରେ ମହିଳା ସମାବେଶ କରିବାକୁ ନିଷ୍ପତ୍ତି ନିଆଯାଇଛି।




କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ଥିବା ବିଭିନ୍ନ ତେଲ ଟାଙ୍କିରେ 'ନୋ ଷ୍ଟକ୍' ବ୍ୟାନର ଚର୍ଚ୍ଚା

## ନିମ୍ନମାନର ପାଣି ଟାଙ୍କି ପାଇଁ ପଲ୍ଲୀସଭାରେ ଉତ୍ତେଜନା

ତୁରୁମୁଙ୍ଗା, ୧୬।୫ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବୁଢ଼ୀକାପୁଡ଼ି ପଞ୍ଚାୟତ ବେଲପଶି ଗାଁ ଶୁକ୍ରବାର ମେଗା ପାଣି ଟାଙ୍କି ଜଙ୍ଗଲ ଜମିରେ ଥିବାରୁ କିସମ ପରିବର୍ତ୍ତନ ପାଇଁ ପଲ୍ଲୀସଭା ହୋଇଥିଲା। ସ୍ଥାନୀୟ ସରପଞ୍ଚ ମମତା ନାଏକଙ୍କ ସଭାପତିତ୍ୱରେ ପଲ୍ଲୀସଭା ହେଉଥିବା ବେଳେ ଏଲଏଣ୍ଡଟି କମ୍ପାନୀ ନିମ୍ନମାନର ନିର୍ମାଣ କରିଥିବାରୁ ଟାଙ୍କି ଚାଲୁ ହେବା ପୂର୍ବରୁ ଟାଙ୍କିର ବିଭିନ୍ନ ସ୍ଥାନରୁ ପ୍ଲାଷ୍ଟର ଖସିବା ନେଇ ଉତ୍ତେଜନା ସୃଷ୍ଟି ହୋଇ ପାଟିତୁଣ୍ଡ ହୋଇଥିଲା। ଏନେଇ ପଲ୍ଲୀସଭା ଅଧିବେଶନ ହୋଇ ପାରି ନଥିଲା। ପାଣି ଟାଙ୍କିର କିଛି ଜାଗା ଜଙ୍ଗଲ ଜମିରେ ଥିବରୁ ପ୍ରଶାସନ ପକ୍ଷରୁ କିସମ ପରିବର୍ତ୍ତନ ପାଇଁ ପଲ୍ଲୀସଭା ଡକାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ପାଇଁ ଲୋକେ ବିରୋଧ କରିଥିଲେ। କାର୍ଯ୍ୟକ୍ରମରେ ଆରଡବ୍ଲୁଏସଏସ ଯନ୍ତ୍ରୀ ସଦାଶିବ ମଡେଇ, ବିପିଏମ, ଏମଡି ଜଲାଉଦ୍ଦିନ ଖାନ, ପିଇଓ ଗଙ୍ଗାଧର ପାତ୍ର, ୱାର୍ଡସଦସ୍ୟ ପୁଷ୍ପଲତା ନାଏକ, ଏଡିଇଓ ଭାଗୀରଥି ମହାନ୍ତ, ମେଣ୍ଟ ରମେଶ ମହାନ୍ତ ପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।



## କେନ୍ଦୁଝର ରଥଯାତ୍ରା ପାଇଁ ରଥକାଠ ସଂଗ୍ରହ



ତୁରୁମୁଙ୍ଗା, ୧୬।୫(ସମିସ): କେନ୍ଦୁଝରର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ କାଠ ଶନିବାର ପୂଜାର୍ଚ୍ଚନା କରିବା ପରେ ସଂଗ୍ରହ କରାଯାଇ ପଠାଯାଇଛି। ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ବାଉଁଶୁଳି ସଂରକ୍ଷିତ ଜଙ୍ଗଲରୁ ଝଡ଼ ପବନରେ ଉପୁଡ଼ି ପଡ଼ିଥିବା ଶାଳ ଗଛଗୁଡ଼ିକୁ ସଂଗ୍ରହ କରାଯିବା ପରେ ଖିରେଇଟାଙ୍ଗିରୀଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ କାଠକୁ ପଠାଯାଇଛି। ରଥଯାତ୍ରା ପାଇଁ ନିଜ ଅଞ୍ଚଳରୁ ରଥକାଠ ପଠାଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## କାଳବୈଶାଖୀ ପ୍ରଭାବରେ ଉପୁଡ଼ିଲା ଗଛ



ତୁରୁମୁଙ୍ଗା, ୧୬।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲୀପଶି ଏବଂ ଏହାର ଆଖପାଖ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଶନିବାର ସନ୍ଧ୍ୟାରେ ହଠାତ ବର୍ଷା ସାଙ୍ଗକୁ ପ୍ରବଳ ପବନରେ ଅଞ୍ଚଳର ବହୁ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା। ମଲ୍ଲୀପଶି ଗ୍ରାମର ସୁକୁଟୁ ନାଏକଙ୍କ ଖପର ଓ ଆଜବେଷ୍ଟସ ଛାତ ଉଡ଼ିଯାଇ ଭାଙ୍ଗି ଯାଇଛି। ସେହିପରି ଛକ ନିକଟରେ ଥିବା ଭାବ ରଣାଙ୍କ ଦୋକାନ ଘର ଉପରେ ବଡ଼ ଗଛ ପଡ଼ିଯାଇଥିବାରୁ କ୍ଷତି ସୃଷ୍ଟି ହୋଇଛି। ଅଞ୍ଚଳରେ କିଛି ସମୟ ପାଇଁ ବିଦ୍ୟୁତ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ଘଟଣା ପରେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉପୁଡ଼ି ପଡ଼ିଥିବା ଗଛକୁ କାଟି ରାସ୍ତା ସଫା କରିବା ସହ ସାଧାରଣ ଜନଜୀବନ ସ୍ୱାଭାବିକ କରିବା ପାଇଁ ଉଦ୍ୟମ ଜାରି ରଖିଛି।

## ଦୁଇ ଟ୍ରକ୍ ମଧ୍ୟରେ ଧକ୍କା; ଡ୍ରାଇଭର ଗୁରୁତର

ଆନନ୍ଦପୁର, ୧୬।୫ (ସମିସ): ୨୦ ନମ୍ବର ଜାତୀୟ ରାଜପଥର ଗୋହିରା ନିକଟରେ ରାସ୍ତାରେ ଠିଆ ହୋଇଥିବା ଏକ ଟ୍ରକକୁ କେନ୍ଦୁଝରରୁ ଆସୁଥିବା ଆଉ ଏକ ଲୁହାପଥର ବୋଝେଇ ଟ୍ରକ୍ ଧକ୍କା ଦେବାରୁ ଉକ୍ତ ଗାଡ଼ିର ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଧକ୍କା ଦେଇଥିବା ଗାଡିର ଡୋର



କାଟି ଡ୍ରାଇଭରକୁ ଆହତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାଯାଇଛି।

## ପୁରୁଣା ପିଣ୍ଡିରେ ଛାତ ପକାଇ ୫ ଲକ୍ଷ ଚଳୁ

ଆନନ୍ଦପୁର, ୧୬।୫(ସମିସ)

ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ଥିବା ଘସିପୁରା ଝାଡ଼େଶ୍ୱର ହାଟପିଣ୍ଡିକୁ ଦୋକାନ ଘର କରି ପ୍ରାୟ ୫ ଲକ୍ଷ ଟଙ୍କା ଚଳୁ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଥିବା ଏହି ହାଟ ପିଣ୍ଡି ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ଏହାର ମରାମତି କରିବା ସହିତ ପୁନର୍ବାର ସାପ୍ତାହିକ ହାଟ ଚାଲୁ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ। ତେବେ ମରାମତି ବଦଳରେ ପୁରୁଣା ହାଟପିଣ୍ଡିର ଛାତକୁ ବ୍ୟବହାର କରାଯାଇ ନୂତନ ଦୋକାନ ଘର ନିର୍ମାଣ କରାଯାଇଛି। ଦୋକାନଘର ନିର୍ମାଣର ୬ ମାସ ବିତି ଯାଇଥିଲେ ମଧ୍ୟ ଏଥିରେ ତାଲା ଝୁଲି ରହୁଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

୨୦୦୯ରେ ତତକାଳୀନ ଉପଜିଲ୍ଲାପାଳ ସୁରଥଚନ୍ଦ୍ର ମଳିକ ଓ ସ୍ଥାନୀୟ ଜନସାଧାରଣଙ୍କ ଉଦ୍ୟମରେ ଝାଡ଼େଶ୍ୱର ମନ୍ଦିର ସମ୍ମୁଖରେ ସୋମବାର ସାପ୍ତାହିକ ହାଟର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ହାଟରେ ପ୍ରବଳ ସମାଗମ ହେବା ସହିତ ବିଭିନ୍ନ ଅଞ୍ଚଳରୁ ଚାଷୀ ଓ ବ୍ୟବସାୟୀମାନେ ଯୋଗ ଦେଇଥିଲେ। ୨୦୧୦ରେ ଏଠାରେ ଆରଏମସି ପକ୍ଷରୁ ୧୨ ଲକ୍ଷ ଟଙ୍କା ବ୍ୟୟରେ ହାଟପିଣ୍ଡି ନିର୍ମାଣ କରାଯାଇଥିଲା। ତେବେ ଆରଏମସିର ପରିଚାଳନାଗତ ତ୍ରୁଟିପାଇଁ କିଛିମାସ ପରେ ହାଟ ବନ୍ଦ ହୋଇଥିଲା। ବ୍ୟାରେଜ୍ ରାସ୍ତା ନିର୍ମାଣପରେ ଏଠାରେ ପୁଣି ହାଟ ଆରମ୍ଭ କରାଯିବାକୁ ଆରଏମସି ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ଇତିମଧ୍ୟରେ ୧୪ ବର୍ଷ ବିତି ଯାଇଥିଲେ ମଧ୍ୟ ହାଟ ଆରମ୍ଭ ହୋଇପାରିନାହିଁ। ପିଣ୍ଡିର ମରାମତି କରି ହାଟର ଶୁଭାରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଥିଲା। ଏହାର ମରାମତି ବାବଦରେ ଆରଏମସି ପକ୍ଷରୁ ୫ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିଲା। ତେବେ ପିଣ୍ଡି ମରାମତି କରାଯିବା ପରିବର୍ତ୍ତେ ପୁରୁଣା ଛାତ ତଳେ ୬ ବଖରା ଘର ନିର୍ମାଣ କରି ଠିକାଦାର କାମ ସାରି ଦେଇଥିଲା। ଇତିମଧ୍ୟରେ ଛଅମାସ ବିତି ଯାଇଥିବାବେଳେ ସେହିଦିନଠାରୁ ଏଠାରେ ତାଲା ଝୁଲୁଛି।



୬ ମାସ ହେଲା ଆର୍‌ଏମ୍‌ସି ମାର୍କେଟ୍ କମ୍ପ୍ଲେକ୍ସରେ ତାଲା

ଏନେଇ କୌଣସି ଟେଣ୍ଡର ହୋଇ ନଥିବାବେଳେ ଏହି ଅନୁଦାନକୁ ହରିଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଏପଟେ ନିର୍ମାଣ ପରେ ଦୋକାନ ଘର ଭିତରେ ପାଣି ଗଳୁଥିବା ନେଇ ସ୍ଥାନୀୟ ଲୋକମାନେ କହିଛନ୍ତି। ସାମାନ୍ୟ ବର୍ଷା ହେଲେ ଦୋକାନ ଘର ସମ୍ମୁଖରେ ମଧ୍ୟ ପାଣି ଜମୁଥିବା ପରିଲକ୍ଷିତ ହୋଇଛି। ଏହାର ବ୍ୟବହାର ହେଉ ନଥିବାରୁ ଏହା କେବଳ ଠିକାଦାର ପୋଷିବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି କୁହାଯାଉଛି।

## ଆହତ ବିଜେପି ନେତାଙ୍କୁ ଭେଟିଲେ କେନ୍ଦୁଝର ସାଂସଦ

ଆନନ୍ଦପୁର, ୧୬।୫ (ସମିସ)



ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁଙ୍କ ସଡ଼କ ଦୁର୍ଘଟଣାରେ ବାମ ଗୋଡ଼ ଭାଙ୍ଗି ଯାଇଥିବା ଖବର ପାଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଆଜି ଶ୍ରୀ ସାହୁଙ୍କ ଆନନ୍ଦପୁର ସହରସ୍ଥ ଲକ୍ଷ୍ମୀ ବଜାର ସାହିସ୍ଥିତ ବାସଭବନ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ସେଠୀ, ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଡକ୍ଟର ଶମ୍ଭୁନାଥ ରାଉତ, ବିଜେପି ଜିଲ୍ଲା ଉପସଭାପତି ଜ୍ଞାନରଞ୍ଜନ ସାମନ୍ତସିଂହାର, ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ,ବରିଷ୍ଠ ବିଜେପି ନେତା ସୁଶାନ୍ତ ଜେନା, ବେଲବାହାଳି ସରପଞ୍ଚ ଦୀପ୍ତି ସାହୁ, ଆନନ୍ଦପୁର ନଗର ମଣ୍ଡଳ ସଭାପତି ହେମନ୍ତ ସାହୁ, ମଳୟ ମିଶ୍ର, ପ୍ରଶାନ୍ତ ମହାପାତ୍ର, ବବିତା ଶତପଥୀ, ରବିନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ପାତ୍ର, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ଗଗନ ବିହାରୀ ସାହୁ, ରାମଚନ୍ଦ୍ର ମହାପାତ୍ର, ପ୍ରଣୟନୀ ବ୍ରହ୍ମ, ଦୀପକ ରାମ, ଦୁଃଖବନ୍ଧୁ ରଣା, ସୋନାଲି ସାହୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଦୁର୍ଘଟଣାଗ୍ରସ୍ତଙ୍କୁ ଭେଟିଲେ ବିଧାୟକ

ହାଟଡ଼ିହୀ,୧୬।୫(ସମିସ): ଗତ ୧୩ ତାରିଖ ସନ୍ଧ୍ୟାରେ ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ରାଜପଥ ତଥା ହାଟଡ଼ିହୀ ତହସିଲ୍ କାର୍ଯ୍ୟାଳୟ ନିକଟରେ ଏକ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ବିଧାୟକ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ତାଙ୍କୁ ଦୁର୍ଘଟଣା ଦିନ ଉଦ୍ଧାର କରି ନିଜ ଗାଡ଼ିରେ ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଆହତ ବ୍ୟକ୍ତି ଜଣଙ୍କ ଆମ୍ରୋ ପଞ୍ଚାୟତ ଜଳହରିର ରତ୍ନାକର ଜେନା। ଚିକିତ୍ସା ପରେ ଆହତ ବ୍ୟକ୍ତିଙ୍କୁ ବିଧାୟକ ଅଭିମନ୍ୟୁ ସେଠୀ ଓ ତାଙ୍କର ସମର୍ଥକମାନେ ଭେଟି ଆଶୁଆରୋଗ୍ୟ କାମନା କରିଛନ୍ତି।



## ସା ନି ଧା ପା.. ପକ୍ଷରୁ ଶାସ୍ତ୍ରୀୟ ସଂଗୀତ ଆସର

ଆନନ୍ଦପୁର, ୧୬।୫ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳରେ ସା ନି ଧା ପା.. ପକ୍ଷରୁ ଶାସ୍ତ୍ରୀୟ ସଂଗୀତ ଆସର ଅନୁଷ୍ଠିତ ହୋଇଯାଇଛି। ପତିତପାବନ ମହାବିଦ୍ୟାଳୟରେ ସଂଗୀତ ଗୁରୁ ହରିହର ଜେନା ସନ୍ତୋଷ ପରିଡା, ସୁବାଶିଷ ଶତପଥୀଙ୍କ ତତ୍ତ୍ୱାବଧାନରେ ହିନ୍ଦୁସ୍ତାନ ଭୋକାଲ ଓଡ଼ିଶୀ ଓ ତବଲା ବାଦନ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ



ମନରଞ୍ଜନ ମହାପାତ୍ର ସୁବ୍ରତ କୁମାର ନାୟକ ଅମୀୟ ରଞ୍ଜନ ବାରିକ ନନ୍ଦକିଶୋର ଦାସ ବସନ୍ତ ଦାସ ବିଜୟିନୀ ବେହେରା ପ୍ରମୁଖ ଯୋଗଦେଇ ମୂଲ୍ୟାୟନ କରିଥିଲେ। ଆଜିର ଶାସ୍ତ୍ରୀୟ ଆସର ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୨୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରେ ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ଥିବା ନିଷ୍ଠା ଓ ଶାସ୍ତ୍ରୀୟ ସଙ୍ଗୀତକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଆଲୋଚନା ଏବଂ ଅନେକ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷାର୍ଥୀ ଓ ଗୁରୁଙ୍କୁ ନେଇ ତବଲା, ହିନ୍ଦୁସ୍ତାନୀ ଗାୟନ ଓ ଓଡ଼ିଶୀ ଗାୟନର ଆସର ଉଚ୍ଚକୋଟୀର ହୋଇଥିଲା। କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ସାହୁ, ବିଜୟ ତ୍ରିପାଠୀ, ନିମାଇଁ ହରିଚନ୍ଦନ ଜେନା, ହରିହର ମିଶ୍ର, କୁନାଲ ସାହୁ, ଅମିୟ ନାଥ ଦୀପକ ସ୍ୱାଇଁ ଦେବେନ୍ଦ୍ର ମିଶ୍ର ଅଭିଲିପ୍ସା ତ୍ରିପାଠୀ କ୍ଷୀରାବ୍ଧି ତନୟା ପଣ୍ଡା ସୁତପା ନାଥ ଓ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ଆଦିବାସୀ ଇଲାକାରେ ରେଳଷ୍ଟେସନର ଚିତ୍ର

# ଛାତ୍ରଛାତ୍ରୀଙ୍କୁ ରେଳ ଗାଡ଼ି ଓ ଯାତ୍ରାର ଅନୁଭୂତି

ଆନନ୍ଦପୁର, ୧୬।୫(ସମିସ)

ଆନନ୍ଦପୁର ଉପଖଣ୍ଡକୁ କେବେ ରେଳ ଗାଡ଼ି ଗଡ଼ିବ ଏନେଇ କୌଣସି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିନାହିଁ। ହେଲେ ଆନନ୍ଦପୁର ଉପଖଣ୍ଡର ଉପାନ୍ତ ଅଞ୍ଚଳଭାବେ ପରିଚିତ ଗୟଳମୁଣ୍ଡାରେ ରେଳଷ୍ଟେସନକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା ହେଉଛି। ଏଠାକାର ଗୟଳମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ରେଳଗାଡି ଓ ଷ୍ଟେସନର ଚିତ୍ର ଛାତ୍ରଛାତ୍ରୀଙ୍କୁ ଆନନ୍ଦ ଦେବା ସହିତ ଏନେଇ ମଧ୍ୟ ଜ୍ଞାନ ଆହରଣ କରିପାରିଛନ୍ତି। ଆନନ୍ଦପୁରକୁ ରେଳପଥ ସଂଯୋଗପାଇଁ ଦୀର୍ଘ ୧୫ ବର୍ଷ ହେଲା ଆନ୍ଦୋଳନ ହୋଇଆସୁଛି। ଏଥିପାଇଁ ଆନନ୍ଦପୁର ବନ୍ଦ, ମାନବ ଶୃଙ୍ଖଳ, ଭୁବନେଶ୍ୱରରେ ଧାରଣା, ପୁରୀ ବଡଦାଣ୍ଡରେ ଦଣ୍ଡବତ ଯାତ୍ରା, ଘଟଗାଁକୁ ସଂକୀର୍ତ୍ତନ ଯାତ୍ରା ମାଧ୍ୟମରେ ବହୁବାର ଆନ୍ଦୋଳନ ହୋଇଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ, କେନ୍ଦୁଝର ସାଂସଦଙ୍କୁ ମଧ୍ୟ ବାରମ୍ବାର ଅନୁରୋଧ କରି ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଅଦ୍ୟାବଧି ଆନନ୍ଦପୁରକୁ ରେଳପଥ ସଂଯୋଗପାଇଁ ସବୁଜ ସଂକେତ ମିଳିପାରିନାହିଁ। ଏପରିକି ରାଜ୍ୟରେ ଡବଲଇଂଜିନ୍ ସରକାର ବେଳେ ରେଳପଥ ସଂଯୋଗ ଦାବି ହାସଲପାଇଁ ସହଜ ହେବବୋଲି ଆଶା କରାଯାଉଥିବାବେଳେ ଆନନ୍ଦପୁର ବାସୀଙ୍କୁ ନିରାଶ ହେବାକୁ ପଡିଛି। ତେବେ ଏଭଳି ସମୟରେ ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରେଳଷ୍ଟେସନ୍ ଓ ରେଳଗାଡିର ଚିତ୍ର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ବିଦ୍ୟାଳୟ ତଥା ଆଖପାଖ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିକଟରେ ରେଳଗାଡିର ଆନନ୍ଦ ଉଠାଉଛନ୍ତି। ଗତ ଏକବର୍ଷ ତଳେ ସିଆରସିସି ଦୁର୍ଯ୍ୟୋଧନ ମହାନ୍ତଙ୍କ ଉଦ୍ୟମକ୍ରମେ ରେଳଗାଡି ଚିତ୍ର ହୋଇଥିବା ଜଣାପଡିଛି। ରେଳଗାଡି ଆମ ଅଞ୍ଚଳକୁ କେବେ ଆସିବ କି ନାହିଁ ଜଣାନାହିଁ ତେବେ ଆମ ଅଞ୍ଚଳର ପିଲା ଏହି ଚିତ୍ରକୁ ଦେଖି ରେଳଗାଡିରେ ବସିବାର ମଜା ନେଉଛନ୍ତି ବୋଲି ଗୟଳମୁଣ୍ଡା ସରପଞ୍ଚ କ୍ଷୀରୋଦ ମହାନ୍ତ କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ମୁର୍ମୁ କହିଛନ୍ତି, ଗଣିତ ଓ ଭାଷାରେ ମୌଳିକ ଧାରଣା ସୃଷ୍ଟି କରିବାପାଇଁ ଏଭଳି କରାଯାଇଛି। ୬ଟି ଶ୍ରେଣୀ ବିଶିଷ୍ଟ ଲମ୍ବା ଆଜେବେଷ୍ଟସ ଘର ଥିବାରୁ ରେଳଗାଡି ଓ ଷ୍ଟେସନ୍ କରାଯାଇଛି। ରେଳଗାଡିରେ ଚଢିବାଭଳି ପିଲାମାନେ ଶ୍ରେଣୀଗୃହକୁ ପ୍ରବେଶ କରୁଛନ୍ତି। ପିଲାମାନଙ୍କୁ ଟ୍ରେନ୍ ଟିକଟ କାଟିବା ଓ ରେଳଗାଡିରେ ଯାତ୍ରା କରିବା ସମ୍ପର୍କରେ ସଚେତନ ମଧ୍ୟ କରାଯାଉଛି।

